R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୭୪
ତିଥି : ଚତୁର୍ଦ୍ଦଶୀ
୧୮ ଡିସେମ୍ବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 74
18 December 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବାଂଲାଦେଶରେ ଭିସା ଆପ୍ଲିକେସନ ସେଣ୍ଟର ବନ୍ଦ କଲା ଭାରତ



ନୂଆଦିଲ୍ଲୀ, ୧୭ ।୧୨ : ସୁରକ୍ଷା ଚିନ୍ତାରେ ଢ଼ାକାରେ ଥିବା ଭାରତୀୟ ଭିସା ଆପ୍ଲିକେସନ ସେଣ୍ଟରକୁ ଆଜି ବନ୍ଦ କରିଦିଆଯାଇଛି । ବାଂଲାଦେଶ ନେତାମାନଙ୍କ ଉତ୍ତେଜନାମୂଳକ ମନ୍ତବ୍ୟ ଓ ଅସାମାଜିକ ତତ୍ତ୍ୱଙ୍କ ମନ୍ତବ୍ୟ ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଛି । ଢ଼ାକାରେ ଯମୁନା ଫ୍ୟୁଚର ପାର୍କ ନିକଟରେ ଏହି ଭିସା ଆପ୍ଲିକେସନ ସେଣ୍ଟର ଥିଲା । ଆଜି ଅପରାହ୍ଣ ୨ଟାରୁ ସୁରକ୍ଷା ପ୍ରସଙ୍ଗରେ ଏହାକୁ ବନ୍ଦ କରିଦିଆଯାଇଛି । ସୂଚନାଯୋଗ୍ୟ, ଆଜି ଢ଼ାକାରେ ଥିବା ଭାରତୀୟ ଉଚ୍ଚ ଆୟୋଗ ସମ୍ମୁଖରେ ବିକ୍ଷୋପ ପଛରେ ମୌଳବାଦୀ ସଂଗଠନ ରହିଛନ୍ତି । ଯେଉଁମାନେ ନିଜକୁ ଓଇକେ ଜୁଲାଇ ସଂଗଠନ ଭାବେରେ ପରିଚୟ ଦିଅନ୍ତି । ପୂର୍ବତନ ପ୍ରଧାନ ମନ୍ତ୍ରୀ ସେକ୍ ହାସିନାଙ୍କୁ ଦିଲ୍ଲୀରୁ ଢ଼ାକା ପ୍ରତ୍ୟାର୍ପଣ ପାଇଁ ଦାବି କରୁଛନ୍ତି । ବିକ୍ଷୋଭର ଗଭୀରତାକୁ ଦେଖି ବାଂଲାଦେଶ ସରକାର ଭାରତୀୟ ଉଚ୍ଚ ଆୟୋଗ କାର୍ଯ୍ୟାଳୟ ବାହାରେ ବହୁ ସଂଖ୍ୟକ ପୋଲିସ ମୂତୟନ କରିଛନ୍ତି ।

ପୂର୍ବରୁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଭାରତରେ ଥିବା ବାଂଲାଦେଶର ହାଇକମିଶନର ଏମ୍ ରିଆଜ ହାମିଦିଲ୍ଲାଙ୍କୁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସମନ କରାଯାଇଛି । ବାଂଲାଦେଶରେ ସୁରକ୍ଷା ବାର୍ତ୍ତାବରଣ ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇଥିବାରୁ ଭାରତ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି । ଏନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ବାଂଲଦେଶର ହାଇକମିଶନର ଦୃଷ୍ଟିଆକର୍ଷଣ କରାଯିବା ସହ କିଛି ଅସାମାଜିକ ତତ୍ତ୍ୱଙ୍କ କାର୍ଯ୍ୟକଳାପ ନେଇ (୯ ପୃଷ୍ଠାରେ)

■ ବାଂଲାଦେଶ ହାଇକମିଶନଙ୍କୁ ସମନ

■ ଭାରତୀୟ ହାଇକମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୌଳବାଦୀ ସଂଗଠନର ବିକ୍ଷୋଭ

### ଇଥିଓପିଆ ସଂସଦର ମିଳିତ ଅଧିବେଶନକୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

## ଉଭୟ ଦେଶର ସମ୍ପର୍କ ଏବେ ରଣନୈତିକ ସହଭାଗିତା



ଭୁବନେଶ୍ୱର, ୧୭ ।୧୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇଥିଓପିଆ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିଛନ୍ତ । ସେ ପ୍ରଥମ ଦ୍ୱିପାକ୍ଷିକ ଇଥିଓପିଆ ଗସ୍ତରେ ଥିବାରୁ, ଏହା ତାଙ୍କ ପାଇଁ ଏକ ବିଶେଷ ସମ୍ମାନ ।

ପ୍ରଧାନମନ୍ତ୍ରୀ ଭାରତୀୟମାନଙ୍କ ପକ୍ଷରୁ ଇଥିଓପିଆ ସାଂସଦମାନଙ୍କୁ ବନ୍ଧୁତା ଏବଂ ସମ୍ଭାବନାର ଶୁଭେଚ୍ଛା ଜଣାଇ ତାଙ୍କର ଅଭିଭାଷଣ ଆରମ୍ଭ କରିଥିଲେ । ସେ କହିଥିଲେ ଯେ, ସଂସଦକୁ ସମ୍ବୋଧିତ କରିବା ଏବଂ ଗଣତନ୍ତ୍ରର ଏହି ମନ୍ଦିର ମାଧ୍ୟମରେ, ଇଥିଓପିଆର ଭବିଷ୍ୟତ ଗଠନ କରୁଥିବା ସାଧାରଣ ଜନତା-କୃଷକ, ଉଦ୍ୟୋଗୀ, ଗର୍ବିତ ମହିଳା ଏବଂ ଯୁବକମାନଙ୍କ ସହ କଥା ହେବା ଏକ ସୌଭାଗ୍ୟର ବିଷୟ । ତାଙ୍କୁ ସର୍ବୋଚ୍ଚ ପୁରସ୍କାର- "ଗ୍ରେଟ୍ ଅନର ନିଶାନ ଅଫ ଇଥିଓପିଆ' ପ୍ରଦାନ କରିବା ପାଇଁ ସେ ଇଥିଓପିଆର ଜନତା ଏବଂ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ଦୁଇଦେଶର ଗୁରତ୍ୱପୂର୍ଣ୍ଣ ସମ୍ପର୍କ କଥା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ଯେ, ଏହି ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ରହିଆସିଥିବା ଦୀର୍ଘକାଳୀନ ସମ୍ପର୍କ ରଣନୈତିକ ସହଭାଗୀତା ସ୍ତରକୁ ଉନ୍ନୀତ ହୋଇଛି । (୯ ପୃଷ୍ଠାରେ)

## ଦିଲ୍ଲୀରେ ବନ୍ଦ ହେଲା ପୁରୁଣା ଗାଡ଼ି

### କେବଳ ବିଏସ୍-୪, ନୂତନ ଗାଡ଼ି ଚଳାଚଳ ଅନୁମତି

ନୂଆଦିଲ୍ଲୀ, ୧୭ ।୧୨ : ଦିଲ୍ଲୀର ବାୟୁପ୍ରଦୂଷଣ ବିପଦ ସଂକେତ ପାର କରିଛି । ଘନ କୁହୁଡି ଯୋଗୁଁ ପ୍ରଦ୍ୟୁଷଣ ପାଇଁ ଦିଲ୍ଲୀରେ ଏବେ ରହିବା କଷ୍ଟକର ହୋଇପଡିଲାଣି । ଏହାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ୧୦ ବର୍ଷର ପୁରୁଣା ଡିଜେଲ ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ନେଇ ଦେଇଥିବା ଏହାର ସଂଶୋଧନ କରିଛନ୍ତି । କେବଳ ଦିଲ୍ଲୀ ଏନସିଆରରେ ବିଏସ-୪ ଏବଂ ନୂତନ ଯାନ ଗୁଡିକ ଚଳାଚଳ କରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।



ଆସନ୍ତା ୧୮ ତାରିଖରୁ ଏହା ଲାଗୁ ହେବ । ଭାରତରେ ଚାଲୁଥିବା ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡି ଓ ୧୦ ବର୍ଷର ପୁରୁଣା ଡିଜେଲ କାର ବିଏସ୍-ଥ୍ରୀରେ ଆସୁଛି । ପୂର୍ବରୁ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କ ଏକ ଯାଚିକା ଉପରେ ଶୁଣାଣି କରି ପୁରୁଣା ଗାଡି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ କହିଥିଲେ । ଆଜି ସୁପ୍ରିମକୋର୍ଟ କେନ୍ଦ୍ରୀୟ ପ୍ରଦୂଷଣ ତଦାରଖ କରୁଥିବା ସିଏକ୍ୟୁଏମର ଅନୁରୋଧ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି । ଦିଲ୍ଲୀ-ଏମସିଆର ପ୍ରଦୂଷଣର ଚାଦର ତଳେ ରହିଛି । ପୁରୁଣା ଗାଡି ଗୁଡିକରେ ବିଏସ-ଥ୍ରୀର ପୁରୁଣା ଇଞ୍ଜିନ ରହିଥିବାରୁ ଏଥିଯୋଗୁଁ ବ୍ୟାପକ ପ୍ରଦୂଷଣ ହୋଇଛି । ଏହାକୁ ବାଦ ଦେବା ଉଚିତ ନୁହେଁ । (୯ ପୃଷ୍ଠାରେ)

## ଆଇଆଇଟି ଭୁବନେଶ୍ୱରରେ ହେବ ସେମିକଣ୍ଡକ୍ଟର ଉତ୍କର୍ଷ କେନ୍ଦ୍ର




ଭୁବନେଶ୍ୱର, ୧୭ ।୧୨ (ସବ୍ୟୁ) : ଆଇଆଇଟି ଭୁବନେଶ୍ୱରରେ ୪୦୦ କୋଟି ଟଙ୍କା ବିନିଯୋଗରେ ସେମି କଣ୍ଡକ୍ଟରର ଏକ ଉତ୍କର୍ଷ କେନ୍ଦ୍ର ରାଜ୍ୟ ସରକାର ପ୍ରତିଷ୍ଠା କରିବେ । ଏହି ଉତ୍କର୍ଷ କେନ୍ଦ୍ରରେ ଦକ୍ଷତା, ଗବେଷଣା, ନବସୃଜନ, ଶିଳ୍ପ ସହଯୋଗ ସେମିକଣ୍ଡକ୍ଟରର ଡିଜାଇନ୍ ଓ ଉତ୍ପାଦନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଆଇଆଇଟି ଭୁବନେଶ୍ୱରର ଇଣ୍ଡୋକ୍ରାପ୍ଟ ୨୦୨୫ର ଉଦ୍‌ଯାପନ ଅଧିବେଶନରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଇବର ସୁରକ୍ଷା, ଡିଜିଟାଲ ପ୍ରଶାସନ ଓ ଉତ୍କୃଷ୍ଟ ବୈଷୟିକ ଗବେଷଣା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ପ୍ରଥମଥର ପାଇଁ ଚଳିତବର୍ଷ ଇଣ୍ଡୋକ୍ରାପ୍ଟ ଓଡ଼ିଶାରେ ହେଉଥିବାରୁ ଏହା ତାଙ୍କ ପାଇଁ ଗୌରବର ବିଷୟ । କ୍ରିପ୍ଟୋଗ୍ରାଫି ଓ ସାଇବର ସୁରକ୍ଷା ଏବେ ପ୍ରଶାସନ, ଆର୍ଥିକ କାର୍ଯ୍ୟକଳାପ, ଜାତୀୟ ସୁରକ୍ଷା ଓ ଲୋକଙ୍କ ବିଶ୍ୱାସକୁ ବୃଦ୍ଧି କରିଛି । ଓଡ଼ିଶା ଭଳି ରାଜ୍ୟରେ ଜନସେବାର ଡିଜିଟାଲ ପ୍ଲାଟ୍‌ଫର୍ମ ଗ୍ରହଣ କରାଯାଇଛି । ଭୂରାଜସ୍ୱ ରେକର୍ଡ, ଇ-ପ୍ରଶାସନ ଓ ବିପର୍ଯ୍ୟୟର ଆଗୁଆ ସୂଚନା ଦିଆଯାଇପାରୁଛି । ଆଇଆଇଟି ଭୁବନେଶ୍ୱର ଲାଗି ରାଜ୍ୟ ସରକାରଙ୍କର ଦୀର୍ଘମିଆଦି ଦୃଷ୍ଟିଭଙ୍ଗି ରହିଛି । ସରକାର କଳା ଗବେଷଣାର ସମ୍ପ୍ରସାରଣକୁ ମଧ୍ୟ ସହଯୋଗ କରିବେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଇ-ଗଭର୍ଣ୍ଣାନ୍ସର ଏକ କେନ୍ଦ୍ର ଓ ଡିଜିଟାଲ ଦକ୍ଷତା ବୃଦ୍ଧି ଲାଗି ଆଇଆଇଟି ଭୁବନେଶ୍ୱରକୁ ସହଯୋଗ କରାଯିବ । ଏହି ପ୍ରସ୍ତାବିତ କେନ୍ଦ୍ର ସମନ୍ୱିତ ଗବେଷଣା, ଏଆଇ, ମେସିନ୍ ଶିକ୍ଷା, ଡାଟା ସାଇନ୍ସ, ଅଣପାରମ୍ପରିକ ଶକ୍ତି ଓ ଲୋକଙ୍କ ସେବା ପ୍ରଦାନରେ ସହଯୋଗ କରିବ । ଆଇଆଇଟି ଭୁବନେଶ୍ୱର ଏବେ ଶିକ୍ଷାକ୍ଷେତ୍ରରେ ଉତ୍କର୍ଷତାର କେନ୍ଦ୍ର ପାଲଟିଛି ବୋଲି ସେ କହିଥିଲେ । ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏଥିରେ ଯୋଗଦେଇ ସାଇବର ସୁରକ୍ଷାକୁ ଗୁରୁତ୍ୱ ଦେବାସହ ଏହା ସାମାଜିକ, ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇଟି ବିଭାଗ ସଚିବ ବିଶାଳ ଦେବ୍, ସି-ଡିଏସି କୋଲକାତା କେନ୍ଦ୍ର ମୁଖ୍ୟ ଡ. ଏଏସ୍ ମୂର୍ତ୍ତି ପ୍ରମୁଖ ଯୋଗଦେଇଥିଲେ । ପ୍ରଫେସର ରତନ ଦତ୍ତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ଆଶିଷ ସ୍ୱାଗତ ଭାଷଣ ଦେଇଥିବାବେଳେ ଓକାକ୍‌ର ସିଇଓ ପ୍ରଦୀପ ରାଉତ ଧନ୍ୟବାଦ ଦେଇଥିଲେ ।

## ଆଜିଠୁ ଏଆଇ ପ୍ରଭାବ ସମ୍ମିଳନୀ

ଭୁବନେଶ୍ୱର, ୧୭ ।୧୨ : ଆସନ୍ତାକାଲି ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀ ଅନୁଷ୍ଠିତ ହେବ । ଏହାର ପ୍ରସ୍ତୁତି ଶେଷ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ଶାସନ ଏବଂ ପ୍ରମୁଖ ସାର୍ବଜନୀନ କ୍ଷେତ୍ରରେ ଆର୍ଟିଫିସିଆଲ ବା ଏଆଇକୁ ଗ୍ରହଣ କରିବା ଏବଂ ନିୟୋଜିତ କରିବାରେ ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟ ମଧ୍ୟରେ ସ୍ଥାପନ କରିବାରେ ଲକ୍ଷ୍ୟ ରଖାଯାଇଛି ।

ରାଜ୍ୟ ସରକାରଙ୍କ ଇଲୋକ୍ଟ୍ରୋନିକ ଓ ଆଇଟି ବିଭାଗ ଦ୍ୱାରା ଏହି ସମ୍ମିଳନୀ ଇଣ୍ଡିଆ ଏଆଇ ପ୍ରଭାବ ସମ୍ମିଳନୀ-୨୦୨୬ର ଏକ କାର୍ଯ୍ୟକ୍ରମ ସାବ୍ୟସ୍ତ ହେବ । ଏହି ଅଧିବେଶନରେ ଇଣ୍ଡିଆ ଏଆଇ ମିଶନ କାର୍ଯ୍ୟକାରୀ କରିବା ଉପରେ ବିଚାର ବିର୍ମଶ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପର ପ୍ରମୁଖ ଅଂଶୀଦାରମାନେ ଏକତ୍ରୀତ ହେବେ । ଏଥିରେ ଡାଟା ଭିତ୍ତିଭୂମି କୃଷିକ୍ଷେତ୍ରରେ ଏଆଇ ବ୍ୟବହାର ମାମଲା ଉପରେ ଧ୍ୟାନ ଦିଆଯିବ । ଓଡ଼ିଶା ଏଆଇ ନୀତି ଅନୁମୋଦନ ରାଜ୍ୟ ପ୍ରଯୁକ୍ତି ବିଦ୍ୟା ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଏହା ସାବ୍ୟସ୍ତ ହୋଇଛି । ଏହା ସହ ଶାସନ ଗବେଷଣା, ଡାଟା ଭିତ୍ତିଭୂମି ଏଆଇ ବିଷୟରେ ଆଲୋଚନାକୁ ଆକାର ଦେବା ପାଇଁ ଜାତୀୟ ପ୍ଲାର୍ଟଫର୍ମ ସୃଷ୍ଟି ହେବ । ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଓଡ଼ିଶା ଏଆଇ ସମ୍ମିଳନୀ କେବଳ ପ୍ରତିଶ୍ରୁତିରେ ନୁହେଁ, ବରଂ ପ୍ରକୃତ ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାର୍ଟଫର୍ମ ଭାବେ ଡିଜାଇନ କରାଯାଇଛି । ଓଡ଼ିଶା ପୂର୍ବରୁ ମୁଖ୍ୟ ସରକାର କାର୍ଯ୍ୟ ଓ ପ୍ରାଥମିକତା କ୍ଷେତ୍ର ଗୁଡିକରେ ଏଆଇ ପ୍ରଯୋଗ କରିବା ଆୟୋଗ କରିଛି । ଏହା ସହ ଏବଂ ସଂସ୍ଥାଗତ ପ୍ରତିଶ୍ରୁତିରେ ନିବେଶ ମଧ୍ୟ କରିଛି । ଏଆଇ ସମ୍ମିଳନୀ ମଧ୍ୟ ସହଭାଗୀ ଚତୁର୍ଥପାର୍ଶ୍ୱରେ ବିଭାଗ ଅଂଶୀଦାର ଏବଂ ଉଦ୍ଭାବକମାନଙ୍କୁ ସମ୍ମାନୀତ କରିବ ।

## ଗାଁରେ ପହଞ୍ଚିଲେ ସୁଦାନରେ ନିଖୋଜ ଯୁବକ ଆଦର୍ଶ

ଜଗତସିଂହପୁର, ୧୭ ।୧୨ (ସବ୍ୟୁ) : ଦକ୍ଷିଣ ଆଫ୍ରିକାର ସୁଦାନରେ ଅପହୃତ ଜଗତସିଂହପୁର ଜିଲ୍ଲାର ଓଡ଼ିଆ ପୁଅ ଆଦର୍ଶ ବେହେରା ଆଜି ଗାଁକୁ ଫେରିବା ପରେ ନିଜ ପୈତୃକ ଗ୍ରାମ କୋଟକଣା ଗାଁରେ ଖୁସିର ଲହରୀ ଖେଳିଯାଇଛି। ଗତକାଲି ରାତି ୧୧.୪୦ ସମୟରେ ଆଦର୍ଶ ଆବୁଧାବିରୁ ବିମାନ ଯୋଗେ ହାଇଦ୍ରାବାଦ ଅଭିମୁଖେ ଆସି ରାତି ୪.୪୫ରେ ବିମାନ ବନ୍ଦରରେ ପହଞ୍ଚିଥିଲେ ।

ଆଜି ସକାଳ ୭.୦୫ରେ ଆଦର୍ଶ ହାଇଦ୍ରାବାଦ ଛାଡି ସକାଳ ୮.୩୦ରେ



ଭୁବନେଶ୍ୱର ବିମାନ ମନ୍ଦିର ପହଞ୍ଚି ଥିଲେ। ଆଦର୍ଶ ବିମାନ ବନ୍ଦରରେ ଓହ୍ଲାଇବା ପରେ ସେଠାରେ ଅପେକ୍ଷା କରି ରହିଥିବା ଆଦର୍ଶଙ୍କ ବାପା କ୍ଷେତ୍ରବାସୀ ବେହେରା,ମାଆ ଆରତୀ ବେହେରା, ପତ୍ନୀ ସସ୍ମିତା ବେହେରା (୯ ପୃଷ୍ଠାରେ)

### ରାଜ୍ୟ, କେନ୍ଦ୍ର ସରକାରଙ୍କ ଉଦ୍ୟମରେ ଫେରିଲେ

ଭୁବନେଶ୍ୱର, ୧୭ ।୧୨ (ସବ୍ୟୁ) : ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ନିଖୋଜ ଥିବା ଜଗତସିଂହପୁର ଜିଲ୍ଲାର ଓଡିଆ ଯୁବକ ଆଦର୍ଶ କୁମାର ବେହେରାଙ୍କୁ ଉଦ୍ଧାର କରାଯାଇଛି । କେନ୍ଦ୍ର ସରକାରଙ୍କ ଉଦ୍ୟମ ପରେ ସେ ଭାରତ ଫେରିଛନ୍ତି । ଆଜି ଭୁବନେଶ୍ୱର ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରାଯାଇଛି । ଓଡ଼ିଶା ସରକାର ତାଙ୍କ (୯ ପୃଷ୍ଠାରେ)

## ଏୟାରପୋର୍ଟ ଥାନା ସାମ୍ନା ପାଲଟିଲା ରଣକ୍ଷେତ୍ର

ଭୁବନେଶ୍ୱର, ୧୭ ।୧୨ (ସବ୍ୟୁ) : ପୋଲିସ ଉପସ୍ଥିତିରେ ଏୟାରପୋର୍ଟ ଥାନା ସାମ୍ନା ରଣକ୍ଷେତ୍ର ପାଲଟିଲା। ପୋଲିସ ଅସହାୟ ହୋଇ ଠିଆ ହୋଇଥାଏ । ସାମାନ୍ୟ ଗାଡି ସାଇଡ୍‌ମରାକୁ ନେଇ ଏପରି ଅଘଟଣ ଘଟିଛି ବୁଧବାର ଅପରାହ୍ନରେ । ଦୀର୍ଘ ହସ୍ପିଟାଲ ନେବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ କରିଥିଲେ ।

ଆହତ ଅଟୋ ଡ୍ରାଇଭର ପୁରୀରୁ ଜଣେ ପାସେଞ୍ଜରଙ୍କୁ ଏୟାରପୋର୍ଟ ଆଣି ଆସୁଥିଲେ । ଅପରାହ୍ନ ସମୟରେ ଏୟାରପୋର୍ଟ ଥାନା ସାମ୍ନାରେ ଜଣେ

### ଅନ୍‌ଲାଇନ୍ ଅଟୋ ମହାସଂଘର ଥାନା ଘେରାଉ



୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଉତ୍ତେଜନାତ୍ମକ ପରିସ୍ଥିତି ଉପୁଜିଥିଲା । ଯାହା ଫଳରେ ଗାଡି ଚଳାଚଳ ବନ୍ଦ ହୋଇଗଲା। ଅନଲାଇନ୍ ଅଟୋ ମହାସଂଘ କର୍ମକର୍ତ୍ତାମାନେ ଏହି ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଆହତ ଅଟୋ ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ ବାଇକ୍ ଆରୋହୀ ଭୁଲ ରାସ୍ତାରେ ଆସିଥିଲା । ଡ୍ରାଇଭର ଅଟୋକୁ ହଠାତ୍ ସାଇଡ କରିଦେଇଥିଲେ । ଯାହା ଫଳରେ ବାଇକ୍ ଆରୋହୀ ଘବରାଇ ଯାଇଥିଲେ । ସେ ସ୍ଥାନୀୟ କିଛି ଯୁବକଙ୍କୁ ଫୋନ କରି ଡାକିବାରୁ ଘଟଣାସ୍ଥଳରେ ୧୦/୧୫ ଜଣ ପହଞ୍ଚିଥିଲେ । ସେମାନେ ମାରଣାସ୍ତ୍ରରେ ସଜିତ ଥିଲେ । ଏପରିକି ଅଟୋ ଡ୍ରାଇଭରକୁ ରାସ୍ତାରେ ଘୋସାଡି ଘୋସାଡି ଆକ୍ରମଣ କଲେ । ଅନଲାଇନ୍ ଅଟୋ ମହାସଂଘ ଖବର ପାଇବା ପରେ ୧୦/୧୫ ଜଣ ସେଠାରେ ପହଞ୍ଚିଥିଲେ । ସେମାନଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କଲେ । ଏହିପରି କିଛି ସମୟ ଆକ୍ରମଣ ଜାରି ରହିବାରୁ ଏୟାରପୋର୍ଟ ଥାନା ଛକ ରଣକ୍ଷେତ୍ର ପାଲଟିଗଲା । ପୋଲିସ ଅସହାୟ ହୋଇ ଠିଆ ହୋଇ ଦେଖୁଥାଏ କ'ଣ ସବୁ ଘଟୁଛି । ଅଟୋ ମହାସଂଘ କର୍ମକର୍ତ୍ତାମାନେ (୯ ପୃଷ୍ଠାରେ)

## ଚାଷୀଙ୍କ ସମ୍ବଲପୁର ବନ୍ଦ ଡାକରା ପରେ ଚେତିଲେ ସରକାର

ସମ୍ବଲପୁର, ୧୭ ।୧୨ (ସବ୍ୟୁ) : ସମ୍ବଲପୁର ଜିଲ୍ଲାରେ ଟୋକନ ସମସ୍ୟା ଲାଗି ରହିଛି । ଚାଷୀଙ୍କ ଧାନ ବିକ୍ରି ହୋଇ ପାରୁନଥିବା ବେଳେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ବାରମ୍ବାର ଆନ୍ଦୋଳନ ଓ ବିକ୍ଷୋଭ କରାଯାଇଛି । ଏହା ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଆସନ୍ତା ୧୯ରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି । ବନ୍ଦ ଡାକରାକୁ ବିଜେଡି ଓ ୪ଟି କେନ୍ଦ୍ରୀୟ ଟ୍ରେଡ୍‌ୟୁନିୟନ, ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ସମର୍ଥନ କରିବାକୁ ଅଣ୍ଟା ଭିଡିଥିବା ବେଳେ ଏହାକୁ ଭଣ୍ଡୁର କରିବାକୁ ସରକାର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଯାଇଛି । ତୁରନ୍ତ ଟୋକନ ଦେବା ପ୍ରକ୍ରିୟା ଚାଲୁ ହୋଇଛି ।


୨ୟ ପର୍ଯ୍ୟାୟରେ ୧୧ହଜାର ଟୋକନ ମଞ୍ଜୁର ହୋଇଛିଛ ଯେଭଳି ଚାଷୀ ମାନେ ଆନ୍ଦୋଳନ ନକରିବେ ସେ ନେଇ ମଧ୍ୟ ଉଦ୍ୟମ କରାଯାଉଛି । ସୂଚନାଯୋଗ୍ୟ, ଗତ ୨୦୨୪-୨୫ ଖରିଫ ଋତୁରେ ଜିଲ୍ଲାରେ ମୋଟ ୬୦,୩୫୯ ଜଣ ଚାଷୀ ଧାନ କ୍ରୟ ପାଇଁ ପଞ୍ଜୀକୃତ କରିଥିଲେ । ଚଳିତ ୨୦୨୫-୨୬ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫,୧୪୩ ଜଣକୁ ପହଞ୍ଚିଛି । ସେହିପରି ଯାଞ୍ଚ ହୋଇଥିବା ଚାଷୀଙ୍କ ସଂଖ୍ୟା ମଧ୍ୟ

### ଆଜି ଚାଷୀ ଦେଖାଇବେ ଦମ୍

ଗତ ବର୍ଷର ୬୦,୨୮୧ରୁ ବୃଦ୍ଧି ପାଇ ଚଳିତ ବର୍ଷ ୬୪,୩୩୭ ହୋଇଛି । ଧାନ କ୍ରୟ କ୍ଷେତ୍ରରେ ମଧ୍ୟ ଚଳିତ ବର୍ଷ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଗତ ୨୦୨୪-୨୫ରେ ମୋଟ ୭,୯୧,୬୯୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା । ଚଳିତ ବର୍ଷ ୨୦୨୫-୨୬ ଆଜି ପର୍ଯ୍ୟନ୍ତ ୮,୧୦,୩୭୬.୭୭ କୁଇଣ୍ଟାଲ ଧାନ କ୍ରୟ ହୋଇଛି । ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁ ଓ ସମୟୋପଯୋଗୀ କରିବା ପାଇଁ ଟୋକନ୍ ପ୍ରଣାଳୀକୁ ସକ୍ରିୟ ଭାବରେ ରୂପାୟଣ କରାଯାଇଛି । ଗତ ବର୍ଷ ୭୪,୭୮୬ ଟୋକନ୍ ଜାରି ହୋଇଥିଲା ।

ଚଳିତ ବର୍ଷ ୭୩,୨୯୧ ଟୋକନ୍ ଜାରି କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳମାନେ ସମସ୍ତ ମଣ୍ଡିରେ ଧାନ କ୍ରୟ ପ୍ରକ୍ରିୟାକୁ ନିୟମିତ ନିରୀକ୍ଷଣ କରୁଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ଟୋକନ ବର୍ତ୍ତମାନ ଚାଲୁ ଥିବାରୁ ସମସ୍ତ ଯୋଗ୍ୟ ଚାଷୀଙ୍କୁ ନିଜ ଧାନ ନିର୍ଦ୍ଧାରିତ ମଣ୍ଡିକୁ ଆଣି ବିକ୍ରୟ (୯ ପୃଷ୍ଠାରେ)


# ଶୀତଦିନେ ନିଅନ୍ତୁ କାନ୍ଧର ଯତ୍ନ



ଶୀତଦିନ ଆରମ୍ଭ ହେଲେ ବିଭିନ୍ନ ଲୋକଙ୍କର ଭିନ୍ନଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ହେଲେ ଏହାରି ଭିତରେ ସବୁଠାରୁ ଅଧିକ ଅଭିଯୋଗ ଆସିଥାଏ କାନ୍ଧ ବିନ୍ଧାର । ଏହାକୁ ଡାକ୍ତରୀ ଭାଷାରେ ଫ୍ରୋଜେନ୍ ସୋଲ୍ଡରର ଆଖ୍ୟ ଦିଆଯାଇଥାଏ । ଏହି ରୋଗରେ ପିଡିତ ଲୋକମାନଙ୍କର ଶୀତଦିନ ଆସିଲାମାନେ ହିଁ ଏହି ସମସ୍ୟା ଆରମ୍ଭ ହୋଇଯାଏ । ଶୀତଦିନେ ଅଧିକ ଥଣ୍ଡା କାରଣରୁ ଗୋଡର ଆଣ୍ଠୁ ଯମାଟ ବାନ୍ଧିଯାଏ । ରକ୍ତ ସଞ୍ଚାଳନ ହୋଇନଥାଏ । ସେହିଭଳି ଏହିଦିନେ ଆମ ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ଆସିଥାଏ, ଯେଉଁ କାରଣରୁ ଆମର ଆଣ୍ଠୁ ଗଣ୍ଠି ଯମାଟ ବାନ୍ଧିଯାଏ । ଶୀତଦିନେ ସମସ୍ତେ ଟିକେ ଅଧିକ ସୁସ୍ଥିଆ ହୋଇଯାଆନ୍ତି ଯେଉଁକାରଣରୁ ବ୍ୟାୟାମ କିମ୍ବା ଘରର କାମ କରିବାକୁ ପଛାନ୍ତି, ଯାହାଫଳରେ ମାଂସପେଶୀରେ ସମସ୍ୟା ଆସିଥାଏ । ଯେଉଁମାନଙ୍କୁ ଫ୍ରୋଜେନ୍ ସୋଲ୍ଡରର ସମସ୍ୟା ରହିଥାଏ ଶୀତଦିନ ଆସିଲେ ସେମାନଙ୍କ କାନ୍ଧରେ ଅତ୍ୟଧିକ ଯନ୍ତ୍ରଣା ଦେଖିବାକୁ ମିଳିଥାଏ । ଏହା ହେବାଦ୍ୱାରା ରାତିରେ ନିଦ ହୋଇନଥାଏ, ଧୀରେଧୀରେ କାନ୍ଧ ଆଉ ହଲଚଲ ହୋଇପାରିନଥାଏ । ଯନ୍ତ୍ରଣା ଏତେ ବଢିଯାଏ କି ଦୈନନ୍ଦିନ କାର୍ଯ୍ୟ କରିବାରେ ମଧ୍ୟ ସମସ୍ୟା ହୋଇଥାଏ । ହେଲେ ଏହା କିଛି ସମୟ ପରେ ଠିକ ହୋଇଯାଇଥାଏ । କିନ୍ତୁ ଏହି ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ । ଯଦି ଏଭଳି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଆଜିକାଲି ବିଜ୍ଞାନ ଅନେକ ଆଗକୁ ଗଲାଣି । ବୈଜ୍ଞାନିକମାନେ ବିଭିନ୍ନ ପ୍ରକାର ଟେକ୍ନୋଲୋଜିର ବ୍ୟବହାର କରି ଚିକିତ୍ସା କ୍ଷେତ୍ର ଠାରୁ ଆରମ୍ଭ କରି ଭିନ୍ନଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖେଇବାରେ ଲାଗିଛନ୍ତି । ସେହିଭଳି ଏକ ଟେକ୍ନୋଲୋଜି ହେଲା ଡିଜାଇନର ବେବି । ଏହି ଟେକ୍‌ନିକରେ ମାତାପିତା ନିଜ ଛୁଆଙ୍କର ଜିନ୍‌କୁ ଏଡିଟ କରିପାରିବେ । ଏଥିରେ ଭ୍ରୁଣର ଡିଏନ୍‌ଏକୁ ବଦଳାଯାଇ ଛୁଆର ଆଖିର ରଙ୍ଗ, ଚୁଟିର ଷ୍ଟାଇଲ ଏପରିକି ତାଙ୍କର ମସ୍ତିଷ୍କରେ ମଧ୍ୟ ପରିବର୍ତ୍ତନ କରିପାରିବେ । ଏହି ପ୍ରକ୍ରିୟା ଆଇଭିଏଫ ପ୍ରକ୍ରିୟା ସମୟରେ କରାଯାଇଥାଏ । ଏହାର ଉଦ୍ଦେଶ୍ୟ ଛୁଆ ମାନଙ୍କୁ ଅଭିଭାବକଙ୍କ ଠାରୁ ମିଳୁଥିବା ବଂଶଗତ ରୋଗରୁ ମୁକ୍ତି ଦେବା । ଏହା ଏକ କଇଁଚି ଭଳି ଡିଏନ୍‌ଏର ସମସ୍ୟା ଥିବା ଅଂଶକୁ କାଟି ଉଡାଇଦେଇଥାଏ । ତେବେ ଏହି ପ୍ରକ୍ରିୟାକୁ ଅନେକ ଦେଶରେ ନିଷେଦ୍ଧ ମଧ୍ୟ କରାଯାଇଛି । ୨୦୧୮ରେ ଚିନରେ ପ୍ରଥମଥର ପାଇଁ ଜିନ ଏଡିଟେଡ ଯମଜ ସନ୍ତାନ ଜନ୍ମ ନେଇଥିଲେ ।

## ଡିଜାଇନର ବେବି



୧୭୭୭– ଆମେରିକାରେ ପ୍ରଥମ ଥର ପାଇଁ ନ୍ୟାସନାଲ୍ ଥ୍ୟାଙ୍କ୍ସ ଗିଭିଂ ଡେ' ପାଳନ କରାଗଲା ।
୧୭୮୭– ତୃତୀୟ ରାଜ୍ୟ ରୂପେ ନ୍ୟୁଜର୍ସି ଆମେରିକୀୟ ସମ୍ବିଧାନକୁ ସ୍ୱୀକାର କଲା ।
୧୭୯୯– ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍‌ଙ୍କ ପାର୍ଥିବ ଶରୀରକୁ ମାଉଣ୍ଟ ବର୍ଣ୍ଣାନ୍‌ରେ କବର ଦିଆଗଲା ।
୧୮୩୩– ରୁଷର ରାଷ୍ଟ୍ରୀୟ ସଂଗୀତ ଗଡ୍ ସେଭ୍ ଦି ଜାର୍‌କୁ ପ୍ରଥମ ଥର ପାଇଁ ବୋଲାଗଲା ।
୧୮୪୯– ୱିଲିଅମ୍ ବଣ୍ଡ୍ ଟେଲିସ୍କୋପ ଜରିଆରେ ଚନ୍ଦ୍ରର ପ୍ରଥମ ଫଟୋ ଉତ୍ତୋଳନ କଲେ ।
୧୯୫୬– ସଂଯୁକ୍ତ ରାଷ୍ଟ୍ରର ସଦସ୍ୟତା ଗ୍ରହଣ କଲା ଜାପାନ ।
୧୯୬୦– ରାଜଧାନୀ ଦିଲ୍ଲୀରେ ରାଷ୍ଟ୍ରୀୟ ସଂଗ୍ରହାଳୟର ଉଦ୍‌ଘାଟନ କରାଗଲା ।
୧୬୯୬– ଇଂଲଣ୍ଡରେ ମୃତ୍ୟୁଦଣ୍ଡାଦେଶ ସମାପ୍ତ କରାଗଲା ।
୧୯୭୩– ଇସଲାମିକ ଡେଭଲପ୍‌ମେଣ୍ଟ ବ୍ୟାଙ୍କର ସ୍ଥାପନା ।
୧୯୮୯– କ୍ରିକେଟର ସଚିନ ତେନ୍ଦୁଲକର ନିଜର ପ୍ରଥମ ଦିନିକିଆ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଖେଳିଲେ ।
୨୦୧୭– ରାଷ୍ଟ୍ରମଣ୍ଡଳ କୁସ୍ତି ଚାମ୍ପିଅନ୍‌ସିପ୍‌ରେ ଭାରତ ୩୦ରୁ ୨୯ଟି ସ୍ୱର୍ଣ୍ଣପଦକ ଜିତିଲା ।

## ସୋସିଆଲ କୋଟ୍ସ



"ହୋମବାଉଣ୍ଡ୍‌ର ଯାତ୍ରା ମୋପାଇଁ ଖୁବ ଖୁସି ଓ ଗର୍ବର ବିଷୟ । ଫିଲ୍ମର ସମସ୍ତ କାଷ୍ଟ ଓ କ୍ରୁଙ୍କୁ ମୋର ଧନ୍ୟବାଦ । ପ୍ରୋଜେକ୍ଟଟି ମୋ ହୃଦୟର ଖୁବ ନିକଟରେ ରହିଛି ।

କରଣ ଜୋହର, ଫିଲ୍ମମେକର



"ବିଗ୍ ବସରେ ତାହା ଏକ ଟାସ୍କର ଅଂଶ ଥିଲା । ତେଣୁ ଦୟାକରି ତାଙ୍କ ନାଁ ସହିତ ମୋ ନାଁକୁ ଯୋଡନ୍ତୁ ନାହିଁ । ଏଥିରେ ତାନ୍ୟାଙ୍କର ଇମେଜରେ ଆଞ୍ଚ ଆସିବ ।

ଅମାଲ ମଲିକ, ସିଙ୍ଗର



"ଧୁରନ୍ଧରରେ କାମ କରିବା ମୋ ପାଇଁ ସୌଭାଗ୍ୟର କଥା ଥିଲା । ଏହାର ଚରିତ୍ର ମୋ ଉପରେ ଖୁବ ପ୍ରଭାବ ପକାଇଛି । ଏହା ମୋତେ ଭିତରୁ ବଦଳାଇ ଦେଇଛି ।

ଦାନିଶ ପଣ୍ଡୋର, ଅଭିନେତା

# ଜାୟରାଙ୍କ ବିରୋଧ



ସୋସିଆଲ ମିଡିଆରେ ପୁଣି ଆକ୍ଟିଭ ହୋଇଛନ୍ତି ଦଙ୍ଗଲ ଫିଲ୍ମର ଫେମ ଜାୟରା ବସୀନ । ଏଥର ତାଙ୍କ ଟାର୍ଗେଟରେ ରହିଛନ୍ତି ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ସୂଚନା ଅନୁସାରେ ନୀତିଶ କୁମାର ଗତ ସୋମବାର ଏକ କାର୍ଯ୍ୟକ୍ରମରେ ଡାକ୍ତରମାନଙ୍କୁ ସେମାନଙ୍କ ପ୍ରମାଣ ପତ୍ର ବିତରଣ କରୁଥିଲେ । ଯେଉଁ ଅବସରରେ ନୀତିଶ ଜଣେ ମହିଳା ଡାକ୍ତରଙ୍କର ହିଜାବକୁ ତଳକୁ କାଢୁଥିବାର ଦେଖିବାକୁ ମିଳୁଛି । ଭିଡିଓଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ତେବେ ଏହି ପରିପ୍ରେକ୍ଷୀରେ ନୀତିଶ କୁମାରଙ୍କ ଉପରେ ବର୍ଷିଛନ୍ତି ଅଭିନେତ୍ରୀ ଜାୟରା ବସୀମ । ଜଣେ ମୁସଲିମ ସମ୍ପ୍ରଦାୟର ମହିଳା ହୋଇଥିବାରୁ ତାଙ୍କୁ ଏହା ଖୁବ ବାଧିଥିବା ସେ ପ୍ରକାଶ କରିଛନ୍ତି । ସେ ଏନେଇ ଏକ ପୋଷ୍ଟ କରି ଜଣେ ମହିଳାଙ୍କର ଗାରିମାକୁ ଏଭଳି କ୍ଷୁର୍ଣ୍ଣ କରିବାର ଅଧିକାର କାହାର ନାହିଁ ବୋଲି ସେ କହିଛନ୍ତି । ସୋସିଆଲ ମିଡିଆରେ କିଛି ଲୋକ ଏହାର ବିରୋଧ କରୁଥିବା ଦେଖିବାକୁ ମିଳିଛି। ସେହିଭଳି କିଛିଲୋକ ନୀତିଶ କୁମାରଙ୍କ ଅଭିପ୍ରାୟ ଖରାପ ନାହିଁ, ସେ ଜଣେ ବଡ ହିସାବରେ ଭାରତରେ ନିଜର ପରିଚୟକୁ ହିଜାବରେ ଲୁଚାଇବାର ଆବଶ୍ୟକତା ନାହିଁ ବୋଲି ସୂଚନା ଦେଇଛନ୍ତି ବୋଲି ମତ ଦେଉଛନ୍ତି । ତେବେ ଜାୟରା ବସୀନ ବଲିଉଡରେ ମାତ୍ର ୧୬ ବର୍ଷ ବୟସରେ ଫିଲ୍ମ ଦଙ୍ଗଲ ଜରିଆରେ ଡେବ୍ୟୁ କରିଥିଲେ । ଏହାପରେ ତାଙ୍କୁ ସିକ୍ରେଟ ସୁପରଷ୍ଟାରରେ ମଧ୍ୟ ଦେଖିବାକୁ ମିଳିଥିଲା । ଉଭୟ ଫିଲ୍ମରେ ତାଙ୍କ ଅଭିନୟକୁ ସମସ୍ତେ ପ୍ରଶଂସା କରିଥିଲେ । ହେଲେ ଏହି ଦୁଇଟି ଫିଲ୍ମ ପରେ ସେ ଅଭିନୟ ଜଗତରୁ ଅବସର ନେଇଥିଲେ ।

## ଓଡ଼ିଆ ରୁଚି – ଖଇ ମଣ୍ଡା



**ସାମଗ୍ରୀ –** ଖଇ, ବିରି, ନଡିଆ, ଗୋଲମରିଚ, ଲୁଣ ।

**ପ୍ରଣାଳୀ –** ବିରିକୁ ଫାଳ କରି ବତୁରାଇ ଦିଅନ୍ତୁ ଏବଂ ଚିକ୍କଣ କରି ବାଟି ଦିଅନ୍ତୁ । ଖଇକୁ ବତୁରାଇ ଭଲଭାବେ ଚକଟି ଦିଅନ୍ତୁ । ବଟା ବିରି ଓ ଖଇ ଚକଟାକୁ ମିଶାଇ ଫେଣ୍ଟନ୍ତୁ । ଫେଣ୍ଟିବା ସମୟରେ ଦରକାର ଅନୁଯାୟୀ ଲୁଣ ପକାନ୍ତୁ । ନଡିଆ କୋରାରେ ଗୁଡ ଓ ଗୋଲମରିଚ ଗୁଣ୍ଡ ଦେଇ କଡେଇରେ ଭାଜନ୍ତୁ । ବିରି ଓ ଖଇର ଜନ୍ତା ଆଣରେ ଖୋଳକରି ସେଥିରେ ପୁର ଦିଅନ୍ତୁ । ଇଟିଲି ଛାଞ୍ଚରେ ମଣ୍ଡାକୁ ସିଝାନ୍ତୁ । ଏହାପରେ ପ୍ରସ୍ତୁତ ହୋଇଯିବ ଖଇ ମଣ୍ଡା ।

# ପାରା ପାଲଟିଛି ଡ୍ରୋନ

କାହିଁ କେଉଁ କାଳରୁ ପାରାକୁ ବ୍ୟବହାର କରି ଚିଠି ଦିଆନିଆର କାମ କରାଯାଇଥାଏ । ସେହିଭଳି ଏକ ପାରା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ରୁସର ଏକ ନ୍ୟୁରୋଟେକ କମ୍ପାନୀ ନ୍ୟାରି ପାରାକୁ ଡ୍ରୋନରେ ପରିଣତ କରିଛି । ସେ ଏହାର ମସ୍ତିଷ୍କରେ ଚିପ ଲଗାଇ ଏହାକୁ ବାୟୋଡ୍ରୋନରେ ବଦଳାଇ ଦେଇଛି । ନିକଟରେ ରୁସ ଏହାକୁ ମସ୍କୋରେ ଟ୍ରାଏଲ ମଧ୍ୟ କରିଛି । ଯେଉଁ ପରୀକ୍ଷଣରେ ଏହି ପାରାଟି ନିଜ ଇଚ୍ଛା ନୁହେଁ ବରଂ ରିମୋଟରେ ନିୟନ୍ତ୍ରଣ ହେଉଛି । ଏହି ପାରାର ମସ୍ତିଷ୍କରେ ଏକ ଇଲେକ୍ଟ୍ରୋଡ ଫିଟ କରାଯାଇଛି ଏବଂ ତାର ପିଠିରେ ସୌର ଶକ୍ତିରେ ପରିଚାଳିତ ମିନି ବ୍ୟାଗପ୍ୟାକ ମଧ୍ୟ ବନ୍ଧା ଯାଇଛି । ଏହି ବ୍ୟାଗରେ ଜିପିଏସ ଓ କଣ୍ଟ୍ରୋଲର ଲଗାଯାଇଛି । କମ୍ପ୍ୟୁଟରରୁ ମସ୍ତିଷ୍କରେ ଲଗାଯାଇଥିବା ଚିପ ସହିତ ସମ୍ପର୍କ କରାଯାଉଛି । ଯାହାକୁ ବ୍ୟବହାର କରି ପାରାଙ୍କୁ ବିନା ଟ୍ରେନିଂରେ କାମ କରାଯାଉଛି । ସେମାନେ ସିଧା ସଳଖ କମାଣ୍ଡ ମାନିବା ସହିତ ନିୟନ୍ତ୍ରଣ ହୋଇ ପାରୁଛନ୍ତି । ଏହି ପାରାଙ୍କୁ ବ୍ୟବହାର କରାଯାଇ ପାୱାର ଗ୍ରୀଡ, ଗ୍ୟାସ ପାଇପଲାଇନ, ଫ୍ୟାକ୍ଟ୍ରି ଭଳି ଅନେକ ସ୍ଥାନରେ ଆଖି ରଖାଯାଇପାରିବ ବୋଲି ଦାବି ହୋଇଛି ।



# ୧୦୦ ପିଲାଙ୍କ ପିତା

ଚୀନର ଜଣେ ବ୍ୟକ୍ତି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାରେ ଅଛନ୍ତି । ଉକ୍ତ ବ୍ୟକ୍ତିଙ୍କର ରହିଛନ୍ତି ୧୦୦ଜଣ ସନ୍ତାନ । ସୂଚନା ଅନୁସାରେ ଚୀନର ଗେମିଂ ଅରବପତି ଜୁ ବୋ ୧୦୦ ଜଣଙ୍କର ପିତା ପାଲଟିଛନ୍ତି । ସେ ଆମେରିକାରେ ସରୋଗେସୀ ମାଧ୍ୟମରେ ଏହି ୧୦୦ ଜଣ ପିଲାଙ୍କର ବାପା ହୋଇଥିବା ସୂଚନା ରହିଛି । ତେବେ ଅଧିକ ସନ୍ତାନ ଜନ୍ମ ପଛରେ ଉଦ୍ଦେଶ୍ୟ ରହିଛି ତାଙ୍କର ବ୍ୟବସାୟ ପରିଚାଳନା । ୨୦୨୩ରେ ସେ ଦେଇଥିବା ମନ୍ତବ୍ୟ ଖୁବ ଭାଇରାଲ ହୋଇଥିଲା, ଯେଉଁଥିରେ ସେ କହିଥିଲେ କି ତାଙ୍କର ୫୦ଜଣ ପୁଅ ଦରକାର ଯିଏ ତାଙ୍କର ବ୍ୟବସାୟକୁ ଭଲ ଭାବେ ପରିଚାଳନା କରିପାରିବେ । ତାଙ୍କର ଇଚ୍ଛା ତାଙ୍କର ଏକ ଖୁବ ବଡ ବ୍ୟବସାୟ ହେଉ ଯାହାକୁ କେବଳ ତାଙ୍କ ପୁଅମାନେ ପରିଚାଳନା କରନ୍ତୁ । ତେବେ ତାଙ୍କର କେତେଜଣ ପୁଅ ଅଛନ୍ତି ସେନେଇ କୌଣସ ସଠିକ ତଥ୍ୟ ନାହିଁ । କାରଣ ତାଙ୍କର ବାନ୍ଧବୀ ମନ୍ତବ୍ୟ ଦେଇଥିଲେ କି ତାଙ୍କର ୩୦୦ରୁ ଅଧିକ ସନ୍ତାନ ଅଛନ୍ତି ।

## ଆଜିର ପଞ୍ଜିକା

**ମେଷ–** କର୍ମକ୍ଷେତ୍ରେ ବାଧା, ମାନସିକ ଅବସାଦ, ବ୍ୟବସାୟ ମଧ୍ୟମ, ତୀର୍ଥାଟନ, ବନ୍ଧୁଗୃହେ ଉତ୍ସବ, ଶତ୍ରୁ ପରାଭବ, ଶରୀର କଷ୍ଟ, କାର୍ଯ୍ୟରେ ବିଳମ୍ବ, ଗାଡ଼ିଚାଳନାରେ ସାବଧାନ, ଅର୍ଥସମସ୍ୟା, କୃତ୍ତିକାନକ୍ଷତ୍ର ସାବଧାନ, ଶୁଭରଙ୍ଗ–କମଳା, ସଂଖ୍ୟା–୫, ଆରାଧନା–ମା ବଗଳାମୁଖି ।

**ବୃଷ–** ଧନଲାଭ, ଉଚ୍ଚଆଶା ପୂର୍ଣ୍ଣ, ବନ୍ଧୁମିଳନ, ଶତ୍ରୁ ରହିବେ, ଶୁଭ ଆଲୋଚନା, କର୍ମରେ ସହଯୋଗ, କିଛି ଶୁଭଖବର ରହିବ, ଦାମ୍ପତ୍ୟ ଖୁସି, ମନରେ ପ୍ରସନ୍ନତା, ମୃଗଶିରା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ– ଧଳା, ସଂଖ୍ୟା–୪, ଆରାଧନା–ପ୍ରଭୁ ଶ୍ରୀରାମ ।

**ମିଥୁନ–** ପରୋପକାର, ସମାଜସେବା, ଧାର୍ମିକ କାର୍ଯ୍ୟରେ ଆଗ୍ରହ, ଉଚ୍ଚ ସମ୍ମାନ, ଶରୀର ସୁସ୍ଥ, କର୍ମରେ ସହଯୋଗ, ନୂତନ ବ୍ୟବସାୟ ଆରମ୍ଭ, ଶତ୍ରୁ ପରାଭବ, ଶୁଭକାର୍ଯ୍ୟରେ ଧନବ୍ୟୟ, ଆର୍ଥିକ ସହାୟତା, ସନ୍ତାନ ସ୍ନେହ, ଦୂରସ୍ଥାନକୁ ଯାତ୍ରା, ଖୁସି ରହିବେ, ପୁନର୍ବସୁନକ୍ଷତ୍ର ସତର୍କ ରହିବେ ଶୁଭରଙ୍ଗ–ମେରୁନ, ସଂଖ୍ୟା–୧୨, ଆରାଧନା–ମା ତ୍ରିପୁରାସୁନ୍ଦରୀ ।

**କର୍କଟ–** ପୈତୃକ ସମ୍ପତ୍ତିରେ ଲାଭ, ଶତ୍ରୁ ରହିବେ, ଉତ୍ତମ ସ୍ୱାସ୍ଥ୍ୟ, ମନରେ ପ୍ରସନ୍ନତା, ଗୃହଶତ୍ରୁ, ଜଞ୍ଜାଳବୃଦ୍ଧି, ସହକର୍ମୀଙ୍କ ସହଯୋଗ, କାର୍ଯ୍ୟରେ ବାଧା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁମିଳନ, ପାରିବାରିକ ଦୁଃଖ, ଆମୋଦ ପ୍ରମୋଦରେ ମନବଳିବ, ଅଶ୍ଳେଷା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଲାଲ, ସଂଖ୍ୟା–୩, ଆରାଧନା–ଭଗବାନ ଶିବ ।

**ସିଂହ–** ସ୍ତ୍ରୀ କଳହ, ଉଚ୍ଚଆଶାରେ ବିଳମ୍ବ, ଅଯଥା ଖର୍ଚ୍ଚ, ବ୍ୟବସାୟରେ ସ୍ୱଳ୍ପ ଲାଭ, ମାନସିକ ବିଷାଦ, ଧନକ୍ଷତି, କର୍ମରେ ବିଫଳତା, ମୂଲ୍ୟବାନ ପଦାର୍ଥ ନଷ୍ଟ, ବନ୍ଧୁ ସାହାଯ୍ୟ, ଧାର୍ମିକ ଉତ୍ସବରେ ଯୋଗଦାନ, ସ୍ୱାଦିଷ୍ଟ ଭୋଜନ, ଲାଭ ମିଳିବ, ପ୍ରତ୍ୟେକ କାର୍ଯ୍ୟରେ ସତର୍କତା, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ସିଲଭର, ସଂଖ୍ୟା–୯, ଆରାଧନା–ଗ୍ରାମଦେବତୀ ।

**କନ୍ୟା–** ନୂତନ କାର୍ଯ୍ୟରେ ସହଯୋଗ, ବ୍ୟବସାୟରେ ଉନ୍ନତି, ସମ୍ମାନପ୍ରାପ୍ତି, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି, ସନ୍ତାନକ୍ଷେତ୍ରେ ଖୁସି, ସ୍ୱାସ୍ଥ୍ୟ ଭଲ ରହିବ, ବନ୍ଧୁ ସହଯୋଗ, ପୂଜାପୂଜିରେ ଆନନ୍ଦ, ଅଳ୍ପ ବିରୋଧ ଆସିବ, ଚିତ୍ରାନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ସବୁଜ, ସଂଖ୍ୟା–୪, ଆରାଧନା–ମା ଲକ୍ଷ୍ମୀ ।

**ତୁଳା–** ଘାତବାର, କାର୍ଯ୍ୟରେ ବିଳମ୍ବ, ଶତ୍ରୁ ରହିବେ, ପାରିବାରିକ ଖୁସି, ଅର୍ଥପ୍ରାପ୍ତି, ଶରୀର ସୁସ୍ଥ, ବ୍ୟବସାୟରେ ସାମାନ୍ୟ ଲାଭ, ଦୂରସ୍ଥାନକୁ ଯାତ୍ରା, କିଛି ସମସ୍ୟା ଦେଖାଦେବ, ଅତିଥି ସତ୍କାର, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବିଶାଖାନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ସିଲଭର, ସଂଖ୍ୟା–୪, ଆରାଧନା–ଉମାମହେଶ୍ୱର ।

**ବିଛା–** କର୍ମରେ ଉନ୍ନତି, ମାନସିକ ଶାନ୍ତି, ପାରିବାରିକ ସହଯୋଗ, ଶୁଭଖବର, କିଛି କାର୍ଯ୍ୟରେ ବାଧା, ଅଧିକ ସଫଳତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟଲାଭ, ବାଣିଜ୍ୟରେ ଉନ୍ନତି, ଶତ୍ରୁକଷ୍ଟରୁ ମୁକ୍ତି, କ୍ରୋଧ ଛାଡ଼ନ୍ତୁ, ଜ୍ୟେଷ୍ଠାନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଧଳା, ସଂଖ୍ୟା–୧, ଆରାଧନା–ଭଗବାନ ବିଷ୍ଣୁ ।

**ଧନୁ–** ଖର୍ଚ୍ଚାନ୍ତ ଯୋଗ, କାର୍ଯ୍ୟରେ ଅସନ୍ତୁଷ୍ଟ, ଭଲ ବ୍ୟବସାୟ, ନୂତନ ସହଯୋଗ, ତୀର୍ଥାଟନ, ଗୃହଶତ୍ରୁ, ଶୁଭଖବର ପ୍ରାପ୍ତି, ଦୂରସ୍ଥାନକୁ ଯାତ୍ରା, ଶତ୍ରୁ ରହିବେ, ଭ୍ରାତୃ ଭଗ୍ନୀଙ୍କ ସ୍ନେହ ଓ କିଛି କାର୍ଯ୍ୟରେ ଅଗ୍ରଗତି, ମାନସିକ ଅବସାଦ, ବିଦ୍ୟାରେ ଉନ୍ନତି, ଉତ୍ତରାଷାଢ଼ାନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୨, ଆରାଧନା–ପିତାମାତାଙ୍କ ସେବା କରନ୍ତୁ ।

**ମକର–** କାର୍ଯ୍ୟକ୍ଷେତ୍ରେ ଉନ୍ନତି, ବ୍ୟବସାୟରେ ଲାଭ, ସ୍ୱାଦିଷ୍ଟ ଭୋଜନ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର ମିଳିବ, ସହଯୋଗ ବୃଦ୍ଧି, କର୍ମରେ ସଫଳ, ତୀର୍ଥାଟନ, ମାନସିକ ଖୁସି, ଅର୍ଥକ୍ଷେତ୍ରେ ଉନ୍ନତି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ନ୍ୟାୟିକ ବ୍ୟବସ୍ଥାରେ ଖୁସି, ଧନିଷ୍ଠାନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ବାଇଗଣି, ସଂଖ୍ୟା–୩, ଆରାଧନା–ମା କୁତାମଚଣ୍ଡୀ ।

**କୁମ୍ଭ–** କର୍ମପ୍ରତି ଆଗ୍ରହ, ବ୍ୟବସାୟରେ ଉନ୍ନତି, କାର୍ଯ୍ୟ ସଫଳ, ସମ୍ମାନ ମିଳିବ, ମନରେ ଉତ୍ସାହ, ଶୁଭକାର୍ଯ୍ୟରେ ଆନନ୍ଦ, ବନ୍ଧୁଗୃହେ ଖୁସି, ଶରୀର ସୁସ୍ଥ, ଆୟରେ ଉନ୍ନତି, ଉନ୍ନତ ଚିନ୍ତା, ଉଚ୍ଚବ୍ୟକ୍ତିଙ୍କ ସହଯୋଗ, ଲୋକସମ୍ପର୍କ ବୃଦ୍ଧି, ପୂର୍ବାଭାଦ୍ରନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–କଳା, ସଂଖ୍ୟା–୨, ଆରାଧନା–ମା ମଙ୍ଗଳା ।

**ମୀନ–** ଗୁରୁଜନଙ୍କ କୃପା, ବ୍ୟବସାୟରେ ଉନ୍ନତି, ବିଦେଶ ଯାତ୍ରା, ଅନୁଷ୍ଠାନରୁ ଲାଭ, ବନ୍ଧୁସହଯୋଗ, ସ୍ୱାସ୍ଥ୍ୟକ୍ଷେତ୍ରେ ଉନ୍ନତି, ଉଚ୍ଚସମ୍ମାନ, ପରିବାରରେ ସହଯୋଗ, ଶତ୍ରୁ ପରାଭବ, ଉତ୍ସବ ପ୍ରତି ଆଗ୍ରହ, ତୀର୍ଥାଟନ, ସନ୍ଥକୃପା, ଧାର୍ମିକ ଉତ୍ସବ, ରେବତୀନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଲାଲ, ସଂଖ୍ୟା–୯, ଆରାଧନା–ପ୍ରଭୁ ହନୁମାନ ।

ପୌଷମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ
ତା–୧୮–୧୨–୨୦୨୫ ଗୁରୁବାର

ପଣ୍ଡିତ– ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



## ବ୍ରହ୍ମପୁର ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ ତମ ବାର୍ଷିକ ଉତ୍ସବ

# ନିର୍ମାଣ ହେବ ଗ୍ରେଟର ବ୍ରହ୍ମପୁର ସିଟି, ଡିପିଆର ପ୍ରସ୍ତୁତ କରିବାକୁ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର/ବ୍ରହ୍ମପୁର (ସବ୍ୟୁ): ଗଞ୍ଜାମ ଓ ବ୍ରହ୍ମପୁର ସହର ହେଉଛି ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର। ଓଡ଼ିଶାର ବିକାଶ ପାଇଁ ଗଞ୍ଜାମ ଜିଲ୍ଲାର ବିକାଶ ଅତି ଜରୁରୀ। ଏଣୁ ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ୧୦ ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କରାଯିବ ଏବଂ ଏଥିପାଇଁ ୫୨ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସହରର ଇଜ୍ ଅଫ୍ ଲିଭିଙ୍ଗ୍ ଓ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବ୍ରହ୍ମପୁର ନୀଳକଣ୍ଠ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ ତମ ବାର୍ଷିକ ଉତ୍ସବ ଅବସରରେ ଯୋଗ ଦେଇ ସେ ଏହି ଘୋଷଣା କରିଛନ୍ତି। ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସହର ପରି ବ୍ରହ୍ମପୁର ସହରର କଳେବର ବୃଦ୍ଧି କରାଯାଇ ଏହାକୁ ଗ୍ରେଟର ବ୍ରହ୍ମପୁର ସିଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହିତ ଏଥିପାଇଁ ଆବଶ୍ୟକ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନ କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନାବଦ୍ଧ ଭାବେ ସମସ୍ତ ମୌଳିକ ସେବା ଯୋଗାଇ ଦେବାପାଇଁ ସହରରେ ଟାଉନ ପ୍ଲାନିଂ ବା ଟିପି ସ୍କିମ୍ ଲାଗୁ କରାଯିବ। ବର୍ତ୍ତମାନ ଦୁଇଟି ଟିପି ସ୍କିମ୍ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି।




ଏହାଦ୍ୱାରା ସହର ଉପକଣ୍ଠରେ ଉନ୍ନତ ସହରୀ ଭିତ୍ତିଭୂମି ବିକାଶ ହେବା ସହିତ ଜମି ମାଲିକମାନେ ମଧ୍ୟ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବ୍ରହ୍ମପୁର ସହରର ଖାଦ୍ୟର ପ୍ରସିଦ୍ଧିକୁ ଦେଖି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫୁଡ୍ ଷ୍ଟ୍ରିଟ୍ ନିର୍ମାଣ କରାଯିବ। ଏହି ସହରର ବିକାଶ ପାଇଁ ଆଗାମୀ ଦିନରେ ଆହୁରି ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ସମୃଦ୍ଧ ଓଡିଶା ଗଠନରେ ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲ୍ଲାର ଭୂମିକା ସବୁଠାରୁ ମହତ୍ୱପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ବ୍ରହ୍ମପୁର-ଜୟପୁରକୁ ସଂଯୋଗର କରି ଏକ ୬ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ, ଯେଉଁଥିପାଇଁ ୬୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ବାର୍ଷିକ ଉତ୍ସବରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଶିକ୍ଷକତା ଦିନ ଗୁଡ଼ିକୁ ମନେପକାଇଥିଲେ ଏବଂ ଯେକୌଣସି ସରସ୍ୱତୀ ବିଦ୍ୟା ମନ୍ଦିରକୁ ଆସିଲେ ମୋତେ ତାହା ମୋର ଘର ବାହୁଡା ପରି ଲାଗିଥାଏ ବୋଲି କହିଥିଲେ। ଉତ୍ତମ ଶିକ୍ଷା ପରିବେଶ ଓ ଗୁଣାତ୍ମକ ମାନର ଶିକ୍ଷାପ୍ରଦାନ ପାଇଁ ଏହି ବିଦ୍ୟାଳୟର ରାଜ୍ୟରେ ସୁନାମ ରହିଛି। ସରସ୍ୱତୀ ବିଦ୍ୟାମନ୍ଦିର ସମୂହ କେବଳ ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀ ବନେଇ ନ ଥାଏ। ବିଦ୍ୟାର୍ଥୀଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଶିକ୍ଷାଦାନ କରି ଉତ୍ତମ ନାଗରିକ ମଧ୍ୟ ଗଠନ କରିଥାଏ। ଏହି ବିଦ୍ୟାଳୟ ଯଥାର୍ଥରେ ଏହାକୁ ପ୍ରତିପାଦନ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ପୁଣି କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଓଡ଼ିଶାରେ ଆମେ ନୂତନ ଶିକ୍ଷାନୀତି ୨୦୨୦ କୁ ଲାଗୁ କରିଛୁ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଓ ସ୍ୱାବଲମ୍ବୀ ଭାବ ବୃଦ୍ଧି ଉଦ୍ଦେଶ୍ୟରେ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଆଧାରରେ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଆମେ ଆରମ୍ଭ କରିବାକୁ ଯାଉଛୁ। ପ୍ରାଥମିକ ସ୍ତରରେ ପିଲାଙ୍କୁ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛୁ। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୨୨୦୦ ସ୍କୁଲ ପାଇଁ ଅନୁମୋଦନ ଦିଆଯାଇଛି। ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଢାଞ୍ଚାରେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରାଯିବ। ଏହାଦ୍ୱାରା ଶିକ୍ଷାର ଗୁଣାତ୍ମକମାନ ଆହୁରି ବୃଦ୍ଧି ହେବ। ସେ ଆହୁରି କହିଥିଲେ ଯେ ଦକ୍ଷ ଶିକ୍ଷକ ନିଯୁକ୍ତି ଓ ଶିକ୍ଷାଦାନ ଉପରେ ଆବଶ୍ୟକୀୟ ଭିତ୍ତିଭୂମି ସୃଷ୍ଟି ପାଇଁ ଆମେ ଗୁରୁତ୍ୱ ଦେଉଛୁ। ରାଜ୍ୟରେ ଶିକ୍ଷକ ଅଭାବ ଦୂର କରିବା ପାଇଁ ୩ ବର୍ଷ ମଧ୍ୟରେ ଆମେ ୪୫ ହଜାର ଶିକ୍ଷକ ପଦବୀ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେଇଛୁ। ଆସନ୍ତା ଶିକ୍ଷାବର୍ଷରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ପାଠ୍ୟ ପୁସ୍ତକ ପ୍ରଦାନ କରିବା ପାଇଁ ଆମେ ସ୍ଥିର କରିଛୁ। କେବଳ ପ୍ରାଥମିକ ଶିକ୍ଷା ପାଇଁ ଚଳିତ ବର୍ଷ ବଜେଟରେ ରେକର୍ଡ ପରିମାଣର ୩୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଜରିଆରେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ଆମ ସରକାରରେ ଆର୍ଥିକ କଟକଣା କେବେ ପ୍ରତିବନ୍ଧକ ହେବ ନାହିଁ।


ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ସ୍ୱାଧୀନତା ସଂଗ୍ରାମୀ ମୋହନ ନାୟକ, ସମାଜସେବୀ ଶିବରାମ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ନୀଳକଣ୍ଠ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ ତମ ବାର୍ଷିକ ଉତ୍ସବରେ ବିଦ୍ୟାଳୟର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଆସିକା ବିଧାୟକ ସରୋଜ ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ ଓ ପଶ୍ଚିମ ପ୍ରାନ୍ତ ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ, ଗଞ୍ଜାମ ଜିଲ୍ଲାପାଳ କିର୍ତ୍ତୀ ଭାସନ୍ ଭି., ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡକ୍ଟର ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା ଏବଂ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଡକ୍ଟର ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ କୋଣାର୍କ ସମୁଦ୍ରରେ ବୁଡ଼ି ଛାତ୍ରୀ ମୃତ

ପୁରୀ, (ସବ୍ୟୁ) : ବୁଧବାର ଦିନ ପୁରୀ କୋଣାର୍କ ରାସ୍ତା ରେ ଥିବା ବାଲେଶ୍ୱର ମହାଦେବ ମନ୍ଦିର ନିକଟରେ ଥିବା ବେଳାଭୂମି ରେ ଏକ ଦୁଃଖଦ ଘଟଣା ଘଟିଛି। କଟକରୁ ପୁରୀ ବୁଲିବାକୁ ଆସି ଥିବା ଜଣେ ଛାତ୍ରଙ୍କର ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଛି। ଶିକ୍ଷକ ଗୁରୁତର ହୋଇ ଥିବା ବେଳେ ଛାତ୍ରୀଙ୍କର ମୃତ ଘଟିଛି। ଏଭଳି ଦୁଃଖଦ ଓ ଅଭାବନୀୟ ଘଟଣା ଘଟିଛି ପୁରୀ କୋଣାର୍କର ବେଳାଭୂମି ରାସ୍ତାର ବେଲେଶ୍ୱର ମହାଦେବଙ୍କ ସମ୍ମୁଖ ବେଳାଭୂମିରେ। ପିକନିକ୍ ପାଇଁ ଆସି ସମୁଦ୍ରରେ ବୁଡ଼ି ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଉଛନ୍ତି କଟକ ବକ୍ସି ବଜାର ବଣିଆ ସାହିର ଶିଳ୍ପାଶ୍ରୀ ସାହୁ। ଗୁରୁତର ଶିକ୍ଷକ ହେଉଛନ୍ତି ବିଶ୍ୱଜିତ୍ ସାହୁ। ବେଲେଶ୍ୱର ମନ୍ଦିର ସାମ୍ନା ବେଳାଭୂମିରେ ଆଜି ଅପରାହ୍ନରେ ଘଟିଛି ଅଘଟଣ। କଟକ ବାଦାମବାଡି ନିକଟସ୍ଥ ଏଆର କ୍ରୀଏସନ୍ କୋଚିଂ ସେଣ୍ଟର ଶତାଧିକ ଛାତ୍ରଙ୍କ ସହ ଶିକ୍ଷକ ପୁରୀ ବୁଲିବାକୁ ଆସି ବେଲେଶ୍ୱର ନିକଟ କୋକୋପାମ ଫାର୍ମ ହାଉସରେ ରହୁଥିଲେ। ସେଠାରେ ଆଜି ନାଚଗୀତ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରେ ସମୁଦ୍ରରେ ସ୍ନାନ ବେଳେ ଅଘଟଣ ଘଟିଥିଲା। ମୃତ ଦେହ ଜବତ ହୋଇ ସଦର ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କଟକ ବାଦାମବାଡି ନିକଟସ୍ଥ ଏଆର କ୍ରିଏସନ କୋଚିଂ ସେଣ୍ଟରର ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ମାତ୍ର ୪ ଜଣ ଲାଇଫଗାର୍ଡଙ୍କୁ ନେଇ ଗଭୀର ବେଲେଶ୍ୱର୍ ବେଳାଭୂମିରେ ଗାଧୋଉଥିଲେ। ରିପ କରେଣ୍ଟ ଯୋଗୁଁ ଶିଳ୍ପାଶ୍ରୀ ବୁଡିଯାଉଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ଶିକ୍ଷକ ବିଶ୍ୱଜିତ୍ ସାହୁ ଗୁରୁତର ଆହତ ହୋଇଛନ୍ତି।

## ବିଜେପି କାର୍ଯ୍ୟାଳୟରେ ଅଧକ୍ଷା, ଉପାଧ୍ୟକ୍ଷ, ସରପଞ୍ଚ

ଭଣ୍ଡାରିପୋଖରୀ(ସବ୍ୟୁ): ଭଣ୍ଡାରିପୋଖରୀ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ପହଞ୍ଚିଥିଲେ ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟ କୁମାର ନାୟକ, ସରସଦା ସରପଞ୍ଚ ରମେଶ ଯେନା, ନିର୍ଗୁଣ୍ଡି ସମିତି ସଭ୍ୟ ରଞ୍ଜିତ ଲେଙ୍କା ପ୍ରମୁଖ। ଗତ ୬ ତାରିଖରେ ସଂପୃକ୍ତ ନେତାମାନେ ବିଜେଡି ପରିତ୍ୟାଗ କରି ବିଜେପିରେ ଯୋଗଦାନ ପରେ ପ୍ରଥମଥର ପାଇଁ ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବରିଷ୍ଠ ନେତା ନିର୍ମଳ କର, ମଣ୍ଡଳ ସଭାପତି ତରଣୀସେନ ଜେନା, ରଞ୍ଜନ ପରିଡା, ପୂର୍ବତନ ସଭାପତି ଗିରିଶ ସାମଲ, ବାବାଜି ଜେନା ଓ ଦଳର ପ୍ରମୁଖ ବ୍ଲକସ୍ତରୀୟ ପ୍ରମୁଖ କର୍ମକର୍ତ୍ତାମାନେ ନୂତନ ଭାବେ ଯୋଗଦାନ କରିଥିବା ନେତାମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ନୂତନ ଯୋଗଦାନକାରୀ ଓ ପୁରାତନ ନେତାମାନେ ପରସ୍ପର ସହ ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ଅସିବା ସହ ଦଳର ବିଭିନ୍ନ କାର୍ଯ୍ୟକ୍ରମ, ସାଙ୍ଗଠନିକ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।



ଉତ୍ତରପ୍ରଦେଶର ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ କପିଳଦେବ ଅଗ୍ରୱାଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସାକ୍ଷାତ କରୁଛନ୍ତି।

### ପୋଲିସର ଅପରେସନ ଧରପଗଡ

## ୨୭ ଚୋରାବନ୍ଧୁକ ଚାଲାଣକାରୀ ଗିରଫ

କଟକ, (ସବ୍ୟୁ): ରାଜ୍ୟରେ ବେଆଇନ ବନ୍ଧୁକ ଚୋରା ଚାଲାଣ, ମାରଣାସ୍ତ୍ର ଓ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଲଗାତାର କଠୋର ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ଏହା ଉପରେ ରୋକ ଲଗାଇବା ପାଇଁ ଗତ କିଛି ଦିନ ଧରି ଓଡ଼ିଶା ପୋଲିସ ତରଫରୁ "ଅପରେସନ୍ ଧରପଗଡ" ଅଭିଯାନ କରାଯାଇଥିଲା।
ଏହି ଅଭିଯାନରେ ବହୁ ଜିଲ୍ଲା ପୋଲିସ ସାମିଲ ହୋଇ ବେଆଇନ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଜବତ କରିବାରେ ସକ୍ଷମ ହୋଇଛନ୍ତି। ଏହା ବ୍ୟତୀତ ନିଶାସକ୍ତ ଗାଡି ଚାଳକଙ୍କ ବିରୋଧରେ ମଧ୍ୟ ପୋଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯାଇଥିଲା।
ଏହି ଅଭିଯାନରେ ଅଦ୍ୟାବଧି ସାରା ରାଜ୍ୟରେ ଚୋରା ବନ୍ଧୁକ ଚାଲାଣକାରୀଙ୍କ ବିରୋଧରେ ୨୭ ଟି ମାମଲା ରୁଜୁ କରାଯାଇଥିବା ବେଳେ ୩୬ଟି ବନ୍ଧୁକ, ୭୧ ଗୁଳି, ୬୨ ମାରଣାସ୍ତ୍ର ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୨୭ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି। ସେହିପରି ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା କରିବା ଅଭିଯୋଗରେ ପୋଲିସ ୫୧୯ଟି ମାମଲା ରୁଜୁ କରିବା ସହ ୨୧୧ ଟି ଯାନ ଜବତ କରିଛି। ରାଜ୍ୟରେ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିବା, ବେଆଇନ ବନ୍ଧୁକ ଚୋରା ଚାଲାଣ, ମାରଣାସ୍ତ୍ର ଓ ଅପରାଧିକ କାର୍ଯ୍ୟକଳାପ ରୋକିବା, ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସପି "ଅପରେସନ୍ ଧରପଗଡ" ଅଭିଯାନରେ ସାମିଲ ହୋଇଥିଲେ।

## ୨୫ରୁ ଜାତୀୟ ମଠଖାଇ ନାଟକ ମହୋତ୍ସବ




ବଲାଙ୍ଗିର,(ସବ୍ୟୁ): ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଭୂମିକା ଓ ମଠଖାଇ ମହୋତ୍ସବ କମିଟିର ମିଳିତ ସହଯୋଗରେ ଡିସେମ୍ବର ୨୫ ରୁ ୨୯ ତାରିଖ ପର୍ଯ୍ୟନ୍ତ ମଠଖାଇ ମହୋତ୍ସବ ହେବାକୁ ଯାଉଛି। ସ୍ଥାନୀୟ କୋସଲ କଳାମଣ୍ଡଳରେ ଦୀର୍ଘ ୫ଦିନଧରି ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ବୁଧବାର ସ୍ଥାନୀୟ ସଂସ୍କୃତି ମଣ୍ଡପଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକରେ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଭୂମିକାର ସଭାପତି ବୀରେନ୍ଦ୍ର ବନଛୋରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଭୂମିକା ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ପାଦକ ଜିତେନ୍ଦ୍ରିୟ ତ୍ରିପାଠୀ ମଂଚାସୀନ ଥିଲେ। ପୂର୍ବ ବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ଏହି ସମାରୋହକୁ ରାଜ୍ୟ ତଥା ରାଜ୍ୟ ବାହାରର ନାଟ୍ୟ ଦଳଗୁଡିକ ଆସିବେ। ଚଳିତବର୍ଷ ମୋଟ ୨ଟି କୋସଲୀ, ୨ଟି ହିନ୍ଦୀ ଏବଂ ଗୋଟିଏ ଓଡିଆ ନାଟକ ପରିବେଷଣ ହେବ।
ପାଞ୍ଚ ଦିନ ଧରି ହେବାକୁ ଥିବା ନାଟକ ଗୁଡିକ ମଧ୍ୟରେ ଓଡ଼ିଆ ନାଟକ ମାଗୁଣିର ଶଗଡ଼, କୋସଲୀ ନାଟକ କାଉଁର ଓ ଦାମୁର, ହିନ୍ଦୀ ନାଟକ ସାତଘରିଆ ଓ ଭୂମି ରହିଛି। ଏହି ଅବସରରେ ନାଟ୍ୟକର୍ମୀ ସନାତନ ଠାକୁର, ସନ୍ତରଣରେ ଜାତୀୟ ପଦକ ବିଜେତା ସ୍ୱରୂପ ପଟେଲ, ସାମାଜିକକର୍ମୀ ଡାକ୍ତର ଶଙ୍କର ରାମଚନ୍ଦାନୀ, ପରିବେଶ ସଂଗଠନ ଶାଗୁଆ ବଲାଙ୍ଗିର, ବୈଜ୍ଞାନିକ ଡା ବିଜୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଚିତ୍ତ ରଞ୍ଜନ ଦାଶ ସୂଚନା ଦେଇଥିଲେ। ଶେଷରେ କମିଟି ଅଧ୍ୟକ୍ଷ ଶ୍ରୀ ମିଶ୍ର ମହୋତ୍ସବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

## ଆଜୀବନ କାରାଦଣ୍ଡ ଭୋଗୁଥିବା ଆସାମୀ ୨୨ବର୍ଷ ପରେ ହାଇକୋର୍ଟରେ ନିର୍ଦ୍ଦୋଷ

କଟକ(ବ୍ୟୁରୋ): ବଳାତ୍କାର ପରେ ଗୋଟେ ବାଳିକାକୁ ହତ୍ୟା କରିବା ଅଭିଯୋଗରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଆସାମୀ ବରଜୁ ମାଣିଆକୁ ହାଇକୋର୍ଟ ଆଜି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାରେ ଯଥେଷ୍ଟ ପ୍ରମାଣ ନଥିବାରୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଆସାମୀ ବରଜୁ ମାଣିଆ ୨୨ବର୍ଷ ପରେ ନିର୍ଦ୍ଦୋଷରେ ମାମଲାରୁ ଖଲାସ ହୋଇଛି। ପୁରୀ ସଦର ଥାନାରେ ୨୦୦୩ ମସିହା ମେ' ୨୩ ତାରିଖରେ ଏକ ବଳାତ୍କାର ଘଟଣା ଘଟିଥିଲା। ବାପ, ଝିଅ ଛେଳି ଚରାଇ ଘରୁକୁ ଫେରୁଥିଲାବେଳେ ବାଟରେ ଦୁଇଟି ଛେଳି ଅନ୍ୟଆଡ଼େ ଚାଲି ଯାଇଥିଲେ। ସେହି ଦୁଇଟି ଛେଳି ଆଣିବାକୁ ଝିଅଟି ଚାଲି ଯାଇଥିଲା। ବାପ ଅନ୍ୟ ଛେଳିଗୁଡ଼ିକୁ ନେଇ ଘରକୁ ଆସିଥିଲା। ଝିଅର ଫେରିବାରେ ବିଳମ୍ବ ହେବାରୁ ବାପ ଖୋଜିବାକୁ ଯାଇ ଝିଅକୁ ବଳାତ୍କାର ହୋଇଥିବା ଦେଖିବାକୁ ପାଇଥିଲା। ଝିଅ ପାଖରେ ଅଭିଯୁକ୍ତ ବରଜୁ ଛିଡ଼ା ହୋଇଥିଲା। ଝିଅଟିର ଶରୀରରୁ ପ୍ରବଳ ରକ୍ତସ୍ରାବ ହେଉଥିଲା। ବାପ ଚିତ୍କାର କରିବାରୁ ପାଖ ଗାଁ ଲୋକେ ଆସି ଝିଅଟିକୁ ଉଦ୍ଧାର କରି ପୁରୀ ହସ୍ପିଟାଲକୁ ନେଇ ଯାଇଥିଲେ। ଝିଅଟି ସେଠାରେ ମୃତ୍ୟୁବରଣ କରିଥିବା ଘୋଷଣା କରାଯାଇଥିଲା। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରି ଚାର୍ଜସିଟ୍ ଦାଖଲ କରିଥିଲା। ମାମଲାର ଶୁଣାଣି ପୁରୀ ପ୍ରଥମ ଅତିରିକ୍ତ ସେସନ୍ସ ଜଜ୍ ୨୦୦୩ ମସିହା ରେ ଏହି ମାମଲାରେ ରାୟ ପ୍ରକାଶ କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲା। ଏହି ଆଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ବିଭିନ୍ନ ପକ୍ଷଙ୍କୁ ଶୁଣିବା ପରେ ରାୟରେ କହିଛନ୍ତି ଯେ, ଅଭିଯୁକ୍ତ ବରଜୁ ବଳାତ୍କାର କରିଥିବାର କୌଣସି ସିଧାସଳଖ ପ୍ରମାଣ ନାହିଁ। ବରଜୁ ବଳାତ୍କାର ପରେ ସେହି ଜାଗା ଛାଡ଼ି ଚାଲିଯାଇ ନାହିଁ। ଉକ୍ତ ସ୍ଥାନରେ ଅଭିଯୁକ୍ତକୁ ଦେଖିବାର ମାନେ ନୁହେଁ ଯେ ସେ ବଳାତ୍କାର କରିଛି। ଏହି ଘଟଣାରେ ଅନ୍ୟ କେହି ମଧ୍ୟ ଦୋଷୀ ହୋଇପାରନ୍ତି।

## ଲିଆଖିଆ ବ୍ରିଜ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା

ପୁରୀ, (ସବ୍ୟୁ) : ବୁଧବାର ଦିନ ପୁରୀ -କୋଣାର୍କ ବେଳାଭୂମି ରାସ୍ତାର ଲିଆଖିଆ ବ୍ରିଜ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେହିପରି ବାଇକରେ ଥିବା ସ୍ୱାମୀ, ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି ମୃତ ସ୍କୁଟି ଚାଳକଙ୍କ ପରିଚୟ ମିଳିପାରିନାହିଁ। ଗୁରୁତର ସ୍ୱାମୀ ସ୍ତ୍ରୀ କୋରାପୁଟର ବିଶ୍ୱନାଥ ନାୟକ ଓ ମଧୁସ୍ମିତା ସିଂହଦେଓ। ଭୁବନେଶ୍ୱରରେ ରହୁଥିବା ବିଶ୍ୱନାଥ ଓ ମଧୁସ୍ମିତା ବାଇକ୍ ଯୋଗେ ଆଜି ପୁରୀ ବୁଲିବାକୁ ଆସି କୋଣାର୍କ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା କାର ଓ ସ୍କୁଟି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପଡ଼ିରହିଛି ବାଇକ୍ ଓ ସ୍କୁଟି। ପୁରୀ ଜେଲ ଏସ୍କର୍ଟ ପାର୍ଟି ସେମାନଙ୍କୁ ଉଦ୍ଧାର କରି କୋର୍ଟ ଭ୍ୟାନରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଚନ୍ଦ୍ରଭାଗା ମାଘ ବୁଡ଼ : ପ୍ରଥମ ସମନ୍ୱୟ ବୈଠକ

ପୁରୀ, (ସବ୍ୟୁ) ଆସନ୍ତା ଜାନୁୟାରୀ ୨୫ ତାରିଖରେ କୋଣାର୍କ ଚନ୍ଦ୍ରଭାଗା ତୀର୍ଥରେ ପବିତ୍ର ମାଘ ସପ୍ତମୀ ବୁଡ଼ ଅନୁଷ୍ଠିତ ହେବ। ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବେ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ନିରାପଦ ସ୍ନାନ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ଅପରାହ୍ନରେ କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ଚନ୍ଦ୍ରଭାଗା ମାଘ ସପ୍ତମୀ ବୁଡ ବା ମେଳା ଆଧ୍ୟାତ୍ମିକତା ଓ ପୌରାଣିକ ଦୃଷ୍ଟି କୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ପରିଚାଳନା ପାଇଁ ସମସ୍ତ ବିଭାଗ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଚନ୍ଦ୍ରଭାଗା ମେଳା କୁ ସରସ ସୁନ୍ଦର କରିବା ପାଇଁ ବିବିଧ ପରାମର୍ଶ ମାନ




ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ,ଅତିରିକ୍ତ ଏସପି ସଚିନ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ଚନ୍ଦ୍ରଭାଗା ତୀର୍ଥରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଚନ୍ଦ୍ରଭାଗା ମେଳା ପଡ଼ିଆରେ ପାନୀୟ ଜଳ ଯୋଗାଣ ନିମନ୍ତେ ୬୦ଟି ଷ୍ଟାଣ୍ଡ ପୋଷ୍ଟ, ଏକାଧିକ ପାଣି ଟ୍ୟାଙ୍କର,୧୦୦ ଅସ୍ଥାୟୀ ଶୌଚାଳୟ, ତୀର୍ଥ ପୁଷ୍କରିଣୀ ଜଳ ନିଷ୍କାସନ ଓ ବିଶୋଧନ, ଟ୍ରାଫିକ ବ୍ୟବସ୍ଥା, ଚନ୍ଦ୍ରଭାଗା, ରାମଚଣ୍ଡୀ ଓ କୋଣାର୍କ ବସଷ୍ଟାଣ୍ଡରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ମାଘ ଷଷ୍ଠି ଓ ସପ୍ତମୀ ଦୁଇଦିନ ପରିମଳ, ଯାନବାହାନ ପାର୍କିଂ, ଆଲୋକ ବ୍ୟବସ୍ଥା, ସୂଚନା ପ୍ରସାରଣ,ହଜିବା ଖୋଜିବା କେନ୍ଦ୍ର ବ୍ୟବସ୍ଥା,ଯାନବାହାନ ନିୟନ୍ତ୍ରଣ ଆଦି ବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜାନୁୟାରୀ ୨୪ ଓ ୨୫ତାରିଖ ଏହି ଦୁଇ ଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ କରାଯିବା ର ବ୍ୟବସ୍ଥା କରାଯିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ଗୋପ ବିଡ଼ିଓ ଛବିରାଣୀ ସାହୁ,ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ,ନିମାପଡା ତହସିଲଦାର ମନୋଜ କୁମାର ପ୍ରଧାନ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା,ତିନି ଠାକୁରଙ୍କ ସେବାୟତ, ମେଳାର ବ୍ୟବସ୍ଥା ସହ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, କୋଣାର୍କର ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ପାଟଣାଗଡ଼ ନିର୍ବାଚନୀ ମାମଲା : ଜାନୁଆରୀ ୧୨ ରେ ପରବର୍ତ୍ତୀ ଶୁଣାଣି

କଟକ(ସବ୍ୟୁ): ପାଟଣାଗଡ଼ ବିଧାନସଭା ନିର୍ବାଚନୀ ମାମଲାରେ ଆବେଦନକାରୀ ସରୋଜ କୁମାର ମେହେରଙ୍କ ପକ୍ଷରୁ ହାଇକୋର୍ଟରେ ଆଜି ସାକ୍ଷୀଙ୍କ ତାଲିକା ପ୍ରଦାନ କରାଯାଇଛି। ଏଥିସହ ଏହି ମାମଲା ସଂକ୍ରାନ୍ତ ଦଲିଲ୍ ମଧ୍ଯ ଅଦାଲତରେ ଦାଖଲ କରାଯାଇଥିଲା। ଏହି ଦଲିଲ୍‌କୁ ଜଉମୁଦ ଲଫାପାରେ ରଖିବା ଲାଗି ହାଇକୋର୍ଟ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବିରୋଧରେ ରୁଜୁ ଏହି ମାମଲାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଆସନ୍ତା ଜାନୁଆରୀ ୧୨ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଆବେଦନକାରୀ ଶ୍ରୀ ମେହେର ରୁଜୁ କରିଥିବା ଏହି ନିର୍ବାଚନୀ ମାମଲାରେ ଶ୍ରୀ ସିଂହେଦେଓଙ୍କ ବିରୋଧରେ କେତେକ ଅନିୟମିତତା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ନିର୍ବାଚନ ପୂର୍ବରୁ ଦାଖଲ କରିଥିବା ସତ୍ୟପାଠରେ ସମ୍ପତ୍ତି ତାଲିକା ଓ ଚାଲୁଥିବା ଫୌଜଦାରୀ ମାମଲା ସମ୍ପର୍କିତ କିଛି ତଥ୍ୟ ଲୁଚାଇଥିବା ନେଇ ସେ ଅଭିଯୋଗ କରିଥିଲେ। ଏହି ଆଧାରରେ ହାଇକୋର୍ଟରେ ମାମଲାର ଶୁଣାଣି ଚାଲିଛି। ପୂର୍ବରୁ ଏହି ମାମଲାକୁ ଶୁଣାଣି ପୂର୍ବରୁ ଖାରଜ କରିବା ଲାଗି ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ପକ୍ଷରୁ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରାଯାଇଥିଲା। ଏହି ଅନ୍ତରୀଣ ପିଟିସନ୍ ଖାରଜ ହେବା ପରେ ଆଜି ଆବେଦନକାରୀଙ୍କ ପକ୍ଷରୁ ସାକ୍ଷୀଙ୍କ ତାଲିକା ଦାଖଲ କରାଯାଇଛି।

### ସୋନିଆଙ୍କୁ ମୋକିମଙ୍କ ଚିଠି ପରେ

# କଂଗ୍ରେସ ଜାତୀୟ ସ୍ତରୀୟ ନେତାଙ୍କ ହସ୍ତକ୍ଷେପ !

ଭୁବନେଶ୍ୱର,(ସବ୍ୟୁ): କଟକ-ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ କଂଗ୍ରେସର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବା ପରେ କଂଗ୍ରେସ ନେତାଙ୍କ ମଧ୍ୟରେ ଆରୋପ-ପ୍ରତ୍ୟାରୋପ ବଢ଼ିବାରେ ଲାଗିଛି । ମୋକିମ୍ ଚିଠି ଲେଖିବାର ୭୨ ଘଣ୍ଟା ମଧ୍ୟରେ ଏଆଇସିସି ନିର୍ଦ୍ଦେଶ କ୍ରମେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା । ଏପରିକି ଦଳର ପ୍ରାଥମିକ ସଦସ୍ୟ ପଦରୁ ମଧ ବହିଷ୍କାର କରାଯାଇଥିଲା ।

ଚିଠିରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଓଡ଼ିଶା କଂଗ୍ରେସକୁ ନେତୃତ୍ୱ ନେବାର ଶୈଳୀକୁ ମୋକିମ ଖୋଲାଖୋଲି ଆହ୍ୱାନ କରିଥିବା ବେଳେ ଯଦି ଏ ଦିଗରେ କଂଗ୍ରେସ ମୁଖିଆ ସୋନିଆ ଗାନ୍ଧୀ ଯଦି ତୁରନ୍ତ ପଦକ୍ଷେପ ନନିଅନ୍ତି ତାହେଲେ ଅସନ୍ତୋଷ ଆହୁରି ବଢ଼ିବ ବୋଲି ଚେତାଇ ଦେଇଥିଲେ । ଏଥି ସହିତ ଦଳର ନେତୃତ୍ୱର ନବୀକରଣ କରାଯାଉ ବୋଲି ଦାବି କରିଥିଲେ । ଓଡ଼ିଶା କଂଗ୍ରେସର ପୁନରୁଦ୍ଧାର ଓ ପୁନଃଜୀବିତ କରାଗଲେ ଭବିଷ୍ୟତ ମଜବୁତ ହେବ ବୋଲି ମଧ ପରାମର୍ଶ ଦେଇଥିଲେ ମୋକିମ । ମୋକିମ୍ ଙ୍କ ବହିଷ୍କାର ପରେ ପୂର୍ବରୁ ରାଜ୍ୟସ୍ତରୀୟ ନେତୃବୃନ୍ଦ ମାପିଜୁଖି ମତ ରଖୁଥିବା ବେଳେ ଏବେ ଟିକେ ଭିନ୍ନ ମୋଡ଼ ନେଇଛି । ବିଭିନ୍ନ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଏଆଇସିସିର କିଛି କର୍ମକର୍ତ୍ତା ଜୟ ରାମ ରମେଶ, ପଓ୍ୱନ ଖେରା, ଓଡ଼ିଶା ଦାୟୀତ୍ୱରେ ଥିବା ପୂର୍ବତନ ପ୍ରଭାରୀ ମହମ୍ମଦ ମୋକିମ୍ ସହ ଟେଲିଫୋନ ଯୋଗେ ସିଧାସଳଖ ଆଲୋଚନା କରିଛନ୍ତି । ସେମାନେ ଜାଣିବାକୁ ଚାହିଁଛନ୍ତି ଯେ ପିସିସି ସଭାପତି ଶ୍ରୀ ଦାସଙ୍କ କଣ ସବୁ ଭୁଲ ନେତୃତ୍ୱ ତାଙ୍କୁ କଂଗ୍ରେସର ଶୀର୍ଷ ନେତୃତ୍ୱଙ୍କୁ ଚିଠି ଲେଖିବାକୁ ପ୍ରେରିତ କରିଥିଲା । ଚିଠି ଲେଖିବା ପରେ କାହିଁକି ତାର ଉତ୍ତରକୁ ଅପେକ୍ଷା ନକରି ମୋକିମ ବିଭିନ୍ନ ଗଣମାଧ୍ୟମରେ ପ୍ରଘଟ କଲେ । ମୋକିମଙ୍କ ଭକ୍ତଙ୍କ ପ୍ରତି ଆକ୍ଷେପ ଯୋଗୁଁ କିଛି ରାଜ୍ୟସ୍ତରୀୟ ବରିଷ୍ଠ ନେତା ମୁହଁ ଖୋଲିଛନ୍ତି । ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର କହିଛନ୍ତି ମୋକିମ ଙ୍କୁ ବହିଷ୍କାର କରିବା ନିଷ୍ପତ୍ତି ଭୁଲ୍ । ଏପରିକି ତାଙ୍କୁ ପୂର୍ବରୁ ମଧ ବହିଷ୍କାର କରାଯାଇଥିଲା । ସେହି ନିଷ୍ପତ୍ତି ମଧ ଭୁଲ ଥିଲା ବୋଲି କହିଛନ୍ତି । ଅନ୍ୟ ପକ୍ଷରେ ପୂର୍ବତନ ପସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଗଣମାଧ୍ୟମରେ ବିବୃତି ମୋକିମଙ୍କ ସପକ୍ଷରେ ଯାଉଛି । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଯେ ଦଳରେ ଭିନ୍ନ ମତ ରହିଛି ଓ ଏହା ସ୍ୱାଭାବିକ । କିନ୍ତୁ ଦଳର ମୁଖିଆଙ୍କୁ ଚିଠି ଲେଖି ଜଣାଇବା ପରେ ମୋକିମ ବାବୁ ଧୈର୍ଯ୍ୟର ସହ ହାଇକମାଣ୍ଡଙ୍କ ପଦକ୍ଷେପକୁ ଅପେକ୍ଷା କରିବାର ଥିଲା । ଶ୍ରୀ ଜେନା ମାପି ଚୁପି ମତ ରଖୁଥିଲେ ହେଁ ମୋକିମ୍ ଙ୍କ ବହିଷ୍କାର ବହୁ ନେତା ଗ୍ରହଣ କରିପାରୁନଥିବା ବେଳେ ପୁଣି ଥରେ ଆଲୋଚନାର ବାତାବରଣ ନେଇ ମତ ରଖୁଛନ୍ତି । କିଛି ବରିଷ୍ଠ କଂଗ୍ରେସ ନେତା ନିଜ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଦଳ ଆଗରେ ବ୍ୟକ୍ତି ବଡ଼ ନୁହେଁ । ପିସିସି ସଭାପତି ଶ୍ରୀ ଦାସଙ୍କ ବିରୋଧରେ ଏଭଳି ସମାଲୋଚନା ଓ କରିବା ଓ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖି ମୋକିମ ଠିକ୍ କରିନାହାଁନ୍ତି । ଦଳ ଭିତରେ ଆଲୋଚନା କରିବାର ଥିଲା । ମୋକିମ କଂଗ୍ରେସ ଟିକେଟ୍ ରେ କଟକରୁ ବିଧାୟକ ହୋଇଥିବା ବେଳେ ଏବେ ତାଉP ଝିଅ ସୋଫିଆ ଫିର୍ଦ୍ଦୋସ ସେହି କଂଗ୍ରସ ଟିକେଟ୍ ପାଇ ବିଧାୟିକା ହୋଇଛନ୍ତି । ଦଳ ପ୍ରତି ଆନୁଗତ୍ୟ ନକରି ନେତୃତ୍ୱକୁ ସମାଲୋଚନା କରିବାକୁ ନାପସନ୍ଦ କରିଛନ୍ତି ।

ସେହିପରି ପୂର୍ବରୁ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଣମାଧ୍ୟମ ଆଗରେ କହିଥିଲେ ଯେ ନୂଆଗଡ଼ା ଉପନିର୍ବାଚନ ସମୟରେ କିଛି ନେତାଙ୍କୁ ଉପେକ୍ଷା କରାଯାଇଥିବା ବେଳେ ଆଉ କିଛି ବରିଷ୍ଠ ନେତାଙ୍କୁ ପ୍ରଚାର ପାଇଁ ଡ଼କାଗଲା ନାହିଁ । ଏପରିକି ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ମଧ ଅଣଦେଖା କରାଯାଇଥିବା ଅଭିଯୋଗ କରିଥଲେ ଶ୍ରୀ ପଟ୍ଟନାୟକ । କଂଗ୍ରେସ ଦଳରେ ଆଗକୁ ବିଶୃଙ୍ଖଳା ବଢ଼ିବା ପୂର୍ବରୁ ଏହି ପ୍ରସଙ୍ଗକୁ ନେଇ କିପରି ଏକ ଭଲ ବାତାବରଣ ମଧ୍ୟରେ ପ୍ରଶମିତ କରାଯାଇପାରିବ ସେ ସମ୍ପର୍କରେ କିଛି ବରିଷ୍ଠ ନେତା ଉଭୟ ପକ୍ଷ ସହ ଆଲୋଚନା କରୁଥିବା ଜନୈକ ବରିଷ୍ଠ ନେତା କହିଛନ୍ତି ।

### ସାକ୍ଷୀଗୋପାଳଙ୍କ ହୁଣ୍ଡିରୁ ମିଳିଲା ୬.୩୭ ଲକ୍ଷ

ସାକ୍ଷୀଗୋପାଳ, (ସବ୍ୟୁ): ବୁଧବାର ପୂର୍ବାହ୍ନ ୧୦ ଟା ସମୟରେ ସାକ୍ଷୀଗୋପାଳ ଠାକୁରଙ୍କ ହୁଣ୍ଡି ଖୋଲା ଯାଇଥିଲା । ଉକ୍ତ ହୁଣ୍ଡିରୁ ୬ ଲକ୍ଷ ୩୭ ହଜାର ୨୯୨ ଟଙ୍କା ସହ କିଛି ରୌପ୍ୟ ପଦାର୍ଥ ବାହାରିଥିବା ଜଣାପଡିଛି । ଏହି ଅର୍ଥ ରାଶିକୁୟୁନିଅନ ବ୍ୟାଙ୍କ ସାକ୍ଷୀଗୋପାଳ ଶାଖା ରେ ଜମାକରାଯାଇଛି । ହୁଣ୍ଡିରୁ ବାହାରିଥିବା ନଗଦ ଅର୍ଥକୁ ଗଣତି କରିବା ପାଇଁ ଉକ୍ତ ସ୍ଥାନରେ ସାକ୍ଷୀଗୋପାଳ ମନ୍ଦିର ଅତିରିକ୍ତ ପ୍ରଶାସକ ଲଳିତେନ୍ଦୁ ମହାନ୍ତି , ମନ୍ଦିର ସୁପରଭାଇଜର ବିଶନାଥ ମହାପାତ୍ର , ବ୍ୟାଙ୍କ ପକ୍ଷରୁ ସନ୍ଦୀପ କୁମାର ରଥ , ରାମ ନାରାୟଣ ବେହେରା , ଶିବ କୁମାର ଶୁକ୍ଲା , ସାଇପୁଜା ମହାନ୍ତି , ବିଜୟ କୁମାର ନାୟକ , ସୁଶାନ୍ତ କୁମାର ବାରିକ ପ୍ରମୁଖ ଏହି କାର୍ଯ୍ୟ ସମ୍ପାଦନା କରିଥିଲେ । ମନ୍ଦିର କାର୍ଯ୍ୟ ର୍ନିବାହୀ ଅଧିକାରୀ ତଥା ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଏହି କାର୍ଯ୍ୟର ତଦାରଖ କରିଥିଲେ ।

### ଏଏମ୍/ ଏନ୍ଏସ୍ ଇଣ୍ଡିଆ ଏନ୍ଇସିଏ ୨୦୨୫ରେ

# ଶ୍ରେଷ୍ଠ ନବସୃଜନ ପୁରସ୍କାରରେ ସମ୍ମାନିତ



ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍ / ଏନ୍ଏସ୍ ଇଣ୍ଡିଆ) କୁ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏବଂ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଜାତୀୟ ଉର୍ଜା ସଂରକ୍ଷଣ ପୁରସ୍କାର (ଏନଇସିଏ) ୨୦୨୫ ରେ ଶ୍ରେଷ୍ଠ ଉଦ୍ଭାବକ ପୁରସ୍କାରରେ ସମ୍ମାନିତ କରାଯାଇଛି। ରବିବାର ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଶକ୍ତି ମନ୍ତ୍ରୀ ମନୋହର ଲାଲ ଖଟ୍ଟର ଏହି ପୁରସ୍କାର ପ୍ରଦାନ କରିଥିଲେ। ଏଏମ୍ /ଏନ୍ଏସ୍ ଇଣ୍ଡିଆ ତରଫରୁ ଗୁଜୁରାଟର ହାଜିରା ପ୍ଲାଣ୍ଟରେ ହଟ୍ ମେଟାଲ୍ ଡେଲିଭରିର ମୁଖ୍ୟ ବାଇଜୁ ମସରାନୀ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ଉର୍ଜା ସଂରକ୍ଷଣ ଦିବସ ୨୦୨୫ ଉତ୍ସବ ମଧ ପାଳନ କରାଯାଇଥିଲା । ଉର୍ଜା ଦକ୍ଷତା କ୍ଷେତ୍ରରେ ଭାରତର ସର୍ବୋଚ୍ଚ ମାନ୍ୟତା ମଧ୍ୟରୁ ଏନଇସିଏ ଅନ୍ୟତମ; ଏହା ନବସୃଜନ ସମେତ ସାତୋଟି ବର୍ଗରେ ସଫଳତାକୁ ମାନ୍ୟତା ପ୍ରଦାନ କରିଥାଏ । ହାଜିରା ପ୍ଲାଣ୍ଟର ଷ୍ଟିଲ୍ ମେକିଂ ପ୍ଲାଣ୍ଟ-୨ ପ୍ରକଳ୍ପ (ଏସଏମପି-୨) ପାଇଁ ଏଏମ୍ / ଏନ୍ଏସ୍ ଇଣ୍ଡିଆକୁ ଶିଳ୍ପ ବର୍ଗରେ ଉର୍ଜା ଦକ୍ଷତା ନବସୃଜନ ପାଇଁ ଚୟନ କରାଯାଇଥିଲା । ଏହି ପୁରସ୍କାର ଇସ୍ପାତ ନିର୍ମାଣକୁ ଡିକାର୍ବୋନାଇଜ୍ କରିବା ଏବଂ ପରିଚାଳନାଗତ ନବସୃଜନ ମାଧ୍ୟମରେ ଉଚ୍ଚମାନର ମାନଦଣ୍ଡ ପ୍ରତିଷ୍ଠା କରିବା ଦିଗରେ ଏଏମ୍/ ଏନଏସ୍ ଇଣ୍ଡିଆର ନେତୃତ୍ୱ ପ୍ରତି ଏକ ସମ୍ମାନ ।

### ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ

# ପିସିସି ପକ୍ଷରୁ ବିଜେପି ରାଜ୍ୟ କାର୍ଯ୍ୟାଳୟ ଘେରାଉ



ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାର କ୍ରମାଗତ ଭାବରେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଦୁରୁପଯୋଗ କରୁଛି । ମିଥ୍ୟା ମାମଲାରେ କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ କେସରେ ଫସାଇ ଦୀର୍ଘବର୍ଷ ଧରି ହଇରାଣ ହରକତ କରିଥିଲା । ସୁପ୍ରିମକୋର୍ଟ ନ୍ୟାସନାଲ ହେରାଲ୍ଡ ମାମଲାରେ ଶ୍ରୀମତୀ ଗାନ୍ଧୀ ଓ ଶ୍ରୀ ଗାନ୍ଧୀଙ୍କୁ ସଂପୂର୍ଣ୍ଣ ଦୋଷମୁକ୍ତ କରିଛି । ଫଳରେ ବୁଧବାର କଂଗ୍ରେସର ଏକ ନୈତିକ ବିଜୟ ପାଇଛି । ଏହା ସହିତ ବିଜେପିର ପ୍ରତିହିଂସା ପରାୟଣ ରାଜନୀତି ଦେଶ ଆଗରେ ଉଜାଗର ହୋଇଛି । ପୁଣି ସରକାର ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରୁଛି । ଯାହା ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣିତ କୋଟି କୋଟି ଭାରତୀୟଙ୍କ ମନରେ ଆଘାତ ଦେଇଛି । ତେଣୁ ବିଜେପି ସରକାରର ସମ୍ବିଧାନ ଓ ଗଣତନ୍ତ୍ର ବିରୋଧି କାର୍ଯ୍ୟକଳାପ ବିରୋଧରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଂଗ୍ରେସ ଭବନ ଠାରୁ ବାହାରି ବିଜେପି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇ ଘେରାଉ କରିଥିଲା । କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ରାମଚନ୍ଦ୍ର କାଡାମ, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ସିଦ୍ଧାର୍ଥ ସ୍ୱରୂପ ଦାଶ, ଅରବିନ୍ଦ ଦାସ, ଅମିୟ ପଟ୍ଟନାୟକ, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ମିନାକ୍ଷି ବାହିନୀପତି, ଚିନ୍ମୟ ପ୍ରସାଦ ବେହୁରା, ମାନସ ଆଚାର୍ଯ୍ୟ, ପ୍ରଦୀପ୍ତ ଦାସ, ମାନସ କର, ସତ୍ୟବ୍ରତ ନାୟକ, ଅଶୋକ ଦାସ, ଜୟଶ୍ରୀ ପଟ୍ଟନାୟକ, ପ୍ରଶାନ୍ତ ବିଶୋଇ, ନିରଞ୍ଜନ ଲେଙ୍କା, ଆଲୋକ ମହାନ୍ତି, ମଧୁସ୍ମିତା ଆଚାର୍ଯ୍ୟ, ଜୟଶ୍ରୀ ପାତ୍ରଙ୍କ ସହ ହଜାର ହଜାର ସଂଖ୍ୟାରେ ଯୁବ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ଯୋଗଦାନ କରିଥିଲେ ।

### ନୂଆବର୍ଷ ଓ ବଡ ଦିନକୁ ଦୃଷ୍ଟିରେ ରଖି

# ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉଛି ପୋଲିସ : ଏସ୍‌ପି

ପୁରୀ, (ସବ୍ୟୁ) : ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଆଗକୁ ନୂଆବର୍ଷ ଆସୁଛି । ମହାପ୍ରଭୁଙ୍କ ଦର୍ଶନ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବା ପାଇଁ ପୁରୀକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନ ହେବାରେ ଲାଗିଛି । ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛି ପୁରୀ ପୋଲିସ । ଶ୍ରୀମନ୍ଦିର ସମେତ ପୁରୀ ବେଳାଭୂମି, କୋଣାର୍କ, ଚନ୍ଦ୍ରଭାଗା, ସାତପଡ଼ା ଆଦି ପୁରୀ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ ବେଳାଭୂମିରେ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ପାଟ୍ରୋଲିଂ କରିବା ସହିତ ଦାଗି ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପୁରୀ ଏସପି ପ୍ରତୀକ ସିଂ । ପୁରୀ ସହରର ସମସ୍ତ ପ୍ରବେଶ ପଥ ସହ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ପୋଲିସ ପକ୍ଷରୁ ନାକା ଲଗାଯାଇ ଗାଡ଼ିଗୁଡିକୁ କଡ଼ାକଡ଼ି ଯାଞ୍ଚ କରିବା ପାଇଁ ନିଷ୍ପତ୍ତି ହୋଇଛି । ସେହିପରି ହୋଟେଲରେ ରହୁଥିବା ପ୍ରତ୍ୟେକ ଲୋକଙ୍କ ସଠିକ୍ ପରିଚୟ ପତ୍ର ରଖିବା ପାଇଁ ହୋଟେଲ ଆସୋସିଏସନ୍ ସହିତ ଆଲୋଚନା କରାଯାଇଛି । ଅନଲାଇନରେ ହୋଟେଲ ବୁକିଂ ବେଳେ ପର୍ଯ୍ୟଟକ ଯେଭଳି ସାଇବର ଠକେଇର ଶିକାର ନ ହୁଅନ୍ତି ସେନେଇ ସମସ୍ତ ହୋଟେଲଗୁଡିକ ସତର୍କ ରହିବା ସହିତ ନିଜର ହୋଟେଲ ଓ୍ୱେବସାଇଟକୁ ନିୟମିତ ଯାଞ୍ଚ କରିବାକୁ ପୋଲିସ ପକ୍ଷରୁ ସମସ୍ତ ହୋଟେଲକୁ ନିର୍ଦ୍ଦେଶ ଦିଆଯାଇଛି । ବଡ ଦିନ ଓ ଇଂରାଜୀ ନୂଆବର୍ଷ ପାଇଁ ପୋଲିସ୍ ପ୍ରଶାସନର ଆଗୁଆ ପ୍ରସ୍ତୁତି । ବଡ ଦିନ ଓ ଇଂରାଜୀ ନବବର୍ଷରେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଭକ୍ତ।ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ। ପୋଲିସ ପକ୍ଷରୁ ୬୦ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ହେବେ। ହୋଲ୍ଡିଂ ଏରିଆ କୁ ବଢାଯିବା ସହ, ଟ୍ରାଫିକ ଓ ଏନଫୋର୍ସମେଣ୍ଟକୁ ଦିଆଯାଇଛି ଗୁରୁତ୍ୱ । ୨୫ ତାରିଖ ରୁ ଭିଡ ଓ ଜାନୁଆରୀ ୧ ରେ ଭକ୍ତଙ୍କ ଭିଡ ପିକ ଆକଳନ କରୁଛି ପୋଲିସ । ପୂର୍ବରୁ ପୋଲିସ ଡିଜି ସମୀକ୍ଷା କରିଛନ୍ତି ।ଦର୍ଶନ ପାଇଁ ଡିଟେଲସ ଏସଓପି ପ୍ରସ୍ତୁତି କରୁଛି ପୋଲିସ ।ସେପଟେ ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ଼ କରାଯାଉଅଛି ।ଆବଶ୍ୟକ ପଡିଲେ ବ୍ୟାରିକେଡ଼ ସମ୍ପ୍ରସାରିତ ହେବ କହିଛନ୍ତି ପୋଲିସ ଏସପି ।ଅନ୍ୟପଟରେ ପୋଲିସ ପକ୍ଷରୁ ୬ ଟି କ୍ୱିକ ରେସ୍ପନ୍ସ ଟିମ୍ , ଫାୟାର ରେସ୍କୁ ଟିମ ସହିତ ପ୍ରସ୍ତୁତ ହୋଇ ରହିଛି । ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପୁରୀ ବେଳାଭୂମିରେ ବୁଲିବୁଲି କରିବେ । ପୁରୀ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ମଧ ବୁଲାବୁଲି ପାଇଁ ଯିବେ । ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀରେ ଆମେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିଛୁ । ପର୍ଯ୍ୟଟକମାନେ ଯେଭଳି କିଛି ଅସୁବିଧା ସମ୍ମୁଖୀନ ହେବେନାହିଁ ସେ ଦିଗରେ ପୋଲିସ କାର୍ଯ୍ୟ କରୁଛି । ପର୍ଯ୍ୟଟକଙ୍କ କିଛି ଅସୁବିଧା ହେଲେ ସେମାନଙ୍କୁ ସହଯୋଗ କରିବାକୁ ସବୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ହୋଟେଲରେ ରହୁଥିବା ବ୍ୟକ୍ତି ସଠିକ୍ ପରିଚୟ ପତ୍ର ରଖିବା, ପୋଲିସର ନିର୍ଦ୍ଦେଶ ମାନିବାକୁ ସବୁ ହୋଟେଲକୁ କୁହାଯାଇଛି ।

### ଇନଷ୍ଟାଗ୍ରାମରେ ଶ୍ରୀମନ୍ଦିର ରତ୍ନ ସିଂହାସନ୍ ଫଟୋ ଭାଇରାଲ୍ ନେଇ ଥାନାରେ ଏତଲା

ପୁରୀ, (ସବ୍ୟୁ) : ପୁଣି ଶ୍ରୀମନ୍ଦିର ସୁରକ୍ଷା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି । ସୋସିଆଲ ମିଡିଆରେ ଆଶୀର୍ବାଦ ୯୪୫ ନାମକ ଜଣେ ବ୍ୟକ୍ତି କରିଛନ୍ତି ଭାଇରାଲ। ରତ୍ନସିଂହାସନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ହୋଇଛି ଭାଇରାଲ। ଅତି ନିକଟରୁ ଫଟୋ ନିଆଯାଇଥିବା ଦେଖିବାକୁ ମିଳିଛି। ବ୍ୟକ୍ତି ଜଣକ କିଭଳି ଶ୍ରୀମନ୍ଦିର ଭିତରେ ଫଟୋ ଉଠାଇଛନ୍ତି ତାହାର ତଦନ୍ତ ନିହାତି ଜରୁରୀ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଛି। ଏହି ଖବର ସୋସିଆଲ ମିଡିଆରେ ଭାଇରଲ ହେବା ପରେ ପୋଲିସ ସିଂହଦ୍ୱାର ଥାନାରେ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ପୋଲିସ ଭିଯୋଗ ଆଧାରରେ ସିଂହଦ୍ୱାର ଥାନା କେସ ନଂ ୨୩୩ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଶ୍ରୀଜଗନ୍ନାଥ ଟେମ୍ପଲ ଆଇନ ଧାରା ୩୦(କ) ୪ ସି ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି ବୋଲି କହିଛନ୍ତି ପୁରୀ ଏସପି ପ୍ରତୀକ ସିଂ । ଶ୍ରୀମନ୍ଦିର ସୁରକ୍ଷା ଉପରେ ମଧ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସେବାୟତ ।

### ନବୀନ ପଟ୍ଟନାୟକଙ୍କୁ ଭେଟିଲେ ନୂଆପଡା ବିଜେଡି ନେତା

# ଉପନିର୍ବାଚନ ଓ ଚାଷୀଙ୍କ ସମସ୍ୟା ବିଷୟରେ କଲେ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ): ନୂଆପଡା ବିଜୁ ଜନତା ଦଳ ର ନେତା ମାନେ ଆଜି ପୂର୍ବାହ୍ନ ରେ ନବୀନ ନିବାସ ରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ନିକଟରେ ଶେଷ ହୋଇଥିବା ନୂଆପଡା ଉପ ନିର୍ବାଚନ ଓ ଧାନ ମଣ୍ଡି ରେ ଜିଲ୍ଲା ର ଚାଷୀ ମାନେ ସମୁଖୀନ ହେଉ ଥିବା ସମସ୍ୟା ବିଷୟରେ ଶ୍ରୀ ପଟ୍ଟନାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଦ୍ୟ ସମାପ୍ତ ନୂଆପଡା ଉପନିର୍ବାଚନ ରେ ହୋଇଥିବା ଅନିୟମିତତା ସମ୍ପର୍କରେ ସେମାନେ ବିଜେଡି ସଭାପତି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ. ସେହିପରି ଧାନ ସଂଗ୍ରହ ରେ ନୂଆପଡା ଜିଲ୍ଲା ରେ ଚାଷୀମାନେ ସମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ସେମାନେ ଶ୍ରୀ ପଟ୍ଟନାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀ ରେ ନୂଆପଡା ବିଧାୟକ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ, ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ର, ଜିଲ୍ଲା ପରିଷଦ ଉପସଭାପତି ଭାନୁ ପ୍ରସାଦ ସିଂହ ମାଝୀ ଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଓ ଅନ୍ୟ ନେତା ମନେ ଉପସ୍ଥିତ ଥିଲେ ।

### ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ ରିଫାଇନାରୀ କ୍ଷମତାକୁ

# ୫ ଏମଟିପିଏ ପର୍ଯ୍ୟନ୍ତ ସମ୍ପ୍ରସାରଣ ସହିତ ଆଲୁମିନା ଉତ୍ପାଦନରେ ନୂତନ ରେକର୍ଡ ସ୍ଥାପନ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସଫଳତାର ସହିତ ଏହାର ଲାଞ୍ଜିଗଡ଼ ରିଫାଇନାରୀ କାର୍ଯ୍ୟକୁ ବାର୍ଷିକ ୫ ନିୟୁତ ଟନ୍ (ଏମଟିପିଏ) ପର୍ଯ୍ୟନ୍ତ ବୃଦ୍ଧି କରିଛି, ଯାହା କମ୍ପାନୀର ଅଭିବୃଦ୍ଧି ଯାତ୍ରାରେ ଏକ ଐତିହାସିକ ପଦକ୍ଷେପ ଏବଂ ଆଲୁମିନିୟମରେ ଭାରତର ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ସମ୍ପ୍ରସାରଣ ସହିତ, ବେଦାନ୍ତ ଲାଞ୍ଜିଗଡ଼ ବର୍ତମାନ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଆଲୁମିନା ରିଫାଇନାରୀ (ପୂର୍ବ ଚୀନ୍) ଭାବରେ ସ୍ଥାନ ପାଇଛି, ଯାହା ଭାରତର ମୋଟ ଆଲୁମିନା ରିଫାଇନାରୀ କ୍ଷମତାକୁ ପ୍ରାୟ ୧୩ ଏମଟିପିଏ ପର୍ଯ୍ୟନ୍ତ ବୃଦ୍ଧି କରିଛି ଏବଂ ଦେଶକୁ ବିଶ୍ୱ ସ୍ତରରେ ତୃତୀୟ ସର୍ବବୃହତ ଉତ୍ପାଦକ ଭାବରେ ସ୍ଥାନିତ କରିଛି। ଲାଞ୍ଜିଗଡ଼ ସୁବିଧା କେବଳ ଭାରତର ମୋଟ ଆଲୁମିନା ଉତ୍ପାଦନର ୩୮% ଯୋଗଦାନ କରିଥାଏ ଏବଂ ଏହା ଏବେ ଦେଶର ସର୍ବବୃହତ ଏକକ-ସ୍ଥାନ ଆଲୁମିନା ରିଫାଇନାରୀ



ଭାବରେ ଉଭାହୋଇଛି। ଏହି ମାଇଲଖୁଂଟ ଭାରତ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଆଲୁମିନିୟମ ଇକୋସିଷ୍ଟମ ଗଠନ ପ୍ରତି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି, କାରଣ ଭିତିଭୂମି, ଅଟୋମୋଟିଭ୍ ଏବଂ ଇଭି, ନବୀକରଣୀୟ ଶକ୍ତି, ନିର୍ମାଣ, ରେଳବାଇ ଏବଂ ମହାକାଶ ଭଳି କ୍ଷେତ୍ରଗୁଡ଼ିକରେ ଘରୋଇ ଚାହିଦା ବୃଦ୍ଧି ପାଉଛି। ସମାନ୍ତରାଳ ଭାବରେ, ରିଫାଇନାରୀ ନଭେମ୍ବର ମାସରେ ଏହାର ସର୍ବାଧିକ ମାସିକ ଆଲୁମିନା ଉତ୍ପାଦନ ୨୫୪ କେଟି ହାସଲ କରିଛି, ଯାହା ମାସ-ପ୍ରତି-ମାସ ୮% ବୃଦ୍ଧି ଏବଂ ବର୍ଷ-ପ୍ରତି-ବର୍ଷ ପ୍ରଭାବଶାଳୀ ୬୮% ଅଭିବୃଦ୍ଧି ଦର୍ଶାଇଛି। ଏହି ରେକର୍ଡ ଉତ୍ପାଦନ ନିରନ୍ତର କାର୍ଯ୍ୟକ୍ଷମ ଉତ୍କୃଷ୍ଟତା ଏବଂ ଶୃଙ୍ଖଳିତ କାର୍ଯ୍ୟାନ୍ୱୟନକୁ ପ୍ରତିଫଳିତ କରେ, ଯେଉଁଥିରେ ୭୦୦ ରୁ ଅଧିକ ରେକ୍ ପରିଚାଳନା, ଗୋଟିଏ ମାସରେ ସର୍ବାଧିକ, ୨୦ ମାସରେ ସର୍ବନିମ୍ନ ନିର୍ଦ୍ଦିଷ୍ଟ ଶକ୍ତି ବ୍ୟବହାର ହାସଲ କରିବା ଏବଂ ଅପ୍ଟିମାଇଜ୍ ପ୍ରକ୍ରିୟା ଏବଂ ସମ୍ବଳ ଦକ୍ଷତା ମାଧ୍ୟମରେ ପରିବର୍ତନ ଖର୍ଚ୍ଚକୁ ୧୮ ମାସର ସର୍ବନିମ୍ନକୁ ହ୍ରାସ କରିବା ଅନ୍ତର୍ଭୁକ୍ତ ଅଟେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, “ଆଲୁମିନିୟମ ଏକ ରଣନୈତିକ ଧାତୁ, ଯାହା ଭାରତର ଶିଳ୍ପ ଅଭିବୃଦ୍ଧି ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣର କେନ୍ଦ୍ର। ଆମର ଲାଞ୍ଜିଗଡ଼ କାର୍ଯ୍ୟକୁ ୫ ଏମଟିପିଏ ପର୍ଯ୍ୟନ୍ତ ବୃଦ୍ଧି କରିବା ଉଭୟ କ୍ଷମତା ମାଇଲଖୁଂଟ ଏବଂ ଏକ ସ୍ଥିର, ବିଶ୍ୱସ୍ତରୀୟ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳ ଆଡ଼କୁ ଏକ ପଦକ୍ଷେପ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚୌଦ୍ୱାର,(ସ.ବ୍ୟୁ.) : ଟାଙ୍ଗୀ ଥାନା ଅନ୍ତର୍ଗତ କନ୍ଦରକଣା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ସ୍କୁଲର ଅଧକ୍ଷା ମିନି ଫିଲିପ୍ଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ମୁଖ୍ୟଅତିଥି, ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକ ମୁଖ୍ୟବକ୍ତା ଓ ୧୩ନମ୍ବର ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ଟାଙ୍ଗୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ଘଡ଼େଇ, ବନ୍ଦାଳୋ କ୍ଲଷ୍ଟରର ସିଆରସିସି ଭକ୍ତି ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏ ଅବସରରେ କ୍ରୀଡ଼ା ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାର ସମ୍ବର୍ଦ୍ଧିତ କରାଯାଇଥିଲା ।

### ରେରା ସଂଶୋଧିତ ଆଇନକୁ ବିରୋଧ, ଜାନୁଆରୀ ତୃତୀୟ ସପ୍ତାହରେ ଚୂଡ଼ାନ୍ତ ଶୁଣାଣି

କଟକ,(ସବ୍ୟୁ) : ରିଅଲ ଇଷ୍ଟେଟ୍ ଡେଭଲପ୍‌ମେଣ୍ଟ ଅଥରିଟି(ରେରା) ରେ ସଂଶୋଧିତ ଆଇନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ହାଇକୋର୍ଟ ଆଜି ଏହି ମାମଲାର ଶୁଣାଣି କରି ଜାନୁଆରୀ ତୃତୀୟ ସପ୍ତାହକୁ ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରିଛନ୍ତି । ସେହିଦିନ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ହେବ। ଆବେଦନକାରୀ ବିମଳେନ୍ଦୁ ପ୍ରଧାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ୩ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯେଉଁଥିରେ ରେରା ଆଇନରେ ଏକ ସଂଶୋଧନ ଅଣାଯାଇ ଯେଉଁମାନେ ୨୦୧୬ ପୂର୍ବରୁ ଆପାର୍ଟମେଣ୍ଟରେ ଫ୍ଲାଟ୍ କିଣିଛନ୍ତି ସେମାନଙ୍କୁ ଏହାକୁ ପଞ୍ଜୀକରଣ ପାଇଁ ସରଳୀକରଣ କରାଯାଇଥିଲା। ଫ୍ଲାଟ୍ ପଞ୍ଜୀକରଣ ବେଳେ ଅକୁପାନ୍ସି ସାର୍ଟିଫିକେଟ୍, ରେରା ସାର୍ଟିଫିକେଟ୍ ଏବଂ ଆପାର୍ଟମେଣ୍ଟ ଓନରର୍ସ ଆସୋସିଏସନ୍ ସାର୍ଟିଫିକେଟ୍ ଆଦିର କୌଣସି ଆବଶ୍ୟକତା ନାହିଁ ବୋଲି ଏହି ସଂଶୋଧୂତ ଆଇନରେ ସ୍ପଷ୍ଟ କରାଯାଇଥିଲା। ଆବେଦନକାରୀ ଦର୍ଶାଇଛନ୍ତି ଯେ, ପୂର୍ବରୁ କୌଣସି ଫ୍ଲାଟ୍ ପଞ୍ଜୀକରଣ ପାଇଁ ଉପରୋକ୍ତ ସମସ୍ତ ସାର୍ଟିଫିକେଟ୍ ବାଧ୍ୟତାମୂଳକ କରାଯାଇଥିଲା । କିନ୍ତୁ ଏବେ ଏସବୁ କୋହଳ କରିଦିଆଯିବା ଦ୍ୱାରା ଫ୍ଲାଟ୍ ପଞ୍ଜୀକରଣରେ ଯାବତୀୟ ବେଆଇନ କାର୍ଯ୍ୟ ଚାଲିବ ବୋଲି ଆବେଦନକାରୀ ଆଶଙ୍କାବ୍ୟକ୍ତ କରିଛନ୍ତି। ତେଣୁ ଏହି ନୂତନ ସଂଶୋଧୂତ ଆଇନକୁ ରଦ୍ଦ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ମୋହିତ୍ ଅଗ୍ରୱାଲ ପରିଚାଳନା କରୁଛନ୍ତି।

# ୫ ବର୍ଷୀୟା ନାବାଳିକାକୁ ଯୌନ ନିର୍ଯାତନା, ସଂପର୍କୀୟ ଦାଦା ଗିରଫ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବାରିପଦା ସଦର ଥାନା ଅନ୍ତର୍ଗତ ଏକ ଗ୍ରାମରେ ଏକ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ଏଠାରେ ସୂଚନାଯୋଗ୍ୟ ଯେ, ୫ ବର୍ଷୀୟା ନାବାଳିକାକୁ ଘର ପଛପଟ ଏକ ନିଛାଟିଆ ସ୍ଥାନକୁ ନେଇ ତାର ପଡୋଶୀ ଦାଦା ବିଭତ୍ସପୂର୍ଣ୍ଣ ଯୌନ ନିର୍ଯାତନା ଦେଉଥିବା ବେଳେ ନାବାଳିକାର କାନ୍ଦିବା ଶୁଣି ପାଖରେ ଥିବା ଅଭିଯୋଗକାରିଣୀଙ୍କ ଭଉଣୀ ପଶମାନି ବାଥ୍ରୁମ୍ ଘଟଣାସ୍ଥଳରେ ପହଞ୍ଚି ପାଟି କରିଥିଲେ । ଏହା ଶୁଣି ନାବାଳିକାର ମାଆ ଦୌଡ଼ି ଆସି ଉଭୟ ମିଶି ଝିଅକୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲେ । ଏହି ଘଟଣାକୁ ନେଇ ପୀଡିତା ନାବାଳିକାଙ୍କ ମା ବାରିପଦା ସଦର ଥାନାରେ ଲିଖିତ ଅଭିଯୋଗ କ୍ରମେ ୨୫୬/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ତଦନ୍ତକାରୀ ଅଧିକାରୀ ତଥା ଥାନା ଆଇଆଇସି ଏ.ପି. ଜେନାଙ୍କ ନେତୃତ୍ୱରେ ଅଭିଯୋଗକାରିଣୀ ଓ ନାବାଳିକାଙ୍କ ବୟାନ ଭିଡିଓଗ୍ରାଫି ସହ ରେକର୍ଡ କରାଯାଇଛି ।

# ଚାନ୍ଦା ନଦେବାରୁ ଟ୍ରକ କାଚ ଭାଙ୍ଗିବା ଘଟଣା, ୨ କୋର୍ଟ ଚାଲାଣ

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ଅଧିନସ୍ଥ ସମଲ ପୁଲିସ ଚାନ୍ଦା ନଦେବାରୁ ଟ୍ରକ କାଚ ଭାଙ୍ଗିବା ଘଟଣାରେ ୨ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ୨ଜଣ ହେଲେ ସମଲ ଥାନା ଖଇରନାଳି ଗ୍ରାମର ଅମରେଶ ଭୂଟିଆ (ଗୁଡ୍ଡୁ) (୨୩) ଓ ସୁଜିତ ପରିଡା (୨୩) । ପୁଲିସ ସୂତ୍ରରୁ ପ୍ରକାଶ ଯେ, କଣିହାଁ ଥାନା ଦଣ୍ଡସିଂହା ଗ୍ରାମର ଅଭୟ ମହାନ୍ତିଙ୍କ ଟ୍ରକ ଗତ ୯/୧୨/୨୦୨୫ ରିଖ ଦିନ ତାଳଚେରରୁ ଏନଟିପିସି ଅଭିମୁଖେ ଯାଉଥିବାବେଳେ ଅପରାହ୍ନ ପ୍ରାୟ ସାଢ଼େ ୪ଘଟିକା ସମୟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ଟ୍ରକକୁ ଅଟକାଇ ଡ୍ରାଇଭରଙ୍କୁ ଧମକାଇ ଦାଦା ବଟି ମାଗିଥିଲେ । ଡ୍ରାଇଭର ନଦେବାରୁ ଅଭିଯୁକ୍ତ ମାନେ ଗାଡିରେ ମିରର, ଆଗ କାଚ, ସାଇଡ କାଚ ଭାଙ୍ଗି ଫେରାର ହୋଇଯାଇଥିଲେ । ପରେ ଟ୍ରକ ମାଲିକ ଏଥିନେଇ ସମଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମୋକଦ୍ଦମା କରି ତଦନ୍ତ ଚଳାଇଥିଲା ।

# କିଡନୀ ରୋଗରେ ପୂର୍ବତନ କାଉନସିଲର

## ସହାୟତା ପାଇଁ ନିବେଦନ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଆଳତୁମା ବଡ଼ବନ୍ଧ ସାହିର ପୂର୍ବତନ କାଉନସିଲର ହାଡିବନ୍ଧୁ ପ୍ରଧାନ କିଡ଼ନୀ ରୋଗରେ ପୀଡିତ ହୋଇ ଆଜିକୁ ଛଅ ମାସ ହେବ ଶଯ୍ୟାଶାୟୀ ଅବସ୍ଥାରେ ଘରେ ପଡି ରହିଛନ୍ତି । ପରିବାରର ଆର୍ଥିକ ପରିସ୍ଥିତି ସମ୍ପୂର୍ଣ୍ଣ ଖରାପ ହୋଇଥିବା ଯୋଗୁ ନିଜର ଚିକିତ୍ସା କରାଇ ପାରୁନାହାନ୍ତି । ଯାହା ଫଳରେ ଚିକିତ୍ସା ପାଇଁ ସରକାରୀ ସହାୟତା କିମ୍ବା ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ କାମନା କରିଛନ୍ତି । ସୂଚନା ଅନୁସାରେ ହାଡ଼ିବନ୍ଧୁ ୧୯୯୨- ୯୭ ପର୍ଯ୍ୟନ୍ତ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ଜଣେ ପରୋପକାରୀ ଓ ଧର୍ମପ୍ରାଣ ବ୍ୟକ୍ତି ଭାବେ ହାଡ଼ିବନ୍ଧୁ ବେଶ ଜଣାଶୁଣା ଥିବାବେଳେ ଜଣେ ଦଣ୍ଡ ନୃତ୍ୟ କଳାକାର ଭାବେ ସେ ନିଜର ପରିବାର ପ୍ରତିପୋଷଣ କରୁଥିଲେ । ତେଣୁ କିଡ଼ନୀ ରୋଗ ଭଳି ଏକ ମାରାତ୍ମକ ରୋଗର ଚିକିତ୍ସା ପାଇଁ ଅନେକ ଅର୍ଥର ଆବଶ୍ୟକ ଥିବାରୁ, ତାଙ୍କୁ ତୁରନ୍ତ



ସରକାରୀ ସହାୟତା ଯୋଗାଇବାପାଇଁ କାମାକ୍ଷାନଗର ଅଞ୍ଚଳର ଯୁବ ସମାଜସେବୀ ହିମାଦ୍ରୀ ଦାସ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

# ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ କଲେ ମନ୍ତ୍ରୀ

ବୁଗୁଡ଼ା, (ସବ୍ୟୁ): ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଆନୁକୂଲ୍ୟରେ ଦୁଇଟି ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ହୋଇଯାଇଛି । ବୁଗୁଡ଼ା ବ୍ଲକର ମୁକୁନ୍ଦପୁର ଗ୍ରାମସ୍ଥ ଶିବମନ୍ଦିରଠାରୁ ମହୁଲପଲ୍ଲୀ ଗାଁ ଦେଇ ପାଣିକେଶ୍ୱର ଗ୍ରାମ ପର୍ଯ୍ୟନ୍ତ ୪ କୋଟି ୩ ଲକ୍ଷ ୮୮ ହଜାର ଟଙ୍କା ବ୍ୟୟରେ ୩ କିଲୋମିଟର ଏବଂ କାନକୁଟୁରୁ ଗ୍ରାମଠାରୁ ଠାରୁ ଗେଣ୍ଡୁଲି ଗ୍ରାମ ପର୍ଯ୍ୟନ୍ତ ୩ କୋଟି ୩୫ ଲକ୍ଷ ୩୯ ହଜାର ଟଙ୍କା ବ୍ୟୟରେ ୬ କିଲୋମିଟର ରାସ୍ତା ନିର୍ମାଣ ନିମନ୍ତେ ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଛି । ଉଭୟ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ସଂଜୀବ ପାତ୍ର , କନିଷ୍ଠ ଯନ୍ତ୍ରୀ ଭୁବନ ମୋହନ ନାୟକ ଓ ପପୁ ସାହୁ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ବ୍ଲକ ବିଧାୟକ ପ୍ରତିନିଧ ହରିକୃଷ୍ଣ ସାହୁ ଏବଂ ପଞ୍ଚାୟତବାସୀ ଉପସ୍ଥିତ ରହିଥିଲେ ।

# ଆସିକା ବଣିକ ସଂଘର କର୍ମକର୍ତ୍ତା ନିର୍ବାଚନ

ଆସିକା, (ସବ୍ୟୁ): ଆସିକା ବଣିକ ସଂଘର ସାଧାରଣପରିଷଦ ବୈଠକ କଳିଙ୍ଗା ରୋଡ ସ୍ଥିତ ନିଜସ୍ୱ ସଭା ଗୃହରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ଉପ ସଭାପତିଶ୍ରୀ ସଞ୍ଜୟ କୁମାର ପାତ୍ରଙ୍କ ଅଧକ୍ଷତାରେ ଉପସ୍ଥିତ ସଭ୍ୟ ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସଭାପତି ଇଂ ଅରୁଣ କୁମାର ପାତ୍ର ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ୨୦୨୬ ରୁ୨୦୨୮




ଅନୁଷ୍ଠିତ ସଭାରେ ସଂପାଦକ ସିମାଞ୍ଚଳ ପରିଡା, ପୂର୍ବତନ ସଭାପତି ଇଂ ଅରୁଣ କୁମାର ପାତ୍ର, ଯୁଗ୍ମ ସମ୍ପାଦକ କେ.ସତ୍ୟ ନାରାୟଣ ପାତ୍ର, କୋଷାଧ୍ୟକ୍ଷ ମନୋଜ କୁମାର ମୁନି ପ୍ରମୁଖ ମଞ୍ଚାସିନ ଥିଲେ । ସାଙ୍ଗଠାନିକ ଆଲୋଚନା ସହ ବର୍ଷପାଇଁ ସଭାପତି ଭାବେଶ୍ରୀ ସଞ୍ଜୟ କୁମାର ପାତ୍ର, ଉପସଭାପତି ରୂପେ ସିମାଞ୍ଚଳ ପରିଡା, ମନୋଜ କୁମାର ମୁନି, ସଂପାଦକ ରୂପେ କେ .ସତ୍ୟ ନାରାୟଣ ପାତ୍ର, ଯୁଗ୍ମ ସମ୍ପାଦକ ରୁପେ ପି ରାଜା ପାତ୍ର ଓ କୋଷାଧକ୍ଷ ରୂପେ ଡି ଦ୍ୱାରିକା ନାଥ ପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ସଭାରେ ୨୦୨୫ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ପାସ୍ କରିଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଓମ୍ ପ୍ରସାଦ ପାଢ଼ୀ ଓ ଆର୍ୟନ୍ ପବ୍ଲିକ ସ୍କୁଲ ର ଛାତ୍ରୀ ଭାଗ୍ୟଶ୍ରି ମିଶ୍ର ଏକ୍ସେଲେନ୍ସୀ ଆଓ୍ୱାର୍ଡ଼ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଟାଟା ପାଓ୍ୱାର କର୍ମଚାରୀ ଯୋଗେଦେଇ ପ୍ରଧାନମନ୍ତ୍ରୀ ମୁଫଫ ବିଜୁଳୀ ଯୋଜନା ସମ୍ପର୍କରେ ସମବେତ ସଭ୍ୟ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ସଂଘର ବାର୍ଷିକ ବଣଭୋଜି ଦାରିଙ୍ଗିବାଡି ଠାରେ କରିବା ଲାଗି ସ୍ଥିର କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପି ଶ୍ରୀନିବାସ ପାତ୍ର, ସୁନିଲ କୁମାର ସାହୁ, ଜିତେଶ ପାତ୍ର, ଶଙ୍କର ମୁନି, ଶିବା ପାତ୍ର, ଶଙ୍କର ସାହୁ, ଶତ୍ରୁଘ୍ନ ନାହାକ, ସଚ୍ଚିଦାନନ୍ଦ ମହାନ୍ତି, ସିମଞ୍ଚଳ ପ୍ରଧାନ, ଲାଲୁ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗୀ ଥିଲେ ।


# ପୁତୁରାକୁ ହତ୍ୟା କଲା ଦାଦା

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ସଦରଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ବିଜୁପୁର ସାହିରେ ପୁତୁରାକୁ ଦାଦା ହତ୍ୟା କରିଥିବାର ଅଭିଯୋଗ ହୋଇଛି । ଗୋବିନ୍ଦପୁର ପଂଚାୟତ ବିଜୁପୁରୁ ହୁଣ୍ଡୀ ସାହିରେ ଦାଦା ବାନା ନାଏକ ଓ ପୁତୁରା ମାନସ ନାଏକଙ୍କ ମଧ୍ୟରେ ଜାଗା ବାଡ଼ିକୁ ନେଇ ପୂର୍ବରୁ କଳହ ଲାଗି ରହିଥିଲା । କୌଣସି କାରଣରୁ ମଙ୍ଗଳବାର ପୁତୁରା ମାନସ ଓ ଦାଦାଙ୍କ ମଧ୍ୟରେ ପୁନର୍ବାର ଝଗଡା ହୋଇଥିଲା । ଏଥିରେ ଦାଦା ବାନା ଉତକ୍ଷିପ୍ତ ହୋଇ ପୁତୁରା ମାନସଙ୍କ ମୁଣ୍ଡକୁ ବାଡ଼ିରେ ବାଡେଇ ବାଡେଇ ଲହୁଲୁହାଣ କରିଦେଇଥିଲେ । ପରିବାର ଲୋକ ଗୁରୁତର ଅବସ୍ଥାରେ ମାନସକୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୁଧବାର ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି ।

## ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପକ୍ଷରୁ

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ, ଅଖଣ୍ଡ ମୟୂରଭଞ୍ଜ ଗଠନ ଲାଗି ଉଠିଲା ଦାବି

ବାରିପଦା, (ସବ୍ୟୁ) : ଓଡ଼ିଶାରେ ମିଶ୍ରଣ ସମୟରେ ମୟୂରଭଞ୍ଜ ରାଜ୍ୟରୁ ତକାଳୀନ ବିହାର ଓ ପଶ୍ଚିମବଙ୍ଗରେ ମିଶିଥିବା ଅଂଶକୁ ଫେରାଇ ଆଣି ପୁନର୍ବାର ମୟୂରଭଞ୍ଜରେ ମିଶାଯାଉ ବୋଲି ଦାବୀ କରିଛନ୍ତି ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ । ଜିଲ୍ଲା ବିଭାଜନ ପ୍ରସଙ୍ଗରେ ତାଙ୍କ ମତାମତ ଲୋଡା ଯିବାରୁ ସେ ଏହା କହିଛନ୍ତି । ପ୍ରଶାସନିକ ସୁବିଧା ଓ ଉନ୍ନୟନର ବାହାନା କରି ଜିଲ୍ଲା ବିଭାଜନକୁ ସେ ତୀବ୍ର ବିରୋଧ କରିଛନ୍ତି । ଯଦି ବିଭାଜନ କଲେ ହିଁ ବିକାଶ ହେବ ତାହେଲେ ଦୁଇ କାହିଁକି ବରଂ ମୟୂରଭଞ୍ଜର ଚାରି ଗୋଟି ସବ୍‌ଡିଭିଜନକୁ ଗୋଟିଏ ଲେଖା ଜିଲ୍ଲା କରାଯାଉ ବୋଲି ଶ୍ରୀ ଭଞ୍ଜଦେଓ କହିଛନ୍ତି । ପାଞ୍ଚପୀଢ଼, ବାମନ ଘାଟି, କପ୍ତିପଦା ଓ ସଦର ସବ୍-ଡିଭିଜନର ଲୋକ ସଂଖ୍ୟା ଏବଂ ଆୟତନ ଗୋଟିଏ ଗୋଟିଏ ଜିଲ୍ଲା ହେବା ପାଇଁ ଯଥେଷ୍ଟ ବୋଲି ସେ କହିଛନ୍ତି । ତେବେ ଯେଉଁ ମୟୂରଭଞ୍ଜ ଦିନେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ଆଜି ସେହି ପ୍ରଦେଶର ସରକାର ଲୋକଙ୍କ ଆବେଗକୁ ଭ୍ରୁକ୍ଷେପ ନକରି ମୟୂରଭଞ୍ଜକୁ ଭାଙ୍ଗିବାକୁ ବସିଚି ବୋଲି ଶ୍ରୀ ଭଞ୍ଜଦେଓ କ୍ଷୋଭ ପ୍ରକାଶ କରି କହିଛନ୍ତି । ସ୍ଥାନୀୟ ବାରିପଦା ବେଲଗଡିଆ ସ୍ଥିତ ରାଜପ୍ରାସାଦରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ଆନୁକୁଲ୍ୟରେ ୧୫୫ତମ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳନ ଅବସରରେ ଶ୍ରୀ ଭଞ୍ଜଦେଓ ନିଜର କ୍ଷୋଭ ପ୍ରକାଶ କରିଛନ୍ତି । ଫୋରମର ସଭାପତି ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏଥିରେ



ପୌରହିତ୍ୟ କରିଥିଲେ । ଫୋରମର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପ୍ରାରମ୍ଭରେ ଜିଲ୍ଲା ବିଭାଜନକୁ ନେଇ ରାଜନୈତିକ ଅଭିସନ୍ଧିକୁ ତୀବ୍ର ବରୋଧ କରିଥିଲେ । ଓଡ଼ିଶା କୁ ମୟୂରଭଞ୍ଜ ରାଜ୍ୟ ଯାହା ଦେଇଛି ତାହା ପ୍ରତିବଦଳରେ କଣ ପାଇଛି ବୋଲି ପ୍ରଶ୍ନ କରିଛନ୍ତି । ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ଗବେଷକ ପ୍ରଫେସର ଡ଼ଃ ଅମ୍ବିକା ପ୍ରସନ୍ନ ଦାସ ଯୋଗଦେଇ କହିଛନ୍ତି ଯେ, ମହାରାଜାଙ୍କ ଅବଦାନରେ ଓଡ଼ିଶା ହସିଛି, ଓଡ଼ିଆ ଭାଷା ନୂଆ ପରିଚୟ ଛୁଇଁଛି । କିନ୍ତୁ ପ୍ରତିବଦଳରେ ମୟୂରଭଞ୍ଜ ବହୁ ଜିନିଷ ପାଇବାକୁ ରହିଥିବାବେଳେ ସେପରି କିଛି ହୋଇନି । ମୟୂରଭଞ୍ଜରେ ୪ ପିଢୀର ଭଞ୍ଜ ଶାସନ ପ୍ରଣାଳୀକୁ ସମଗ୍ର ଦେଶରେ ବିରଳ ବୋଲି ସେ ବର୍ଣ୍ଣନା କରିବା ସାଙ୍ଗକୁ ତାହା ତକାଳୀନ ବ୍ରିଟିଶ ରାଜକୁ ମଧ୍ୟ ଚକିତ କରି ଆସିଥିଲା ବୋଲି ପ୍ରଫେସର ଦାସ କହିଛନ୍ତି । ସ୍ୱର୍ଗତ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ବ୍ୟକ୍ତିତ୍ୱ ସେତେବେଳେ ସମସ୍ତଙ୍କ ପାଇଁ ଉଦାହରଣ ସାଜିଥିଲା ବୋଲି ସେ ତଥ୍ୟ ଭିତ୍ତିକ ମତବ୍ୟକ୍ତ କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରଓ୍ୱାଲା, ବ୍ରହ୍ମ ସମାଜର ରଞ୍ଜନ ବାନାର୍ଜି, ଶିକ୍ଷାବିତ୍ ସନ୍ଦୀପ ଚାନ୍ଦ, କୁଡୁମି ସେନା ପ୍ରତିଷ୍ଠାତା ଜୈମୁନି କୁମାର ମହାନ୍ତ, ପଣ୍ଡିତ ଭାଗବତ ପଣ୍ଡା, ବରିଷ୍ଠ ଆଇନଜୀବି ତଥା ଗବେଷକ ବିଭୁ ପ୍ରସାଦ ଦାସ ପ୍ରମୁଖ ମଧ୍ୟ ବକ୍ତବ୍ୟ ରଖିଥିଲେ । ସଭା ଶେଷରେ ଫୋରମ ବାର୍ଷିକ ଉତ୍ସବ ଆସନ୍ତା ନବବର୍ଷ ପହିଲାରେ ୭୭ତମ ମୟୂରଭଞ୍ଜ ମିଶ୍ରଣ ଦିବସ ଅବସରରେ ପାଳନ କରାଯିବ ଓ ଦୁଇ ପ୍ରମୁଖ ପ୍ରତିଭାଙ୍କୁ ମୟୂରଭଞ୍ଜ ସିଟିଜେନ୍ ଆଓ୍ୱାର୍ଡ ପ୍ରଦାନ କରାଯିବ ବୋଲି ଫୋରମର ସମ୍ପାଦକ ବିଭୁଦତ୍ତ ଦାସ ସୂଚନା ଦେଇଥିଲେ । ଫୋରମ୍‌ର ବରିଷ୍ଠ ସଦସ୍ୟ ରାଜକିଶୋର ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଧାନଗଦା ଖାଇଗଲେ ହାତୀପଲ, ଚାଷୀ ମୁଣ୍ଡରେ ହାତ

ବଇଣ୍ଡା, (ସବ୍ୟୁ): ଆଠମଲ୍ଲିକ ବନଖଣ୍ଡ ହଣ୍ଡପା ବନାଞ୍ଚଳ ଅଧିନସ୍ଥ ଗାଁ ବଇଣ୍ଡା ପଂଚାୟତ ଅନ୍ତର୍ଗତ ବଡହୁଲା ଗ୍ରାମର ଦଳିତ ସାହିର ନବୀନା ନାଏକଙ୍କ ଧାନ ଗଦାକୁ ଗତ ରାତିରେ ହାତୀପଲ ଆସି ସମ୍ପୂର୍ଣ୍ଣ ଖାଇଦେଇ ଚାଲି ଯାଇଥିବା ଦେଖିବାକୁ ମିଳିଛି । ସୂଚନା ନେବାରେ ଜଣାଯାଏ କି ଅତି କଷ୍ଟରେ ଧାନ ଚାଷ କରି ସମସ୍ତ ଧାନ କାଟି ୨୦୦ ର ଉର୍ଦ୍ଧ୍ୱବିଡ଼ାବାନ୍ଧି ଗଦା ମାରି ରଖାଯାଇଥିଲା । ତା ପରଦିନ ମେସିନରେ ଧାନ ମଳି ଘରକୁ ଆଣିବାର ଭାବନା ଥିଲେ ମଧ୍ୟ ନବୀନା ନାଏକ ଙ୍କ ର ଭାବନା, ଭାବନାରେ ହିଁ ରହିଗଲା । ଦୁଃଖର ବିଷୟ ଅଚାନକ ରାତି ଅଧର ହାତୀପଲ ଆସି ଧାନ ଗଦା କୁ ସମ୍ପୂର୍ଣ୍ଣ ଭାବେ ଖାଇ ଦେଇ ଚାଲି ଯାଇଥିବା ଦେଖିବାକୁ ମିଳିଛି । ଉକ୍ତ ଘଟଣାକୁ ହଣ୍ଡପା ବନାଞ୍ଚଳ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ଅଭିଯୋଗ ପାଇ ହଣ୍ଡପା ବନବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଂଚି ହାତୀପଲ ଖାଇଥିବା ଧାନ ଗଦାକୁ ଅନୁଧ୍ୟାନ କରି ଅନଲାଇନ ମାଧ୍ୟମରେ ଜଣାଇବାକୁ ପରାମର୍ଶ ଦେଇଥିଲେ ।

# ଦୁଇଦିନ ହେଲା ନାବାଳିକା ନିଖୋଜ

ରେଙ୍ଗାଳି, (ସବ୍ୟୁ): ରେଙ୍ଗାଳି ଥାନା ଅଞ୍ଚଳରୁ ଗତ ୧୫ତାରିଖ ରାତି ଆଠଟା ବେଳେ ଶତର ବର୍ଷର ନାବାଳିକା ଝିଅ ଘରୁ ନିଖୋଜ ଥିବା ନେଇ ଝିଅର ବାପା ୧୬ ତାରିଖରେ ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ ଦେନାଳି ଗାଁର ଜଣେ ଯୁବକ ତାଙ୍କ ଝିଅକୁ ନେଇ ଯାଇଥିବା ସନ୍ଦେହ କରି ସେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ରେଙ୍ଗାଳି ପୋଲିସ କେଶ ନଂ ୨୨୮/୨୫ରେ ଏକ ଅପହରଣ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଥିବା ଆଇଆଇସି ବିଶ୍ୱମ୍ବର ପ୍ରଧାନ ସୂଚନା ଦେଇଛନ୍ତି ।

## ମହଙ୍ଗା ପଡିଲା ଲାଞ୍ଚନେବା

# ପୂର୍ବତନ ବାରଦା ପିଇଓଙ୍କୁ ୩ ବର୍ଷ କାରାଦଣ୍ଡ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ବାରଦା ପଞ୍ଚାୟତ ତଥା ହିନ୍ଦୋଳ ବ୍ଲକ ଅସରଡା ପଞ୍ଚାୟତର ପୂର୍ବତନ ପଞ୍ଚାତ ଅଧିକାରୀ ବିଜୁ ପକ୍କା ଘରପାଇଁର୍ ୧୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଢେଙ୍କାନାଳ ଭିଜିଲାନ୍ସ ସ୍ପେସାଲ ଜଜ ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବାର ଜଣାପଡିଛି । ବାରଦାର ପୂର୍ବତନ ପିଇଓ ଜଣେ ହିତାଧିକାରୀଙ୍କ ଠାରୁ ବିଜୁ ପକ୍କା ଘର ପାଇଁ ଦଶ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ । ଏହି ମାମଲାରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିବା ସହିତ ଏହା ଭିଜିଲାନ୍ସ ଅଦାଲତରେ ବିଚାରାଧୀନ ରହିଥିଲା । ଏହି ମାମଲାର ବିଚାର କରି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ତ୍ରିନାଥ ସେଠୀଙ୍କୁ ତିନି ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବାର ଜଣାପଡିଛି । ଓଡିଶା ଭିଜିଲାନ୍ସ ବିଭାଗ ତାଙ୍କୁ ଚାକିରୀରୁ ବହିଷ୍କାର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣାପଡିଛି ।

# ଚିନ୍ମୟ ମହାକୁଡ଼ଙ୍କ ଅକାଳ ବିୟୋଗ

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଖଡ଼ରାପଡ଼ା ଗ୍ରାମର ପେଟ୍ରୋଲ ପମ୍ପ ମାଲିକ ଚିନ୍ମୟ ମହାକୁଡ଼ଙ୍କ (୩୮) ଙ୍କ ଅକାଳ ବିୟୋଗ ଘଟିଛି । ସ୍ୱର୍ଗତ ଚିନ୍ମୟ ପୂର୍ବତନ ସରପଞ୍ଚ ଘାସି ନାଥ ମହାକୁଡ଼ ଓ ବର୍ତମାନର



ଆଠମଲ୍ଲିକ ବ୍ଲକ ଉପାଧକ୍ଷା ମମତା ମହାକୁଡ଼ଙ୍କ ଏକ ମାତ୍ର ପୁତ୍ର ଥିଲେ । ଚିନ୍ମୟ ମହାକୁଡ଼ କନ୍ଧପଡ଼ା ଗ୍ରାମରେ ମମତା ଫିଲିଙ୍ଗ ଷ୍ଟେସନ ନାମରେ ଏକ ପେଟ୍ରୋଲ ପମ୍ପ କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେଲା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ଜିଲ୍ଲାପ୍ରଶାସନ ପକ୍ଷରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ୧୫୫ତମ ଜୟନ୍ତୀ

ବାରିପଦା, (ସବ୍ୟୁ) : ଭଞ୍ଜମାଟିର ସୁବର୍ଣ୍ଣ ଯୁଗର ପ୍ରବର୍ତ୍ତକ ତଥା ନବ ଉକଳ ନିର୍ମାତାର ଅନ୍ୟତମ ବିନ୍ଧାଣୀ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ପବିତ୍ର ଜନ୍ମ ଜୟନ୍ତୀ ଜିଲ୍ଲାପ୍ରଶାସନ ପକ୍ଷରୁ ଆଜି ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲାପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବାରିପଦା ପୌରପାଳିକାର ମିଳିତ ସହଯୋଗରେ ଏହି ଦିବସ ଆୟୋଜିତ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା, ସମ୍ମାନୀୟା ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଃ, ବାରିପଦା ପୌରପାଳିକା ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଉପନଗରପାଳିକା ସୀମା ଦାସ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡାଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ବୃନ୍ଦ, ଆଦିବାସୀ ମୋର୍ଚ୍ଚାର ରାଜ୍ୟସଭାପତି କାହ୍ନା ସୋରେନ, ସମାଜସେବୀ ଶରତ ଚନ୍ଦ୍ର ନାୟକ, ବିରଜା ଦେବୀ, ପ୍ରତିଶ୍ରୁତି ସାହିତ୍ୟ ପତ୍ରିକାର ସମ୍ପାଦକ ଭାଗବତ ପ୍ରସାଦ ପଣ୍ଡା, ବିଭିନ୍ନ ଓ୍ୱାର୍ଡର କାଉନ୍‌ସିଲର, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବ୍ୟଛିବିଶେଷ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନେ ଉପସ୍ଥିତ



ରହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ, ଓଡିଆ ସାହିତ୍ୟ ଜଗତର ଜଣେ ମହାନ ପୃଷ୍ଠପୋଷକ ତଥା ଉନବିଂଶ ଶତାବ୍ଦୀର ଓଡିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ରାଜ୍ୟରେ ଉତ୍ତମ ପ୍ରଶାସନ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଭାଷା, ସାହିତ୍ୟ ଏବଂ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିଥିଲେ । ଖଣ୍ଡବିଖଣ୍ଡିତ ଓଡିଶାର ଏକିକରଣ ତଥା ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଯେଉଁ ଆନ୍ଦୋଳନର ସୂତ୍ରପାତ ହୋଇଥିଲା, ସେଥିରେ ଉକଳ ଗୌରବ ମଧୁସୂଦନଙ୍କୁ ସହାୟତା କରିବାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଥିଲେ ଆଗ୍ରଗଣ୍ୟ । ସେହି ପ୍ରବାଦ ପୁରୁଷ ମହାରାଜାଙ୍କ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପାଇଁ ଏଇ ମାଟି ଗର୍ବିତ ବୋଲି କହିଥିଲେ । ଏହି ଅବସରରେ ଅତିଥି ବୃନ୍ଦ ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ତର୍କ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିବା ବେଳେ ଏହି ଜନ୍ମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିବାବେଳେ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀକାନ୍ତ ବେହେରା, ସୁନିତା ମହାପାତ୍ର, ଲଳିତ ରଞ୍ଜନ ନାଏକ, ଛିତା ସୋରେନ, ରବି ନାରାୟଣ ନାଏକ, ଲିଜତ ପ୍ରଧାନ ଓ ଛୋଟରାୟ ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ର ଏକ ବିଶେଷ ଅଭିଯାନ କ୍ୟାଚ୍ ଦେମ୍‌ୟଙ୍ଗ: ଟର୍ଣ୍ଣିଂ ଡ୍ରିମ୍ସ୍ ଇନଫୁ ଭିକେଫାରିଜ୍ ଅଧୀନରେ ତୃଣମୂଳ ସ୍ତରରେ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାର ପ୍ରତିବଦ୍ଧତାକୁ ଦୋହରାଇଛି । ଡିସେମ୍ବର ୧୩ ଏବଂ ୧୪ ତାରିଖରେ ଆୟୋଜିତ ୬୨ତମ ଗଞ୍ଜାମ ଜିଲ୍ଲା ଆଥଲେଟିକ ମିଟ୍ ରେ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଟିପିଏସ୍‌ଓଡିଏଲ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ମୋଟ ୧ହଜାର ପ୍ରତିଯୋଗୀଙ୍କ ମଧ୍ୟରୁ ବିଭିନ୍ନ ପ୍ରକ୍ରିୟା ଦେଇ ଚୟନ ହୋଇଥିବା ଏହି ପ୍ରତିଯୋଗୀମାନେ ନିଜର ଅସାଧାରଣ ଦକ୍ଷତା ଏବଂ ଦୃଢ଼ ପ୍ରଦର୍ଶନ ବଳରେ ଏକାଧିକ ପଦକ ଜିତିଛନ୍ତି । ଏହି ସଫଳତା ଦର୍ଶାଏ ଯେ କ୍ୟାମ୍ପ ଦେମ୍ୟଙ୍ଗ ଅଭିଯାନ ଅଧୀନରେ କ୍ରୀଡ଼ାବିତ ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ, ସଠିକ୍ ତାଲିମ ଏବଂ ନିରନ୍ତର ମାର୍ଗଦର୍ଶନ ବିଶେଷ ଭାବରେ ସହାୟକ ହୋଇଛି । ପଦକ ବିଜେତାମାନଙ୍କ ମଧ୍ୟରେ ପୁଷ୍ପାବତୀ ରାଇତା (୫ହଜାର ମିଟର



ରେସ୍ ଓ୍ୱାକ୍ ଏବଂ ୧୫୦୦ମିଟରର ଦୌଡ଼ରେ ସ୍ୱର୍ଣ୍ଣପଦକ), ସୁଦୀପ୍ତା ଜେନା (୬୦୦ମିଟରେ ଦୌଡ଼ରେ ସ୍ୱର୍ଣ୍ଣପଦକ), ଏନ୍ ପୂଜା (୫ହଜାର ମିଟର ରେସ୍ ଓ୍ୱାକ୍‌ରେ ସ୍ୱର୍ଣ୍ଣପଦକ ଏବଂ ୧୦୦୦ମିଟରର ଦୌଡ଼ରେ ରୌପ୍ୟ ପଦକ), ରଞ୍ଜନୀ ମଣ୍ଡଳ (୬୦୦ମିଟର ଦୌଡ଼ରେ ରୌପ୍ୟ ପଦକ), ସାହିଲ କୁମାର ସାହୁ (୨୦୦ମିଟର ସ୍ପ୍ରିଣ୍ଟ ରେ ବ୍ରୋଞ୍ଜ), କାବେରୀ ବଡ଼ରାଇତା (ଉଚ୍ଚ ଡିଆଁରେ ବ୍ରୋଞ୍ଜ) ଏବଂ ଲିଜା ବଡ଼ରାଇତା ଜାଭେଲିନ ଥ୍ରୋ ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍ ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏଥିସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେସଙ୍ଗେ ଉତ୍ସାହିତ ମଧ୍ୟ କରିଛନ୍ତି । ଏହି ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଆମେ ଦୃଢ଼ ଭାବରେ ବିଶ୍ୱାସ କରୁ ଯେକୌଣସି ପ୍ରତିଭାକୁ ପ୍ରାଥମିକ ସ୍ତରରୁ ଚିହ୍ନଟ କରିବା ଏବଂ ନିରନ୍ତର ପ୍ରୋତ୍ସାହନ ଓ ସମର୍ଥନ କରିବା ଫଳରେ ଏକ ଅସାଧାରଣ ସଫଳତା ହାସଲ କରାଯାଇପାରେ । କ୍ୟାଚ୍ ଦେମ୍‌ୟଙ୍ଗ୍ ଅଭିଯାନ ହେଉଛି ତୃଣମୂଳ ସ୍ତରରୁ ଯୁବ ପ୍ରତିଭାମାନଙ୍କୁ ସଶକ୍ତ କରିବାର ଏକ ପ୍ରୟାସ । ଯାହା ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଆତ୍ମବିଶ୍ୱାସର ସହ ପ୍ରତିଯୋଗିତାରେ ଭାଗ ନେବା ଏବଂ ଯେକୌଣସି ସ୍ତରରେ ସଫଳତା ହାସଲ କରିବାକୁ ବିଶେଷ ଭାବରେ ସହାୟକ ହୋଇଥାଏ କମ୍ପାନୀର ସିଏସ୍‌ଆର୍ ଉଦ୍ୟମଗୁଡ଼ିକ ମଧ୍ୟରେ, ଟିପିଏସ୍‌ଓଡିଏଲ୍ ଯୁବ ଶକ୍ତିର ବିକାଶ ଦିଗରେ ନିବେଶ କରିବା ଜାରି ରଖିଛି । ଯାହା ଯୁବ ପ୍ରତିଭାମାନଙ୍କ ପାଇଁ ଏକ ବିଶେଷ ସୁଯୋଗ ଅଟେ, ଯେଉଁଠାରେ ସେମାନେ ତାଙ୍କର ଉଚ୍ଚ ଅଭିଳାଷକୁ ସଫଳତାରେ ପ୍ରତିଫଳିତ କରିପାରିବାରେ ସମର୍ଥ ହେବେ ।

# ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ରାଜ୍ୟ ସମୀକ୍ଷା ଟିମ୍

ଅନୁଗୋଳ, (ସବ୍ୟୁ), ଦୀର୍ଘ ତିନି ଦିନ ଧରି ରାଜ୍ୟ ସମୀକ୍ଷା ମିଶନ ର ୭ ଜଣିଆ ଟିମ ଅନୁଗୋଳ ଜିଲ୍ଲା ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ତଦାରଖ କରିବ । ଏହା ସହିତ ଟୀକାକରଣ,



ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅମ୍ଳାନ, ରକ୍ତ ଶିକୁଳି, ଅଣସଂକ୍ରାମକ ରୋଗ ଇତ୍ୟାଦି ଏବଂ ଜନସାଧାରଣ ତଥା ସ୍ୱାସ୍ଥ୍ୟ ଉପଭୋକ୍ତାଠାରୁ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ବିଷୟରେ ପଚାରି ବୁଝିଥିଲେ । ଆଜି ଅପରାହ୍ନ ୩ ଘଣ୍ଟିକା ସମୟରେ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତରଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ କରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ସ୍ଥିତିକୁ ଜିଲ୍ଲାପାଳଙ୍କୁ ରାଜ୍ୟ ସମୀକ୍ଷା ମିଶନ ଅବଗତ କରାଇଥିଲେ । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶାଖା ଅଧିକାରୀ, ସହିତ ରାଜ୍ୟ ସମୀକ୍ଷା ମିଶନର ଅଧିକାରୀ ଡା. ଆଦିତ୍ୟ ମହାପାତ୍ର, ଡା. ଶୁଭେନ୍ଦୁ କୁମାର ନାୟକ, ଡା. ଦୀନବନ୍ଧୁ ସାହୁ, ସୁଶାନ୍ତ କୁମାର ପାତ୍ର, ସୁକାନ୍ତ କୁମାର ମିଶ୍ର, ସ୍ୱରୂପ ଦାସ, ଡା. ହୀରାଲାଲ ନାୟକଙ୍କ ସହିତ ଡି.ପି.ଏମ ସୌମ୍ୟା ରାଣୀ ଗୌଡ଼ ଓ ଜିଲ୍ଲା ବିତ୍ତ ପରିଚାଳକ ଟିକେଶ୍ୱର ବେହେରା ଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

# ଓଡିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ
### (ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)

III-05

## ଅଧିସୂଚନା

ସଂଖ୍ୟା- ୧୬୩୬୫ ତା-୨୮.୧୦.୨୦୨୫

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଢେଙ୍କାନାଳ ଜିଲ୍ଲାର M/s ରୁଙ୍ଗଟା ମାଇନ୍ସ ଲିମିଟେଡ଼, ଢେଙ୍କାନାଳ ଇସ୍ପାତ କାରଖାନା ନିର୍ମାଣ ନିମନ୍ତେ ମୌଜା- ନୟା ଭାଗିରଥିପୁର ପୂର୍ବବାଡ, ଥାନା- ମୋଟଙ୍ଗା ନଂ-୪୦, ତହସିଲ -ଓଡାପଡା, ଜିଲ୍ଲା- ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ: ୧୯.୪୯୦୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ:- **M/s ରୁଙ୍ଗଟା ମାଇନ୍ସ ଲିମିଟେଡ଼, ଢେଙ୍କାନାଳ ଇସ୍ପାତ କାରଖାନା ।**

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- **ଜମି ମୁଖ୍ୟ ଜେନେରାଲ ମ୍ୟାନେଜର**

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- **For setting of Railway siding with approach road to NH-55, M/S ରୁଙ୍ଗଟା ମାଇନ୍ସ ଲିମିଟେଡ଼, ଢେଙ୍କାନାଳ ଇସ୍ପାତ କାରଖାନା ।**

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- **ଏଥିସହିତ ସଂଲଗ୍ନ କରାଯାଇଛି ।**

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- **ଉପଜିଲ୍ଲାପାଳ, ଢେଙ୍କାନାଳ**

୬. ଜମିର ବିବରଣୀ :- **ଏଥିସହିତ ଜମି ସଲଗ୍ନ କରାଯାଇଛି ।**

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, **M/s ରୁଙ୍ଗଟା ମାଇନ୍ସ ଲିମିଟେଡ଼, ଢେଙ୍କାନାଳ ଇସ୍ପାତ କାରଖାନା, ଢେଙ୍କାନାଳଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରଏବଂଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା୧୫ର ବ୍ୟବସ୍ଥା ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଆଶିଷ ପାଟିଲ
ଜିଲ୍ଲାପାଳ, ଢେଙ୍କାନାଳ

**ମୌଜା: ନୟା ଭାଗିରଥିପୁର ପୂର୍ବବାଢ଼**
**ଥାନା: ମୋଟଙ୍ଗା- ୪୦ , ତହସିଲ: ଓଡ଼ାପଡ଼ା, ଜିଲ୍ଲା: ଢେଙ୍କାନାଳ**
**ମୋଟ ରକବା : ଏ ୧୯.୪୯୦**

| କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଉଦୟ ନାଥ ନନ୍ଦ, ମଦନ ନନ୍ଦ, ପ୍ରମୋଦ ନନ୍ଦ ପିଃ ଅନନ୍ଦ ନନ୍ଦ, ବ୍ରଜବନ୍ଧୁ ନନ୍ଦ, ନୀଳମଣି ନନ୍ଦ, ଅପିଟି ନନ୍ଦ, ମହେଶ୍ୱର ନନ୍ଦ ପିଃ ପ୍ରାଣବନ୍ଧୁ ନନ୍ଦ, ଭାଗିରଥି ନନ୍ଦ, ଜଗଦା ନନ୍ଦ ନନ୍ଦ ପିଃ ଲକ୍ଷ୍ମୀଧର ନନ୍ଦ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୭ | ୧୧୩୪ | ପତିତ | ୦.୦୫୦ | ୦.୦୫୦ | |
| ୨ | | | ୧୧୩୩ | ପତିତ | ୦.୦୬୦ | ୦.୦୬୦ | |
| ୩ | | | ୧୧୦୧(ସ୍ଥି) | ଶାରଦ ଏକ | ୦.୧୬୦ | ୦.୧୪୦ | |
| | | | | | ମୋଟ | ୦.୨୫୦ | |
| ୪ | ଗୋପବନ୍ଧୁ ମିଶ୍ର ପିଃ ହଟନାଥ ମିଶ୍ର, ବ୍ରଜବନ୍ଧୁ ମିଶ୍ର ପିଃ ହାଡିବନ୍ଧୁ ମିଶ୍ର, ବଂଶିଧର ମିଶ୍ର, ସୁରେଶ ମିଶ୍ର, ରମେଶ ମିଶ୍ର, ସନ୍ତୋଷ ମିଶ୍ର ପିଃ ପ୍ରାଣବନ୍ଧୁ ମିଶ୍ର, ରବି ନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର ପିଃ ଆନନ୍ଦ ମିଶ୍ର, ମିନ କେତନ ମିଶ୍ର ପିଃ ଯଦୁନାଥ ମିଶ୍ର, କନକ ମିଶ୍ର ସ୍ୱାଃ ସୁଦର୍ଶନ ମିଶ୍ର, ଲକ୍ଷ୍ମୀ ମିଶ୍ର ସ୍ୱାଃ ଉଦୟ ନାଥ ମିଶ୍ର, ଅଭିମନ୍ୟୁ ମିଶ୍ର ପିଃ ଗିରିଧାରୀ ମିଶ୍ର ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୧୮ | ୧୧୨୮ | ପତିତ | ୦.୦୫୦ | ୦.୦୫୦ | |
| ୫ | | | ୧୧୨୯ | ପତିତ | ୦.୦୫୦ | ୦.୦୫୦ | |
| ୬ | | | ୧୧୩୯ | ଶାରଦ ତିନ | ୦.୦୮୦ | ୦.୦୮୦ | |
| | | | | | ମୋଟ | ୦.୧୮୦ | |
| ୭ | ଗୋପବନ୍ଧୁ ମିଶ୍ର ପିଃ ହଟନାଥ ମିଶ୍ର, ବ୍ରଜବନ୍ଧୁ ମିଶ୍ର ପିଃ ହାଡିବନ୍ଧୁ ମିଶ୍ର, ବଂଶିଧର ମିଶ୍ର, ସୁରେଶ ମିଶ୍ର, ରମେଶ ମିଶ୍ର, ସନ୍ତୋଷ ମିଶ୍ର ପିଃ ପ୍ରାଣବନ୍ଧୁ ମିଶ୍ର, ରବି ନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର ପିଃ ଆନନ୍ଦ ମିଶ୍ର, ମିନ କେତନ ମିଶ୍ର ପିଃ ଯଦୁନାଥ ମିଶ୍ର, କନକ ମିଶ୍ର ସ୍ୱାଃ ସୁଦର୍ଶନ ମିଶ୍ର ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୧୯ | ୧୦୪୨ | ଶାରଦ ତିନ/୨ | ୦.୧୦୦ | ୦.୧୦୦ | ମୌଖିକ ଦାନ ସୂତ୍ରେ ଦଖଲ [illegible] ନନ୍ଦ ପିତା- ପାନୁ ନନ୍ଦ, ବ୍ରାହ୍ମଣ, ନିଜଗାଁ |
| ୮ | | | ୧୧୪୧ | ଶାରଦ ତିନ | ୦.୦୬୦ | ୦.୦୬୦ | |
| | | | | | ମୋଟ | ୦.୧୬୦ | |
| ୯ | ଚିନ୍ତାମଣି ଶତପଥୀ, ରାଜରାଣୀ ଶତପଥୀ, ରଜନି ଶତପଥୀ, ଲାଲାବିନୀ ଶତପଥୀ ପିଃ ଜଗମୋହନ ଶତପଥୀ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୨୫ | ୧୧୧୯ | ନାଳ | ୦.୦୩୦ | ୦.୦୩୦ | |
| ୧୦ | ଯୋଗିନାଥ ମହାପାତ୍ର ପିଃରାମଚନ୍ଦ୍ର ମହାପାତ୍ର | ୨୯ | ୧୦୩୩ | ପତିତ | ୦.୦୮୦ | ୦.୦୮୦ | |
| ୧୧ | ଜାଃ ବ୍ରାହ୍ମଣ ବାଃ ନିଜଗାଁ | | ୧୦୯୮ | ପତିତ | ୦.୦୧୦ | ୦.୦୧୦ | |
| | | | | | ମୋଟ | ୦.୦୯୦ | |
| ୧୨ | ଯୋଗିନାଥ ମିଶ୍ର ପିଃ ଭଗବାନ ମିଶ୍ର, ବାସନ୍ତି ମିଶ୍ର ପିଃ ଧର୍ମାନନ୍ଦ ମିଶ୍ର, ଚମ୍ପା ମିଶ୍ର ସ୍ୱାଃ ଧର୍ମାନନ୍ଦ ମିଶ୍ର, ମାୟାଧର ମିଶ୍ର ପିଃ ଭଗବାନ ମିଶ୍ର, ରାମଚନ୍ଦ୍ର ମିଶ୍ର | ୩୩ | ୧୧୩୧ | ପତିତ | ୦.୦୬୦ | ୦.୦୬୦ | |
| | | | ୧୧୩୨ | ପତିତ | ୦.୦୬୦ | ୦.୦୬୦ | |
| ୧୩ | ପିଃ ରତ୍ନାକର ମିଶ୍ର ଜାଃ ବ୍ରାହ୍ମଣ ବାଃ ନିଜଗାଁ,ବିସ୍ଥିତ ଆଠଅଣା ବାଃ ପ୍ରଶ୍ନ କୁମାର ମିଶ୍ର, ନଳିନି ମିଶ୍ର ପିଃ ଜୟକୃଷ୍ଣ ମିଶ୍ର, ସରୋଜିନି ମିଶ୍ର ସ୍ୱାଃ ଜୟକୃଷ୍ଣ ମିଶ୍ର, ରାଜ କିଶୋର ମିଶ୍ର, ମୋହନ ମିଶ୍ର ପିଃ ହୃଷିକେଶ ମିଶ୍ର ଜାଃ ବ୍ରାହ୍ମଣ ବାଃ ନିଜଗାଁ,ବିସ୍ଥିତ ଆଠଅଣା ବାଃନିଜଗାଁ | | | | | | |
| | | | | | ମୋଟ | ୦.୧୨୦ | |
| ୧୪ | ତ୍ରିଲୋଚନ ଦାସ ପିଃ ଭାଗୀରଥି ଦାସ, ମାମା ଦାସ ପିଃ ମାଗୁଣୀ ଦାସ, ଗୁରୁବାରୀ ଦାସ ସ୍ୱାଃ ମାଗୁଣୀ ଦାସ, ବାବୁଲି ଦାସ, ଯଜ୍ଞେଶ୍ୱର ଦାସ, କୁନା ଦାସ ପିଃ ରାଧା ମୋହନ ଦାସ, ଦୁତୀକା ଦାସ ସ୍ୱାଃ ରାଧା ମୋହନ ଦାସ, ଦଣ୍ଡଧର ଦାସ ପିଃ କୃପାସିନ୍ଧୁ ଦାସ, ହୃଦାନନ୍ଦ ଦାସ, ନିତ୍ୟାନନ୍ଦ ଦାସ ପିଃ ହାଡିବନ୍ଧୁ ଦାସ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୩୭ | ୧୧୬୨(ସ୍ଥି) | ପତିତ | ୦.୩୪୦ | ୦.୨୭୦ | |
| ୧୫ | ଦୁଃଖବନ୍ଧୁ ଦାସ, ସଦାନନ୍ଦ ଦାସ ପିଃ ବୈଷ୍ଣବ ଦାସ, ସାଧବାଣୀ ଦାସ | ୪୧ | ୧୧୨୨ | ପତିତ | ୦.୨୧୦ | ୦.୨୧୦ | |
| ୧୬ | ସ୍ୱାଃ କୃପାସିନ୍ଧୁ ଦାସ, ପରମାନନ୍ଦ ଦାସ ପିଃ ବାଳକୃଷ୍ଣ ଦାସ, ନେତ୍ରମଣି ଦାସ | | ୧୧୨୩ | ପତିତ | ୦.୨୫୦ | ୦.୨୫୦ | |
| ୧୭ | ସ୍ୱାଃ ବାଳକୃଷ୍ଣ ଦାସ, ମକୁନ୍ଦ ଦାସ ପିଃ ମହେଶ୍ୱର ଦାସ | | ୧୧୪୮ | ଶାରଦ ଦୁଇ | ୦.୨୬୦ | ୦.୨୬୦ | |
| ୧୮ | ଜାଃ ବ୍ରାହ୍ମଣ ବାଃ ନିଜଗାଁ | | ୧୧୪୭ | ଶାରଦ ଦୁଇ/୩ | ୦.୩୧୦ | ୦.୩୧୦ | |
| | | | | | ମୋଟ | ୧.୦୩୦ | |
| ୧୯ | ହରିବନ୍ଧୁ ନନ୍ଦ, ପ୍ରାଣବନ୍ଧୁ ନନ୍ଦ ପିଃ ଧନେଶ୍ୱର ନନ୍ଦ, ବିଭୂତି ଭୂଷଣ ନନ୍ଦ, ମାନସୀ ନନ୍ଦ ପିଃ ବ୍ରଜବନ୍ଧୁ ନନ୍ଦ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୪୫ | ୧୦୩୫ | ପତିତ | ୦.୧୯୦ | ୦.୧୯୦ | |
| ୨୦ | | | ୧୦୩୪ | ପତିତ | ୦.୧୬୦ | ୦.୧୬୦ | |
| ୨୧ | | | ୧୦୧୨ | ପତିତ | ୦.୨୨୦ | ୦.୨୨୦ | |
| ୨୨ | | | ୧୦୧୧ | ପତିତ | ୦.୨୨୦ | ୦.୨୨୦ | |
| ୨୩ | | | ୧୧୨୧ | ନାଳ | ୦.୧୦୦ | ୦.୧୦୦ | |
| ୨୪ | | | ୧୧୨୭ | ନାଳ | ୦.୦୨୦ | ୦.୦୨୦ | |
| ୨୫ | | | ୧୧୦୦(ସ୍ଥି) | ଶାରଦ ଏକ/୨ | ୦.୪୪୦ | ୦.୧୬୦ | |
| ୨୬ | | | ୧୧୩୭ | ଶାରଦ ଦୁଇ | ୦.୦୬୦ | ୦.୦୬୦ | |
| | | | | | ମୋଟ | ୧.୧୫୦ | |
| ୨୭ | ବଳରାମ ନନ୍ଦ ପିଃ ଯୋଗିନାଥ ନନ୍ଦ, ଦିଗାମ୍ବର ନନ୍ଦ, ତାପସ କୁମାର ନନ୍ଦ, ଅନୁପମା ନନ୍ଦ, ଶଶିରେଖା ନନ୍ଦ ପିଃ ବଂଶୀଧର ନନ୍ଦ, କୁମୁଦିନି ନନ୍ଦ ସ୍ୱାଃ ବଂଶୀଧର ନନ୍ଦ ଜାଃ ବ୍ରାହ୍ମଣ ବାଃ କୁଞ୍ଜବିହାରୀପୁର | ୬୫ | ୧୧୪୨ | ଶାରଦ ଦୁଇ/୨ | ୦.୪୬୦ | ୦.୪୬୦ | |
| ୨୮ | | | ୧୧୩୮ | ଶାରଦ ଦୁଇ | ୦.୪୦୦ | ୦.୪୦୦ | |
| | | | | | ମୋଟ | ୦.୮୬୦ | |
| ୨୯ | ବସନ୍ତ କୁମାର ଶତପଥି, ନିରଞ୍ଜନ ଶତପଥି ପିଃ ପିତବାସ ଶତପଥି, ସୁଲୋଚନା ଶତପଥି ସ୍ୱାଃ ପିତବାସ ଶତପଥି ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୬୬ | ୧୦୨୮ | ନାଳ | ୦.୦୪୦ | ୦.୦୪୦ | |
| ୩୦ | | | ୧୦୨୭ | ପତିତ | ୦.୦୯୦ | ୦.୦୯୦ | |
| | | | | | ମୋଟ | ୦.୧୩୦ | |
| ୩୧ | ବସନ୍ତ କୁମାର ରଥ, ବିଜୟ କୁମାର ରଥ, ବିନୟ କୁମାର ରଥ, କୁନ୍ତ କୁମାରୀ ରଥ, କୁନ୍ତଳା କୁମାରୀ ରଥ, କମଳା ରଥ, କୁସୁମ ରଥ, ଶୁଲି ରଥ, ଗୁନୁ ରଥ, କୁନୁ ରଥ ପିଃ ବୃନ୍ଦାବନ ରଥ, ହାରାମଣୀ ରଥ ସ୍ୱାଃ ବୃନ୍ଦାବନ ରଥ, ରଘୁନାଥ ରଥ, ରଜନି କାନ୍ତ ରଥ, ଅଜୟ କୁମାର ରଥ, ସୁସମା ରଥ, ଚପଳା ରଥ ପିଃ ସୁଦର୍ଶନ ରଥ, ନିଶାମଣି ରଥ ସ୍ୱାଃ ସୁଦର୍ଶନ ରଥ, ଆନନ୍ଦ ରଥ, କାଳନ୍ଦି ଚରଣ ରଥ, ସନାତନ ରଥ ପିଃ ଦିନବନ୍ଧୁ ରଥ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୬୭ | ୧୦୪୫ | ଶାରଦ ତିନ | ୦.୧୦୦ | ୦.୧୦୦ | |
| ୩୨ | | | ୧୦୯୩(ସ୍ଥି) | ଶାରଦ ଏକ | ୦.୧୮୦ | ୦.୦୯୦ | |
| | | | | | ମୋଟ | ୦.୧୯୦ | |
| ୩୩ | ବାଇଧର ନନ୍ଦ, ସୁଦର୍ଶନ ନନ୍ଦ, ଗଦାଧର ନନ୍ଦ ପିଃ କ୍ଷୁଧର ନନ୍ଦ, ପଙ୍କଜିନି ନନ୍ଦ ସ୍ୱାଃ ଦଣ୍ଡଧର ନନ୍ଦ, ଜୟକୃଷ୍ଣ ନନ୍ଦ, ଦେବରାଜ ନନ୍ଦ ପିଃ ଲମ୍ବୋଦର ନନ୍ଦ, ହୃଷିକେଶ ନନ୍ଦ, ଶଙ୍କର ନନ୍ଦ, ତ୍ରିଲୋଚନ ନନ୍ଦ ପିଃ ଜଲେଶ୍ୱର ନନ୍ଦ, ଲାବଣ୍ୟ ନନ୍ଦ ସ୍ୱାଃ ଜଲେଶ୍ୱର ନନ୍ଦ, ଶିବରାମ ନନ୍ଦ, ଦୁର୍ଗା ପ୍ରସାଦ ନନ୍ଦ ପିଃ ଚିନ୍ତାମଣି ନନ୍ଦ, ଆରତ ନନ୍ଦ, ସୋମନାଥ ନନ୍ଦ ପିଃ କୁଳମଣି ନନ୍ଦ, ଲାବଣ୍ୟ ନନ୍ଦ ସ୍ୱାଃ କୁଳମଣି ନନ୍ଦ, ବଳରାମ ନନ୍ଦ, ସତ୍ୟବାଦି ନନ୍ଦ ପିଃ ଚନ୍ଦ୍ର ଶେଖର ନନ୍ଦ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୭୩ | ୧୦୬୨ | ପତିତ | ୦.୩୦୦ | ୦.୩୦୦ | |
| ୩୪ | | | ୧୦୬୩ | ଶାରଦ ତିନ | ୦.୦୬୫ | ୦.୦୬୫ | |
| ୩୫ | | | ୧୦୬୪(ସ୍ଥି) | ଶାରଦ ତିନ | ୦.୨୧୦ | ୦.୦୫୦ | |
| ୩୬ | | | ୧୦୭୦(ସ୍ଥି) | ଶାରଦ ତିନ | ୦.୨୩୦ | ୦.୧୫୦ | |
| ୩୭ | | | ୧୦୬୯(ସ୍ଥି) | ଶାରଦ ତିନ | ୦.୨୭୦ | ୦.୧୭୦ | |
| ୩୮ | | | ୧୦୭୧(ସ୍ଥି) | ଶାରଦ ଦୁଇ | ୦.୨୭୦ | ୦.୧୬୦ | |
| ୩୯ | | | ୧୦୨୯ | ପତିତ | ୦.୨୫୦ | ୦.୨୫୦ | |
| ୪୦ | | | ୧୦୮୦ | ନାଳ | ୦.୦୩୦ | ୦.୦୩୦ | |
| | | | | | ମୋଟ | ୧.୧୭୫ | |
| ୪୧ | ଦାଉରିବନ୍ଧୁ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର ପିଃ ଯଦୁନାଥ ମହାପାତ୍ର ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୭୫ | ୧୧୦୫ | ନାଳ | ୦.୦୧୦ | ୦.୦୧୦ | |
| ୪୨ | | | ୧୦୭୫ | ପତିତ | ୦.୧୯୦ | ୦.୧୯୦ | |
| | | | | | ମୋଟ | ୦.୨୦୦ | |
| ୪୩ | ବିନୋଦ କୁମାର ମହାପାତ୍ର ପିଃଲମ୍ବୋଦର ମହାପାତ୍ର ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୮୦ | ୧୦୨୦ | ପତିତ | ୦.୦୧୦ | ୦.୦୧୦ | |
| ୪୪ | ଭାଗିରଥି ନନ୍ଦ ପିଃଲକ୍ଷ୍ମୀଧର ନନ୍ଦ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୮୨ | ୧୦୯୯ | ଶାରଦ ଦୁଇ | ୦.୦୨୦ | ୦.୦୨୦ | |
| ୪୫ | ସନ୍ତୋଷ କୁମାର ମିଶ୍ର, ସୁରେଶ କୁମାର ମିଶ୍ର, ସୁଧାଂଶୁ କୁମାର ମିଶ୍ର, ସିତାଂଶୁ କୁମାର ମିଶ୍ର, ସୁଶାନ୍ତ କୁମାର ମିଶ୍ର, ଜିତାରାଣୀ ମିଶ୍ର, ଉଷାରାଣୀ ମିଶ୍ର, ସନ୍ଧ୍ୟାରାଣୀ ମିଶ୍ର ପିଃ ମଦନ ମୋହନ ମିଶ୍ର, ଲକ୍ଷ୍ମୀ ମିଶ୍ର ସ୍ୱାଃ ମଦନ ମୋହନ ମିଶ୍ର ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୯୨ | ୧୦୯୫ | ଶାରଦ ତିନ | ୦.୧୮୦ | ୦.୧୮୦ | |
| ୪୬ | | | ୧୧୩୬ | ପତିତ | ୦.୦୭୦ | ୦.୦୭୦ | |
| | | | | | ମୋଟ | ୦.୨୫୦ | |
| ୪୭ | ମଦନ ମୋହନ ଆଚାର୍ଯ୍ୟ, ବସନ୍ତ ଆଚାର୍ଯ୍ୟ ପିଃ ଅନନ୍ତ ଆଚାର୍ଯ୍ୟ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୯୪ | ୧୦୧୫ | ଶାରଦ ତିନ | ୦.୩୩୦ | ୦.୩୩୦ | |
| ୪୮ | | | ୧୧୧୫ | ପତିତ | ୦.୨୩୦ | ୦.୨୩୦ | |
| ୪୯ | | | ୧୧୧୬ | ପତିତ | ୦.୧୦୦ | ୦.୧୦୦ | |
| | | | | | ମୋଟ | ୦.୬୬୦ | |
| ୫୦ | ମଦନ ମୋହନ ନନ୍ଦ, ଶିବ ପ୍ରସାଦ ନନ୍ଦ ପିଃ ଭାଗବତ ନନ୍ଦ, ଶୁକଦେବ ନନ୍ଦ, ଗଣେଶ୍ୱର ନନ୍ଦ ପିଃ ପ୍ରାଣବନ୍ଧୁ ନନ୍ଦ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୯୮ | ୧୦୪୪ | ଶାରଦ ତିନ | ୦.୧୨୦ | ୦.୧୨୦ | |
| ୫୧ | | | ୧୦୪୬ | ଶାରଦ ତିନ | ୦.୧୦୦ | ୦.୧୦୦ | |
| ୫୨ | | | ୧୦୩୬ | ପତିତ | ୦.୧୩୦ | ୦.୧୩୦ | |
| ୫୩ | | | ୧୧୦୨ | ଶାରଦ ଦୁଇ | ୦.୧୨୦ | ୦.୧୨୦ | |
| ୫୪ | | | ୧୧୫୯ | ପତିତ | ୦.୧୯୦ | ୦.୧୯୦ | |
| ୫୫ | | | ୧୧୧୪ | ପତିତ | ୦.୦୭୦ | ୦.୦୭୦ | |
| | | | | | ମୋଟ | ୦.୭୩୦ | |
| ୫୬ | ମଦନ ମୋହନ ନନ୍ଦ, ଶିବ ପ୍ରସାଦ ନନ୍ଦ ପିଃ ଭାଗବତ ନନ୍ଦ, ଶୁକଦେବ ନନ୍ଦ, ଗଣେଶ୍ୱର ନନ୍ଦ ପିଃ ପ୍ରାଣବନ୍ଧୁ ନନ୍ଦ, ମାଳିଆ ନନ୍ଦ ସ୍ୱାଃ ପ୍ରାଣବନ୍ଧୁ ନନ୍ଦ, ହରମୋହନ ନନ୍ଦ, ଲଳିତ ନନ୍ଦ ପିଃ ରାମଚନ୍ଦ୍ର ନନ୍ଦ, ନରେନ୍ଦ୍ର ନନ୍ଦ, ରବିନ୍ଦ୍ର ନନ୍ଦ ପିଃ ନିତ୍ୟାନନ୍ଦ ନନ୍ଦ, ଭିକାରୀ ଚରଣ ନନ୍ଦ, ଯୋଗିନାଥ ନନ୍ଦ ପିଃ ନାରାୟଣ ନନ୍ଦ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୯୯ | ୧୦୪୩ | ଶାରଦ ତିନ | ୦.୨୧୦ | ୦.୨୧୦ | |
| ୫୭ | | | ୧୦୪୭ | ଶାରଦ ତିନ | ୦.୦୪୦ | ୦.୦୪୦ | |
| ୫୮ | | | ୧୦୪୮ | ଶାରଦ ତିନ | ୦.୦୬୦ | ୦.୦୬୦ | |
| ୫୯ | | | ୧୦୪୯ | ଶାରଦ ତିନ | ୦.୦୪୦ | ୦.୦୪୦ | |
| ୬୦ | | | ୧୦୫୦ | ଶାରଦ ତିନ | ୦.୦୨୦ | ୦.୦୨୦ | |
| ୬୧ | | | ୧୦୫୧ | ଶାରଦ ତିନ | ୦.୦୫୦ | ୦.୦୫୦ | |
| ୬୨ | | | ୧୦୫୨ | ଶାରଦ ତିନ | ୦.୧୦୦ | ୦.୧୦୦ | |
| ୬୩ | | | ୧୦୫୩ | ଶାରଦ ତିନ | ୦.୧୪୦ | ୦.୧୪୦ | |
| ୬୪ | ମଦନ ମୋହନ ନନ୍ଦ, ଶିବ ପ୍ରସାଦ ନନ୍ଦ ପିଃ ଭାଗବତ ନନ୍ଦ, ଶୁକଦେବ ନନ୍ଦ, ଗଣେଶ୍ୱର ନନ୍ଦ ପିଃ ପ୍ରାଣବନ୍ଧୁ ନନ୍ଦ, ମାଳିଆ ନନ୍ଦ ସ୍ୱାଃ ପ୍ରାଣବନ୍ଧୁ ନନ୍ଦ, ହରମୋହନ ନନ୍ଦ, ଲଳିତ ନନ୍ଦ ପିଃ ରାମଚନ୍ଦ୍ର ନନ୍ଦ, ନରେନ୍ଦ୍ର ନନ୍ଦ, ରବିନ୍ଦ୍ର ନନ୍ଦ ପିଃ ନିତ୍ୟାନନ୍ଦ ନନ୍ଦ, ଭିକାରୀ ଚରଣ ନନ୍ଦ, ଯୋଗିନାଥ ନନ୍ଦ ପିଃ ନାରାୟଣ ନନ୍ଦ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୯୯ | ୧୦୫୪ | ଶାରଦ ତିନ | ୦.୦୬୦ | ୦.୦୬୦ | |
| ୬୫ | | | ୧୦୫୫ | ଶାରଦ ତିନ | ୦.୦୬୦ | ୦.୦୬୦ | |
| ୬୬ | | | ୧୦୫୭ | ତଳକା ଏକ | ୦.୫୬୦ | ୦.୫୬୦ | |
| ୬୭ | | | ୧୦୫୮ | ଶାରଦ ତିନ | ୦.୧୩୦ | ୦.୧୩୦ | |
| ୬୮ | | | ୧୦୫୯ | ଶାରଦ ତିନ | ୦.୧୧୦ | ୦.୧୧୦ | |
| ୬୯ | | | ୧୦୬୦ | ପାଳ ଏକ | ୦.୪୮୦ | ୦.୪୮୦ | |
| ୭୦ | | | ୧୦୪୧ | ଶାରଦ ତିନି/୨ | ୦.୦୬୦ | ୦.୦୬୦ | |
| ୭୧ | | | ୧୦୪୦ | ଶାରଦ ତିନ | ୦.୦୬୦ | ୦.୦୬୦ | |
| ୭୨ | | | ୧୦୩୯ | ଶାରଦ ତିନ | ୦.୦୮୦ | ୦.୦୮୦ | |
| ୭୩ | | | ୧୦୩୮ | ଶାରଦ ତିନ | ୦.୩୦୦ | ୦.୩୦୦ | |
| ୭୪ | | | ୧୦୩୭ | ଶାରଦ ତିନ | ୦.୧୦୦ | ୦.୧୦୦ | |
| ୭୫ | ମଦନ ମୋହନ ନନ୍ଦ, ଶିବ ପ୍ରସାଦ ନନ୍ଦ ପିଃ ଭାଗବତ ନନ୍ଦ, ଶୁକଦେବ ନନ୍ଦ, ଗଣେଶ୍ୱର ନନ୍ଦ ପିଃ ପ୍ରାଣବନ୍ଧୁ ନନ୍ଦ, ମାଳିଆ ନନ୍ଦ ସ୍ୱାଃ ପ୍ରାଣବନ୍ଧୁ ନନ୍ଦ, ହରମୋହନ ନନ୍ଦ, ଲଳିତ ନନ୍ଦ ପିଃ ରାମଚନ୍ଦ୍ର ନନ୍ଦ, ନରେନ୍ଦ୍ର ନନ୍ଦ, ରବିନ୍ଦ୍ର ନନ୍ଦ ପିଃ ନିତ୍ୟାନନ୍ଦ ନନ୍ଦ, ଭିକାରୀ ଚରଣ ନନ୍ଦ, ଯୋଗିନାଥ ନନ୍ଦ ପିଃ ନାରାୟଣ ନନ୍ଦ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୯୯ | ୧୦୩୧ | ପତିତ | ୦.୪୬୦ | ୦.୪୬୦ | |
| ୭୬ | | | ୧୧୧୧ | ନାଳ | ୦.୧୫୦ | ୦.୧୫୦ | |
| ୭୭ | | | ୧୧୧୨ | ପତିତ | ୦.୧୫୦ | ୦.୧୫୦ | |
| ୭୮ | | | ୧୧୧୦ | ଶାରଦ ଏକ | ୦.୦୮୦ | ୦.୦୮୦ | |
| ୭୯ | | | ୧୧୦୯ | ଶାରଦ ଦୁଇ | ୦.୧୨୦ | ୦.୧୨୦ | |
| ୮୦ | | | ୧୧୦୮ | ଶାରଦ ଏକ | ୦.୨୦୦ | ୦.୨୦୦ | |
| ୮୧ | | | ୧୧୬୦ | ପତିତ | ୦.୦୫୦ | ୦.୦୫୦ | |
| ୮୨ | | | ୧୧୧୩ | ଶାରଦ ତିନ | ୦.୨୦୦ | ୦.୨୦୦ | |
| ୮୩ | | | ୧୦୫୬ | ପତିତ | ୦.୨୩୦ | ୦.୨୩୦ | |
| | | | | | ମୋଟ | ୪.୩୧୦ | |
| ୮୪ | ମଧୁସୁଦନ ଦାସ, ମାଧବାନନ୍ଦ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଜଗମୋହନ ଦାସ ପିଃ ଲକ୍ଷ୍ମୀଧର ଦାସ, ଦୁଃଖବନ୍ଧୁ ଦାସ, ସଦାନନ୍ଦ ଦାସ ପିଃ ବୈଷ୍ଣବ ଦାସ, ସାଧବାଣି ଦାସ ସ୍ୱାଃ କୃପାସିନ୍ଧୁ ଦାସ, ପୁନି ଦାସ, ସରୋଜିନି ଦାସ, ପଙ୍କଜିନି ଦାସ ପିଃ କୃପାସିନ୍ଧୁ ଦାସ, ନେତ୍ରମଣି ଦାସ ସ୍ୱାଃ ବାଳକୃଷ୍ଣ ଦାସ, ପରମାନନ୍ଦ ଦାସ ପିଃ ବାଳକୃଷ୍ଣ ଦାସ, ମକୁନ୍ଦ ଦାସ ପିଃ ମହେଶ୍ୱର ଦାସ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୧୦୩ | ୧୧୫୮ | ପତିତ | ୦.୬୦୦ | ୦.୬୦୦ | |
| ୮୫ | | | ୧୧୬୪(ସ୍ଥି) | ପତିତ | ୦.୩୧୦ | ୦.୨୫୦ | |
| ୮୬ | | | ୧୧୬୫ | ଆଡ଼ି | ୦.୧୧୦ | ୦.୧୧୦ | |
| ୮୭ | | | ୧୧୬୬(ସ୍ଥି) | ଜଳାଶୟ ଦୁଇ | ୦.୨୪୦ | ୦.୧୨୦ | |
| ୮୮ | | | ୧୧୫୪ | ପତିତ | ୦.୧୩୦ | ୦.୧୩୦ | |
| ୮୯ | | | ୧୧୬୭(ସ୍ଥି) | ଆଡ଼ି | ୦.୦୬୦ | ୦.୦୭୦ | |
| | | | | | ମୋଟ | ୧.୨୮୦ | |
| ୯୦ | ଲକ୍ଷ୍ମୀଧର ସତପଥି ପିଃଲିଙ୍ଗରାଜ ସତପଥି ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୧୩୨ | ୧୦୯୨ (ସ୍ଥି) | ଶାରଦ ଏକ | ୦.୧୬୦ | ୦.୦୧୦ | |
| ୯୧ | | | ୧୧୫୮ (ସ୍ଥି) | ପତିତ | ୦.୧୪୦ | ୦.୦୫୦ | |
| | | | | | ମୋଟ | ୦.୦୬୦ | |
| ୯୨ | ଶଚିଦାନନ୍ଦ ସତପଥି, କିଶୋରଚନ୍ଦ୍ର ସତପଥି ପିଃ ଦିନବନ୍ଧୁ ସତପଥି ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୧୪୦ | ୧୦୭୩ | ନାଳ | ୦.୦୮୦ | ୦.୦୮୦ | |
| ୯୩ | | | ୧୦୭୨(ସ୍ଥି) | ପତିତ | ୦.୩୩୦ | ୦.୨୬୦ | |
| | | | | | ମୋଟ | ୦.୩୪୦ | |
| ୯୪ | ଶିବରାମ ମିଶ୍ର ପିଃ ମାଗୁଣି ମିଶ୍ର, ବନମାଳି ମିଶ୍ର, ବାଳକୃଷ୍ଣ ମିଶ୍ର, ତ୍ରିଲୋଚନ ମିଶ୍ର, ନିଳମଣି ମିଶ୍ର ପିଃ ଚକ୍ରଧର ମିଶ୍ର, ରାମଚନ୍ଦ୍ର ମିଶ୍ର ପିଃ କେଶବ ମିଶ୍ର ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୧୪୪ | ୧୦୨୭ | ପତିତ | ୦.୨୦୦ | ୦.୨୦୦ | |
| ୯୫ | | | ୧୦୨୬ | ପତିତ | ୦.୧୫୦ | ୦.୧୫୦ | |
| ୯୬ | | | ୧୧୦୪ | ନାଳ | ୦.୨୦୦ | ୦.୨୦୦ | |
| ୯୭ | | | ୧୦୨୮ | ପତିତ | ୦.୧୨୦ | ୦.୧୨୦ | |
| | | | | | ମୋଟ | ୦.୬୭୦ | |
| ୯୮ | ସୁକାନ୍ତି ମିଶ୍ର, ବାସନ୍ତି ମିଶ୍ର, ମିନତୀ ମିଶ୍ର ପିଃ ଉଦୟ ନାଥ ମିଶ୍ର, ଲକ୍ଷ୍ମୀ ମିଶ୍ର ସ୍ୱାଃ ଉଦୟ ନାଥ ମିଶ୍ର, ଅଭିମନ୍ୟୁ ମିଶ୍ର ପିଃ ଗିରିଧାରି ମିଶ୍ର ଜାଃ ବ୍ରାହ୍ମଣ ବାଃ ନିଜିଗାଁ | ୧୫୧ | ୧୧୪୦ | ଶାରଦ ତିନ | ୦.୦୮୦ | ୦.୦୮୦ | [illegible] |
| ୯୯ | ଧୀରେନ୍ କୁମାର ଶତପଥୀ ପିଃ ନାରାୟଣ ସତପଥି, ଜିତେନ୍ କୁମାର ଶତପଥୀ, ସ୍ନେହଲତା ଶତପଥୀ, ଝରଣା ଶତପଥୀ, ମମତା ଶତପଥୀ ପିଃ ନାରାୟଣ ଶତପଥୀ ଜାଃ ବ୍ରାହ୍ମଣ ବାଃ ବୀରବରପଡ଼ା, ତାଳଚେର ଟାଉନ, ଅନୁଗୁଳ | ୧୫୩ | ୧୦୭୬(ସ୍ଥି) | ଶାରଦ ତିନ | ୦.୧୧୦ | ୦.୦୯୦ | |
| ୧୦୦ | | | ୧୧୫୩ | ପତିତ | ୦.୩୬୦ | ୦.୩୬୦ | |
| ୧୦୧ | | | ୧୧୫୨ | ଶାରଦ ତିନ | ୦.୨୪୦ | ୦.୨୪୦ | |
| ୧୦୨ | | | ୧୧୫୧ | ପତିତ | ୦.୨୪୦ | ୦.୨୪୦ | |
| ୧୦୩ | | | ୧୧୫୦ | ଶାରଦ ଦୁଇ | ୦.୩୧୦ | ୦.୩୧୦ | |
| | | | | | ମୋଟ | ୧.୨୪୦ | |
| ୧୦୪ | ମିନକେତନ ମହାପାତ୍ର ପିଃଗୋବିନ୍ଦ ମହାପାତ୍ର ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୧୬୩/୧୪୮ | ୧୧୩୦ | ପତିତ | ୦.୦୯୦ | ୦.୦୯୦ | |
| ୧୦୫ | ଗୋଲେଖ ବିହାରୀ ପୃଷ୍ଟି ପିଃମହାଦେବ ପୃଷ୍ଟି ଜାଃ ଖଣ୍ଡାୟତ ବାଃ ନାଧରା | ୧୬୩/୧୮୦ | ୧୧୪୫ | ଶାରଦ ଦୁଇ | ୦.୧୦୦ | ୦.୧୦୦ | |
| ୧୦୬ | | | ୧୧୪୪ | ଶାରଦ ତିନ | ୦.୦୪୦ | ୦.୦୪୦ | |
| | | | | | ମୋଟ | ୦.୧୪୦ | |
| ୧୦୭ | ପ୍ରେମଲତା ଦାଶ ସ୍ୱାଃ ମାଗୁଣି ଦାଶ, ଅନ୍ତର୍ଯ୍ୟାମୀ ଦାଶ, ଶିବ ପ୍ରସାଦ ଦାଶ, ମନ୍ମଥ ନାଥ ଦାଶ, ବିଣାପାଣି ଦାଶ ପିଃ ରାଧାମୋହନ ଦାଶ, ରାମଚନ୍ଦ୍ର ଦାଶ, ଉମାକାନ୍ତ ଦାଶ, ଚରୁଲତା ଦାଶ, ପୁଷ୍ପଲତା ଦାଶ ପିଃ ଦଣ୍ଡଧର ଦାଶ, ସୂର୍ଯ୍ୟମଣୀ ଦାଶ ସ୍ୱାଃ ଦଣ୍ଡଧର ଦାଶ ଜାଃ ବ୍ରାହ୍ମଣ ବାଃ ନିଜଗାଁ | ୧୬୩/୧୯୨ | ୧୦୮୨ | ନାଳ | ୦.୦୪୦ | ୦.୦୪୦ | |
| ୧୦୮ | | | ୧୦୮୩ | ପତିତ | ୦.୧୩୦ | ୦.୧୩୦ | |
| | | | | | ମୋଟ | ୦.୧୭୦ | |

# ସମୁଦ୍ରରେ ପ୍ରଦୂଷଣ ନିୟନ୍ତ୍ରଣ କରିବ କୋଷ୍ଟଗାର୍ଡ



ପାରାଦୀପ, (ଜିପ୍ର) : ସମୁଦ୍ରରେ ପ୍ରଦୂଷଣ ରୋକିବାକୁ ଭାରତୀୟ ତଟ ରକ୍ଷକ ବାହିନୀ ଉତ୍ତର-ପୂର୍ବ ଅଞ୍ଚଳ ପକ୍ଷରୁ ବୁଧବାର ପ୍ରଦୂଷଣ ପ୍ରତିକ୍ରିୟା ଅଭ୍ୟାସ (ମକ ଡ୍ରିଲ) କରାଯାଇଛିଛ ପାରାଦୀପ ଉପକୂଳ ଠାରୁ ୩୫ କିମି ଗଭୀର ସମୁଦ୍ରରେ ଏହି ମକ୍ ଡ୍ରିଲ ଅନୁଷ୍ଠିତ ହୋଇଛିଛ ଜାହାଜରୁ ତେଲ ଲିକେଜକୁ କିପରି ପ୍ରତିହତ କରାଯିବ ସେନେଇ ଆଇସିଜି ପକ୍ଷରୁ ବିଭିନ୍ନ ରଣ କୌଶଳ ସମେତ ଅଭ୍ୟାସ କରାଯାଇଛିଛ ଉକ୍ତ ଅଭ୍ୟାସ କାର୍ଯ୍ୟକ୍ରମରେ ଭାରତୀୟ ତଟ ରକ୍ଷକ ବାହିନୀ ଯୁଦ୍ଧ ଜାହାଜ ବିଜୟ ସମେତ ଭରଦ,ଅମୋଘ, ଅଦମ୍ୟ, କମଳାଦେବୀ,ଅମ୍ରିତକୌର ଓ ସି -୪୨୬ ସାମିଲ ହୋଇଛନ୍ତିଛ ଏହି କାର୍ଯ୍ୟକ୍ରମରେ ଆଇଓସିଏଲ ବୋଟ,ପାରାଦୀପ ବନ୍ଦର ପ୍ରାଧିକରଣର ବୋଟ ଓ ଟଗ ବୋଟ ଅଂଶ ଗ୍ରହଣ କରିଥିଲେଛ ଆଇସିଜିର ଡୋନିଅର ଉଡାଜାହାଜ ଭୁବନେଶ୍ୱରରୁ ଆସି ପାରାଦୀପରେ ହେଉଥିବା ମକ ଡ୍ରିଲରେ ଅଂଶ ଗ୍ରହଣ କରିଥିଲାଛ ଉକ୍ତ ମକ୍ ଡ୍ରିଲରେ ଜାହାଜର ୪ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଭାଗ ନେଇଛନ୍ତିଛ ଅଥଳ ସମୁଦ୍ର ଭିତରେ ଏକ ଜାହଜରୁ ତେଲ ପଡ଼ିବା ପରେ ଆରମ୍ଭ ହୋଇଥିଲା ପ୍ରକୃତ କଳା କୌଶଳ ତତ୍‌କ୍ଷଣାତ କିଭଳି ତେଲକୁ ସମୁଦ୍ର ପାଣିରୁ ଅଲଗା କରାଯାଇ ପାରିବ ସେନେଇ ଦକ୍ଷତାର ସହ କାର୍ଯ୍ୟକ୍ରମ କରାଯାଇଥିଲା ପାରାଦୀପ ବେଳାଭୂମିରେ ତଟରକ୍ଷୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ପ୍ରଦେଶନା କରାଯାଇଥିଲା ପ୍ରଦର୍ଶନରେ ବୃହତ ପରିମାଣର ବେଳାଭୂମି ସଫେଇ କାର୍ଯ୍ୟ ଏବଂ କୂଳରେ ତେଲ ପଡ଼ିବା ପରିସ୍ଥିତିରେ ଉପକୂଳକୁ ସୁରକ୍ଷା ଦେବା ପାଇଁ କିଭଳି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ତାହା ମଧ୍ୟ ପ୍ରଦର୍ଶିତ ହୋଇଥିଲା

# ସ୍କୁଲ ଫାଟକରେ ତାଲା ପକାଇ ଧାରଣା



ନିମାପଡା,(ସବ୍ୟୁ): ନିମାପଡା ବ୍ଲକ ଛଣିଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅଳକୁଣ୍ଡ ପଂଚାୟତ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ବିଶୃଙ୍ଖଳିତ ଆଚରଣ ଓ ଖାଲିପଡିଥିବା ଶିକ୍ଷକ ପଦବୀ ପୁରଣ ଦାବୀରେ ଆଜି ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି । ଫଳରେ ସ୍କୁଲରେ ପାଠପଢା ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଉକ୍ତ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିନର୍ଭା ପ୍ରଧାନ ଦାୟିତ୍ୱରେ ଥିବା ବେଳେ ୬ ଜଣ ଶିକ୍ଷକ ବଦଳରେ ମାତ୍ର ୩ ଜଣ ଶିକ୍ଷକରେ ଚାଲିଛି ଉକ୍ତ ବିଦ୍ୟାଳୟ । ତାହା ପୁଣି ଶାନ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ନୁହେଁ । ମୁଖ୍ୟ ବିଷୟ ଇଂରାଜୀ,ଗଣିତ ଓ ବିଜ୍ଞାନ ଶିକ୍ଷକ ଏଠାରେ ନାହାନ୍ତି । ଫଳରେ ଆଗକୁ ଆସୁଛି ମାଟ୍ରିକ ପରୀକ୍ଷା,ପିଲାଙ୍କ ପାଠପଢା ଆଗେଇ ପାରୁନଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପ୍ରଧାନଙ୍କ ଦୁର୍ବ୍ୟବହାର ବିଦ୍ୟାଳୟକର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଅସହ୍ୟ ହେଉଛି । ଫଳରେ ସ୍କୁଲରେ ପାଠପଢା ବଦଳରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ବିଶୃଙ୍ଖଳିତ କାର୍ଯ୍ୟକୁ ନେଇ ତାଙ୍କୁ ଏଠାରୁ ଅନ୍ୟତ୍ର ବଦଳୀ କରିବା ସାଙ୍ଗକୁ ସ୍କୁଲରେ ଖାଲିପଡିଥିବା ଶିକ୍ଷକ ପଦବୀ ପୁରଣ ପାଇଁ ବାରମ୍ବାର ଦାବୀ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଭାବକ,ପରିଚାଳନା କମିଟୀ ସଦସ୍ୟ ଓ ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି । ବାଧହୋଇ ବୁଧବାର ଦିନି ସ୍କୁଲ ଫାଟକରେ ତାଲା ପକାଇ ସେମାନେ ଧାରଣାରେ ବସିଥିଲେ । ତୁରନ୍ତ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପ୍ରଧାନଙ୍କୁ ଏଠାରୁ ଅନ୍ୟତ୍ର ବଦଳୀ କରିବା ସହିତ ଖାଲିପଡିଥିବା ଶିକ୍ଷକ ପଦବୀ ପୁରଣ କରିବାକୁ ଧାରଣାରେ ସାମିଲ ହୋଇଥିବା ପୂର୍ବତନ ସରପଞ୍ଚ ବଟକୃଷ୍ଣ ସ୍ୱାଇଁ,ସମିତି ସଭ୍ୟା ଲକିବାଳ। ନାୟକ,ଅଭିଭାବକ ବଳରାମ ନାୟକ,ପରିଚାଳନା କମିଟୀ ସଭାପତି ସୁବାଷ ଚନ୍ଦ୍ର ବାରିକ,ସଭ୍ୟ ବିମ୍ବାଧର ନାୟକ,ସୁଧିର ନାୟକ,କୃଷ୍ଣଚନ୍ଦ୍ର ବେହେରା,ଲିଙ୍ଗରାଜ ନାୟକ,ବିପିନ ପ୍ରଧାନ ପ୍ରମୁଖ ଦାବୀ କରିଛନ୍ତି । ଘଟଣା ସ୍ଥଳରେ ନିମାପଡା ଏବିଇଓ ସୁଦର୍ଶନ ଭୋଇ ଧରଣାକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଜଣାପଡିଛି । ମୋର କିଛି ଭୁଲ ନାହିଁ ମୋତେ ବଦନାମ କରିବାକୁ କିଛି ଲୋକଙ୍କ ଏହା ଏକ ହୀନ ଚକ୍ରାନ୍ତ ବୋଲି ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପ୍ରଧାନ ସଫେଇ ଦେଇଛନ୍ତି । ଦାବୀ ପୁରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଧାରଣା ଚାଲିବ ବୋଲି ଧାରଣାକାରୀ ମାନେ ପ୍ରକାଶ କରିଛନ୍ତି ।

# ବିଜେଡିର ଗଣ ବିକ୍ଷୋଭ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ କଣାସ ବ୍ଲକ ସମ୍ମୁଖରେ ଗଣ ବିକ୍ଷୋଭ କରାଯାଇଛି । ଶତାଧିକ ବିଜେଡି କର୍ମୀ ଦୋକନ୍ଦା ମେଳଣ ପଡ଼ିଆରୁ ସରକାରଙ୍କ ଓ ବ୍ଲକ୍ ପ୍ରଶାସନ ବିରୋଧରେ ନାରାବାଜି ଦେଇ ଗୋଲା ବଜାର, କୁଞ୍ଜେଶ୍ୱରୀ ଛକ ,ବାଲିଘାଇ ଛକ ଓ ବ୍ଲକ୍ ବଜାର ଅତିକ୍ରମ କରି ଧାରଣା ସ୍ଥଳରେ ପହଞ୍ଚି ଥିଲେ । ବିଜେଡି ଜିଲ୍ଲା ସଭାପତି କହିଛନ୍ତି ଗତ ୧୭ ମାସ ହେବ କଣାସ ପଞ୍ଚାୟତ ସମିତିରେ ବ୍ୟାପକ ଅନିୟମିତତା ହୋଇଛି । ବିଭିନ୍ନ ଯୋଜନା ଯୋଗ୍ୟ ହିତାଧିକାରୀ ନପାଇ ଦଳୀୟ ଭିତ୍ତିରେ ଅଯୋଗ୍ୟଙ୍କୁ ବଣ୍ଟନ କରାଯାଉଛି । ଅନ୍ତ୍ୟୋଦୟ ଗୃହ ଯୋଜନା ଯୋଗ୍ୟ ହିତାଧିକାରୀଙ୍କୁ ଆଜି ପର୍ଯ୍ୟନ୍ତ ଦିଆଗଲା ନାହିଁ । ବିଡ଼ିଓ ପଞ୍ଚାୟତ ବିକାଶ ଯୋଜନା ଚଞ୍ଚକତା କରି ମନଇଚ୍ଛା କାର୍ଯ୍ୟ କରୁଥିବାରୁ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରିବାପରେ କିଛି ଶୁଣିଲେ ନାହିଁ । ବାଧହୋଇ କେତେକ ଜନପ୍ରତିନିଧି ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି । ପୂର୍ବ ସରକାରଙ୍କ ସମୟରେ ଅନୁମୋଦନ ହୋଇଥିବା କେତେକ ପ୍ରକଳ୍ପକୁ କାର୍ଯ୍ୟକାରୀ ନକରିବାରୁ ନ୍ୟାୟାଳୟଙ୍କ ଆଦେଶକୁ ଅବମାନନା କରି ପ୍ରକଳ୍ପ ଗୁଡ଼ିକୁ ଅନ୍ୟତ୍ର ପରିବର୍ତନ କରିବା ନିର୍ଦ୍ଦେଶକୁ ରଦ୍ଦ କରାଯାଉ । ଏହି ଭଳି ଅନେକ ଗୁଡ଼ିଏ ଅଭିଯୋଗ ଆଣି ବିଜେଡି ପକ୍ଷରୁ ଗଣ ବିକ୍ଷୋଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେଡି ବ୍ଲକ୍ ସଭାପତି ସୁରେଶ କୁମାର ସାହୁ, ରାଜେଶ ହରିଚନ୍ଦନ,ବସନ୍ତ କୁମାର ଜେନା,ପ୍ରତାପ ପରିଡ଼ା,ଅନ୍ତର୍ଯ୍ୟାମୀ ଜେନା,ପ୍ରତାପ ଜେନା,ଶ୍ରୀକାନ୍ତ ପରିଡ଼ା,ଦୀନକୃଷ୍ଣ ମଙ୍ଗରାଜ,ସୁବାସ ପ୍ରଧାନ,ସୁମିତ୍ରା ପ୍ରଧାନ ,ଧୀରେନ୍ଦ୍ର ସ୍ୱାଇଁ,ଗୁଣନିଧି ପାତ୍ର,ନାରାୟଣ ଜେନା,ଶରତ ଜୟସିଂହ ,ଅରୁଣ ପ୍ରଧାନ ,କୁନା ରଞ୍ଜନ ଦାସ ,ଶକ୍ତିଧର ପ୍ରଧାନ ଓ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବସୁନ୍ଧରା ଯୋଜନାରେ ତ୍ରୁଟିପୂର୍ଣ୍ଣ ତଦନ୍ତକୁ ନେଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ନାଉଗାଁ ,(ସବ୍ୟୁ) : ବସୁନ୍ଧରା ଯୋଜନାରେ ତ୍ରୁଟି ପୂର୍ଣ୍ଣ ତଦନ୍ତ କରାଯାଇ ଥିବାକୁ ନେଇ ନାଉଗାଁ ତହସିଲଦାର ଙ୍କୁ ଆଜି ଭେଟି ଦାବିପତ୍ର ପ୍ରଦାନ କଲେ ଜିଲ୍ଲା ଦଳିତ ବିକାଶ ପରିଷଦର ସଭାପତି ଶଙ୍କର ଦାସ । ଆଜି ଦୀର୍ଘ ଆଠ ମାସ ପୂର୍ବେ ବସୁନ୍ଧରା ଯୋଜନା ନିମନ୍ତେ ଆବେଦନ କରିଥିବା ହିତାଧିକାରୀ ମାନଙ୍କର ଯାଞ୍ଚ କରିବା ନିମନ୍ତେ ରାଜସ୍ୱ ନିରୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇ ଥିବା ବେଳେ ସେମାନେ ଚଞ୍ଚକତା କରି ସମସ୍ତ ହିତାଧିକାରୀଙ୍କର ବାର୍ଷିକୀ ଆୟ ଏକ ଲକ୍ଷ କୋଡିଏ ହଜାର ଟଙ୍କା କରି ଦେଇଥିଲେ । ଯାହାକି ସେମାନଙ୍କ ର ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ ନହେବାର ଏକ ମୁଖ୍ୟକାରଣ ବୋଲି ଜଣାଯାଇଛି । ମୁଖ୍ୟତଃ ନାଉଗାଁ ବ୍ଲକର ଖଇରା ହୁଲି ଅଞ୍ଚଳରେ ମଧ୍ୟ ଆଠ ଜଣ ଯୋଗ୍ୟ ହିତାଧିକାରୀ ପରିବାର ଥିଲେ ମଧ୍ୟ ସେମାନଙ୍କୁ ଏହି ବସୁନ୍ଧରା ଯୋଜନାରେ ଯୋଗ୍ୟ ହିତାଧିକାରୀ ହୋଇ ନଥିବା ଦର୍ଶାଯାଇଛି । ତେବେ ଏହାକୁ ତୁରନ୍ତ ସଂଶୋଧନ କରାଯାଇ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନା ଯଦି ସାମିଲ କରାନଯାଏ ତେବେ ଦଳିତ ବିକାଶ ପରିଷଦ ପକ୍ଷରୁ ତହସିଲ ସମ୍ମୁଖରେ ଧାରଣା ଦିଆଯବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଶୀତ ବସ୍ତ୍ର ବଣ୍ଟନ

ବାଲିଅନ୍ତା , (ସବ୍ୟୁ): ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ତରଫରୁ ବାଲିଅନ୍ତା ବ୍ଲକ ଜୟଦେବ ପଞ୍ଚାୟତ ସାହେବ ନଗର ମୁଖୀ ସାହିରେ ଶୀତ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏଥିରେ ୩୦୦ ରୁ ଉର୍ଦ୍ଧ ବୃଦ୍ଧ, ବୃଦ୍ଧା ଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା । ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରାଙ୍କ ନେତୃତ୍ୱରେ ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୌତମ ପ୍ରଧାନ, ରତିକାନ୍ତ ପ୍ରଧାନ, ବିଜୟ କୁମାର ପ୍ରଧାନ ପ୍ରାମୁଖ ଯୋଗ ଦେଇ କାର୍ଯକ୍ରମରେ ସହଯୋଗ କରିଥିଲେ ।

# ଗଞ୍ଜେଇ ଜବତ : ୨ ନାବାଳକ ସମେତ ୪ ଗିରଫ, ଜଣେ ଫେରାର

ବାଲିଅନ୍ତା,(ସବ୍ୟୁ):ଭୁବନେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବାଲକାଟି ଫାଣ୍ଡି ହୀରାପୁର ଛକରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତଥିବା ୨ ନାବାଳକ ସମେତ ୪ ଜଣ ବ୍ୟବସାୟୀଙ୍କୁ ଗିରଫ ହୋଇଥିବା ବେଳେ ତାଙ୍କଠାରୁ ୫ ବସ୍ତା ଗଞ୍ଜେଇ ଜବତ ହୋଇଛି । ଏଥିସହ ଏଥିରେ ବ୍ୟବହୃତ ୨ ଟି କାରକୁ ମଧ୍ୟ ଜବତ କରାଯାଇଛି ୀ ଜବତ ଗଞ୍ଜେଇ ପରିମାଣ ୫୦ କିଲୋ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବବୋଲି ଅବକାରୀ ଅଧିକାରୀ କହିଛନ୍ତି । ଗିରଫ ବ୍ୟବସାୟୀ ହେଲେ ସହିଦନଗର ଥାନା ଆଚାର୍ଯ୍ୟବିହାର ସାଇନ୍ସପାର୍କ ବସ୍ତିର ବ୍ରହ୍ମାନନ୍ଦ ପଣ୍ଡା ଓ ରାକେଶ ସାହୁ । ଆଉ ୨ ଜଣ ନାବାଳକ ବଡ଼ଗଡ଼ ଥାନା ଅଞ୍ଚଳର ବୋଲି ଜଣାପଡିଛି । ଉପରୋକ୍ତ ବ୍ୟବସାୟୀ ପ୍ରାୟ ବର୍ଷେହେବ ହୀରାପୁର ଗ୍ରାମରେ ଭଡାରେ ରହୁଥିଲେ । ସେମାନେ ପ୍ରତିଦିନ ବିଳମ୍ବିତ ରାତିରେ କାର ଯୋଗେ କେଉଁଆଡେ ଯାଉଥିଲେ ଏବଂ ଭୋର ସମୟରେ ଫେରୁଥିଲେ। ଅନ୍ୟପଟେ ସମ୍ପୃକ୍ତ ଯୁବକ ମାନେ ନିଶାକାରବାରରେ ଲିପ୍ତ ଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ଅବକାରୀ ବିଭାଗ ପାଖରେ ଥିଲା । ସେମାନେ କାନ୍ଧମାଳରୁ ଗଞ୍ଜେଇ ଆଣି ଉକ୍ତ ଭଡାଘରେ ରଖି ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିଲେ ସେମାନେ କନ୍ଧମାଳରୁ ୨ ଟି କାରରେ ଗଞ୍ଜେଇ ନେଇ ଆସୁଥିବା ବେଳେ ଅବକାରୀ ଅଧିକାରୀ ତାଙ୍କୁ ପିଛା କରିଥିଲେ । ଭୋର ୫ ଟାରେ ବାଲକାଟି ଫାଣ୍ଡି ଅନ୍ତର୍ଗତ ହୀରାପୁର ଛକସ୍ଥିତ ଏକ କ୍ଲବ ସମ୍ମୁଖରେ କାର ପାର୍କିଂ କରୁଥିବା ବେଳେ ଅବକାରୀ ପୁଲିସ ଚଢାଉ କରିଥିଲେ ।ମାତ୍ର ଉକ୍ତ ବ୍ୟବସାୟୀ ମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ପୁଲିସ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ବିଲ ଓ ଗହିର ମଝିରେ ଧରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଖସି ପଳାଇଥିବା ବେଳେ ୪ ଜଣ ଧରାପଡ଼ିଥିଲେ । ଏଥିରେ ଭୁବନେଶ୍ୱର ଅବକାରୀ ବିଭାଗର ଏକ ୫ ଜଣିଆ ପୁଲିସ ଟିମ ସାମିଲ ଥିଲେ ।

# ପ୍ରଭାତୀଙ୍କୁ କଳାପତକା ପଦର୍ଶନ : ୨ ଗିରଫ

ନିମାପଡା,(ସବ୍ୟୁ): ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିମାପଡା ଅଂଚଳରେ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ବେଳେ ବୁଧବାର ଦିନ ତାଙ୍କୁ ଦୋଳବେଦୀ ଛକ ଠାରେ କଳାପତକା ପ୍ରଦର୍ଶନ କରିବାରୁ ପୁଲିସ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିଜ ନିର୍ବାଚନ ମଣ୍ଡଳୀ ନିମାପଡା ବ୍ଲକର କେତେକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସି ଥିବା ବେଳେ ଦୋଳବେଦୀ ଛକ ଠାରେ ଏହି ଥାନା ଅନ୍ତର୍ଗତ ଅଣ୍ଟିଆସାହି ଗ୍ରାମର ଯୁବକ ସୁଜିତ ବେହେରା ଓ ଅଂଶାଲୋ ଗ୍ରାମର ରାକେଶ ସାହୁ ଦୁର୍ନୀତି ଓ ବିଧାୟକମାନଙ୍କ ଦରମା ବୃଦ୍ଧି ବନ୍ଦ କର ବ୍ୟାନର ଧରି କଳାପତକା ପ୍ରଦର୍ଶନ କରିଥିଲେ । ପୁଲିସ ଉକ୍ତ ଦୁଇ ଯୁବକଙ୍କୁ ଥାନାକୁ ଉଠାଇ ଆଣିଥିଲା । ଥାନା ଏଏସ୍‌ଆଇ ଚିନ୍ମୟ କୁମାର ବେହେରାଙ୍କ ଅଭିଯୋଗ କ୍ରମେ ପୁଲିସ କେଶ୍ ନଂ ୩୬୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟ ସୁଜିତ ଓ ରାକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉପମୁଖ୍ୟମନ୍ତ୍ରୀଙ୍କ ଏତେ ପୁଲିସ ସୁରକ୍ଷା ବଳୟ ଭିତରେ କଳାପତକା ପ୍ରଦର୍ଶନ ଘଟଣା ନିମାପଡାରେ ଚର୍ଚ୍ଚାର ବିଷୟ ହୋଇଛି ।

## ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ

କଣ୍ଟାପଡା ,(ସବୁ) :କଣ୍ଟାପଡା ବ୍ଲକ ସୁନ୍ଦରଗ୍ରାମ ହାଇସ୍କୁଲ ୧୯୭୨ ମସିହା ମାଟ୍ରିକ ବାଚ ଛାତ୍ରଛାତ୍ରୀଙ୍କ ଏକ ସମାବେଶ ସୁନ୍ଦରଗ୍ରାମସ୍ଥିତ ଜଗମୋହନ ମଠ ପରିସରରେ ଅନୁଷ୍ଠିତ ହୋଇଥିଲା। ଦୁର୍ଗାପ୍ରସାଦ ମର୍ହୀ, ହୃଷିକେଶ ପାତ୍ର, ଅଜୟକୁମାର ନନ୍ଦ, ଦୁଷ୍ମନ୍ତ କୁମାର ଦାଶ, ପାର୍ବତୀପ୍ରସାଦ ଦାଶ, ନିରୋଦକୁମାର ଦାଶ ଓ ଆଁତ୍ରାଣ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ଅମୂଲ ସାହୁ, କାହ୍ନୁଚରଣ ସାହୁ, ଅଲେଖ ବେହେରା, ମଜହର ମହମ୍ମଦ, ପ୍ରଫୁଲ ବେହେରା, ବଂଶୀଧର ବେହେରା, ଯୋଗମାୟା ଘୋଷ, ବଦ୍ରିନାରାୟଣ ସାହୁ, ଗୋବିନ୍ଦଚନ୍ଦ୍ର ଆଚାର୍ଯ, ବସ'କୁମାର ନନ୍ଦ ପ୍ରମୁଖ ପୁରାତନ ସହପାଠୀ ଯୋଗଦେଇ ପରସ୍ପର ଭାବର ଆଦାନପ୍ରଦାନ କରିଥିଲେ। ଦୀର୍ଘ ୫୩ ବର୍ଷ ପରେ ପ୍ରଥମ କରି ଏକାଠି ହୋଇଥିବା ପୁରାତନ ସହପାଠୀମାନେ ପରସ୍ପରକୁ ଦେଖି ଭାବବିହ୍ୱଳ ହେବା ସହିତ ସ୍କୁଲ ଜୀବନ ସ୍ମୃତିର ରୋମନ୍ଥନ କରିଥିଲେ। ଏହି ଅବସରରେ ଦିବଙ୍ଗତ ସହପାଠୀଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା ହୋଇଥିଲା। ବସ' ନନ୍ଦ (ମୃ), କେଶବ ମଲିକ, ବୈରାଗୀ ପରିଡ଼ା, ଉଲ୍ଲାସ ଭୋଇ ଅଶୋକ ଚକ୍ରବର୍ତ୍ତୀ, ସଂୋଷ ଦାସ, କୈଳାସ ସ୍ୱାଇଁ ଓ ବୈରାଗୀଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

# ରାଜକନିକାରେ 'ବିକଶିତ ଭାରତ ୨୦୪୭' ସଚେତନତା କାର୍ଯ୍ୟକ୍ରମ



ରାଜକନିକା,(ସବ୍ୟୁ) :ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱର ପକ୍ଷରୁ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକଠାରେ 'ବିକଶିତ ଭାରତ ୨୦୪୭' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳର ଲୋକଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିରେ ଓଲାଭର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପିଏମ-କିସାନ, ଜଳ ଜୀବନ ମିଶନ, ପିଏମ ଆବାସ ଯୋଜନା ଓ ଆୟୁଷ୍ମାନ ଭାରତ ଭଳି ପ୍ରମୁଖ ଯୋଜନାଗୁଡ଼ିକ କିଭଳି ଗ୍ରାମୀଣ ଅର୍ଥନୀତି ଓ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣୁଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଯୁବପିଢ଼ିଙ୍କୁ ଦେଶ ଗଠନରେ ସାମିଲ ହେବା ପାଇଁ ଉତ୍ସାହିତ କରାଯିବା ସହ ପରିବେଶ ସୁରକ୍ଷା ପାଇଁ 'ଏକ ପେଡ୍ ମା' କେ ନାମ' ଅଭିଯାନ ଅଧୀନରେ ଏକ ସଚେତନତା ଶୋଭାଯାତ୍ରା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଇତି ଶ୍ରୀକାନ୍ତ ସ୍ୱାଇଁ ଓ ସମାଜସେବୀ ବ୍ରଜବନ୍ଧୁ ଦାଶ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଏବଂ ପରିବେଶ ଦାୟିତ୍ୱବୋଧ ବିଷୟରେ ପରାମର୍ଶ ଦେଇଥିଲେ । ପୂର୍ବ ପ୍ରସ୍ତୁତି କାର୍ଯ୍ୟକ୍ରମ ଭାବେ 'ଖେଲୋ ଇଣ୍ଡିଆ'ର ଆଭିମୁଖ୍ୟକୁ ନେଇ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ଦିଆଯାଇଥିଲା । 'ପୋଷଣ ଜନ ଆନ୍ଦୋଳନ' ଅଧୀନରେ ଛାତ୍ରଛାତ୍ରୀଙ୍କୁ ପରିବେଶ ଅନୁକୂଳ ପ୍ୟାକେଟରେ ଫଳ ଓ ଜୁସ୍ ବଣ୍ଟନ କରାଯାଇ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସଚେତନ କରାଯାଇଥିଲା । ଏହି ସମଗ୍ର କାର୍ଯ୍ୟକ୍ରମକୁ କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ ପରିଚାଳନା କରିଥିଲେ ।

| | | | | | | | |
|---|---|---|---|---|---|---|---|
| ୧୦୯ | ଗୋଲେକ ବିହାରୀ ପୃଷ୍ଟି ପି:ମହାଦେବ ପୃଷ୍ଟି ଜା: ଖଣ୍ଡାୟତ ବା: ନାଧରା | ୧୬୩/୨୦୦ | ୧୧୪୬ | ଶାରଦ ଦୁଇ | ୦.୨୨୦ | ୦.୨୨୦ | |
| ୧୧୦ | | | ୧୧୪୩ | ଶାରଦ ଦୁଇ | ୦.୦୬୦ | ୦.୦୬୦ | |
| | | | | | ମୋଟ | ୦.୨୮୦ | |
| ୧୧୧ | ପ୍ରମୋଦ କୁମାର ନନ୍ଦ, ବିନୋଦ ବିହାରୀ ନନ୍ଦ ପି: ହର ମୋହନ ନନ୍ଦ, ଦିଲେଶ୍ୱର ନନ୍ଦ, ଲାଲା ନନ୍ଦ, ଯୁକ୍ତା ନନ୍ଦ ପି: ନଗେନ୍ଦ୍ର ନନ୍ଦ, ରବି ନାରାୟଣ ନନ୍ଦ ପି: ନିତ୍ୟାନନ୍ଦ ନନ୍ଦ, କୁଞ୍ଜ ବିହାରୀ ନନ୍ଦ, ବିଧୁ ଭୂଷଣ ନନ୍ଦ, ଗଗନ ବିହାରୀ ନନ୍ଦ ପି: ଲଳିତ ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ | ୧୬୩/୨୦୩ | ୧୦୨୧ | ଶାରଦ ତିନି/୨ | ୦.୩୩୦ | ୦.୩୩୦ | |
| ୧୧୨ | ନିଳିମା ମିଶ୍ର ସ୍ୱା:ବଳରାମ ମିଶ୍ର ଜା: ବ୍ରାହ୍ମଣ ବା: ବଣିଆ ସାହି ଅନୁଗୋଳ | ୧୬୩/୨୧୯ | ୧୧୦୨ | ଶାରଦ ଏକ | ୦.୦୪୦ | ୦.୦୪୦ | |
| ୧୧୩ | ମଦନ ମୋହନ ଦ୍ୱିବେଦୀ ପି: ବିଦ୍ୟାଧର ଦ୍ୱିବେଦୀ, ବିଜୟ କୁମାର ଦ୍ୱିବେଦୀ, ମଳୟ କୁମାର ଦ୍ୱିବେଦୀ, ସୁଶାନ୍ତ କୁମାର ଦ୍ୱିବେଦୀ ପି: ଅପର୍ତୀ ଦ୍ୱିବେଦୀ ଜା: ବ୍ରାହ୍ମଣ ବା: ନିଜଗାଁ | ୧୬୩/୨୪୮ | ୧୦୨୩ | ଶାରଦ ତିନ | ୦.୦୬୦ | ୦.୦୬୦ | |
| ୧୧୪ | | | ୧୦୧୬ | ଶାରଦ ତିନ | ୦.୨୮୦ | ୦.୨୮୦ | |
| | | | | | ମୋଟ | ୦.୩୪୦ | |
| ୧୧୫ | ଶଙ୍କର ଶତପଥୀ ପି:ନିତ୍ୟାନନ୍ଦ ଶତପଥୀ ଜା: ବ୍ରାହ୍ମଣ ବା: ନିଜଗାଁ | ୧୬୩/୨୫୦ | ୧୦୭୯ | ନାଳ | ୦.୦୭୦ | ୦.୦୭୦ | |
| ୧୧୬ | | | ୧୦୮୪(ସ୍ଥ) | ପତିତ | ୦.୦୬୦ | ୦.୦୫୦ | |
| | | | | | ମୋଟ | ୦.୧୨୦ | |
| ୧୧୭ | ଅରୁଣ କୁମାର ନନ୍ଦ, ଅଶୋକ କୁମାର ନନ୍ଦ, ଅନନ୍ତ କୁମାର ନନ୍ଦ, ଅଶେଷ କୁମାର ନନ୍ଦ ପି: ରାଜ କିଶୋର ନନ୍ଦ, କମଳିନୀ ନନ୍ଦ ସ୍ୱା: ରାଜ କିଶୋର ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ | ୧୬୩/୨୯୪ | ୧୦୬୩/୧୯୧୭(ସ୍ଥ) | ଶାରଦ ତିନ | ୦.୧୭୫ | ୦.୧୭୫ | |
| ୧୧୮ | କୁଳମଣୀ ଦାଶ, ନିଳମଣୀ ଦାଶ, ଗୋକୁଳାନନ୍ଦ ଦାଶ ପି: ଦୁର୍ଯ୍ୟୋଧନ ଦାଶ ଜା: ଗୋପାଳ ବା: ନାଧରା | ୧୬୩/୩୧୫ | ୧୦୮୫(ସ୍ଥ) | ଶାରଦ ଏକ | ୦.୩୮୦ | ୦.୦୩୦ | |
| ୧୧୯ | ଦିପକ କୁମାର ନନ୍ଦ ପି:ଗଣେଶ୍ୱର ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ | ୧୬୩/୩୩୪ | ୧୦୬୪/୧୯୯୪ | ଶାରଦ ତିନ | ୦.୧୩୦ | ୦.୧୩୦ | |
| ୧୨୦ | ପ୍ରଫୁଲ୍ଲ କୁମାର ମହାପାତ୍ର ପି: ଚନ୍ଦ୍ରଶେଖର ମହାପାତ୍ର ଜା: ବ୍ରାହ୍ମଣ ବା: ନୟାଭାଗିରଥିପୁର ପୂର୍ବବାଡ | ୧୬୩/୪୭୪ | ୧୦୩୨ | ପତିତ | ୦.୩୨୦ | ୦.୩୨୦ | |
| ୧୨୧ | | | ୧୦୯୭ | ଶାରଦ ଏକ | ୦.୦୯୦ | ୦.୦୯୦ | |
| | | | | | ମୋଟ | ୦.୪୧୦ | |
| ୧୨୨ | ସୌଭାଗ୍ୟ କୁମାର ମହାପାତ୍ର ପି:ଭିକାରୀ ଚରଣ ମହାପାତ୍ର ଜା: ବ୍ରାହ୍ମଣ ବା: ସଦାଶିବପୁର | ୧୬୩/୪୭୬ | ୧୦୯୪(ସ୍ଥ) | ଶାରଦ ଦୁଇ | ୦.୧୯୦ | ୦.୧୭୦ | |
| ୧୨୩ | ହୃଦାନନ୍ଦ ଦାଶ ପି:ହାଡ଼ିବନ୍ଧୁ ଦାଶ ଜା: ବ୍ରାହ୍ମଣ ବା: ନୟାଭାଗିରଥିପୁର ପୂର୍ବବାଡ଼ | ୧୬୩/୪୯୮ | ୧୧୦୬ | ଶାରଦ ଏକ | ୦.୦୬୦ | ୦.୦୬୦ | |
| ୧୨୪ | ପ୍ରଶାନ୍ତ କୁମାର ଦାଶ ପି:ତ୍ରିଲୋଚନ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୧୬୩/୫୧୩ | ୧୧୦୩ | ନାଳ | ୦.୧୪୦ | ୦.୧୪୦ | |
| ୧୨୫ | | | ୧୧୨୬ | ନାଳ | ୦.୧୧୦ | ୦.୧୧୦ | |
| | | | | | ମୋଟ | ୦.୨୫୦ | |
| ୧୨୬ | ପ୍ରଦୀପ କୁମାର ଦାଶ ପି:ତ୍ରିଲୋଚନ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୧୬୩/୫୧୪ | ୧୦୯୬ | ଶାରଦ ଦୁଇ | ୦.୦୬୦ | ୦.୦୬୦ | |
| ୧୨୭ | ଧୀରେନ କୁମାର ଶତପଥୀ, ଜିତେନ୍ କୁମାର ଶତପଥୀ, ସ୍ନେହଲତା ଶତପଥୀ, ଝରଣା ଶତପଥୀ, ମମତା ଶତପଥୀ ପି: ନାରାୟଣ ଶତପଥୀ ଜା: ବ୍ରାହ୍ମଣ ବା: ବୀରଦରପଡ଼ା, ତାଳଚେର ଟାଉନ, ଅନୁଗୁଳ | ୧୬୩/୫୨୧ | ୧୦୭୫ | ପତିତ | ୦.୦୩୦ | ୦.୦୩୦ | |
| ୧୨୮ | | | ୧୧୩୫ | ପତିତ | ୦.୦୮୦ | ୦.୦୮୦ | |
| | | | | | ମୋଟ | ୦.୧୧୦ | |
| ୧୨୯ | ହିମାଂଶୁ ଭୂଷଣ ଦାଶ ପି:ମଧୁସୁଦନ ଦାଶ ଜା: ବ୍ରାହ୍ମଣ ବା: ଘ୩/୧୭୪, ଓଜଉ ଠଓଖଖଇଏର, ଇଐଟଇଇଘରଝଡଇଜ,୭୫୧୦୧୫ | ୧୬୩/୫୬୩ | ୧୧୫୫ | ଶାରଦ ତିନ | ୦.୧୪୦ | ୦.୧୪୦ | |
| ୧୩୦ | ପ୍ରଣବ ଦାଶ, ଓମ ପ୍ରକାଶ ଦାଶ, ପ୍ରିତିପଦ ଦାଶ ପି: ମାଧବାନନ୍ଦ ଦାଶ ଜା: ବ୍ରାହ୍ମଣ ବା: ଧଳପୁର, ଥା – ମୋଟଙ୍ଗା , ଜିଲ୍ଲା – ଢେଙ୍କାନାଳ | ୧୬୩/୫୬୪ | ୧୧୪୯ | ଶାରଦ ଦୁଇ | ୦.୬୮୦ | ୦.୬୮୦ | |
| ୧୩୧ | | | ୧୧୫୬ | ଶାରଦ ଦୁଇ | ୦.୨୩୦ | ୦.୨୩୦ | |
| | | | | | ମୋଟ | ୦.୯୧୦ | |

ମୋଟ ରକବା– ଏ ୧୯.୪୯୦

OIPR : 24034/14/0010/2526

### ଗୋଳବାଇ ହାଇସ୍କୁଲ : ଛାତ୍ର ବୃତ୍ତି ଆବେଦନକୁ ନେଇ ଉତ୍ତେଜନା

# କର୍ମଚାରୀ ଅଭାବ ଯୋଗୁ ଫସିଲେ ପ୍ରଧାନଶିକ୍ଷୟିତ୍ରୀ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଗୋଳବାଇ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀ ଅଭାବ ଯୋଗୁ ଅସୁବିଧାରେ ଫଶିଲେ ପ୍ରଧାନ ଶିକ୍ଷୟତ୍ରୀ । ପ୍ରିମାଟ୍ରିକ ଛାତ୍ରବୃତ୍ତି ଆବେଦନକୁ କେନ୍ଦ୍ର କରି କିଛି ସମୟ ଉତ୍ତେଜନା ଦେଖା ଦେଇଥିଲା ଏହି ବିଦ୍ୟାଳୟରେ। ଖବରରୁ ଜଣାପଡିଛି କି ଏହି ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶିକ୍ଷକ ଓ କର୍ମଚାରୀଙ୍କ ଅଭାବ ଥିବାରୁ ଛାତ୍ରବୃତ୍ତି ପାଇଁ ଛାତ୍ରଛାତ୍ରୀ ବାହାରେ ଫର୍ମ ଆବେଦନ କରିବା ପାଇଁ ଦେଇଥିବା ଅର୍ଥକୁ ନେଇ ବୁଧବାର ଦିନ କିଛି ଅଭିଭାବକ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ଅର୍ଥ ଫେରି ପାଇବାର ପ୍ରତିଶ୍ରୁତି ପାଇବା ପରେ ଉତ୍ତେଜନା କମିଥିବା ଜଣାପଡିଛି ।ଖୋର୍ଦ୍ଧା ଜିଲ୍ଲା ଗୋଳବାଇ ଗ୍ରାମରେ ଥିବା ସରକାରୀ ଭଗବତା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ୧୧୨ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ନବମ ଶ୍ରେଣୀରେ ୮୯ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ।ସରକାର ନବମ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ପ୍ରିମାଟ୍ରିକ ସ୍କଲାରସିପ ପାଇଁ ଅନ ଲାଇନରେ ଆବେଦନ ପତ୍ର ଗ୍ରହଣ କରୁଥିବା ବେଳେ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଆବେଦନର ଶେଷ ତାରିଖ ଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନବମ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ଅନଲାଇନରେ ଆବେଦନ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ । ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ଓ କିରାଣୀ ନ ଥିବାରୁ ସେ ଏହି କାର୍ଯ୍ୟ ଜଣେ ଏଜେନ୍ସି ମାଧ୍ୟମରେ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଜଣାଇବା ସହିତ ଛାତ୍ରଛାତ୍ରୀ ଆବେଦନ କରିବା ସମୟରେ ଉକ୍ତ ଏଜେନ୍ସୀକୁ ବିଦ୍ୟାଳୟ ଆଇଡି ଏବଂ ଓ ଟି ପି ପ୍ରଦାନ କରିଥିଲେ। ଏ ବାବଦରେ ଉକ୍ତ ଏଜେନ୍ସୀ ଛାତ୍ରଛାତ୍ରୀଙ୍କ ଠାରୁ କିଛି ଅର୍ଥ ରାଶି ନେଇଥିଲେ। ଏହିପରି ୫୮ ଜଣ ଛାତ୍ର ଛାତ୍ରୀ ଆବେଦନ କରିଥିବା ବିଦ୍ୟାଳୟ ରୁ ଜଣାପଡିଛି। କିନ୍ତୁ କିଛି ଅଭିଭାବକ ବିଦ୍ୟାଳୟରେ କାହିଁକି ମାଗଣାରେ ଆବେଦନ କରା ନ ଯାଇ ବାହାରେ କାହିଁକି ପଇସା ଦିଆହୋଇ କରାଯିବ ବୋଲି ଯୁକ୍ତି ବାଢ଼ି ଆଜି ବିଦ୍ୟାଳୟ ନିକଟରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ପଇସା ପାଇବାର ପ୍ରତିଶ୍ରୁତି ପାଇବା ପରେ ଏହି ଉତ୍ତେଜନା କମିଥିଲା ବୋଲି ଜଣାପଡିଛି। ଏ ସଂପର୍କରେ ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତ ପାଲଙ୍କ ସହ ଯୋଗାଯୋଗ କରିବା ପରେ ସେ କହିଥିଲେ ପିଲାମାନଙ୍କର ପ୍ରିମାଟ୍ରିକ ସ୍କଲାର ସିପ ବିଦ୍ୟାଳୟରେ ଆବେଦନ କରିବା କଥା ଯେହେତୁ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନାହାଁନ୍ତି ଓ କିରାଣୀ ମଧ୍ୟ ନାହାନ୍ତି । ତେଣୁ ବହୁ କାର୍ଯ୍ୟ ମଧ୍ୟରେ ଏହା ସମ୍ଭବ ନ ହେବାରୁ ସେ ଏହାକୁ ଏକ ସିଏସି କେନ୍ଦ୍ର ଜରିଆରେ କରିବା ପାଇଁ ଛାତ୍ର ଛାତ୍ରୀଙ୍କୁ କହିଥିଲେ। କିନ୍ତୁ ସରକାରଙ୍କ ତରଫରୁ ଛାତ୍ରଛାତ୍ରୀମାନଙ୍କ ଆବେଦନ ପାଇଁ ତାଙ୍କୁ କୌଣସି ନିର୍ଦ୍ଦେଶ ସେମିତି କିଛି ଲିଖିତ ଭାବେ ନାହିଁ ।ପିଲାମାନେ ଯେଉଁଠାରେ ଚାହିବେ ଯେକୌଣସି ସିଏସି କେନ୍ଦ୍ରରେ ଆବେଦନ କରିପାରିବେ ।ଛାତ୍ରଛାତ୍ରୀମାନଙ୍କ ହିତ ଦୃଷ୍ଟିରୁ ସେ ଏପରି କରିଥିଲେ ବୋଲି ଜଣାଇଥିଲେ ।

## ରାଜଧାନୀକୁ ୧୦-ମିନିଟ ଡେଲିଭରି ଆଣିଛି ଫ୍ଲିପକାର୍ଟ ମିନିଟ୍ସ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଘରୋଇ ଇକମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ ପକ୍ଷରୁ ଭୁବନେଶ୍ୱରରେ ଏହାର କ୍ୱିକ ଇକମର୍ସ ସର୍ଭିସ ଫ୍ଲିପକାର୍ଟ ମିନିଟ୍ସର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି । ଯାହା କେବଳ ୧୦ ମିନିଟରେ ଦୈନନ୍ଦିନ ସାମଗ୍ରୀ ପ୍ରଦାନ କରିବା ଏବଂ ଉପଭୋକ୍ତାଙ୍କ ପାଇଁ ସୁବିଧା, ବେଗ ଓ ମୂଲ୍ୟ ନିଶ୍ଚିତ କରିବା ପ୍ରତି ଏହାର ପ୍ରତିଶ୍ରୁତିବଦ୍ଧତାକୁ ସୁଦୃଢ଼ କରିଛି । ଫ୍ଲିପକାର୍ଟର ମାଇକ୍ରୋ ଫୁଲଫିଲମେଂଟ ସେଂଟର (ଏମଏଫସି)ଗୁଡିକ କିଟ୍ ଏରିଆ, ପ୍ରଶାନ୍ତି ବିହାର, ଶ୍ରୀ ବିହାର, ତୁଳସୀ ବିହାର, ବିଜୟ ନଗର, କାନନ ବିହାର, କୈଳାଶ ବିହାର ଓ ଶୈଳଶ୍ରୀ ବିହାର ଆଦି ସ୍ଥାନରେ ଏହି ସୁବିଧା ଉପଲବ୍ଧ ରହିଛି । ଏହା ଗ୍ରୋସରୀ, ମୋବାଇଲ, ଇଲେକ୍ଟ୍ରୋନିକ୍ସ ଓ ଅନ୍ୟାନ୍ୟ ବର୍ଗଗୁଡିକରେ ଏକ ବୃହତ ସଂଗ୍ରହ ପ୍ରଦାନ କରୁଛି । ସ୍ଥାନୀୟ ଉପଭୋକ୍ତା ତଥ୍ୟ ଉପରେ ଆଧାରକରି ଫ୍ଲିପକାର୍ଟ ମିନିଟ୍ସ ଆଂଚଳିକ ଭାବେ ଲୋକପ୍ରିୟ ବ୍ରାଣ୍ଡ ଯେପରିକି ପ୍ରଗତି, ପ୍ରଭୁଜୀ ଓ ମିଲ୍କି ମୁଢିଆଦିର ଏକ ବିବିଧ ରେଞ୍ଜ ପ୍ରଦାନ କରୁଛି, ଯାହା ଦୈନନ୍ଦିନ ସାମଗ୍ରୀଗୁଡିକୁ ସହଜରେ ଉପଲବ୍ଧ କରୁଛି । ଏସମ୍ପର୍କରେ ଫ୍ଲିପକାର୍ଟ ଗ୍ରୁପର ଫ୍ଲିପକାର୍ଟ ମିନିଟ୍ସ, ସପ୍ଲାଇ ଚେନ, କଷ୍ଟମର ଏକ୍ସପେରିଏନ୍ସ ଆଣ୍ଡ ରିକମର୍ସ ବିଭାଗର ମୁଖ୍ୟ, ବରିଷ୍ଠ ଉପାଧ୍ୟକ୍ଷ, ହେମନ୍ତ ବଦ୍ରୀ କହିଛନ୍ତି, ଭୁବନେଶ୍ୱରରେ ଫ୍ଲିପକାର୍ଟ ମିନିଟ୍ସର ଶୁଭାରମ୍ଭ ଓଡିଶାର ଉଚ୍ଚ ସମ୍ଭାବନା ଥିବା ଟିୟର ୨ ସହରଗୁଡିକରେ କ୍ୱିକ କମର୍ସ ଭିତିଭୂମିକୁ ବିସ୍ତାର କରିବା ପାଇଁ ଆମର ନିରନ୍ତର ପ୍ରୟାସଗୁଡିକୁ ପ୍ରତିଫଳନ କରୁଛି । ଭୁବନେଶ୍ୱରର ହାଇ-ଡିମାଣ୍ଡ ଜୋନଗୁଡିକରେ ସେବା ଯୋଗାଇବା ପାଇଁ ଅବସ୍ଥାପିତ ଏହି ଏମଏଫସିଗୁଡିକୁ ଦୈନନ୍ଦିନ ସାମଗ୍ରୀଗୁଡିକର ଏକ ବିସ୍ତୃତ ଚୟନ ଓ ବାରମ୍ବାର ଅର୍ଡର କରାଯାଉଥିବା ଅନ୍ୟ ବର୍ଗଗୁଡିକରେ ହାଇପରଲୋକାଲ ଡେଲିଭରିକୁ ସପୋର୍ଟ କରିବା ପାଇଁ ଡିଜାଇନ କରାଯାଇଛି । ଫ୍ଲିପକାର୍ଟ ଉପଭୋକ୍ତାଙ୍କ ପାଇଁ ସତେଜ ଫଳ ଓ ପନିପରିବା ଉପଲବ୍ଧ କରିବା ପାଇଁ ଭୁବନେଶ୍ୱରର ହଜାରରୁ ଅଧିକ ସ୍ଥାନୀୟ ସେଲର ଏବଂ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫପିଓ)ଗୁଡିକ ସହ ମିଶି କାର୍ଯ୍ୟ କରୁଛି ।

## କମାଗୁରୁରେ ଶିକ୍ଷା ସଚେତନତା ସଭା

ନିରାକାରପୁର ,(ସବ୍ୟୁ): : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଚ୍ୟୁତପୁର କ୍ଲଷ୍ଟର ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ କମାଗୁରୁ ଠାରେ କ୍ଲଷ୍ଟର୍ ସ୍ତରୀୟ ଶିକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଅଛି। ଏହି ସଚେତନତା କାର୍ଯ୍ୟକ୍ରମ ରେ ଅଚ୍ୟୁତପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ,ସହକାରୀ ଶିକ୍ଷକ ବିଦ୍ୟାଳୟ ପରିଚାଳନା ଶିକ୍ଷା କମିଟି ସ୍ଥାନୀୟ ଜନପ୍ରତିନିଧି କମାଗୁରୁ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ଚଂପତି ସମିତି ସଭ୍ୟ, ବିଦ୍ୟାଳୟ କମିଟି ସଭାପତି ପବିତ୍ର ମହାରଣା ଉପସ୍ଥିତ ରହି ସଭାର ମୁଖ୍ୟ ଉଦ୍ଦେଶ୍ୟ ସାକ୍ଷରତା ଓ କର୍ମକୁଷଳତା ଉପରେ ସଚେତନତା କରିଥିଲେ। ଅଚ୍ୟୁତପୁର କ୍ଲଷ୍ଟର୍ ସି ଆର ସି ସି ବିଜୟ କୁମାର ମାନସିଂହ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ।

**ଅର୍ଜ୍ଜୁନ–ବିଷାଦଯୋଗଃ**

ଅର୍ଜ୍ଜୁନ ଉବାଚ

**କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନିବର୍ତ୍ତିତୁମ୍ ।**
**କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍‌ଭିର୍ଜନାର୍ଦ୍ଦନ ॥ ୩୯॥**

ହେ ଜନାର୍ଦ୍ଦନ ! (ତଥାପି) କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଭିଃ ଅସ୍ମାଭି ଅସ୍ମାତ୍ ପାପାତ୍ ନିବର୍ତ୍ତିତୁଂ କଥଂ ନ ଜ୍ଞେୟଂ ? ॥ ୩୯ ॥

**(ଶ୍ରୀମଦ୍‌ଭଗବଦ୍ ଗୀତା ୧/୩୯)**

# ମୁଖ୍ୟମନ୍ତ୍ରୀ ଓ ସଂସ୍କୃତିମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମର୍ଯ୍ୟାଦା ଭିନ୍ନ ପ୍ରକାରର ଥାଏ । ମାତ୍ର ବିଗତ ସରକାରଙ୍କ ସମୟରେ ବିଶ୍ୱ ଭାଷା ସମ୍ମିଳନୀ ଭୁବନେଶ୍ୱରରେ କରାଯାଇ ଯେପରି କୋଟି କୋଟି ଟଙ୍କାର ଅପବ୍ୟୟ କରାଗଲା, ଏବର ସରକାର ସେ ବିଷୟରେ ନିଶ୍ଚୟ ଅବଗତ ଥିବେ । ଦେଢ଼ ବର୍ଷର ନୂତନ ବିଜେପି ସରକାର ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠନ କରାଯାଇଥିଲେ ମଧ୍ୟ ସେ ଦିଗରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ଜଣା ପଡ଼ିନାହିଁ । ଓଡ଼ିଆ ଭାଷାର ଦଲାଲମାନେ ଏବେ ବି ସତେ ଯେପରି ସକ୍ରିୟ ରହିଛନ୍ତି । ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ବିଗତ ସରକାର ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ମନୋନୀତ କରିଦେଲେ । ଅଥଚ ସେହି ପଦବୀ ପାଇଁ ଆବେଦନ କରିଥିବା ବହୁ ଖ୍ୟାତନାମା ଲେଖକ ଲେଖିକାମାନଙ୍କୁ ସଭାପତି ପଦବୀରୁ ବଞ୍ଚିତ କରାଗଲା । ଅବଶ୍ୟ ଯେଉଁ ପଦାଧିକାରୀ ଜଣକ ସଭାପତିଙ୍କୁ ବାଛିଥିଲେ, ସେ ମଧ୍ୟ ଦୁର୍ନୀତି ଜାଲରେ ଛନ୍ଦି ହୋଇଛନ୍ତି । ସି.ବି.ଆଇ ସମ୍ଭବତଃ ତାଙ୍କ ଦୁର୍ନୀତିର ତଦନ୍ତ କରୁଛନ୍ତି ।

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏ ବର୍ଷର ପୁସ୍ତକ ମେଳାରେ ହୁଏତ ଲକ୍ଷ ଲକ୍ଷ ନୁହେଁ, କୋଟି କୋଟି ଟଙ୍କାର ପୁସ୍ତକ ବିକ୍ରୀ କରା ଯାଇ ପାରିଛି । ସେହି ଲାଭ ଅର୍ଥରୁ ଅଭାବୀ ଲେଖକ / ଲେଖିକାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ୍ଷେପ ନେବାକୁ ନିବେଦନ । ଉଭୟ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀ ବିଦ୍ୱାନ ତଥା ସୁଲେଖକ । ବିଗତ ସରକାରଙ୍କ ଅମଳରେ କେତେକ ନିର୍ଦ୍ଦିଷ୍ଟ ଅଫିସର ଯେପରି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ବିଭ୍ରାନ୍ତ କରି ଆସୁଥିଲେ, ଏ ସରକାରରେ ସେପରି ହେବନାହିଁ ବୋଲି ରାଜ୍ୟର ସଚେତନ ଲେଖକ ଓ ଲେଖିକାମାନେ ଆଶା କରୁଛନ୍ତି ।

ଏବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ଅନେକ ଭଲ ଅଧିକାରୀ ଓ କର୍ମଚାରୀ ଅଛନ୍ତି । କର୍ମଚାରୀମାନଙ୍କ ଅଭାବ କାରଣରୁ ଆଉ କେତେ ଜଣଙ୍କୁ ଅସ୍ଥାୟୀ କର୍ମଚାରୀ ଭାବେ ରଖା ଯାଇଛି । କିନ୍ତୁ ବାକି ପଡ଼ିଥିବା କାମଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ହେଲେ ଆଉ କେତେକ ବଛା ବଛା ଅଧିକାରୀଙ୍କୁ ସେହି ବିଭାଗରେ ଅବସ୍ଥାପିତ କରାଯିବା ଆବଶ୍ୟକ । ପ୍ରାୟ ୨୦୧୭ ମସିହାରୁ ଅନେକ ଲେଖକ ଓ ଲେଖିକାଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇ ନାହିଁ କିମ୍ବା ପୁରସ୍କାର ପାଇବାକୁ ଥିବା ପୁସ୍ତକଗୁଡ଼ିକୁ ବଛା ଯାଇ ପାରି ନାହିଁ । ଏଥିରେ ଯେପରି ସ୍ୱଚ୍ଛତା ଅବଲମ୍ବନ କରାଯାଏ, ସେଥିପ୍ରତି ଉଭୟ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ନ ଦେଲେ ଗତ ସରକାରଙ୍କ ପରି ଏ ସରକାରଙ୍କୁ ମଧ୍ୟ ବଦନାମ ମୁଣ୍ଡାଇବାକୁ ପଡ଼ିବ । ଅବଶ୍ୟ ବିଗତ ସରକାରରେ ଜଣେ ସୁଲେଖକ ଓ ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀ ପ୍ରବୋଧ କୁମାର ରାଉତ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ଥାଇ ବହୁ ଭଲ କାର୍ଯ୍ୟ କରି ଆସୁଥିଲେ । ଆମର ଦୁର୍ଭାଗ୍ୟ ଯେ ଏକ ରାସ୍ତା ଦୁର୍ଘଟଣାରେ ସେ ଅକାଳରେ ପ୍ରାଣ ହରାଇଥିଲେ । ତେଣୁ ଓଡ଼ିଆ ସାହିତ୍ୟ ଏକାଡ଼େମୀ ଓ ସଂସ୍କୃତି ବିଭାଗର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସବୁ ଏକପ୍ରକାର ଠପ୍ ହୋଇ ଯାଇଥିଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଏବେ ବି ସଂସ୍କୃତି ବିଭାଗରେ ଭାରତୀୟ ପ୍ରଶାସନିକ ସେବାର ଓ ଓଡ଼ିଶା ପ୍ରଶାସନିକ ସେବାର ଭଲ ଅଧିକାରୀମାନେ ରହିଛନ୍ତି । କିନ୍ତୁ ଉପଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଅଭାବରୁ ସେମାନେ ଅଧିକାଂଶ କାର୍ଯ୍ୟକୁ ତ୍ୱରାନ୍ୱିତ କରି ପାରୁ ନାହାନ୍ତି ।

ବ୍ୟାସକବି ଫକୀର ମୋହନ ସେନାପତି ବା ମନୋଜ ଦାସଙ୍କ ନାମରେ ଥିବା ପୁରସ୍କାର ଦୀର୍ଘ ବର୍ଷ ହେଲା ଏହି ବିଭାଗ ବା ଓଡ଼ିଶା ସାହିତ୍ୟ ଏକାଡେମୀ ଦେଇ ପାରି ନାହାନ୍ତି । ପୁରସ୍କାର ବାବଦରେ ଥିବା ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରା ଯାଉଥିବା କୁହାଯାଉଛି । ଏପରିକି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସରି ଯାଇଥିବା ଉପାଦେୟ ଗ୍ରନ୍ଥଗୁଡ଼ିକର ପୁନଃ ପ୍ରକାଶନ, ଆବଶ୍ୟକତାକୁ ଚାହିଁ ହୋଇ ପାରି ନାହିଁ । ବିଭିନ୍ନ ସଭା ସମିତିରେ ଉପଯୁକ୍ତ ବ୍ୟକ୍ତିଙ୍କୁ ଅତିଥି ବା ବକ୍ତା ଭାବେ ନିମନ୍ତ୍ରଣ କରା ନ ଯାଇ ଅନେକ ଅନୁପଯୁକ୍ତ ବ୍ୟକ୍ତିଙ୍କୁ ଏ କ୍ଷେତ୍ରରେ ଅଯଥା ଗୁରୁତ୍ୱ ଦିଆଯାଇ ଥିବାରୁ ଅନେକ ସ୍ୱାଭିମାନୀ ଲେଖକ ଓ ଲେଖିକାଙ୍କ ମନରେ ତାହା ଗ୍ଲାନି ସୃଷ୍ଟି କରିଛି । ରାଜ୍ୟ ସଙ୍ଗୀତ ‘ ବନ୍ଦେ ଉତ୍କଳ ଜନନୀ’ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଉପରେ ସ୍ୱନାମଧନ୍ୟ ଅଧ୍ୟାପକ ଓ ସାହିତ୍ୟିକ ସ୍ୱର୍ଗୀୟ ସୁଧାଂଶୁ ଶେଖର ରାୟ ଯେଉଁ ଉପାଦେୟ ଗ୍ରନ୍ଥଟି ରଚନା କରିଥିଲେ, କେଉଁ କାଳରୁ ତାହା ବିକ୍ରୀ ହୋଇ ଯାଇଛି । ମାତ୍ର ସେ ବହିଟିର ପୁନଃ ପ୍ରକାଶନ ଅନେକ ବର୍ଷ ହେଲା କାହିଁକି କେଜାଣି କରାଯାଇ ପାରି ନାହିଁ ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଏଠାରେ ଉଭୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ସଂସ୍କୃତିମନ୍ତ୍ରୀ ଶ୍ରୀ ସୂରଜଙ୍କୁ ଏଠାରେ ଦୃଷ୍ଟି ଆକର୍ଷଣ କରୁଛୁ । ଶ୍ରୀମତୀ କୃଷ୍ଣା ମହାନ୍ତିଙ୍କ ସମେତ ମଧୁବାବୁଙ୍କ ପାଳିତା କନ୍ୟା ସ୍ୱର୍ଗୀୟା ଶୈଳବାଳା ଦାସ ଓ ସ୍ୱର୍ଗୀୟା ସୁଧାଂଶୁବାଳା ହାଜରା ସ୍ୱାଧୀନତା ସଂଗ୍ରାମୀ ନଥିଲେ । ମାତ୍ର ପୁସ୍ତକମେଳା ୨୦୨୫ରେ ମହିଳା ସ୍ୱାଧୀନତା ସଂଗ୍ରାମୀ ମଣ୍ଡପରେ ଏ ତିନି ଜଣ ମହିଳାଙ୍କ ଫଟୋଚିତ୍ର ସ୍ୱାଧୀନତା ସଂଗ୍ରାମୀ ଭାବେ ରଖାଯିବାର କାରଣ କ’ଣ ? ଏ ଘଟଣାରେ ରାଜ୍ୟର ଅଧିକାଂଶ ସଚେତନ ନାଗରିକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ରାଜ୍ୟ ସଂସ୍କୃତି ବିଭାଗ ଏହା ଜାଣି ନ ପାରିଲା କିପରି ? ଗାନ୍ଧିଜୀଙ୍କୁ ଓଡ଼ିଆ ଶିଖାଇଥିବା ଶ୍ରୀମତୀ ଗୋଦାବରୀ ଦେବୀ (ବାଲେଶ୍ୱର)ଙ୍କ ସମେତ ରାଜ୍ୟର ପ୍ରଥମ ବିଧାନସଭା ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ପତ୍ନୀ, ସ୍ୱାଧୀନତା ସଂଗ୍ରାମୀ ଜାହ୍ନବୀ ଦେବୀ, କାନ୍ତକବିଙ୍କ ଅନ୍ୟତମ ଭଗିନୀ କୋକିଳା ଦେବୀ (ଯାହାଙ୍କ ସମ୍ପର୍କରେ ଅନ୍ନପୂର୍ଣ୍ଣା ମହାରଣା ତାଙ୍କ ଆତ୍ମଚରିତ ‘ଅମୃତ ଅନୁଭବ’ରେ ଗୋଟିଏ ଅଧ୍ୟାୟ ଲେଖିଥିଲେ) ସେମାନଙ୍କ ଫଟୋଚିତ୍ର ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଫଟୋଚିତ୍ର ଥିବା ମଣ୍ଡପରେ ସ୍ଥାନିତ ହୋଇ ପାରିନାହିଁ, ଏହା ଦୁଃଖଦାୟକ ଘଟଣା ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ ‘ସମୟ’ କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନୂଆ ଅବସ୍ଥା, ନୂଆ ଅବଧାରଣା ପାଇଁ ନୂଆ ଶବ୍ଦ



**ପ୍ରଫେସର ଡ. ମୃଣାଳ ଚାଟାର୍ଜୀ**

କାଲିନ୍ସ, ଅକସଫୋର୍ଡ, ମେରିଅମ୍–ୱେବ୍‌ଷ୍ଟର ଆଦି ଅନେକ ଡିକ୍ସନାରି(ଶବ୍ଦକୋଷ) ସହ ଭାଷା ନେଇ କାମ କରୁଥିବା ବିଭିନ୍ନ ଦେଶର ବେଶ କିଛି ସଂସ୍ଥା ଗୋଟିଏ ନିର୍ଦ୍ଦିଷ୍ଟ ଶବ୍ଦକୁ ‘ଏ ବର୍ଷର ଶବ୍ଦ’ ବା ‘ୱାର୍ଡ ଅଫ୍ ଦି ଇଅର’ ବୋଲି ରେଖାଙ୍କିତ କରୁଛନ୍ତି । ଏହାର ପରିପ୍ରେକ୍ଷୀଟି ହେଲା: ସେଇ ବର୍ଷ ଯଦି କୌଣସି ଗୋଟିଏ ନୂଆ ଶବ୍ଦଟିଏ ତିଆରି ହୋଇଥାଏ ବା ଲୋକେ କୌଣସି ଏକ ଶବ୍ଦକୁ ବେଶୀ ବ୍ୟବହାର କରୁଥାନ୍ତି ବା ସେ ବର୍ଷର ସାମାଜିକ, ରାଜନୀତିକ ବା ଅନ୍ୟାନ୍ୟ ପ୍ରେକ୍ଷାପଟରେ ସେହି ଶବ୍ଦଟିର ଅଧିକ ଗୁରୁତ୍ୱ ଅନୁଭବ କରାଯାଇଛି – ସେଭଳି ଶବ୍ଦକୁ ‘ୱାର୍ଡ ଅଫ ଦି ଇଅର’ ବା ‘ଏ ବର୍ଷର ଶବ୍ଦ’ ଭାବରେ ରେଖାଙ୍କିତ କରାଯାଉଛି ।

ସାମ୍ପ୍ରତିକ ସମୟରେ ବିଶ୍ୱ ବ୍ୟାପି ସାମାଜିକ ଗଣମାଧ୍ୟମର ବ୍ୟାପକ ବ୍ୟବହାର ଏବଂ ଏହାର ସମାଜ ଉପରେ ପ୍ରଭାବକୁ ରେଖାଙ୍କିତ କରି ବେଶ କିଛି ଶବ୍ଦ ସୃଷ୍ଟି ହୋଇଛି ।

ଅକ୍ସଫୋର୍ଡ଼ ଭାଷାକୋଷ ପକ୍ଷରୁ ରେଜ–ବେଟ (rage bait) – ଓଡ଼ିଆରେ ଏହାର ଅର୍ଥ ହେବ: କ୍ରୋଧ ଥୋପ – ଶବ୍ଦଟିକୁ ୨୦୨୫ର ଶବ୍ଦ ବା ‘ୱାର୍ଡ ଅଫ ଦି ଇଅର’ ଭାବେ ଘୋଷଣା କରାଯାଇଛି । ଏ ଶବ୍ଦର ଅର୍ଥ ହେଲା: ଅନ–ଲାଇନରେ ଏମିତି ଲେଖା, ଯାହା ଜାଣିଶୁଣି ଯୋଜନାବଦ୍ଧ ଭାବେ ଲୋକଙ୍କ ଭିତରେ କ୍ରୋଧ ଉପୁଜାଇବା ପାଇଁ ଲେଖାଯାଉଛି । ଲୋକଙ୍କୁ ରାଗିବା ପାଇଁ ଏବଂ ସେଇ ଆବେଗରେ ପ୍ରତିକ୍ରିୟା ପ୍ରକାଶ ପାଇଁ ଉସୁକା ଯାଉଛି । ଏପରି ଲେଖାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧିକ ଲୋକ ଏ ଲେଖା ପଢନ୍ତୁ, ପ୍ରତିକ୍ରିୟା ପ୍ରକାଶ କରନ୍ତୁ – ମୋଟ ଉପରେ ସେ ଲେଖା ସହିତ ଯୋଡି ହୋଇ ରହନ୍ତୁ ।

ଏଥିରେ ଲେଖିଲାବାଲାର କିଛି ଆର୍ଥିକ ଲାଭ ହୁଏ । ମୋ ଲେଖା ଏତେ ଲୋକ ପଢୁଛନ୍ତି– ଏଥିରେ କିଛି ସନ୍ତୋଷର ଆନନ୍ଦ ବି ମିଳେ । ରାଜନୀତିକ ଓ ସାମାଜିକ ନ୍ୟସ୍ତ ସ୍ୱାର୍ଥରେ ବି ଏମିତି ଲେଖା ପ୍ରକାଶ କରାଯାଏ । ଆଉ ବିଡ଼ମ୍ବନା ହେଲା ସାଧାରଣ ଲୋକେ ଏହାକୁ ପଢ଼ନ୍ତି ଆଉ ନିଜ ଅଜାଣତରେ ନିଜର ଏବଂ ସମାଜର କ୍ଷତି କରି ବସନ୍ତି ।

ମ୍ୟାକକ୍ୟୁୟର ଭାଷାକୋଷ ୨୦୨୫ର ଶବ୍ଦ ଭାବରେ ଗ୍ରହଣ କରିଛନ୍ତି : ‘ଏଆଇ ସ୍ଲପ’ ଓଡ଼ିଆରେ ଅର୍ଥ ‘କୃତ୍ରିମ ମେଧା’ ବର୍ଜ ପଦାର୍ଥ ସ୍ଲପ ଶବ୍ଦଟିର ଅର୍ଥ ହେଲା ‘ଫୁଡ ୱେଷ୍ଟ’ ଖାଦ୍ୟର ନଷ୍ଟ ଅଂଶ । ଏଆଇ ସ୍ଲପ ମାନେ ହେଲା ଏଆଇ ଜରିଆରେ ହେଉ ବା ଅନ୍ୟ କୌଣସି କାରଣରୁ ହେଉ– ଡିଜିଟାଲ ଦୁନିଆରେ ଥିବା ଆବୁରୁଜାବୁରୁ ଆଜେବାଜେ ଜିନିଷ ।

୨୦୨୪ରେ ଅକ୍ସଫୋର୍ଡ଼ ଭାଷାକୋଷ ପକ୍ଷରୁ ସାମାଜିକ ଗଣମାଧ୍ୟମର ସମାଜ ଉପରେ ପ୍ରଭାବକୁ ରେଖାଙ୍କିତ କରିବା ପାଇଁ ‘ବ୍ରେନ ରଟ’ ଶବ୍ଦଟିକୁ ‘ଏ ବର୍ଷର ଶବ୍ଦ’ ଭାବେ ଗ୍ରହଣ କରାଯାଇଥିଲା । ସେମିତି ସାମ୍ପ୍ରତିକ ସମୟରେ ସାମାଜିକ ଅବସ୍ଥାକୁ ଦର୍ଶାଇବା ପାଇଁ ‘ପୋଲାରାଇଜେସନ’ (ଧ୍ରୁବିକରଣ)କୁ ୨୦୨୪ର ଶବ୍ଦ ଭାବେ ଗ୍ରହଣ କରିଥିଲେ ‘ମେରିଅମ–ୱେବଷ୍ଟାର’ ଭାଷାକୋଷ ।

୨୦୨୩ରେ ଅକ୍ସଫୋର୍ଡ଼ ଭାଷାକୋଷ ପକ୍ଷରୁ ଯେଉଁ ଶବ୍ଦଟିକୁ ‘ଏ ବର୍ଷର ଶବ୍ଦ’ ଭାବେ ଗ୍ରହଣ କରାଗଲା ତାହା ଥିଲା ‘ରିଜ’ । କମ୍ ବୟସ୍କ ପିଲାମାନଙ୍କ ଦ୍ୱାରା ଅଧିକ ବ୍ୟବହାର ହେଉଥିବା ଏହି ଶବ୍ଦର ଅର୍ଥ: ଆକର୍ଷଣ କଲିନ୍ସ ଡିକ୍ସନାରି ‘ଏଆଇ’କୁ ସେ ବର୍ଷର ଶବ୍ଦ ଭାବେ ଗ୍ରହଣ କରିଥିଲେ ।

କଲିନ୍ସ ଡିକ୍ସନାରି ୨୦୨୨ର ଶବ୍ଦ ଭାବରେ ଗ୍ରହଣ କରିଥିଲେ ‘ପରମାକ୍ରାଇସିସ୍’ ଶବ୍ଦଟିକୁ । ‘ପରମାନେଣ୍ଟ’(ସ୍ଥାୟୀ)ଆଉ ‘କ୍ରାଇସିସ୍’ (ସଙ୍କଟ)– ଏ ଦୁଇଟି ଶବ୍ଦକୁ ମିଶାଇ ଏ ନୂଆ ଶବ୍ଦଟି ତିଆରି କରାଯାଇଛି ପରମାକ୍ରାଇସିସ୍ । ଅର୍ଥ ହେଲା ଗୋଟେ ଦୀର୍ଘଦିନର ଅସ୍ଥିର ପରିସ୍ଥିତି ଜନିତ ଅସୁରକ୍ଷା ଓ ସଙ୍କଟର ସ୍ଥିତି । ଏ ନୂଆ ଶବ୍ଦ ତିଆରିର ପ୍ରେକ୍ଷାପଟଟି ହେଲା: ବ୍ରିଟେନରେ ବ୍ରେକ୍ସିଟ ପରଠୁଁ ଯେଉଁ ଅସ୍ଥିର ସ୍ଥିତି ଲାଗି ରହିଛି, ତାହା ଏପର୍ଯ୍ୟନ୍ତ ବଳବତ୍ତର ରହିଛି । କେବଳ ୨୦୨୨ରେ ବ୍ରିଟେନ୍ ତିନିଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିଲାଣି: ବୋରିସ୍ ଜନସନ୍, ଲିଜ ଷ୍ଟ୍ରସ୍ ଏବଂ ତାଙ୍କ ପରେ ଋଷି ସୁନାକ । ୨୦୨୨ରେ ନୂଆ ରାଜାଙ୍କୁ ବି ଦେଖିଲା ବ୍ରିଟେନ୍ । ରାଜନୈତିକ ଅସ୍ଥିରତା ସହିତ ସେଠି ବେଶ କିଛି ମାସ ହେଲା ଅର୍ଥନୈତିକ ଅସ୍ଥିରତା ମଧ୍ୟ ଲାଗି ରହିଛି । ଏ ସ୍ଥିତିକୁ ଠିକ୍ ଭାବେ ରୂପାୟନ କରେ: ‘ପରମାକ୍ରମାଇସିସ୍’ ବା ‘ସ୍ଥାୟୀ ସଙ୍କଟ’ ଶବ୍ଦଟି ।

୨୦୨୧ରେ କଲିନସ ‘ୱାର୍ଡ ଅଫ ଦି ଇଅର’ ଥିଲା – ଏନ୍ଏଫଟି ବା ନନ୍ ଫଞ୍ଜିବଲ ଟୋକେନ୍ । ଏନ୍ଏଫ.ଟି ହେଲା ଡିଜିଟାଲ୍ ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ଶବ୍ଦ । ୨୦୨୦ରେ ଥିଲା ଲକ ଡାଉନ୍ ।

୨୦୧୭ରେ ଅକସଫୋର୍ଡ ଡିକସନାରି ‘ୟୁଥ କ୍ୱେକ୍’ ବା ଯୁବ ଜାଗରଣ ଶବ୍ଦଟିକୁ ଇଂରାଜୀ ଭାଷାର ୱାର୍ଡ ଅଫ ଦି ଇଅର ଭାବରେ ଗ୍ରହଣ କରିଥିଲେ । ତା ପରବର୍ଷ ଅର୍ଥାତ୍ ୨୦୧୮ର ୱାର୍ଡ ଅଫ ଦି ଇଅର ଥିଲା ‘ଟକ୍ସିକ’ । ୨୦୧୯ର ୱାର୍ଡ ଅଫ ଦି ଇଅର ହେଲା ‘କ୍ଲାଇମେଟ ଚେଞ୍ଜ’ । ୨୦୨୦ରେ କୌଣସି ଗୋଟିଏ ଶବ୍ଦକୁ ୱାର୍ଡ ଅଫ ଦି ଇଅର ଭାବରେ ଗ୍ରହଣ କରାଗଲା ନାହିଁ । ତା’ର କାରଣ ଭାବରେ କୁହାଗଲା ଯେ ସେ ବର୍ଷ ଏତେଗୁଡିଏ ଶବ୍ଦ ଏକା ସାଙ୍ଗରେ ଲୋକ ମୁଖରେ ଅଧିକ ପ୍ରଚଳିତ ହେଇଛି ଯେ କୌଣସି ଗୋଟିଏ ଶବ୍ଦକୁ ୱାର୍ଡ ଅଫ ଦି ଇଅର କରାଯାଇ ନପାରେ । ୨୦୨୧ରେ ଯେଉଁ ଶବ୍ଦଟିକୁ ୱାର୍ଡ ଅଫ ଦି ଇଅର ଭାବରେ ନିଆଗଲା ତାହା ହେଉଛି ‘ଭାକ୍ସ’ । ଏହା ହେଲା ‘ଭାକସିନ୍’ର ସଂକ୍ଷିପ୍ତ ରୂପ । ଭାକ୍ସିନ ବା ଟିକା ଶବ୍ଦଟି ୧୭୯୯ରୁ ଇଂରାଜୀ ଭାଷାରେ ରହିଛି । ହେଲେ ୨୦୨୧ରେ ତାର ସଂକ୍ଷିପ୍ତ ରୂପକୁ ‘ଏ ବର୍ଷର ଶବ୍ଦ’ ଭାବରେ ରେଖାଙ୍କିତ କରାଗଲା ।

ଏମିତି ଗୋଟିଏ ଶବ୍ଦକୁ ‘ଏ ବର୍ଷର ଶବ୍ଦ’ ଭାବେ ରେଖାଙ୍କିତ କରିବାର ଧାରାଟି ଆରମ୍ଭ କରିଥିଲେ ଆମେରିକାନ୍ ଡାଇଲେକ୍ଟ ସୋସାଇଟି (ସ୍ଥାପିତ: ୧୮୮୯) । ଜର୍ମାନୀରେ ଏ ଧାରା ଆରମ୍ଭ ହେଲା ୧୯୭୧ରୁ । ଅଷ୍ଟ୍ରେଲିଆନ୍ ନ୍ୟାସନାଲ ଡିକ୍ସନାରୀ ସେଣ୍ଟର ଏ ଧାରା ଆରମ୍ଭ କଲେ ୨୦୦୬ରୁ ।

୨୦୧୭ରୁ ଅକସଫୋର୍ଡ ଡିକସନାରୀ ହିନ୍ଦୀ ଭାଷାରେ ମଧ୍ୟ ଏମିତି ‘ୱାର୍ଡ ଅଫ ଦି ଇଅର’ ରେଖାଙ୍କିତ କରିବା ଆରମ୍ଭ କଲେ । ୨୦୧୭ରେ ଯେଉଁ ଶବ୍ଦଟି ୱାର୍ଡ ଅଫ ଦି ଇଅର ହେଇଥିଲା ତାହା ହେଉଛି ‘ଆଧାର’ । ତା’ ପରବର୍ଷର ଶବ୍ଦ ହେଲା ‘ନାରୀ ଶକ୍ତି’ । ୨୦୧୯ରେ ‘ସମ୍ବିଧାନ’ ଶବ୍ଦଟିକୁ ସେ ବର୍ଷର ଶବ୍ଦ ଭାବରେ ଗ୍ରହଣ କରାଗଲା । ୨୦୨୦ରେ ଏ ମାନ୍ୟତା ଦିଆଗଲା ‘ଆତ୍ମ ନିର୍ଭରତା’ ଶବ୍ଦଟିକୁ ।

ମୋର ମନେହୁଏ, ଓଡ଼ିଆରେ ମଧ୍ୟ ଏଭଳି ‘ୱାର୍ଡ ଅଫ ଦି ଇଅର’ ବା ‘ଏ ବର୍ଷର ଶବ୍ଦ’ ତିଆରି କରିବାର ବା ରେଖାଙ୍କିତ କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ଦୁଇ ତିନୋଟି ଭଲ କଥା ହେବ । ଓଡ଼ିଆ ଭାଷାରେ ହୁଏତ ନୂଆ ଶବ୍ଦ ତିଆରି ହେବ କିମ୍ବା ତିଆରି ହୋଇଥିବା ଶବ୍ଦକୁ ଆନୁଷ୍ଠାନିକ ମାନ୍ୟତା ମିଳିଯିବ– ପରବର୍ତ୍ତୀ ସମୟରେ ତାହା ଭାଷାକୋଷ ଭିତରେ ସାମିଲ ବି ହୋଇଯିବ । ସଭ୍ୟତା ଓ ପ୍ରଯୁକ୍ତି ବିଦ୍ୟା (ଟେକନଲୋଜି)ର ଅଗ୍ରଗତି ସହିତ, ସଂସ୍କୃତି ଏବଂ ସମୟ ଓ ସମାଜର ପରିବର୍ତ୍ତନ ସହିତ ନୂଆ ନୂଆ ଯନ୍ତ୍ର ଓ ପ୍ରୟୋଗ ଆସୁଛି, ନୂଆ ଅବଧାରଣା ଆସୁଛି ଏବଂ ତାର ଯଥାଯଥ ପରିପ୍ରକାଶ ପାଇଁ ନୂଆ ଶବ୍ଦର ଆବଶ୍ୟକତା ହେଉଛି ।

**ମୋର ମନେହୁଏ, ଓଡ଼ିଆରେ ମଧ୍ୟ ଏଭଳି ‘ୱାର୍ଡ ଅଫ ଦି ଇଅର’ ବା ‘ଏ ବର୍ଷର ଶବ୍ଦ’ ତିଆରି କରିବାର ବା ରେଖାଙ୍କିତ କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ଦୁଇ ତିନୋଟି ଭଲ କଥା ହେବ । ଓଡ଼ିଆ ଭାଷାରେ ହୁଏତ ନୂଆ ଶବ୍ଦ ତିଆରି ହେବ କିମ୍ବା ତିଆରି ହୋଇଥିବା ଶବ୍ଦକୁ ଆନୁଷ୍ଠାନିକ ମାନ୍ୟତା ମିଳିଯିବ– ପରବର୍ତ୍ତୀ ସମୟରେ ତାହା ଭାଷାକୋଷ ଭିତରେ ସାମିଲ ବି ହୋଇଯିବ ।**

‘ଏ ବର୍ଷର ଶବ୍ଦ’ ଭାବେ ରେଖାଙ୍କିତ କରାଗଲେ ନୂଆ ନୂଆ ଶବ୍ଦ ସାଧାରଣ ବ୍ୟବହାର ଭିତରକୁ ପଶି ଆସିବ ଯାହା ଆମ ଶବ୍ଦ ଭଣ୍ଡାରକୁ ଋଦ୍ଧିମନ୍ତ କରିବ । ଅର୍ଥାତ୍ ଏ ପ୍ରୟୋଗ ଓଡ଼ିଆ ଭାଷାରେ ନୂଆ ଶବ୍ଦ ସୃଷ୍ଟି ଓ ତାକୁ ପ୍ରଚଳିତ କରେଇବାରେ ଏହା ନିଶ୍ଚିତ ଭାବେ ସହାୟକ ହେବ ।

ଏବେ ପ୍ରଶ୍ନ: ଏହାକୁ କରିବେ କିଏ? ଓଡ଼ିଆ ସାହିତ୍ୟ ସଂସ୍କୃତିକୁ ନେଇ ଯେଉଁମାନେ ଗବେଷଣା କରୁଛନ୍ତି ସେ ସଂସ୍ଥା କରିପାରନ୍ତି ବା କୌଣସି ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତାକୁ କରିପାରନ୍ତି ବା ଯେଉଁମାନେ ଅଭିଧାନ ପ୍ରଣୟନ କରୁଛନ୍ତି ସେମାନେ ବି ଏଭଳି କରିପାରନ୍ତି । ରାଜ୍ୟ ସାହିତ୍ୟ ଆକାଡେମୀ ବା ଭାଷା ପ୍ରତିଷ୍ଠାନ ଭଳି ସଂସ୍ଥାମାନେ ମଧ୍ୟ ଏହାକୁ କରିପାରନ୍ତି । ତେବେ ଏହାକୁ ଯିଏ ବି କରନ୍ତି, ତାଙ୍କର ସାଧାରଣରେ ମାନ୍ୟତା ଓ ଗ୍ରହଣୀୟତା ଥିବା ଦରକାର ।

**ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମୁନିକେସନ, (IIMC) ସଞ୍ଚାର ମାର୍ଗ, ଢେଙ୍କାନାଳ–୭୫୯୦୦୧, ଓଡ଼ିଶା**
**ମୋ–୯୧– ୯୪୩୭୦ ୨୬୧୯୪**
www.mrinalchatterjee.com

# ବନ୍ଦେ ମାତରମ୍



**ଡାକ୍ତର ରବି ରଂଜନ ସାହୁ**

ଭାରତରେ ଇଂରେଜମାନେ ଶାସନ କରିବା ସହିତ ସେମାନଙ୍କ ଭାଷା, ସଂସ୍କୃତି, ବିଦେଶୀ ପରମ୍ପରାକୁ ଭାରତରେ ପ୍ରଚଳନ କରିଥିଲେ ଏବଂ ତାଙ୍କ ଦେଶର ଜାତୀୟ ସଂଗୀତ ‘ଗଡ୍ ସେଭ୍ ଦି କିଙ୍ଗ’କୁ ଭାରତୀୟଙ୍କ ଉପରେ ଲଦିଦେଇ ଭାରତୀୟମାନେ ତାହା ଗାନ କରିବାକୁ ବାଧ୍ୟ କରୁଥିଲେ । ଏହା କେତେକ ଦେଶପ୍ରେମୀ ଭାରତୀୟଙ୍କୁ ଉଚିତ୍ ମନେ ହେଉ ନ ଥିଲା । ଏହି ଦେଶପ୍ରେମୀ ଭାରତୀୟମାନଙ୍କ ମଧ୍ୟରେ ଜଣେ ଥିଲେ ପଶ୍ଚିମବଙ୍ଗର ବଙ୍କିମଚନ୍ଦ୍ର ଚାଟାର୍ଜୀ । ସେ ଭାରତମାତାର ସନ୍ତାନ ଭାବେ ଏକ ଦେଶ ବନ୍ଦନା ରଚନା କଲେ, ଯାହା ୧୮୭୫ ମସିହାରେ ଲେଖାଯାଇଥିଲା । ଏହି ଗୀତଟି ପରେ ଭାରତରେ ଏକ ପ୍ରମୁଖ ଦେଶାତ୍ମବୋଧକ ଗୀତ ଭାବରେ ପରିଗଣିତ ହେଲା ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ଧ୍ୱନି ତଥା ଆନ୍ଦୋଳନର ଗୀତ ହୋଇ ଯାଇଥିଲା । ଦେଶ ସ୍ୱାଧୀନ ହେବା ପରେ ସେହି ଗୀତ ‘ବନ୍ଦେ ମାତରମ୍’ ଭାରତର ରାଷ୍ଟ୍ର ଗୀତର ମାନ୍ୟତା ମଧ୍ୟ ହାସଲ କଲା ।

ବଙ୍କିମଚନ୍ଦ୍ର ଚାଟାର୍ଜୀ ଲେଖିଥିବା ଗୀତଟି ପ୍ରଥମେ ଦୁଇପଦ ବିଶିଷ୍ଟ ଥିଲା । ମାତ୍ର ୧୮୮୨ ମସିହାରେ ଯେତେବେଳେ ତାଙ୍କର ଉପନ୍ୟାସ ‘ଆନନ୍ଦ ମଠ’ ପ୍ରକାଶିତ ହେଲା, ସେହି ଉପନ୍ୟାସରେ ଏହି ଗୀତଟି ରହିଥିଲାବେଳେ ତାହା ଛଅ ପଦ ବିଶିଷ୍ଟ ଥିଲା । ‘ବନ୍ଦେ ମାତରମ୍’ର ଛଅ ପଦରୁ ପ୍ରଥମ ଦୁଇ ପଦରେ ଭାରତମାତାଙ୍କ ପଦ ବନ୍ଦନା ହୋଇଥିଲା ବେଳେ ଅବଶିଷ୍ଟ ଚାରି ପଦରେ ବଙ୍କିମଚନ୍ଦ୍ର ଦେବୀ ଦୁର୍ଗାଙ୍କର ବନ୍ଦନା କରିଛନ୍ତି । ଏହି ‘ବନ୍ଦେ ମାତରମ୍’ ଗୀତକୁ ୧୮୯୬ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଗାଇଥିଲେ । ପୁଣି ୧୯୦୧ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ଦକ୍ଷିଣ ଚରଣ ସେନ୍ ଗାଇଥିଲେ । ସେହିପରି ୧୯୦୫ରେ ଭାରତୀୟ ଜାତୀୟ କଂଗ୍ରେସର ବାରାଣାସୀ ଅଧିବେଶନରେ ସରଳା ଦେବୀ ଚୌଧୁରାଣୀ ’ବନ୍ଦେ ମାତରମ୍’ ଗାଇଥିଲେ । ଏହିପରି ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନମାନଙ୍କରେ ‘ବନ୍ଦେ ମାତରମ୍’ ଗାନ କରାଯିବା ଏକ ପରମ୍ପରାରେ ପରିଣତ ହେଲା ।

‘ବନ୍ଦେ ମାତରମ୍’ ନାମରେ ଏକ ପତ୍ରିକା ଲାହୋରରୁ ପ୍ରକାଶ ପାଇଲା, ଯାହାର ସମ୍ପାଦକ ଥିଲେ ଲାଲା ଲଜପତ ରାୟ । ସେହିପରି ହିରାଲାଲ ସେନ୍ ଏକ ରାଜନୀତିକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ, ଯାହାର ଶେଷ ଭାଗରେ ଥିଲା ‘ବନ୍ଦେ ମାତରମ୍’ ଗୀତ । ୧୯୦୫ରେ ଯେତେବେଳେ ଇଂରେଜ ସରକାର ତାଙ୍କ ଶାସନକୁ ଭାରତରେ ସୁଦୃଢ଼ କରିବାକୁ ହିନ୍ଦୁ ଓ ମୁସଲିମ୍ ମଧ୍ୟରେ ବିବାଦ ଲଗାଇବା ପାଇଁ ‘ବଙ୍ଗ ଭଙ୍ଗ’ କଲେ, ସେତେବେଳେ ଆଜିର ବଂଗଳାଦେଶ ବାରିଶାଲରେ ଇଂରେଜ ସରକାରଙ୍କ ଏହି ନୀତିକୁ ବିରୋଧ କରି ହିନ୍ଦୁ ମୁସଲମାନ ଜନତାଙ୍କର ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ଏହି ଶୋଭାଯାତ୍ରାରେ କ୍ରାନ୍ତିକାରୀମାନଙ୍କ କଣ୍ଠରେ ‘ବନ୍ଦେ ମାତରମ୍’ ଉଚ୍ଚାରିତ ହେଉଥିଲା । କବିଗୁରୁ ରବୀନ୍ଦ୍ରନାଥଙ୍କଠାରୁ ଆରମ୍ଭ କରି ସମସ୍ତ କ୍ରାନ୍ତିକାରୀମାନେ ‘ବନ୍ଦେ ମାତରମ୍’କୁ ଗାଇ ଗାଇ ଇଂରେଜ ସରକାରଙ୍କ ‘ବଙ୍ଗ ଭଙ୍ଗ’ ନୀତିକୁ ବିରୋଧ କରିଥିଲେ ।

ମାଡାମ ଭିକାଜୀ କାମା ଜର୍ମାନୀରେ ଭାରତ ପାଇଁ ଜାତୀୟ ପତାକାର ଡ଼ିଜାଇନ ପ୍ରସ୍ତୁତ କରିଥିଲେ । ଏହି ତ୍ରିରଙ୍ଗା ପତାକାର ମଧ୍ୟ ଭାଗରେ ବନ୍ଦେ ମାତରମ୍ ସ୍ଥାନ ପାଇଥିଲା । ସେହିପରି ପଣ୍ଡିତ ବିସ୍‌ମିଲା ତାଙ୍କ ବହି ‘ କ୍ରାନ୍ତି ଗୀତାଞ୍ଜଳି’ ରେ ‘ବନ୍ଦେ ମାତରମ୍’କୁ ସ୍ଥାନ ଦେଇଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାମନ୍ତ୍ର, ଜାଗରଣ ଗୀତ ଭାବେ ‘ବନ୍ଦେ ମାତରମ୍’ ଗ୍ରହଣୀୟ ହୋଇଯାଇଥିଲା । ଇଂରେଜମାନଙ୍କ ଅତ୍ୟାଚାରର ଶିକାର ହୋଇ ପ୍ରାଣ ହରାଇଥିବା ମାତଙ୍ଗିନୀ ହାଜରା ମୃତ୍ୟୁ ପୂର୍ବରୁ ‘ବନ୍ଦେ ମାତରମ୍’ ଉଚ୍ଚାରଣ କରି ପ୍ରାଣତ୍ୟାଗ କରିଥିଲେ । ଏ ସବୁଥିରୁ ପ୍ରତୀୟମାନ ହେଉଛି ଯେ ‘ବନ୍ଦେ ମାତରମ୍’ କିପରି ଭାରତ ଓ ଭାରତୀୟଙ୍କର ଆପଣାର ହୋଇଥିଲା । ଭାରତୀୟ ଜାତୀୟ କଂଗ୍ରେସର ଲାହୋର ଅଧିବେଶନ ୧୯୩୭ରେ ‘ବନ୍ଦେ ମାତରମ୍’ ଗୀତର ପ୍ରଥମ ଦୁଇ ପଦକୁ ଭାରତର ଜାତୀୟ ଗୀତ ଭାବେ ସ୍ୱୀକୃତି ଦିଆଯାଇ ପ୍ରସ୍ତାବ ପାରିତ ହୋଇଥିଲା । ଭାରତୀୟ ଜାତୀୟ କଂଗ୍ରେସର ତୁଙ୍ଗ ନେତାମାନଙ୍କ ଉପସ୍ଥିତିରେ ଏବଂ ମହାତ୍ମା ଗାନ୍ଧି ଓ କବିଗୁରୁ ରବୀନ୍ଦ୍ରନାଥଙ୍କ ସମର୍ଥନରେ ’ବନ୍ଦେ ମାତରମ୍’ ଭାରତରେ ମାନ୍ୟତା ଲାଭ କରିଥିଲାବେଳେ ସ୍ୱାଧୀନତା ପରେ ଭାରତୀୟ ସମ୍ବିଧାନ ପ୍ରଣୟନ ସଭା ‘ବନ୍ଦେ ମାତରମ୍’ର ପ୍ରଥମ ଦୁଇ ପଦକୁ ରାଷ୍ଟ୍ର ଗୀତ ଭାବେ ୨୪ ଜାନୁୟାରୀ ୧୯୫୦ରେ ମାନ୍ୟତା ପ୍ରଦାନ କରିଥିଲେ । ସେହି ଦିନଠାରୁ ‘ବନ୍ଦେ ମାତରମ୍’ ଭାରତର ରାଷ୍ଟ୍ର ଗୀତ ଭାବେ ଗାନ କରାଯାଇ ଆସୁଅଛି ।

ଯେଉଁ ଗୀତକୁ ଆଜିକୁ ୧୫୦ ବର୍ଷ ତଳେ ରଚନା କରାଯାଇଥିଲା ଓ ୫୦ ବର୍ଷ ତଳେ ରାଷ୍ଟ୍ର ଗୀତ ଭାବେ ଗ୍ରହଣ କରାଯାଇଥିଲା ସେହି ‘ବନ୍ଦେ ମାତରମ୍’ ଗୀତ ସବୁ ସମୟ ପାଇଁ ପ୍ରାସଙ୍ଗିକ ହୋଇ ରହିଛି । ଭାରତୀୟ ସ୍ୱାଧୀନତା ସମୟରେ କ୍ରାନ୍ତି ଗୀତ ଭାବେ ପ୍ରତ୍ୟେକ ଭାରତୀୟଙ୍କ କଣ୍ଠରେ ଉଚ୍ଚାରିତ ହୋଇଥିବା ଏବଂ ସ୍ୱାଧୀନତା ପରେ ପୂର୍ଣ୍ଣ ମର୍ଯ୍ୟାଦାର ସହିତ ରାଷ୍ଟ୍ର ଗୀତ ଭାବେ ଗାନ କରାଯାଉଥିବା ‘ବନ୍ଦେ ମାତରମ୍’ ଆଗାମୀ ହଜାର ହଜାର ବର୍ଷ ପାଇଁ ମଧ୍ୟ ପ୍ରାସଙ୍ଗିକ ହୋଇ ରହିବ । ଯେ ପର୍ଯ୍ୟନ୍ତ ଭାରତ ରହିଛି, ସେ ପର୍ଯ୍ୟନ୍ତ ‘ବନ୍ଦେ ମାତରମ୍’ ରହିଥିବ ଓ ପ୍ରତ୍ୟେକ ଭାରତୀୟଙ୍କୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ କରୁଥିବ ।

**ସୌଜନ୍ୟ: ପି.ଆଇ.ବି.**
**ଚାନ୍ଦିନୀଚୌକ, କଟକ–୨**
**ମୋ–୯୪୩୭୩–୧୦୧୭୧**

# ମନୁଷ୍ୟ ରୂପ ବୃକ୍ଷ ଓ ପ୍ରେମ

**ସୌର ଚନ୍ଦ୍ର ମହାପାତ୍ର**

ଆମ୍ଭେମାନେ ଅନେକ ସମୟରେ ଦମ୍ଭ ଧରିଥାଉଁ ଯେ, ଅନେକ ଅସାଧ ସାଧନ କରି ପାରିଛୁ, ମାତ୍ର ଅସଲ କଥା ହେଉଛି ଆମ୍ଭମାନଙ୍କର ଇନ୍ଦ୍ରିୟଗୁଡ଼ଇକୁ ସଂଯମ କରିବାରେ କିନ୍ତୁ ଆମେ ସଫଳ ହୋଇପାରି ନଥାଉଁ । ମନଟି ଅତ୍ୟନ୍ତ ଚଗଲା, ମନ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଆସି ପାରିବ, ଯଦିଓ ଏହା ବଡ଼ ଆୟାସସାଧ୍ୟ। ଶୃଙ୍ଖଳିତ ଅଭ୍ୟାସ ଏବଂ ନିଷ୍ଠୁର ପରୀକ୍ଷା ଓ ନିରାସକ୍ତ ଦ୍ୱାରା ମନ ଉପରେ ପ୍ରଭୁତ୍ୱ ବିସ୍ତାର କରିହେବ । ଅବିଚଳିତ ଅଭ୍ୟାସ ମାଧ୍ୟମରେ ସମସ୍ତ କାର୍ଯ୍ୟ ସାଧନ କରାଯାଇ ପାରିବ ।

ଭଗବାନଙ୍କ ଠାରେ ବିଶ୍ୱାସ ରଖି ଅଭ୍ୟାସ କଲେ ତାଙ୍କରି ଶକ୍ତି ଓ କୃପା ବଳରେ ପ୍ରତ୍ୟେକ କାର୍ଯ୍ୟ ସହଜ ହୁଏ ।

ମାୟା ନାନା ବିଚିତ୍ର ପଦାର୍ଥ ସୃଷ୍ଟି କରେ ଏବଂ ଭ୍ରମ ଜନ୍ମାଏ । ଏପରି କୌଣସି ପଦାର୍ଥ ନାହିଁ ଯାହା ମାୟା ସୃଷ୍ଟି କରି ନପାରେ । ମାୟା ଏକ ନୂତନ ସୃଷ୍ଟି ତିଆରି କରିପାରେ, ପୁଣି ଏହାର ଧ୍ୱଂସ ସାଧନ ପାଇଁ ନାଟକ ଭିଆଇ ପାରେ । ଆମମାନଙ୍କ ଭିତରୁ ଅନେକ ନିର୍ବୋଧ ଏହି ମାୟାର ଜାଲରେ ସହଜରେ ପଡ଼ିଯାଆନ୍ତି, ଯାହାଫଳରେ ଏହାର ଶିକାର ହୋଇ ମାୟାରେ ଜନ୍ମଲାଭ କରିଥାନ୍ତି, ମାୟାରେ ବାସ କରନ୍ତି ଏବଂ ମାୟାରେ ଦେହ ଛାଡ଼ନ୍ତି । ଯଦି ଆମ୍ଭେମାନେ ଦେବତ୍ୱକୁ ବୁଝି ପାରିବା ଏବଂ ଏହା କିପରି କାର୍ଯ୍ୟକାରୀ ହେଉଛି ଜାଣିପାରିବା, ତାହାହେଲେ ଜୀବନରେ ମାୟାର ପ୍ରଲୋଭନକୁ ତ୍ୟାଗ କରିପାରିବା ।

ବର୍ତ୍ତମାନର ସାଧାରଣ ମଣିଷର ଜୀବନଟିକୁ ଭଲ ଭାବେ ଦେଖନ୍ତୁ, ମଣିଷ ଭାବେ ଜନ୍ମ ହୋଇ ମଧ୍ୟ ସେ ପଶୁ ଜାତି ପରି କାର୍ଯ୍ୟସବୁ କରୁଛି । କେତେକ କ୍ଷେତ୍ରରେ ଦେଖାଯାଉଛି କିଛି ମଣିଷଙ୍କ କାର୍ଯ୍ୟ ହେଉଛି ବଣୁଆ ହାତୀ ପରି ଖାଇପିଇ, ଧସ୍ତାଧସ୍ତି ହୋଇ, ଦୌଡ଼ ଧପଡ଼ କରି ଆରଣ୍ୟକ ଜୀବନ ଯାପନ କରିବା । କିନ୍ତୁ ସେ ଜନ୍ତୁରାଜ ସିଂହ ସଦୃଶ ନିର୍ଭୟ ଓ ଅପରାଜେୟ ପ୍ରଭୁ ପରି ନିଜର ଯଶ ପ୍ରଚାର କରି ପାରୁନାହିଁ । ପ୍ରକୃତ କଥା ହେଉଛି ସେ ଆତ୍ମବଳରେ ବଳୀୟାନ ହୋଇ ଭୟଶୂନ୍ୟ ଭାବରେ ବିହାର କରିବା ଉଚିତ ।

ମହାମାନବମାନେ କିପରି ଆଚରଣ କରିବେ କିମ୍ବା କେଉଁ ମନୋଭାବରେ ପରିଚାଳିତ ହେବେ, ଏହା କେଉଁ ଶାସ୍ତ୍ରରେ ନିର୍ଦ୍ଦେଶିତ ହୋଇନାହିଁ । ସେମାନେ କେଉଁ ପଥରେ ଚାଲିବେ, ଏହା ସେମାନେ ନିଜେ ଠିକ କରିଥାନ୍ତି । ସ୍ୱାବଲମ୍ବିତା ଏବଂ ଜନ ହିତକର କର୍ମ ନିର୍ଯ୍ୟାସ ସେମାନଙ୍କୁ ଅନ୍ୟମାନଙ୍କ ଠାରୁ ପୃଥକ କରିଦିଏ । ଭକ୍ତମାନଙ୍କର ମଙ୍ଗଳ ବିଧାନ କରିବା ଏବଂ ସେମାନଙ୍କୁ ସୁମାର୍ଗକୁ ଆଣି ସୁଫଳ ଭୋଗ କରାଇବାର କ୍ଷମତା ସେମାନଙ୍କର ଥାଏ । ଆତ୍ମା ଲୋକମାନଙ୍କର ନିନ୍ଦା ବା ପ୍ରଶଂସା ଦ୍ୱାରା ପ୍ରଭାବିତ ହୁଏ ନାହିଁ । ଏହା ସେମାନଙ୍କର ବହିଃସ୍ଥ ଶରୀରକୁ ସ୍ପର୍ଶ କରିପାରେ ।

ମନୁଷ୍ୟ ରୂପୀ ବୃକ୍ଷର ଫଳ ହେଉଛି ପ୍ରେମ, ଯାହା ସମସ୍ତେ ଆସ୍ୱାଦନ କରନ୍ତି । ମାତ୍ର ପ୍ରେମ ଫଳର ପ୍ରକୃତ ମଧୁରତା ପାଇବାକୁ ହେଲେ, ଏହାକୁ ଢାଙ୍କି ରଖିଥିବା ଚୋପା ଏବଂ ଏହା ମଧ୍ୟରେ ଥିବା ମଞ୍ଜିଗୁଡ଼ିକୁ ବାଛି ପକାଇ ଦେବାକୁ ପଡ଼ିବ । ପ୍ରେମ ଫଳର ଚୋପା ହେଉଛି ଅହଙ୍କାର ଏବଂ ଦୁର୍ଭାବନାଗୁଡ଼ିକ ମଞ୍ଜି ସ୍ୱରୂପ । ଏହି ଚୋପା ଓ ମଞ୍ଜିଗୁଡ଼ିକୁ ପରିତ୍ୟାଗ କଲେ ପ୍ରେମର ମିଷ୍ଟତା ଅନୁଭୂତ ହେବ । ପ୍ରେମ ହେଉଛି ଜୀବନର ଧର୍ମ । ଏହି ଜଗତ ପ୍ରେମର ସଂଜାତ ଏହା ପ୍ରେମରେ ତିଷ୍ଠି ରହିଛି । ପ୍ରେମଧର୍ମ ପାଳନରୁ ଶାଶ୍ୱତ ଶାନ୍ତି ଓ ଅପାର ଆନନ୍ଦ ଲାଭ ହୁଏ ।

**(ବରିଷ୍ଠ ଆଇନଜୀବୀ ଓ ସଭ୍ୟ, ରାଜ୍ୟ ଆଇନ କମିଶନ, ଓଡ଼ିଶା ହାଇକୋର୍ଟ)**
**‘ସତ୍ୟାଳୟ’ ପ୍ଲଟ ନଂ – ୧୦୮୭/ଡ଼ି,**
**ସେକ୍ଟର–୬, କଟକ,**
**ମୋ– ୯୪୩୭୦୦୪୪୬୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାଂଲାଦେଶରେ...

ସୂଚନା ଦିଆଯାଇଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ବାଂଲାଦେଶର ଅନ୍ତରୀଣ ସରକାରଙ୍କ ଠାରୁ ସେଠାରେ ନିଯୁକ୍ତି ହୋଇଥିବା ଭାରତୀୟ କୂଟନୀତିମାନଙ୍କର ସୁରକ୍ଷା ସୁଚିନ୍ତିତ କରାଯିବ ବୋଲି ଆମର ଆଶା ରହିଛି । ଭାରତୀୟ ହାଇକମିଶନରଙ୍କ ସୁରକ୍ଷା ନେଇ ଭାରତ ଚିନ୍ତା ପ୍ରକଟ କରିଛି । ଏମ୍ଇଏ ପକ୍ଷରୁ କୁହାଯାଇଛି ଯେ, ଏହି ବିଚ୍ଛିନ୍ନତାବାଦୀ ତତ୍ତ୍ୱ ନିକଟରୁ କିଛି ମିଛ ଅବତାରଣା କରୁଛନ୍ତି । ଅନ୍ତରୀଣ ସରକାର ଏହାର ସମ୍ପୂର୍ଣ୍ଣ ତଦନ୍ତ କରିବା ସହ ମୂଲ୍ୟହୀନ ପ୍ରମାଣ ଗୁଡିକୁ ଭାରତକୁ ଦିଅନ୍ତୁ ନାହିଁ । ବାଂଲାଦେଶର ନ୍ୟାସନାଲ ସିଟିଜିନ ପାର୍ଟି ନେତା ହଂସନ୍ତ ଅବଦୁଲ୍ଲା ଭାରତର ଉତ୍ତର-ପୂର୍ବ ରାଜ୍ୟରେ ଏକ ଅସ୍ଥିରତା ସୃଷ୍ଟି କରିବା ନେଇ ବୟାନ ଦେଇଥିଲେ । ଉତ୍ତର-ପୂର୍ବ ରାଜ୍ୟକୁ ସେଭେନ ସିଷ୍ଟର କୁହାଯାଇଥାଏ । ଯଦି ବାଂଲାଦେଶ ଅସ୍ଥିରତା ସୃଷ୍ଟି କରିବ ଏହି ନିଆଁ ସୀମା ଡେଇଁ ବ୍ୟାପିବ । ପୃଥକ ଭାବେ ବାଂଲାଦେଶ ମଧ୍ୟ ଢ଼ାକାରେ ଥିବା ଭାରତୀୟ ହାଇକମିଶନରଙ୍କୁ ସମନ କରିଛି । ଏହାର ପୂର୍ବ ପ୍ରଧାନମନ୍ତ୍ରୀ ସେକ ହାସିନାଙ୍କୁ ପ୍ରତ୍ୟାର୍ପଣ ପାଇଁ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ କଣ ପଦକ୍ଷେପ ନିଆଯାଇଛି ତାହା ଜାଣିବାକୁ ଚାହିଁଛନ୍ତି । ଗତ ମାସରେ ବାଂଲାଦେଶର କୋର୍ଟ ହାସିନାଙ୍କୁ ୫୦୦ ଲୋକଙ୍କ ହତ୍ୟା ଅଭିଯୋଗରେ ମୃତ୍ୟୁଦଣ୍ଡ ଦେଇଥିଲା । ଏହାପରେ ବାଂଲାଦେଶ ପକ୍ଷରୁ ହାସିନାଙ୍କୁ ଭାରତରୁ ପ୍ରତ୍ୟାବର୍ତ୍ତନ ପାଇଁ ଚିଠି ଲେଖା ଯାଇଛି ।

## ଉଭୟ...

ଭାରତ ଏବଂ ଇଥିଓପିଆ ମଧ୍ୟରେ ସଭ୍ୟତାଗତ ସମ୍ପର୍କକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ଉଭୟ ଦେଶ ପ୍ରାଚୀନ ଜ୍ଞାନକୁ ଆଧୁନିକ ମହତ୍‌କାଂକ୍ଷା ସହିତ ମିଶ୍ରଣ କରିଆସିଛନ୍ତି । ଏହି ପରିପ୍ରେକ୍ଷୀରେ, ସେ ଉଲ୍ଲେଖ କରିଥିଲେ ଯେ ଭାରତର ଜାତୀୟ ଗୀତ ବନ୍ଦେ ମାତରମ୍ ଏବଂ ଇଥିଓପିଆର ଜାତୀୟ ସଙ୍ଗୀତ ଉଭୟ ସେମାନଙ୍କ ଭୂମିକୁ ମାତା ବୋଲି ସମ୍ବୋଧିତ କରନ୍ତିଛ ଦୁଇ ଦେଶର ମିଳିତ ସଂଘର୍ଷକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ୧୯୪୧ ମସିହାରେ ସ୍ୱାଧୀନତା ପାଇଁ ଲଢ଼ିଥିବା ଇଥିଓପିଆର ଲୋକଙ୍କ ସହିତ ଭାରତୀୟ ସୈନିକଙ୍କ ଅବଦାନ ଉଲ୍ଲେଖନୀୟ ଥିଲା ।ସେ କହିଥିଲେ ଯେ ଇଥିଓପିଆ ଲୋକଙ୍କ ବଳିଦାନର ପ୍ରତୀକ ଏଡଓ୍ୱା ବିଜୟ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଦେବା ତାଙ୍କ ପାଇଁ ଏକ ସମ୍ମାନର ବିଷୟ ଥିଲା ।

ପ୍ରଧାନମନ୍ତ୍ରୀ ଭାରତ-ଇଥିଓପିଆ ସହଭାଗୀତାକୁ ବ୍ୟାପକ ଏବଂ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ, ସେ ଇଥିଓପିଆର ଅଭିବୃଦ୍ଧି ଏବଂ ସମୃଦ୍ଧିରେ ଭାରତୀୟ ଶିକ୍ଷକ ଏବଂ ଭାରତୀୟ ବ୍ୟବସାୟର ଅବଦାନକୁ ମନେ ପକାଇଥିଲେ । ସେ କହିଥିଲେ ଯେ ତାଙ୍କ ସରକାରଙ୍କ ୧୧ ବର୍ଷ ମଧ୍ୟରେ ଭାରତ-ଆଫ୍ରିକା ସମ୍ପର୍କ ଦ୍ରୁତ ଗତିରେ ଅଗ୍ରଗତି ହାସଲ କରିଛି, ଉଭୟ ପକ୍ଷର ରାଷ୍ଟ୍ରମୁଖ୍ୟ ସ୍ତରରେ ଏବଂ ସରକାର ସ୍ତରରେ ୧୦୦ ରୁ ଅଧିକ ବୈଠକ ହୋଇଛ । ଏହି ମହାଦେଶର ୧ ନିୟୁତ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦେବା ପାଇଁ ଜୋହାନ୍ସବର୍ଗ ଜି-୨୦ ଶିଖର ସମ୍ମିଳନୀରେ ଆଫ୍ରିକା ଦକ୍ଷତା ଅଭିବୃଦ୍ଧି ପଦକ୍ଷେପ ଆରମ୍ଭ କରିବା ପାଇଁ ତାଙ୍କ ପ୍ରସ୍ତାବ ଉପରେ ପୁନଃ ଗୁରୁତ୍ୱାରୋପ କରିଥିଲେ ।

## ଚାଷୀଙ୍କ...

ପ୍ରକ୍ରିୟା ସମ୍ପନ୍ନ କରିବାକୁ ପ୍ରଶାସନ ଅନୁରୋଧ କରିଛି । ସମ୍ବଲପୁର ଜିଲ୍ଲାରେ ଧାନ କିଣାବିକାକୁ ନେଇ ଅଚଳାବସ୍ଥା ଲାଗି ରହିଛି । ଟୋକନ୍ ସମସ୍ୟା ଯୋଗୁଁ ଚାଷୀଙ୍କ ଧାନ ଖଳା ଓ ମଣ୍ଡିରେ ପଡି ରହିଛି । ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାରଙ୍କ ରାଜନୈତିକ ଇଚ୍ଛା ଶକ୍ତି ନାହିଁ । ତେଣୁ ଚାଷୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ସରକାରଙ୍କ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ଅଭିଯୋଗ କରିଛି । ଚାଷୀ ନିଜର ହକ ଲାଗି ଗତ ୧ ଓ ୧୨ ଡ଼ିସେମ୍ବର ରାଜରାସ୍ତାକୁ ଓହ୍ଲାଇ ଥିବାବେଳେ ସରକାର ନିର୍ଦ୍ଦେଶରେ ପୋଲିସ ଗିରଫ କରିଥିଲା । ଗୋଟିଏ ମାସ ବିଳମ୍ବରେ ମଣ୍ଡି ଖୋଲିବା, ଟୋକନ୍ ଅବ୍ୟବସ୍ଥା, କଟନି ଛଟନି ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଯାଇଛି । ୧୯ ତାରିଖରେ ଆହୁତ ସମ୍ବଲପୁର ବନ୍ଦକୁ ସମର୍ଥନ ଲୋଡ଼ିବାକୁ ଆଜି ୨୦୦ ଚାଷୀ ବାଇକ୍‌ରେ ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିବେ ।

## ଗାଁରେ...

ଦେଖି ଭାବବିହ୍ୱଳ ହୋଇଯାଇଥିଲେ। ପରିବାର ଲୋକ ମଧ୍ୟ ନିଜ ପୁଅକୁ ଫେରିପାଇ ବେଶ ଆନନ୍ଦ ଅନୁଭବ କରିଥିଲେ। ଆଦର୍ଶ ଜଗତସିଂହପୁର ଫେରିବା ପରେ ଜିଲାପାଳ ଜେ ସୋନାଲ ଓ ଏସପି ଅଙ୍କିତ ବର୍ମାଙ୍କ ପ୍ରେସ ମିଟ ଜରିଆରେ ଆଦର୍ଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହିତ ଆଦର୍ଶଙ୍କୁ ଆଉ ବିଦେଶ ଯିବାକୁ ପଡିବନୀ। ଆଦର୍ଶଙ୍କ ଦକ୍ଷତା ଅନୁସାରେ ନିଜ ଜିଲ୍ଲା ପାରାଦୀପ ଠାରେ ପ୍ଲାଷ୍ଟିକ ପାର୍କ କିମ୍ବା ଅନ୍ୟ କୌଣସି କମ୍ପାନୀରେ ନିଯୁକ୍ତି ଦେବାକୁ ଜିଲାପାଳ ଆଦର୍ଶ ଓ ତାଙ୍କ ପରିବାରକୁ ପ୍ରତିଶୃତି ଦେଇଥିଲେ। ପରେ ଆଦର୍ଶ ନିଜ ଗାଁ କୋଟକଣାକୁ ଫେରିବା ପରେ ଗାଁ ମନ୍ଦିରରେ ମୁଣ୍ଡିଆ ମାରିଥିଲେ। ସେଠାରେ ଅପେକ୍ଷା କରି ରହିଥିବା ଅଞ୍ଚଳର ବହୁ ଜନସାଧରଣ ଆଦର୍ଶଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇବା ସହିତ ମିଠା ଖୁଆଇ ଥିଲେ।

ସୂଚନା ଅନୁସାରେ ୨୦୨୨ ମସିହାରେ ଜଗତସିଂହପୁର ଜିଲା ର୍ତିର୍ତୋଲ ଥାନା କୋଟକଣା ଗାଁର ଆଦର୍ଶ ବେହେରା ହାଇଦ୍ରାବାଦ ରହୁଥିବା ସମୟରେ କୌଣସି ଏକ ଏଜେନ୍ସି ସହିତ ଯୋଗାଯୋଗ ହୋଇଥିଲା। ପରେ ଆଦର୍ଶ ସେହି ବର୍ଷ ସୁଦାନର ଦର୍ଫୁର ଷ୍ଟେଟର ଅଲ ଫାସିର ଠାରେ ଥିବା ଶୁକ୍ରାତି ପ୍ଲାଷ୍ଟିକ ନାମକ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ବିଦ୍ରୋହୀ ଆତଙ୍କବାଦୀମାନେ ତାଙ୍କୁ ଅପହରଣ କରି ନେଇଥିଲେ। ଏହି ବାବଦରେ ଅପହରଣକାରୀ ମାନେ ଏକ ଭିଡିଓ ଜାରି କରିଥିବା ସହ ଅପହୃତ ଯୁବକଙ୍କର ମଧ୍ୟ ହିନ୍ଦୀରେ ଏକ ଅଡିଓ ତାଙ୍କ ଘରକୁ ପଠାଇଥିଲେ। ହେଲେ ପରେ ତାଙ୍କର ଆଉ କୌଣସି ସନ୍ଧାନ ମିଳି ପାରିନଥିଲା। ବାପା ମାଆ ଭାଙ୍ଗି ପଡିଥିବା ସହ ତାଙ୍କର ସ୍ତ୍ରୀ ଓ ପିଲା ମଧ୍ୟ ଭୟ ଆଶଙ୍କା ଭିତରେ ରହିଥିଲେ। ପୁଅର ଉଦ୍ଧାର ନିମନ୍ତେ ବାପା ମାଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଉଦ୍ଧାର କରିବାକୁ ଆକୁଳ ନିବେଦନ କରିଥିଲେ । ଏହି ପ୍ରସଙ୍ଗକୁ ନେଇ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଲୋକସଭାରେ ଆଦର୍ଶଙ୍କୁ ଉଦ୍ଧାର ନିମନ୍ତେ ଦାବୀ ଉପସ୍ଥାପନ କରିଥିଲେ। ଭାରତ ସରକାରଙ୍କ ଆମ୍ବାସୀ ଓ ଓଡିଶା ସରକାରଙ୍କ ରେସିଡେଣ୍ଟ କମିଶନରଙ୍କ ଉଦ୍ୟମ ଫଳରେ ଆଜି ଆଦର୍ଶ ସେମାନଙ୍କ ଠାରୁ ମୁକୁଳି ପୁନଃ ଜୀବନ ପାଇ ଘରକୁ ଫେରିଛନ୍ତି।

## ରାଜ୍ୟ...

ପରିବାରର ଯୋଗାଯୋଗରେ ରହି ଆଦର୍ଶଙ୍କୁ ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି ।

ସୂଚନାଯୋଗ୍ୟ ଯେ ଆଦର୍ଶ ସୁଦାନର ଉତ୍ତର ଡରଫର୍ ରାଜ୍ୟର ଏଲ୍ ଫାସର୍ ସହରରେ ନିଖୋଜ ଥିଲେ। ଆଦର୍ଶଙ୍କ ଫେରିବା ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସି ବ୍ୟକ୍ତ କରିବା ସହ କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

ସୂଚନା ଯୋଗ୍ୟ ଯେ ଆଦର୍ଶ ନିଖୋଜ ଖବର ପାଇ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିବା ସହ ତାଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ପତ୍ର ଲେଖି ତାଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ । ସୂଚନା ଯୋଗ୍ୟ ଯେ, ଜଗତସିଂହପୁର ଜିଲ୍ଲା ତିର୍ତୋଲ ଥାନା କୋଟକଣା ଗ୍ରାମର ଆଦର୍ଶ କୁମାର ବେହେରା ୨୦୨୨ ମସିହାରୁ ସୁଦାନରେ କାମ କରୁଥିଲେ। ପରେ, ତାଙ୍କ ପରିବାର ବର୍ଗ ପାଖକୁ ଖବର ଆସିଥିଲା ଯେ, ଆଦର୍ଶ ବର୍ତ୍ତମାନ ନିଖୋଜ ଅଛନ୍ତି ଏବଂ ତାଙ୍କର କୌଣସି ଖୋଜ୍ ଖବର ମିଳୁନାହିଁ ।

## ଏୟାରପୋର୍ଟ...

ଅନ୍ୟମାନଙ୍କୁ ଖବର କରିବାରୁ ୫୦ ରୁ ଉର୍ଦ୍ଧ୍ୱର୍ ସଦସ୍ୟ ସେଠାରେ ପହଞ୍ଚିଥିଲେ । ଆହତ ଅଟୋ ଚାଳକଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନେବା ସହ ଥାନା ଘେରାଉ କରିଥିଲେ । ଅନଲାଇନ୍ ଅଟୋ ଚାଳକ ଥାନା ଘେରାଉ କରିବା ଦେଖି ଆକ୍ରମଣକାରୀ ଶହ ଶହ ଯୁବକ ସେଠାରୁ ଖସି ପଳାଇଥିଲେ । ଘଟଣାସ୍ଥଳରେ ସେଠାକାର କର୍ପୋରେଟର ଯୁବକମାନଙ୍କୁ ଆକ୍ରମଣ କରିବାକୁ ବର୍ତ୍ତାଉଥିବା କୁହାଯାଉଥିବା ବେଳେ ତାହା ସ୍ପଷ୍ଟ ହୋଇପାରିନାହିଁ । ଆନ୍ଦୋଳନରେ ସାମିଲ ଥିବା ଅଟୋ ଚାଳକଙ୍କୁ ବୁଝାଇବା ପାଇଁ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ପହଞ୍ଚି ସେମାନଙ୍କଠାରୁ ଅଭିଯୋଗ ଗ୍ରହଣ କରିଥିଲେ । ଅଭିଯୋଗ ଆଧାରରେ ସିସି କ୍ୟାମେରା ଫୁଟେଜ ପ୍ରଭୃତି ପୋଲିସ ଯାଞ୍ଚ କରୁଛି । ପୋଲିସ ଉପସ୍ଥିତିରେ ଆନ୍ତର୍ଜାତୀୟ ଏୟାରପୋର୍ଟ ଛକରେ ଏଭଳି ଅଭାବନୀୟ ଘଟଣା ପୋଲିସ ପାରିବା ପଣିଆକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେବଳ ଏହି ଘଟଣା ନୁହେଁ ଅନେକ ଘଟଣାରେ ପୋଲିସ ନିଷ୍କ୍ରିୟତା ପାଇଁ ନାବାଳିକା ଓ ମହିଳାମାନେ ଅସୁବିଧାର ସୁମ୍ମୁଖୀନ ହେଉଛନ୍ତି । ରାଜଧାନୀରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଗତ କିଛି ଦିନ ହେବ ସବୁଠି ଚର୍ଚ୍ଚା ହେଉଛି ।

## ଦିଲ୍ଲୀରେ...

ସିଏକ୍ୟୁଏମ୍ ପକ୍ଷରୁ କୁହାଯାଇଛି ଯେ ୨.୮୮ କୋଟି ଦିଲ୍ଲୀ ଓ ଏମସିଆରରେ ଚାଲୁଛି । ପ୍ରାୟ ଅଧିକାଂଶ କାର ଓ ଦୁଇ ଚକିଆ ରହିଛି । ସେଥିମଧ୍ୟରୁ ୩୭% ଗାଡି ହେଉଛି ପୁରୁଣା ଇଞ୍ଜିନର । ଏଥିରୁ ୨.୫ ଏବଂ ୩୧ ଗୁଣା ଅଧିକ ଧୂଆଁ ବାହାରୁଛି । ଏଥିରେ ଅଧିକ କାର୍ବେନ ମନଅସାଇଡ ଯାଉଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦୂଷଣ ସୃଷ୍ଟି କରୁଥିବା ଗାଡି ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।


**AFFIDAVIT**

By virtue of an affidavit sworn before Executive Magistrate, Khordha vide No. 397, dt.10.02.2025, I Durga Charan Bhujabal, S/o-Trilochan Bhujabal, resident of Vill/Po-Brajamohanpur, Ps-Khordha sadar, Dist-Khordha, Pin-752018, Odisha declare that I have changed my name from Durga Charan Dalei (old name) to Durga Charan Bhujabal (new name). Therefore Durga Charan Bhujabal and Durga Charan Dalei both the names are one and same person. Henceforth I shall be known as Durga Charan Bhujabal for all purposes.

**PARADIP PORT AUTHORITY**
**MARINE DEPARTMENT**
No. MD/SHS/TECH-16/2025/1559 Date: 10/12/2025
e-Tender Call Notice (e-TCN) No.MD/SHS/TECH-16/2025/1559, dtd.10/12/2025
Name of the Work : Maintenance Dredging of Approach Channel, Entrance Channel, Turning Circles & Docks of Paradip Port Authority for the year 2026-27. Estimated cost put to tender: Rs.122,80,00,000/- excluding GST. Last date & time of submission of tender through on-line bidding till 17:00 hours on Dt.27/01/2026. The technical bid shall be opened at 15:00 hours on dt.28/01/2026. For further details, please log on to the Website: https://eprocure.gov.in/eprocure/app.
Sd/- Deputy Conservator, Paradip Port Authority
PPA/PR/58/2025-2026 dtd.16.12.2025

**FOR RENT**



4 BED ROOMS VILLA-CUM-DUPLEX
AT HANSAPAL, J.B. TWINS,
NEAR SIPHON CHAKA
MOB.- 7381464110
OWNER- 9437011442

**ଖଡ଼ଗପୁର ଡିଭିଜନ ଉପରେ ବିଜ୍ଞାପନ ଚୁକ୍ତିନାମା ପାଇଁ ଇ-ନିଲାମ ନୋଟିସ୍**

ଇ-ନିଲାମ ନୋଟିସ୍ ନମ୍ବର: ADVT-KGP-୨୦୨୫-୧୩ ତାରିଖ ୧୬.୧୨.୨୦୨୫

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନର ବରିଷ୍ଠ ବାଣିଜ୍ୟିକ ପରିଚାଳକ, ଉଲ୍ଲିଖିତ ସମ୍ପତ୍ତି ପାଇଁ ଇ-ନିଲାମ ଆମନ୍ତ୍ରଣ କରୁଛନ୍ତି - ନିଲାମ ତାରିଖ: ୦୭.୦୧.୨୦୨୬ ସକାଳ ୧୦.୩୦ ରୁ ସନ୍ଧ୍ୟା ୫:୧୦ ପର୍ଯ୍ୟନ୍ତ । ନିଲାମ କ୍ୟାଟାଲଗ୍ ନମ୍ବର: ADVT-KG-୨୫-୧୩ । ● ଘର ବାହାରେ ଥିବା ଅଞ୍ଚଳ (ଯଥା ଷ୍ଟେସନ ସର୍କୁଲେଟିଂ ଅଞ୍ଚଳ ।(PF ବାଡ଼ ବାହାରେ, ଏ ବାହାର ପାର୍ଶ୍ୱ ଇତ୍ୟାଦି) ରେ ହୋର୍ଡିଂ/ବୋର୍ଡ ମାଧ୍ୟମରେ ବାଣିଜ୍ୟିକ ବିଜ୍ଞାପନ ପ୍ରଦର୍ଶନ (i) ମୌରିଗ୍ରାମ ଷ୍ଟେସନ (ii) କୋଲାଘାଟ ଷ୍ଟେସନ (iii) ଦେଉଳଟି ଷ୍ଟେସନ (iv) ମାଦପୁର ଷ୍ଟେସନ (v) ବାଲିଚକ ଷ୍ଟେସନ (vi) ହଳଦିଆ ଷ୍ଟେସନ (vii) କାଥି ଷ୍ଟେସନ (viii) ଗିରି ମୈଦାନ ଷ୍ଟେସନ (ix) ଶ୍ୟାମଚକ ଷ୍ଟେସନ (x) ରାମରାଜତଲା ଷ୍ଟେସନ (xi) କୁଲଗଛିଆ ଷ୍ଟେସନ (xii) ରାଧାମୋହନପୁର ଷ୍ଟେସନ (xiii) ହିଜଲି ଷ୍ଟେସନ, (xiv) ଡେଙ୍ଗାଭଇ ଷ୍ଟେସନ (xv) ଫୁଲେଶ୍ୱର ଷ୍ଟେସନ (xvi) ଖଡ଼ଗପୁର ଷ୍ଟେସନ (xvii) ଡିଗିଆପଡ଼ା ଷ୍ଟେସନ ଏବଂ (xviii) ସାନ୍ତ୍ରାଗାଛି-କୋନା-ଏକ୍ସପ୍ରେସ-ୱେ ରେଳବାଇ ଅଞ୍ଚଳରେ । ● ସାନ୍ତ୍ରାଗାଛି ଷ୍ଟେସନର ବୁକିଂ ଅଫିସ୍ ନିକଟରେ ଦକ୍ଷିଣ ପାର୍ଶ୍ୱ ସର୍କୁଲେଟିଂ ଅଞ୍ଚଳରେ ଗୋଟିଏ ଭିଡିଓ ୱାଲ୍/ଡିଜିଟାଲ୍ ସ୍କ୍ରିନ୍ ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦ୍ୱାରା ବାଣିଜ୍ୟିକ ବିଜ୍ଞାପନ ପ୍ରଦର୍ଶନ । ସାନ୍ତ୍ରାଗାଛି ଷ୍ଟେସନର ବୁକିଂ ଅଫିସ୍ ନିକଟରେ ଦକ୍ଷିଣ ପାର୍ଶ୍ୱ ସର୍କୁଲେଟିଂ ଅଞ୍ଚଳରେ ଗୋଟିଏ ଭିଡିଓ ୱାଲ୍/ଡିଜିଟାଲ୍ ସ୍କ୍ରିନ୍ ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦ୍ୱାରା ବାଣିଜ୍ୟିକ ବିଜ୍ଞାପନ ପ୍ରଦର୍ଶନ । (i) ଆନ୍ଦୁଲ ଷ୍ଟେସନ (ii) ବେଲଡା ଷ୍ଟେସନ (iii) ଦେଉଳଟି ଷ୍ଟେସନ (iv) ମାଦପୁର ଷ୍ଟେସନ (v) କୋଲାଘାଟ ଷ୍ଟେସନ (vi) ଶ୍ୟାମଚକ ଷ୍ଟେସନ ଏବଂ (vii) ହଳଦିଆ ଷ୍ଟେସନର ଭିତର ଷ୍ଟେସନ ଅଞ୍ଚଳରେ ବୋର୍ଡ, ଗ୍ଲୋସାଇନ୍, କିଓସ୍କ ଇତ୍ୟାଦି ଆକାରରେ ବାଣିଜ୍ୟିକ ବିଜ୍ଞାପନ (ଡିଜିଟାଲ୍ ନୁହେଁ) ପ୍ରଦର୍ଶନ । ● ଖଡ଼ଗପୁର ଡିଭିଜନରେ ଚଳାଚଳ କରୁଥିବା ସାତ (୦୭) ନମ୍ବର ଇଏମୟୁ ରେକ୍ର ପାର୍ଶ୍ୱ କାନ୍ଥର (ଝରକା ଏବଂ ରେଳବାଇର ବାଧ୍ୟତାମୂଳକ ଚିହ୍ନ ବ୍ୟତୀତ) ସମ୍ପୂର୍ଣ୍ଣ ବାହ୍ୟ ପୃଷ୍ଠରେ ଭିନାଇଲ୍ ରାପିଂ ମାଧ୍ୟମରେ ବାଣିଜ୍ୟିକ ବିଜ୍ଞାପନ ପ୍ରଦର୍ଶନ । ● (i) ଟ୍ରେନ ନମ୍ବର ୧୨୮୩୭/୧୨୮୩୮ (ହାଓଡା-ପୁରୀ ଏକ୍ସପ୍ରେସ) ର ଏସି ୩ ଟାୟାର ଏବଂ ସ୍ଲିପର କୋଚଗୁଡ଼ିକର ଭିତର ବେରେଲ୍ ଉଭଗଳ ନିର୍ଦ୍ଦିଷ୍ଟକରଣ ଅନୁସାରେ ଭିନାଇଲ୍ ଷ୍ଟିକର ପେଷ୍ଟ କରି ବାଣିଜ୍ୟିକ ବିଜ୍ଞାପନ ପ୍ରଦର୍ଶନ (ii) ୱାଶ୍ ବେସିନ୍ ଏବଂ ୱାଶ୍ ରୁମ୍ ନିକଟରେ ଅବସ୍ଥିତ ଦର୍ପଣର ନିର୍ଦ୍ଦିଷ୍ଟ ସ୍ଥାନରେ ଏବଂ ଟ୍ରେନ ନମ୍ବର- ୧୨୮୮୫/୧୨୮୮୬ ଶାଲିମାର-ଭୋଜୁଡିହ ଆରଣ୍ୟକ ଏକ୍ସପ୍ରେସର ନିର୍ଦ୍ଦିଷ୍ଟ କୋଚଗୁଡ଼ିକର ଖାଦ୍ୟ ଟ୍ରେସିଟ୍ ପଛରେ ଭିନାଇଲ୍ ଷ୍ଟିକର ପେଷ୍ଟ କରି ବାଣିଜ୍ୟିକ ବିଜ୍ଞାପନ ପ୍ରଦର୍ଶନ, (iii) ଟ୍ରେନ ନମ୍ବର-୧୨୨୨୨/୧୨୨୨୧ ହାଓଡା-ପୁଣେ ଦୁରନ୍ତୋ ଏକ୍ସପ୍ରେସର ସମସ୍ତ କୋଚରେ ୱାଶ୍ ବେସିନ୍ ଏବଂ ୱାଶ୍ ରୁମ୍ ନିକଟରେ ଅବସ୍ଥିତ ଦର୍ପଣର ନିର୍ଦ୍ଦିଷ୍ଟ ସ୍ଥାନରେ ଭିନାଇଲ୍ ଷ୍ଟିକର ପେଷ୍ଟ କରି ବାଣିଜ୍ୟିକ ବିଜ୍ଞାପନ ପ୍ରଦର୍ଶନ (RDSO ନିର୍ଦ୍ଦିଷ୍ଟକରଣ ଅନୁସାରେ), (iv) ୱାଶ୍ ବେସିନ୍ ଏବଂ ୱାଶ୍ ରୁମ୍ ନିକଟରେ ଅବସ୍ଥିତ ଦର୍ପଣର ନିର୍ଦ୍ଦିଷ୍ଟ ସ୍ଥାନରେ ଭିନାଇଲ୍ ଷ୍ଟିକର ପେଷ୍ଟ କରି ବାଣିଜ୍ୟିକ ବିଜ୍ଞାପନ ପ୍ରଦର୍ଶନ ଏବଂ ଟ୍ରେନ ନମ୍ବର-୧୨୮୮୩/୧୨୮୮୪ ସାନ୍ତ୍ରାଗାଛି-ପୁରୁଲିଆ ରୂପସୀ ବଙ୍ଗଳା ଏକ୍ସପ୍ରେସର ନିର୍ଦ୍ଦିଷ୍ଟ କୋଚ୍ର ପଛ ସିଟ୍, (v) ୱାଶ୍ ବେସିନ୍ ଏବଂ ୱାସ୍‌ରୁମ୍ ନିକଟରେ ଥିବା ମିରରରେ ନିର୍ଦ୍ଦିଷ୍ଟ ସ୍ଥାନରେ ଏବଂ ଟ୍ରେନ ନମ୍ବର-୧୨୮୫୭/୧୨୮୫୮ ହାଓଡ଼ା-ଦିଘା ତାମ୍ରଲିପ୍ତା ଏକ୍ସପ୍ରେସର ନିର୍ଦ୍ଦିଷ୍ଟ କୋଚ୍ର ପଛ ସିଟ୍‌ରେ ଭିନାଇଲ୍ ଷ୍ଟିକରର (ଆରଡିଏସଓ ନିର୍ଦ୍ଦିଷ୍ଟକରଣ ଅନୁଯାୟୀ) ପେଷ୍ଟ କରି ବାଣିଜ୍ୟିକ ବିଜ୍ଞାପନ ପ୍ରଦର୍ଶନ, ଯାହା https://www.ireps.gov.in/ୱେବସାଇଟ୍‌ରେ ସୂଚିତ । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏହା ଉପରେ ଧ୍ୟାନ ଦିଅନ୍ତୁ ଏବଂ ଇ-ନିଲାମ ନୋଟିସ୍ ବିଷୟରେ ବିବରଣୀ ଏବଂ ସମ୍ବନ୍ଧିତ ସୂଚନା ପାଇଁ ଉପରେ ଉଲ୍ଲିଖିତ ୱେବସାଇଟ୍ ଦେଖନ୍ତୁ । ଯଦି କୌଣସି ପ୍ରଶ୍ନ/ସ୍ପଷ୍ଟୀକରଣ ଥାଏ, ଦୟାକରି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-969) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହସି ହସି ସେବା ପ୍ରଦାନ କରୁଛୁ

O-1768
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH.**
E-mail Id - eerw_deogarh@yahoo.co.in
E-Procurement Notice BID.IDENTIFICATION
NO. SERWDGH-Online- 11 of 2025-26

1. No of Road & Building works: - (10 Nos)
2. Estimated cost: - Approx. Rs.2.54 lakh & Rs.30.66 Lakhs each
3. Mode of submission of tender: -Tender shall be submitted online in www.tendersodisha.gov.in
4. Availability of tender for online bidding: -19.12.2025, 10.00 A.M to 25.12.2025 up to 5.00 P.M
5. Date and time of opening of tender: -29.12.2025, 11.00 A.M
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Sd/- Superintending Engineer R.W. Division, Deogarh
OIPR : 25087/11/0032/2526

**AFFIDAVIT**

By virtue of an affidavit sworn before the Executive Magistrate, Kujanga vide no.3934 dtd.6.12.2025, I Manoj Sahoo, S/o- Babaji Sahoo resident of Vill./Po.- Paradeeplock, Dist.- Jagatsinghpur, Odisha, Pin-754141, state that, I have changed my minor daughter's name from **Bijayalaxmi Sahoo** to **Bhagyalaxmi Sahoo**. Henceforth she will be known as **Bhagyalaxmi Sahoo** for all future purposes.
Sd/- Manoj Sahoo

**AFFIDAVIT**

I, Tapana Kumar Pal, S/O - Late Natabara Pal, resident of, OLD KALINGA BYAM LANE, MAHATAB ROAD, POST- AD MARKET, PS- BADAMBADI, CUTTACK, PIN- 753012, ODISHA declare by this affidavit No. 11093 dated 26.11.2025 before the Executive Magistrate Sadar, Cuttack, that now onwards I shall be known as **TAPAN KUMAR PAL** for all future purposes.

यूनियन बैंक Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
 କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର, ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୪, ଯୋଗାଯୋଗ ନଂ.: ୯୦୭୮୦୮୨୧୮୯

**ନୂତନ ଶାଖା ପରିସର-କୁକୁଡ଼ାଖଣ୍ଡି ସହିତ ଅନସାଇଟ ଏଟିଏମର ଆଭ୍ୟନ୍ତରୀଣ ସାଜସଜ୍ଜା, ବୈଦ୍ୟୁତିକ (ଏୟାର କଣ୍ଡିସନର୍ ସହିତ) ଏବଂ ଡାଟା କେବଲିଂ କାର୍ଯ୍ୟ ନିମନ୍ତେ ଟେଣ୍ଡର**

ବ୍ୟାଙ୍କର ପ୍ରସ୍ତାବିତ ଶାଖା ପରିସର- କୁକୁଡ଼ାଖଣ୍ଡି, ମେନ୍ ରୋଡ୍, ତହସିଲ କାର୍ଯ୍ୟାଳୟ ନିକଟ, ସା/ପୋ: କୁକୁଡ଼ାଖଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୦ ନିମନ୍ତେ, "ଆଭ୍ୟନ୍ତରୀଣ ସାଜସଜ୍ଜା", "ବୈଦ୍ୟୁତିକ (ଏୟାର କଣ୍ଡିସନର୍ ସହିତ) ଏବଂ ଡାଟା କେବଲିଂ କାର୍ଯ୍ୟ" ନିମନ୍ତେ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଅନୁବନ୍ଧିତ ଠିକାଦାର/ବିକ୍ରେତାମାନଙ୍କ ଠାରୁ ଜଲମୁଦ୍ରିତ ଟେଣ୍ଡର ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉପରୋକ୍ତ ଠିକଣାରେ ଜଲମୁଦ୍ରିତ ଟେଣ୍ଡର ଗ୍ରହଣ କରିବାର ଅନ୍ତିମ ତାରିଖ: ୦୮.୦୧.୨୦୨୬ ଅପରାହ୍ନ ୦୪.୦୦ଘଟିକା ସୁଦ୍ଧା । ଟେଣ୍ଡରଗୁଡ଼ିକ ତାରିଖ: ୦୯.୦୧.୨୦୨୬ ଅପରାହ୍ନ ୦୪.୩୦ ଘଟିକାରେ କ୍ଷେତ୍ରୀୟ କାର୍ଯ୍ୟାଳୟର ଉପରୋକ୍ତ ଠିକଣାରେ ଖୋଲାଯିବ । ଟେଣ୍ଡରର ସବିଶେଷ ବିବରଣୀ ନିମନ୍ତେ, ଠିକାଦାର/ବିକ୍ରେତାମାନେ, ଦୟାକରି ବ୍ୟାଙ୍କର ୱେବସାଇଟ୍ www.unionbankofindia.co.in / ଇ-ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ eprocure.gov.in ଦେଖନ୍ତୁ । ଧାର୍ଯ୍ୟ ଫର୍ମାଟରେ ବିଡ୍ ଦାଖଲ କରିବା ତାରିଖ: ୧୮.୧୨.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଆରମ୍ଭ ହେବ । ଧାର୍ଯ୍ୟ ଫର୍ମାଟରେ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ: ୦୮.୦୧.୨୦୨୬ ଅପରାହ୍ନ ୦୪.୦୦ ଘଟିକା ସୁଦ୍ଧା । ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ବିଡ୍‌କୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି ।
ଉପ କ୍ଷେତ୍ରୀୟ ମୁଖ୍ୟ (ବ୍ୟବସାୟ ସଞ୍ଚାଳନ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର

O-1796
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR**
e-PROCUREMENT NOTICE
NO. Tender Online 14 JJPT of 2025-26

| | | |
|---|---|---|
| 1. | Name of work | Building Works. |
| 2. | Total No of Work | 34 Nos. Building Works |
| 3. | Estimated Cost (Approx.) | Rs 2.52 to 12.59 Lakhs |
| 4. | Period of Completion | 30 Days |
| 5. | Class of contractors | "D" & "C" Class |

Other details as follows:

| | | |
|---|---|---|
| a) | Procurement officer | Superintending Engineer, Rural Works Division, Jajpur |
| b) | Availability of tender online & submission of bid | 22.12.2025 at 10.00 AM to 31.12.2025 upto 5.00 PM |
| c) | Last date & time of seeking of tender clarification | 30.12.2025 upto 5.00 PM |
| d) | Opening of Technical Bid | 01.01.2026 at 11.30 A.M. |

Further details can be seen from the Govt. website www.tendersodisha.gov.in

Note:- If situation arises the transparent lottery will be held on 08.01.2026 , At 11:30 AM

OIPR : 25047/11/0058/2526 Superintending Engineer Rural Works Division Jajpur

O-1806 rwdivision_jaraka@yahoo.co.in
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION-II, JAJPUR**
'E' PROCUREMENT NOTICE NO.RWD-II/JJPR-05/2025-26 Dtd-

| | | |
|---|---|---|
| 1. | Name of work | Special Repair to Building works in the District of Jajpur for the year 2025-26 |
| 2. | Total No of Work | 10 nos. of works. |
| 3. | Estimated Cost(Approx.) | As indicated against each work in the NIT |
| 4. | Period of Completion | As indicated against each work in the NIT |
| 5. | Class of contractors | As indicated against each work in the NIT |

Other details as follows:

| | | |
|---|---|---|
| a) | Procurement officer | Superintending Engineer Rural Works Division-II, Jajpur at Jaraka |
| b) | Availability of tender online & submission of bid | 20.12.2025 at 11.00 AM to 29.12.2025 upto 5.00 PM |
| c) | Last date & time of seeking of tender clarification | 26.12.2025 upto 5.00 PM |
| d) | Opening of Tender | 30.12.2025 at 11.00 AM |

Further details can be seen from the Govt, website www.tendersodisha.gov.in

Superintending Engineer Rural Works Division-II Jajpur at Jaraka
OIPR : 25080 /11/0042/2526

C-1803
**OFFICE OF THE NOTIFIED AREA COUNCIL, GANJAM**
Main Road, Ganjam, Dist: Ganjam, Odisha, PIN: 761026.
Email: eo.nacganjam21@gmail.com Phone : 06811-295560
LETTER No: 1708 /NAC Dated:15.12.2025

**QUOTATION CALL NOTICE FOR HIRING OF VEHICLE**

Sealed quotation/tenders are hereby invited from all interested persons/Registered Firm/ Travelling agencies / Trust/ Service provider having valid GST Registration certificate for providing commercial light vehicles (TUV300/BOLERO/SUMO GOLD ERTIGA) for commercial deployment under NAC GANJAM for official use on monthly rent basis which shall confirm to the terms and conditions. The period of the receipt of the bid is 17.12.2025 at 10.00 AM to 30.12.2025 up to 02.00 PM and will be opened at 11.00 AM on 31.12.2025 in the office chamber of the undersigned.

The quotation form will be available in the office of the undersigned from 17.12.2025 to 30.12.2025 during office hours, hence can be obtained by depositing paper cost of Rs 500/-.

Sd/- Executive Officer Ganjam NAC
OIPR: 13164/11/0006/2526

MM- 402
**Government of Odisha "e" procurement Notice.**
**OFFICE OF THE CONSERVATOR OF FORESTS & STATE SILVICULTURIST, BHUBANESWAR**
*Bid Identification* No. - C.F. & SILVA-BBSR- 01 of 2025-2026

1. Nature of the work: : Construction of Office cum Seed Testing Laboratory.
2. Number of Works : 02 Nos.
3. Estimate cost : As mentioned in Column No. 3
4. Period of Completion : 90 days
5. Date and Time of availability of the Bid Documents in the Portal : 11.00 AM of 22.12.2025 to 5.00 PM of 01.01.2026
6. Last date / time of receipt of the Bid in Portal : 01.01.2026 up to 5.00 PM.
7. Date of Opening : 02.01.2026 at 11.00 A.M in the Conference Hall, Office of the Conservator of Forests & State Silviculturist, Bhubaneswar
8. Name and Address of the : Office of the Conservator of Forests & State Silviculturist, Bhubaneswar.

Further details can be seen from the e-Procurement Portal ".https:// tendersorissa.gov.in

OIPR: 08161/11/0006/2526 Sd/- Conservator of Forests & State Silviculturist, Bhubaneswar

CAD- 2721
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର- ୭୫୧୦୦୧
ପତ୍ର ସଂଖ୍ୟା : ୨୪୪୦୧/ ଭୁ.ଉ.କ. ଭୁବନେଶ୍ୱର ତା: ୧୧.୧୨.୨୦୨୫ରିଖ
LBN- 118/78

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବଡ଼ଗଡ଼ ହାଉସିଂ ସ୍କିମ୍, ବଡ଼ଗଡ଼, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ- LBN-304 କୁ ନୃସିଂହ ଚରଣ ପଟ୍ଟନାୟକ, ପିତା- ସ୍ୱର୍ଗତ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଗ୍ରାମ- ଗୌଡ଼ଛେଲି, ପୋଷ୍ଟ/ଥାନା- ବୈଦେଶ୍ୱର, ଜିଲ୍ଲା- କଟକଙ୍କ ନାମରେ ଆବଣ୍ଟନ କରାଯାଇଅଛି ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ନୃସିଂହ ଚରଣ ପଟ୍ଟନାୟକ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ବନଲକ୍ଷ୍ମୀ ମହାନ୍ତି, ସ୍ୱାମୀ- ପ୍ରକାଶ କୁମାର ମହାନ୍ତି, ଗ୍ରାମ- ପ୍ଲଟ୍ ନଂ ଏମ୍-୪୧ ବଡ଼ଗଡ଼ ବ୍ରିଟ୍ କଲୋନୀ, ପୋଷ୍ଟ/ଥାନା- ବଡ଼ଗଡ଼, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ, ତାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR: 13033/11/0420/2526

MM- 401
**FOREST DEPARTMENT**
**OFFICE OF THE DIVISIONAL FOREST OFFICER, JEYPORE KL DIVISION**
e-mail - dfojprkl@gmail.com
Order No. 248 Date 16.12.2025
Government of Odisha "e" Procurement Notice Bid Identification No.-DFO-JPR-KL-02/2025-26

1. Number of works - 1 (One number of work)
2. Approximate estimated cost: - 42.03 lakh
3. Period of Completion: - 3 (three) Calendar months.
4. Date & Time of availability of bid :- Dt.19.12.2025 to 28.12.2025 documents in the portal
5. Last Date / Time of receipt of bid in the portal :- Dt.28.12.2025 up to 5.00 PM
6. Date of Opening of bid :- Dt.29.12.2025 at 11.00 AM
7. Name & address of the Office inviting bid:- O/o the Divisional Forest Officer, Jeypore KL Division, Jeypore

Further details can be seen from the e-procurement portal http://www.tendersodisha.gov.in

OIPR: 08156/11/0003/2526 Sd/- Divisional Forest Officer Jeypore KL Division

A-1127
**DIRECTORATE OF GROUND WATER DEVELOPMENT : ODISHA**
**Office of The Deputy Director, GWD Division-II .Bhubaneswar**
A/2, Unit v, Bhubaneswar [e-mail:srgeologistrsbbsr@gmail.com]
**INVITATION FOR BIDS (IFB)**
e- Procurement Notice: 963 Date: 15.12.2025
Bid Identification No. 07/GWRSD/CHHATA/2025-26.
(Single-Envelope Bidding Process)

Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class "D" & "C" (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.
Bids must be submitted online on or before 03/01/2026 at 17.00 Hrs IST (system server time). Proposals will be opened online on 05/01/2026 at 12.00hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time.

| Sl.No. | Description | Details |
|---|---|---|
| 1. | Name Of the Work | Construction of 2 Nos. of RRHS under CHHATA scheme at Govt UP School, Pratap Prasad and NSS Multi Purpose Sikhya Niketan, Nabaghanpur, of Nayagarh Block in Nayagarh district for FY 2025-26. |
| 2. | Start Date of availability of Bid document online (bid download) | 22/12/2025 from 11.00 Hrs |
| 3. | Last Date of availability of bid document online (bid download) | 03/01/2026 up to 17.00 Hrs |
| 4. | Last date and time for receipt of bid document (Bid Submission End date & Time) | 03/01/2026 up to 17.00 Hrs |
| 5. | Date & Time of opening of bid document (bid Opening date) | 05/01/2026 at 12.00 Hrs |

OIPR : 32462/11/0021/2526 Sd/- Deputy Director, Geology GWD Division-II, Bhubaneswar

O-1748
**GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION -II, BHADRAK**
ee_rwbdk2@yahoo.co.in
"e" Procurement Notice for Road Works
Identificaiton Online Tender 21/RWD/BDK-II/2025-26 Dtd. 09.12.2025

1. Name of the work : Road Works as per Annexure
2. Total Number of Works : 8 Nos.
3. Approximate Estimated Cost : Rs. 7.20 Lakhss - 42.37 Lakhs
4. Class of Contractor : As Per Annexure
5. Period oc Completion : As Per Annexure
6. Type of Tender : Single Cover
7. Other details : The details are as follows

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Bhadrak | 21 | 20.12.2025 at 4.00 PM | 30.12.2025 upto 5.00 PM | 30.12.2025 upto 3.00 PM | 31.12.2025 at 12.00 p.M. |

8. Further details can be seen from the e-procurement portal "https:// www.tendersorissa.gov.
9. Any other changes / Corrigendum may be seen only in websitewww.tendersorissa.gov.in
N.B- Date of transparent lottery to be conducted on dt.16.01.2026 atl 1.30A.M. in the office of the Superintending Engineer,Rural Works Division-II,Bhadrak.

OIPR : 25090/11/0039/2526 Sd/- Executive Engineer, R.W. Divisjon, Patnagarh

C-1805
**OFFICE OF THE VYASANAGAR MUNICIPALITY, VYASANAGAR**
Jajpur Road, Jajpur-755019
e-mail-vyasanagarmunicipality@gmail.com
Bid Identification No- 03/VNM/ 2025-26
No. 3969/Dt. 15.12.2025

Executive Officer, Vyasanagar Municipality, Jajpur on behalf of Governor of Odisha invites Percentage bids in Single cover system for the works details in the table from class of contractors mentioned in Col.7 below registered with the State Government and contractors of equivalent grade/class registered with Central Government/ MES/ Railway/Municipal Contractors to be eventually drawn up in form for execution of civil works, on production of definite proof from the appropriate authority. But successful bidder other than State/MES/ Railways/CPWD in equivalent rank has to register under the State PWD before signing the agreement.

1. Name of the Work : Civil works
2. No. of Works : 15 Nos.
3. Estimated Cost : As per Annexure-I
4. Period of Completion : As per Annexure-I
5. Date & Time of Bidding : From 10.00 AM of 18.12.2025 to 5.00 PM of 31.12.2025
6. Last date & Time for receipt of bids in the portal : 31.12.2025 up to 5.00 PM
7. Bids received online shall be opened on : 02.01.2026 at 11.00 AM onwards

Further details can be seen from the procurement portal i.e. https://tendersodisha.gov.in/nicgep/app

OIPR: 13092/11/0015/2526 Sd/- Executive Officer Vyasanagar Municipality

C-1816
**OFFICE OF THE NOTIFIED AREA COUNCIL, KODALA**
Odisha, Pin -761032, e-Mail: - nackodala@gmail.com
Lt. No. 3402/ Dev/2025 Dated: 16.12.2025
**e-NOTICE**
**BID IDENTIFICATION NO.KOD-NAC-14/2025-26**

The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt, and bidders of equivalent grade/class registered with central Govt./ MES/Railways according to norm of e-procurement system in online mode for the work as per DTCN.

1. Name of the Work :- Civil Work
2. Number of Work :- 01 Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10.00AM of Dt. 18/12/2025 to 5.00PM of Dt. 26/12/2025
6. Last date and time for receipt of Bid in the Portal :- 5.00PM of Dt. 26/12/2025
7. The bid received online shall be opened on 11.00 AM of dtd. 29/12/2025
8. Name and Address of the Officer inviting Bid: Executive Officer, NAC, Kodala

Further details can be seen from the Procurement Portal: www.tendersodisha.gov.in

OIPR: 13203/11/0055/2526 Sd/- Executive Officer, Kodala, NAC


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୪୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୪୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଫୁଲଚାଷ ପ୍ରକଳ୍ପ ପାଇଁ ଆଦିତ୍ୟ ଆଲୁମିନିୟମ ଓ ଉଦ୍ୟାନ କୃଷି ବିଭାଗ ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର, (ସବ୍ୟୁ): ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ଏହାର ଜାରି ରହିଥିବା ଗୋଷ୍ଠୀ ବିକାଶ ପ୍ରୟାସସମୂହର ଅଂଶ ଭାବରେ ଓଡ଼ିଶା ସରକାରଙ୍କର ଉଦ୍ୟାନ କୃଷି ବିଭାଗ ସହିତ ଏକ ସ୍ୱତନ୍ତ୍ର ଫୁଲଚାଷ ପ୍ରକଳ୍ପ କାର୍ଯ୍ୟକାରୀକରିବାକୁ ବୁଝାମଣା ପତ୍ର (ଏମ୍ଓୟୁ)ରେ ସ୍ୱାକ୍ଷର କରିଛି। ଏହି ବୁଝାମଣା ପତ୍ରରେ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ୟୁନିଟ୍‌ହେଡ ଶ୍ରୀ ଜଗନ୍ନାଥ ପ୍ରସାଦ ନାୟକ ଏବଂ ଡିଆରଡିଏ ସମ୍ବଲପୁରର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରସନ୍ନ କୁମାର ପାତ୍ର ଆନୁଷ୍ଠାନିକ ଭାବରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ (ଏଡିଏଚ) ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ସମେତ ଉଦ୍ୟାନ କୃଷି ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ। ବିନୋଦ ନନ୍ଦ ଠାକୁର, ହେଡ୍- ଏଚଆର; ରବି ନିୱାଶ, ହେଡ୍- ସିଏସ୍ଆର; ଏବଂ ମନୋରଞ୍ଜନ ବେହେରା, ଡେପୁଟି ମ୍ୟାନେଜର- ସିଏସ୍ଆରଙ୍କ ସମେତ ଆଦିତ୍ୟ ଆଲୁମିନିୟମ,



ଲପଙ୍ଗାର ବରିଷ୍ଠ ପ୍ରତିନିଧିଗଣ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଚ୍ଚ-ଗୁଣମାନର କଟ୍ ଫୁଲ ନିମନ୍ତେ ବଜାର ଦ୍ରୁତ ସମ୍ପ୍ରସାରିତ ହେଉଥିବାବେଳେ ତାହାର ସୁଯୋଗ ନେବାକୁ ଏହି ପ୍ରକଳ୍ପ ଏକ ସମନ୍ୱିତ ଫୁଲଚାଷ ପ୍ରୟାସ ଭାବରେ ଜର୍‌ବେରା ଚାଷ ଉପରେ ଦୃଷ୍ଟିନିବଦ୍ଧ କରୁଛି। ସମ୍ବଲପୁରର ଅନୁକୂଳ ଜଳବାୟୁ ଓ ମୃତ୍ତିକା ପରିବେଶର ସୁଯୋଗ ନେଇ ଏହି ପ୍ରୟାସ ପଲିହାଉସ୍ ଚାଷ, ସିଞ୍ଚା ଜଳସେଚନ ଏବଂ ଫର୍ଟିଗେସନ୍ ଭଳି ଆଧୁନିକ ପ୍ରଯୁକ୍ତି ଜରିଆରେ ଅଧିକ ଉତ୍ପାଦନ ଏବଂ ନିରନ୍ତର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ସୁରକ୍ଷିତ ବ୍ୟବସ୍ଥାରେ ଫୁଲ ଚାଷକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ବିବାହ, ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସହରାଞ୍ଚଳ ରିଟେଲ ବଜାରରେ ବର୍ଦ୍ଧିତ ଚାହିଦା ସହିତ ଜରବେରା ଫୁଲ ଚାଷ କୃଷକମାନଙ୍କ ପାଇଁ ଏକ ଲାଭଜନକ, ବର୍ଷ ତମାମ ଆୟକାରୀ ସୁଯୋଗ ଯୋଗାଇ ଦେଉଛି। ଏହି ପ୍ରକଳ୍ପକୁ ଜୁଜୁମୁରା ଗ୍ରାମପଞ୍ଚାୟତରେ ମହିଳାମାନଙ୍କର ଅଂଶଗ୍ରହଣକୁ ସୁଦୃଢ଼ କରିବା, ବୈଷୟିକ ଦକ୍ଷତା ବୃଦ୍ଧି ଏବଂ ଦୀର୍ଘସ୍ଥାୟୀ କୃଷି ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏକ ପରିମାଣାତ୍ମକ, ଉଚ୍ଚ-କୁଶଳୀ ଫୁଲ ଚାଷ ମଡେଲ ଭାବରେ ପରିକଳ୍ପନା କରାଯାଉଛି। ଏହି ପ୍ରୟାସ ଏମ୍ଆଇଡିଏଚ୍ ସବ୍‌ସିଡି ଏବଂ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ଉକ୍ତ ଅଞ୍ଚଳରେ ଦୀର୍ଘାବଧି ଜୀବିକା ପରିବର୍ଦ୍ଧନ ଏବଂ ସମାବେଶୀ ଗ୍ରାମାଞ୍ଚଳ ଅଭିବୃଦ୍ଧି କ୍ଷେତ୍ରରେ ଅବଦାନ ରଖୁଥିବା ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମଗୁଡିକର ସମର୍ଥନରେ କାର୍ଯ୍ୟକାରୀ କରାଯିବ।

## ସଠିକ୍ ଓଆର୍ଏସ୍ ଚୟନ ଉପରେ ସଚେତନତା ପାଇଁ ଆହ୍ୱାନ କଲା ସିପ୍ଲା ହେଲ୍ଥ ପ୍ରୋଲାଇଟ୍

ଭୁବନେଶ୍ୱର, (ସବ୍ୟୁ): ସିପ୍ଲା ହେଲଥ୍ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ ପ୍ରୋଲିଟେର୍ସ, ଓରାଲ୍ ରିହାଇଡ୍ରେସନ୍ ସଲ୍ୟୁସନ୍ସ ବ୍ୟବହାର କରିବାର ଗୁରୁତ୍ୱକୁ ପୁନର୍ବାର ଦୋହରାଉଛି। ଏହି ଫର୍ମୁଲେସନ୍, ପ୍ରୋଲିଟେର୍ସ ପରେ, ଜଳ, ଇଲେକ୍ଟ୍ରୋଲାଇଟ୍ ଏବଂ ଗ୍ଲୁକୋଜର ଏକ ବୈଜ୍ଞାନିକ ଭାବରେ ପରିଭାଷିତ ଅନୁପାତକୁ ନେଇ ଗଠିତ, ଯାହାର ମୋଟ ଅସ୍ମୋଲାରିଟି ୨୪୫ ଅଟେ - ଯାହା ପ୍ରଭାବଶାଳୀ ଚିକିତ୍ସା ରିହାଇଡ୍ରେସନ୍ ପାଇଁ ଏକମାତ୍ର ବିଶ୍ୱସ୍ତରୀୟ ସମର୍ଥିତ ମାନଦଣ୍ଡ। ସିପ୍ଲା ହେଲ୍ଥ ମଧ୍ୟ ଭୁଲ ଡିଲୁସନ କିମ୍ବା ଅସୁରକ୍ଷିତ ପାଣି ବ୍ୟବହାରକୁ ଏଡାଇବା ପାଇଁ ପୂର୍ବରୁ ପ୍ରସ୍ତୁତ ଫର୍ମୁଲେସନ ବ୍ୟବହାରକୁ ସମର୍ଥନ କରେ ଯାହା ଓ.ଆର୍.ଏସ୍.ର ପ୍ରଭାବକୁ ହ୍ରାସ କରିପାରେ।

# ଏସ୍‌ବିଆଇ ଅଧିକାରୀ ସଂଘ ଭୁବନେଶ୍ୱର ସର୍କଲର ତ୍ରିବାର୍ଷିକ ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧିକାରୀ ସଂଘ ଭୁବନେଶ୍ୱର ସର୍କଲର ତ୍ରିବାର୍ଷିକ ସାଧାରଣ ପରିଷଦ ବୈଠକ ୧୪ ଡିସେମ୍ବର ୨୦୨୫ରେ କିଟ୍




କ୍ୟାମ୍ପସ୍-୬, ଭୁବନେଶ୍ୱରର କନଭେନସନ୍ ସେଣ୍ଟରରେ ଅନୁଷ୍ଠିତ ହୋଇଥିଲା। ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଏ.ଡି. ରତ୍ନ ତେଜା, ମୁଖ୍ୟ ମହାପ୍ରବନ୍ଧକ (ଏଚ୍ଆର) ଏମ୍ ପୋନମ୍ବଲମ୍ ଏବଂ ଏଆଇଏସ୍‌ବିଓଏଫ୍-ଏଆଇବିଓସିର ସାଧାରଣ ସମ୍ପାଦକ ରୂପମ୍ ରାୟ ଯଥାକ୍ରମେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ ମୁଖ୍ୟ ବକ୍ତା ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବୈଠକ ଏସ୍‌ବିଆଇଓଏ ଭୁବନେଶ୍ୱର ସର୍କଲର ସାଧାରଣ ସମ୍ପାଦକ ଅରୁଣ କୁମାର ବିଶୋୟୀଙ୍କ ଉଦ୍‌ଘାଟନୀ ଭାଷଣ ସହିତ ଆରମ୍ଭ ହୋଇଥିଲା। ସେ ଆସୋସିଏସନ୍‌ର ମିଶନକୁ ପୁନଃନିର୍ମାଣ କରିଥିଲେ ଏବଂ ପରିବର୍ତ୍ତିତ ବ୍ୟାଙ୍କିଂ ପରିସ୍ଥିତିରେ ଅଧିକାରୀମାନେ ସାମନା କରୁଥିବା ଚ୍ୟାଲେଞ୍ଜଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଭାଷଣ ପ୍ରଦାନ କରି, ସାଧାରଣ ସମ୍ପାଦକ ରୂପମ୍ ରାୟ, ଅଧିକାରୀଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ଫେଡେରେସନ୍ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ଆଲୋକିତ କରିଥିଲେ ଏବଂ ଅଧିକାରୀମାନଙ୍କୁ ଅନୁକୂଳ, ପ୍ରଯୁକ୍ତିବିଦ୍ୟା ଭାବରେ ପ୍ରସ୍ତୁତ ଏବଂ ଏକତାବଦ୍ଧ ରହିବାକୁ ପରାମର୍ଶ ଦେଇଥିଲେ। ସଭା ଶେଷରେ ଏସ୍‌ବିଆଇଓଏର ସଭାପତି ଅମିତାଭ ଦାସ ସଂଗଠନର ଏକତା ଏବଂ ସଫଳତା ପାଇଁ ପ୍ରତ୍ୟେକ ସଦସ୍ୟଙ୍କ ସାମୂହିକ ସମର୍ଥନ ଏବଂ ପ୍ରୟାସକୁ ସ୍ୱୀକାର କରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାରା ଓଡ଼ିଶାରେ ପ୍ରାୟ ୧୮୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ଉପସ୍ଥିତ ଥିଲେ।

# ମହାନଦୀବିହାର ଜଗନ୍ନାଥ ମନ୍ଦିରକୁ ହୁଣ୍ଡିବାକ୍ସ ପ୍ରଦାନ



କଟକ, (ସ୍ୱପ୍ର): ମହାନଦୀବିହାର ଉନ୍ନୟନ ପରିଷଦ (ଏମଡିଏ)ର ଅନୁରୋଧ କ୍ରମେ ଏମଡିଏ ପରିସରରେ ଥିବା ଜଗନ୍ନାଥ ମନ୍ଦିରକୁ ଇଣ୍ଡିଆନ ବ୍ୟାଙ୍କ ତରଫରୁ ଏକ ହୁଣ୍ଡିବାକ୍ସ ପ୍ରଦାନ କରାଯାଇଛି। ବୁଧବାର ବିଧିବଦ୍ଧ ଭାବେ ଏମଡିଏ ପକ୍ଷରୁ ଜଗନ୍ନାଥ ସାଂସ୍କୃତିକ ପରିଷଦକୁ ଏହି ହୁଣ୍ଡିବାକୁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସାଂସ୍କୃତିକ ପରିଷଦର ସଭାପତି ଚତୁର୍ଭୁଜ ମହାପାତ୍ର, ପୂର୍ବତନ ସଭାପତି ସଞ୍ଜୟ ସାହାଣୀ, ସମ୍ପାଦକ ହିମାଂଶୁ ଷଡଙ୍ଗୀ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାଶ ଏବଂ ଏମଡିଏ ସଭାପତି ସଞ୍ଜୟ ଜେନା, କୋଷାଧ୍ୟକ୍ଷ ପ୍ରଭାକର ରଣାଙ୍କ ସମେତ କିର୍ତ୍ତିଧନ ତ୍ରିପାଠୀ, ଶୁସାନ୍ତ ଘୋଷ, ଏ ଜି ଚନ୍ଦ୍ରଶେଖର ରାଓ, ପ୍ରହ୍ଲାଦ ମହାନ୍ତି, ଶରତ ଚନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ଓ ଡ୍ରେନ୍ ନିର୍ମାଣ ଦାବିରେ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ଚୌଦ୍ୱାର,(ସ.ବ୍ୟୁ.) : ଚୌଦ୍ୱାର ପୌରପାଳିକାର ୯ନଂ. ୱାର୍ଡ଼ ଅନ୍ତର୍ଗତ ଜଗନ୍ନାଥବିହାର ଅଂଚଳର ଅଧିବାସୀମାନେ ବିଭିନ୍ନ ଦାବି ନେଇ ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅଂଚଳରେ ପେଭର କିମ୍ବା କଂକ୍ରିଟ୍ ରାସ୍ତା, ଡ୍ରେନ୍ ଓ ଆଲୋକୀକରଣର ବ୍ୟବସ୍ଥା ନଥିବାରୁ ଅଧିବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବର୍ଷାଦିନେ ସାମାନ୍ୟ ବର୍ଷା ହେଲେ ୫-୫ନମ୍ବର ଜାତୀୟ ରାଜପଥରୁ କଲୋନୀକୁ ସଂଯୋଗ କରୁଥିବା ରାସ୍ତା ଉପରେ ଆଣ୍ଠୁଏ ପାଣି ଜମିରହୁଛି। ପୂର୍ବରୁ ବର୍ଷାପାଣି ବିଭିନ୍ନ ପ୍ଲଟ୍ ଦେଇ ନିଷ୍କାସିତ ହୋଇଯାଉଥିବାବେଳେ ଏବେ ଲୋକମାନେ ନିଜ ନିଜ ଜାଗାରେ ଘର ଓ ପାଚେରୀ ନିର୍ମାଣକରିବା ପରେ ଅବସ୍ଥା ସାଂଘାତିକ ହୋଇପଡ଼ିଛି। ସ୍ଥାନୀୟ କାଉନ୍‌ସିଲର ଓ ବିଧାୟକଙ୍କୁ ବାରମ୍ବାର ଅନୁରୋଧ କରିଲା ପରେ ମଧ୍ୟ ଏହା କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଏହ ଦାବିପତ୍ର ପ୍ରଦାନ ବେଳେ ସ୍ଥାନୀୟ ବାସିନ୍ଦା ସନ୍ତୋଷ କୁମାର ଧର, ନିତ୍ୟାନନ୍ଦ ମିଶ୍ର, କିଶୋର କୁମାର ସାହୁ, ପ୍ରଜ୍ଞାପରମିତା ମିଶ୍ର, ପ୍ରମୋଦ କୁମାର ବାହିନୀପତି, ଅଭୟ କୁମାର ପତି, କାଳନ୍ଦୀ ଚରଣ ମିଶ୍ର, ତୁଷାରକାନ୍ତ ନାୟକ, ଦିଲ୍ଲୀପ କୁମାର ସାହୁ, ଅଚ୍ୟୁତାନନ୍ଦ ସାହୁ, ଆଲୋକ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

## ପ୍ରତିବର୍ଷ ଚିହ୍ନଟ ହେଉଛନ୍ତି ୬୮ ହଜାର ଫୁସ୍‌ଫୁସ୍ କର୍କଟ ରୋଗୀ

# ସତର୍କ ରହିବାକୁ ପରାମର୍ଶ ଦେଲେ ଏମ୍ସ ଡାକ୍ତର

ଭୁବନେଶ୍ୱର: (ସବ୍ୟୁ): କ୍ୟାନସର ବା କର୍କଟ ରୋଗ। ଯାହାର ନାଁ ଶୁଣିବା ମାତ୍ରେ ହିଁ ମନରେ ଭୟ ଜାଗ୍ରତ ହୋଇଥାଏ। ମାତ୍ର ଏହି କର୍କଟ ରୋଗର ନିରାକରଣ ପାଇଁ ସମସ୍ତ ପ୍ରକାରର ଚିକିତ୍ସା ପଦ୍ଧତି ରହିଛି ଏବଂ ଏହି ରୋଗକୁ ଏତେ ଭୟ କରିବା ଉଚିତ ନୁହେଁ ବୋଲି ଭୁବନେଶ୍ୱର ଏମ୍ସର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ତଥା ଡାକ୍ତର ଦୀପକ କୁମାର ଦାସ କହିଛନ୍ତି। ଏପରିକି ଲଙ୍ଗ୍‌ସ କ୍ୟାନସର ବା ଫୁସ୍‌ଫୁସ କର୍କଟ ରୋଗ ସମ୍ପର୍କରେ ଡାକ୍ତର ଶ୍ରୀ ଦାସ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ କିଛି ସୂଚନା ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ଆମ ସମାଜରେ ଯେତେ ପ୍ରକାରର କର୍କଟ ରୋଗ ରହିଛି ସେଥିମଧ୍ୟରୁ ଫୁସ୍‌ଫୁସ୍ କର୍କଟ



ଅନ୍ୟତମ। ତେବେ ଏହି ଫୁସ୍‌ଫୁସ୍ କର୍କଟ ମୁଖ୍ୟତଃ ଧୂମ୍ରପାନ ଏବଂ ତମାଖୁ ସେବନ ଯୋଗୁଁ ହୋଇଥାଏ। ଆମ ଭାରତରେ ପ୍ରତିବର୍ଷ ପ୍ରାୟ ୬୮,୦୦୦ ନୂଆ ଫୁସ୍‌ଫୁସ୍ କର୍କଟରୋଗୀ ଚିହ୍ନଟ ହେଉଛନ୍ତି। ସେଥିମଧ୍ୟରୁ ୮୦ ରୁ ୯୦ ପ୍ରତିଶତ ଧୂମ୍ରପାନ ଏବଂ ତମାଖୁ ସେବନ ଯୋଗୁଁ ହେଉଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ବାୟୁ ପ୍ରଦୂଷଣ ଯୋଗୁଁ ମଧ୍ୟ ଏଭଳି ରୋଗ ହେଉଥିବା ସୁନିଶ୍ଚିତ ହୋଇଛି। ଏହି ଫୁସ୍‌ଫୁସ୍ କର୍କଟ ରୋଗକୁ ନିରାକରଣ କରିବା ବା ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ ପ୍ରତିବର୍ଷ ନଭେମ୍ବର ମାସକୁ ଫୁସ୍‌ଫୁସ୍ କର୍କଟ ରୋଗ ସଚେତନତା ମାସ ଭାବେ ବିବେଚନା କରାଯାଏ। ଏହାଛଡ଼ା କଫରେ ରକ୍ତପଡିବା, ପ୍ରବଳ ମୁଣ୍ଡବିନ୍ଧା ହେବା ଏବଂ ଓଜନ ହ୍ରାସ ହେବା ସହିତ ଭୋକ ମଧ୍ୟ ନହେବା ଏହି ରୋଗର ଅନ୍ୟ ଏକ ଲକ୍ଷଣ ବୋଲି କୁହାଯାଇଥାଏ।

# ଦୁଲାଲ ମିଶ୍ରଙ୍କ ସମର୍ପିତ ସାମ୍ବାଦିକତା ଯୁବ ସାମ୍ବାଦିକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ

ଭୁବନେଶ୍ୱର, (ସବ୍ୟୁ): ନିଷ୍ଠା ଓ ସମର୍ପିତ ସାମ୍ବାଦିକତା କ୍ଷେତ୍ରରେ ଦୁଲାଲ ମିଶ୍ର ଅନ୍ୟତମ ବିନ୍ଧାଣୀ ଥିଲେ। ସତୁରୀ ଦଶକ ପୂର୍ବରୁ ସେ ନିଷ୍ଠାର ସହ ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ ଏବଂ ଶେଷ ସମୟ ପର୍ଯ୍ୟନ୍ତ ସାମ୍ବାଦିକତାରେ ବ୍ରତୀ ରହିଥିଲେ। ତାଙ୍କର ସମଗ୍ର ଜୀବନ କାଳ ସମର୍ପିତ ସାମ୍ବାଦିକତାରେ ହିଁ ଅତିବାହିତ ହୋଇଥିଲା। ବର୍ତ୍ତମାନର ଯୁବପିଢି ସାମ୍ବାଦିକମାନେ ତାଙ୍କର ସମର୍ପିତ ସାମ୍ବାଦିକତାରେ ଅନୁପ୍ରାଣିତ ହେଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ବହୁ ବିଶିଷ୍ଟ ସାମ୍ବାଦିକ ମତବ୍ୟକ୍ତ କରିଛନ୍ତି। ବର୍ଷିୟାନ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ବିୟୋଗରେ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସାମ୍ବାଦିକ ସ୍ୱର୍ଗତ ମିଶ୍ର ୧୯୭୧ ବାଂଲାଦେଶ ଯୁଦ୍ଧ ସମୟରେ କଟକରେ ରହି 'ମାତୃଭୂମି' ଖବରକାଗଜରେ ଯୁଦ୍ଧ ବିଷୟରେ ରିପୋର୍ଟିଂ କରିଥିଲେ ଯାହା ସେ ସମୟରେ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ବୋଲି ମତପ୍ରକାଶ ପାଇଥିଲା। ସେହିପରି 'କଳିଙ୍ଗ ମେଲ୍', 'ଦିନଲିପି', 'ଜନଭାଷା' ଏବଂ 'ଆଜିକାଲି' ଭଳି ଅନେକ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସହ ସେ ଜଡ଼ିତ ରହିଥିଲେ ଏବଂ ଏହାର ସମ୍ପାଦନା ଦାୟିତ୍ୱ ମଧ୍ୟ ନିଷ୍ଠା ଓ ଦକ୍ଷତାର ସହ ତୁଲାଇଥିଲେ। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ବଳିଷ୍ଠ ଅବଦାନ ରହିଛି ଯାହା ଯୁବପିଢିର ସାମ୍ବାଦିକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତପ୍ରକାଶ ପାଇଥିଲା। ଏହି ଶୋକସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ବିଜୟ ପଣ୍ଡା, ସଞ୍ଜୟ ପ୍ରଧାନ, ବିପିନ ସିଂ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସର୍ବେଶ୍ୱର ବର୍ଦ୍ଧନ, ମହେଶ୍ୱର ରଥ, ମାଧବାନନ୍ଦ ବେହୁରା, ଅବିନାଶ ମିଶ୍ର, ହରପ୍ରସାଦ ଦାସ, ବଳରାମ ପ୍ରସାଦ ନନ୍ଦ, କିଶୋର ମଙ୍ଗରାଜ, ରାଜକିଶୋର ଦାସ, ସନାତନ ଦଳବେହେରା, ସୁବାସ ସ୍ୱାଇଁ, ବିବେକାନନ୍ଦ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସାମ୍ବାଦିକତା କ୍ଷେତ୍ରରେ ବହୁମୁଖୀ ପ୍ରତିଭା ଓ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଶୋକସଭାରେ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ଆଜି ସୋଆରେ ଓଡ଼ିଶା ଏଆଇ ସମ୍ମିଳନୀ

# ଆୟୋଜିତ ହେବ ଗୁଗୁଲ୍ ଏଆଇ ୱାର୍କସପ୍

ଭୁବନେଶ୍ୱର, (ସବ୍ୟୁ): ଗୁରୁବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଶା ଏଆଇ ସିମ୍ପୋସିୟମ୍ ଆୟୋଜିତ ହେବାକୁ ଥିବା ବେଳେ ଏହି ସମ୍ମିଳନୀରେ ଅନ୍ୟତମ ବିଶେଷତ୍ୱ ରହିବ ଗୁଗୁଲ୍ ଏଆଇ ୱାର୍କସପ୍। ଏହା ଏକ ଲାଇଭ୍ ଡେମୋ ହୋଇଥିବା ବେଳେ ଏହାର ପ୍ରସଙ୍ଗ ରହିଛି "ବିୟଣ୍ଡ ଦ ପ୍ରମ୍ପ୍ଟ: ଡିକୋଡିଙ୍ଗ ଗୁଗୁଲ୍‌ସ ଏଜେଂଟିକ୍ ଏଆଇ'। ଏହି କର୍ମଶାଳାରେ ଗୁଗୁଲ୍‌ର ସିନିୟର ଏଆଇ ଏବଂ କ୍ଲାଉଡ୍ ଆର୍କିଟେକ୍ଟ ଅଜିତେଶ କୁମାର ବିଶେଷଜ୍ଞ ଭାବେ ଯୋଗ ଦେବେ। ନ୍ୟାସନାଲ୍ ରିସର୍ଚ୍ଚ ଡେଭେଲପମେଣ୍ଟ କର୍ପୋରେସନ (ଏନଆରଡିସି)ର ସିନିୟର ରିଜିଓନାଲ୍ ମ୍ୟାନେଜର ଏବଂ ପ୍ରୋଗ୍ରାମ୍ ହେଡ (ଇଷ୍ଟ) ବିଜୟ କୁମାର ସାହୁ କର୍ମଶାଳା ପରିଚାଳନା କରିବେ। ଦେଶ ତଥା ବିଦେଶର ବିଶିଷ୍ଟ ଏଆଇ ବିଶେଷଜ୍ଞମାନେ ସୋଆରେ ଏହି ସମ୍ମିଳନୀ ପାଇଁ ଏକତ୍ରିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଟ୍ରାନ୍ସଫରମିଙ୍ଗ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ଏଆଇ ଷ୍ଟାର୍ଟ-ଅପ୍ସ/ଏଜେଂଟିକ୍ ଏଆଇ, ଏଆଇ ଇନ୍ ଏଗ୍ରିକଲଚର, ଏଆଇ ଇନ ମେଡିସିନ, ଏଆଇ ଏଥିକ୍ସ ଆଣ୍ଡ ସିକ୍ୟୁରିଟି ଏବଂ ଏଆଇ ଆଣ୍ଡ ଏଜୁକେସନ ଭଳି ପ୍ରସଙ୍ଗ ବିଭିନ୍ନ ପର୍ଯ୍ୟାୟ ଏବଂ କର୍ମଶାଳାରେ ଆଲୋଚନା କରାଯିବ। ନିକଟରେ ସ୍ୱୀକୃତିପ୍ରାପ୍ତ ହୋଇଥିବା ଓଡ଼ିଶା ଏଆଇ ନୀତିକୁ ଉନ୍ନତ କରିବା ସହ ରାଜ୍ୟରେ ଏଆଇର ବିକାଶକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ନେଇ ଏହି ସମ୍ମିଳନୀ ଆୟୋଜନ କରାଯାଇଛି।

# ପେନସନ ଡେ' ସମାଜ ସେବା ପାଇଁ ଡ଼ ନାରାୟଣ ମହାପାତ୍ର ସମ୍ବର୍ଦ୍ଧିତ

ଭୁବନେଶ୍ୱର, (ସବ୍ୟୁ) : ସଂସ୍କୃତ ବିଶ୍ୱ ବିଦ୍ୟାଳୟ ସଭା ଗୃହ ପୁରୀଠାରେ ନେସନାଲ ପେନସନର ଡେ ଅବସରରେ ସମାଜ ସେବା ପାଇଁ ଡ଼ ନାରାୟଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଷଡଙ୍ଗୀଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ବୈଠକରେ କାନନ ବାଳା ନାୟକ ମୁଖ୍ୟ ଅତିଥି, ପ୍ରଭାତ କୁମାର ମହାପାତ୍ର ,ଗୌରାଙ୍ଗ ଚରଣ ପରିଡ଼ା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ତାଙ୍କର ଆଶ୍ରି ବଚନ ପ୍ରଦାନ କରି ଥିଲେ। ଏହି ଅବସର ରେ ଇଂ ରବିନାରାୟଣ




ମହାପାତ୍‌ର ସୁଧାଂଶୁ ଭୂଷଣ ମହାପାତ୍ର , ବାସୁଦେବ ସାହୁ, ଶ୍ରୀନିବାସ ଆଚାର୍ଯ୍ୟ, ବନମାଳୀ ଷଡଙ୍ଗୀ, ଜଗନ୍ନାଥ ରାୟ, ପ୍ରଶାନ୍ତ କୁମାର ଦାଶ, ଶଙ୍କର୍ଷଣ ମଙ୍ଗରାଜ, କୃଷ୍ଣ ଚନ୍ଦ୍ର ସାହୁ, ଡାକ୍ତର ବାମଦେବ ମହାନ୍ତି ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ଭାରତୀ ଭୂଷଣ ପଟ୍ଟନାୟକ ,ସୁରେଶ ମିଶ୍ର, ତ୍ରିଲୋଚନ ନାୟକ, ବିଜୟ ପଣ୍ଡା, ଶ୍ରୀନିବାସ ରାଓ ଚକ୍ର ଧର ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

# ମହୀୟସୀ ଲେଖିକା ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ୭ମ ରାଜ୍ୟ ପୁସ୍ତକ ମହୋତ୍ସବ , ବାଜିରାଉତ ମଞ୍ଚରେ "ଏକବିଂଶ ଶତାବ୍ଦୀକୁ ପ୍ରଭାବିତ କରିଥିବା ମହୀୟସୀ ଲେଖିକା"୧୯୩୪ ରୁ ୨୦୨୫ ପୁସ୍ତକଟି ଉନ୍ମୋଚିତ ହୋଇଯାଇଛି। ବିଦ୍ୟା ପବ୍ଲିସିଂ, ଟରଣ୍ଟୋ ଦ୍ୱାରା ଏହା




ପ୍ରକାଶିତ ହୋଇଛି। ଏଥିରେ ୬୫ ଜଣ ବିଶିଷ୍ଟ ଲେଖିକାଙ୍କର କୃତି ଓ ସ୍ୱୀକୃତି ତଥା ସମ୍ମାନ ରହିଛି। ପଦ୍ମଭୂଷଣ ପ୍ରତିଭା ରାୟଙ୍କଠାରୁ ଆରମ୍ଭ କରି ୨୦୨୫ ପର୍ଯ୍ୟନ୍ତ ଲେଖିକା ପୁସ୍ତକରେ ସ୍ଥାନ ପାଇଛନ୍ତି। ଏବିଷୟରେ ଡ ପ୍ରତିଭା ରାୟ କହନ୍ତି ଏହା ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ। କାର୍ଯ୍ୟକ୍ରମର ଉଦଘାଟକ ଦେବପ୍ରସାଦ ଦାଶ, ସଚିବ ଭାଷା ସଂସ୍କୃତି ବିଭାଗ, ମୁଖ୍ୟ ଅତିଥି ଡ ଚନ୍ଦ୍ରଶେଖର ହୋତା, ସଚିବ ସାହିତ୍ୟ ଏକାଡେମୀ, ବରିଷ୍ଠ ସାହିତ୍ୟିକା ସାରଳା ପୁରସ୍କାର ବିଜୟିନୀ ଶ୍ରୀମତୀ ବନଜ ଦେବୀ, ବରିଷ୍ଠ ସାହିତ୍ୟିକା ପ୍ରଫେସର ସଂଘମିତ୍ରା ମିଶ୍ର, ବରିଷ୍ଠ ସାହିତ୍ୟିକା ଡ ଜୟନ୍ତୀ ରଥ ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ଏପରି ପୁସ୍ତକ ଅତ୍ୟନ୍ତ ଉପାଦେୟ ଏବଂ ଏହା ଏକ ଇତିହାସର ମାନ୍ୟତା ରଖେ ବୋଲି ମତବ୍ୟକ୍ତ କରିଥିଲେ। ୬୫ ଜଣଲେଖିକାଙ୍କୁ ନେଇ ପୁସ୍ତକ କରିବା ସମୟ ସାପେକ୍ଷ ଏବଂ ଏକ ଆହ୍ୱାନ ମଧ୍ୟ। ସୁଲେଖିକା ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ଏହି ସଂକଳନଟି କରି ତାଙ୍କର ସାମାଜିକ ପ୍ରତିବଦ୍ଧତା ପ୍ରମାଣ କରିଛନ୍ତି। ଏହା ପୂର୍ବରୁ ଆଦି ଓ ମଧ୍ୟ ପର୍ବର ଲେଖିକା ୪୨ ଜଣଙ୍କ ପରିଚିତି ଓ କୃତି ପ୍ରକାଶ କରିଛନ୍ତି। ବିଦ୍ୟା ପବ୍ଲିସିଂ ତରଫରୁ ପ୍ରାୟ ୨୨ଟି ପୁସ୍ତକ ଏହି ଅବସରରେ ପ୍ରକାଶିତ ହୋଇଛି। ଏହି ଉନ୍ମୋଚନ ଉତ୍ସବରେ ବହୁ ବିଶିଷ୍ଟ ଲେଖିକା ଲେଖକ ଯୋଗ ଦେଇଥିଲେ। ସଂଯୋଜନା କରିଥିଲେ ରମାଦେବୀ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ ସରୋଜିନୀ ପାଣି।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ବାର୍ଷିକ ଖଣି ସୁରକ୍ଷା ପକ୍ଷ

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ଜାମଖାନୀ କୋଇଲା ଖଣିରେ ଡିସେମ୍ବର ୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍ଏସ୍ଏଫ୍) ର ଆୟୋଜନ କରି ସୁରକ୍ଷିତ ଖନନ କାର୍ଯ୍ୟ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ୬୦୦ ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଏବଂ ଶ୍ରମିକଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟସ୍ଥଳରେ ନିରାପତ୍ତା ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟକ୍ରମଟି "ଆପକା ପରିବାର ଆପକା ଇନ୍ତେଜାର କର ରହା ହୈ" ବିଷୟବସ୍ତୁ ଉପରେ ଧ୍ୟାନ ଦେଇଥିଲା। ଏହି ବିଷୟବସ୍ତୁ ଅନୁରୂପ ସୁରକ୍ଷା ଯାଞ୍ଚ, ସୁରକ୍ଷା କୁଇଜ୍, ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ, ମକ୍ ଡ୍ରିଲ୍, ସଚେତନତା ଅଧିବେଶନ, ପଥପ୍ରାନ୍ତ ନାଟକ ଏବଂ ସୁରକ୍ଷା ଆଲୋଚନା ସମେତ ଅନେକ କାର୍ଯ୍ୟକଳାପ ହାତକୁ ନିଆଯାଇଥିଲା, ଯେଉଁଥିରେ କାର୍ଯ୍ୟସ୍ଥଳୀରେ ସୁରକ୍ଷା ଉପରେ ସମସ୍ତ ଅଂଶୀଦାରଙ୍କୁ ଅର୍ଥପୂର୍ଣ୍ଣ ଆଲୋଚନାରେ ସାମିଲ କରାଯାଇଥିଲା।

ଜଣେ ଆଇଏସ୍ଓ (ଆଭ୍ୟନ୍ତରୀଣ ସୁରକ୍ଷା ସଂଗଠନ) ପର୍ଯ୍ୟବେକ୍ଷକ ଏବଂ



କୋଲ ଇଣ୍ଡିଆ ଲିମିଟେଡର ସହାୟକ କମ୍ପାନୀ ମହାନଦୀ କୋଲଫିଲ୍ଡ୍‌ସ୍ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସମେତ ୧୦ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ବାହ୍ୟ ଏଏମ୍ଏସ୍ଏଫ୍ ଟିମ୍ ଦ୍ୱାରା ବ୍ୟାପକ ସୁରକ୍ଷା ଯାଞ୍ଚ ଏକ ପ୍ରମୁଖ ଆକର୍ଷଣ ଥିଲା। ଏହି ମୂଲ୍ୟାଙ୍କନ ବେଦାନ୍ତ ଆଲୁମିନିୟମର ଖଣି ଖନନ କାର୍ଯ୍ୟରେ ସର୍ବୋଚ୍ଚ ସୁରକ୍ଷା ମାନକକୁ ବଜାୟ ରଖିବା ପାଇଁ ଦୃଢ଼ ପ୍ରତିବଦ୍ଧତାକୁ ନିଶ୍ଚିତ କରିଥିଲା।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ହେଉଛି ସବୁଠାରୁ ଆଗରେ। ଏଥିପାଇଁ ଆଚରଣଗତ ପରିବର୍ତ୍ତନ ଆଣିବା, ସୁରକ୍ଷାକୁ ଏକ ବ୍ୟକ୍ତିଗତ ଦାୟିତ୍ୱରେ ପରିଣତ କରିବା ପାଇଁ ଲୋକଙ୍କୁ ସଶକ୍ତ କରିବା ହେଉଛି ଆମର ପ୍ରାଥମିକତା। ବାର୍ଷିକ ଖଣି ସୁରକ୍ଷା ପକ୍ଷ ଭଳି ପଦକ୍ଷେପ ଏହି ସଂସ୍କୃତିକୁ ସୁଦୃଢ଼ କରିବାରେ, ଶିକ୍ଷା, ସହଯୋଗ ଏବଂ ନିରନ୍ତର ଉନ୍ନତି ପାଇଁ ମଞ୍ଚ ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କର୍ମଚାରୀ, ସହଯୋଗୀ ଏବଂ ସମ୍ପ୍ରଦାୟକୁ ନିୟୋଜିତ କରି, ଆମେ ଏପରି ଏକ କାର୍ଯ୍ୟସ୍ଥଳୀ ନିର୍ମାଣ କରୁଛୁ ଯେଉଁଠାରେ ସୁରକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।"

ଏମସିଏଲର ଚିଫ୍ ମ୍ୟାନେଜର ସେଫ୍ଟି ଏବଂ ଆଇଏସଓ ପର୍ଯ୍ୟବେକ୍ଷକ ତାପସ କୁମାର ମହାନ୍ତି କହିଛନ୍ତି, "ବାର୍ଷିକ ଖଣି ସୁରକ୍ଷା ପକ୍ଷ ସଫଳତାର ସହ ଆୟୋଜନ କରିଥିବାରୁ ମୁଁ ବେଦାନ୍ତ ଆଲୁମିନିୟମକୁ ଅଭିନନ୍ଦନ ଜଣାଉଛି। ଡ୍ରିଲ୍, କାର୍ଯ୍ୟବଳ ନିୟୋଜିତ, ସଚେତନତା କାର୍ଯ୍ୟକ୍ରମ ଏବଂ ସୁରକ୍ଷା ପ୍ରୋଟୋକଲକୁ କଡାକଡି ପାଳନ ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାକୁ ଏକୀକୃତ କରିବା ଖଣି ଶିଳ୍ପ ପାଇଁ ଏକ ଦୃଢ଼ ମାନଦଣ୍ଡ ସ୍ଥିର କରେ।

# ୩୯ ଦେଶକୁ ଯାତ୍ରା ପ୍ରତିବନ୍ଧକ ଲଗାଇଲେ ଟ୍ରମ୍ପ

**ନୂଆଦିଲ୍ଲୀ:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାତୀୟ ସୁରକ୍ଷା ଏବଂ ସାର୍ବଜନୀକ ସୁରକ୍ଷାକୁ ନଜରରେ ରଖି ପ୍ରବାସ ନୀତିକୁ ଆହୁରି କଠୋର କରିଛନ୍ତି । ମଙ୍ଗଳବାର ଟ୍ରମ୍ପ ପ୍ରଶାସନ ଆହୁରି ୭ଟି ଦେଶ ଏବଂ ପାଲେଷ୍ଟେନୀୟଙ୍କ ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲଗାଇଛି ।ଏହା ସହିତ, ଅନ୍ୟ ୧୫ଟି ଦେଶର ନାଗରିକଙ୍କ ଉପରେ ଆଂଶିକ ପ୍ରବେଶ ପ୍ରତିବନ୍ଧକ ଲଗାଯାଇଛିଛ ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ ସହିତ, ଆମେରିକାରୁ ଯାତ୍ରା ପ୍ରତିବନ୍ଧକ କିମ୍ବା ପ୍ରବେଶ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦେଶର ସଂଖ୍ୟା ୩୯ କୁ ବୃଦ୍ଧି ପାଇଛି ।

ସୂଚନା ଅନୁଯାୟୀ, ଏହି ପ୍ରତିବନ୍ଧକ ଜାନୁଆରି ୧ତାରିଖରୁ କାର୍ଯ୍ୟକାରୀ ହେବ । ଦୁର୍ବଳ ଭିସା ଯାଞ୍ଚ ବ୍ୟବସ୍ଥା, ଅଧିକ ଭିସା ଅବଧି ହାର ଏବଂ ଆତଙ୍କବାଦୀ କାର୍ଯ୍ୟକଳାପର ବିପଦକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ।




ନୂତନ ଘୋଷଣାରେ ବୁର୍କିନା ଫାସୋ, ମାଲି, ନାଇଜର, ଦକ୍ଷିଣ ସୁଡାନ ଏବଂ ସିରିଆ ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ କରାଯାଇଛି । ପାଲେଷ୍ଟାଇନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାର କରାଯାଇଥିବା ଯାତ୍ରା ଦସ୍ତାବିଜ୍ ରଖିଥିବା ପାଲେଷ୍ଟେନୀୟମାନଙ୍କୁ ମଧ ପ୍ରତିବନ୍ଧକ ତାଲିକାରେ ଯୋଡାଯାଇଛିଛ ପୂର୍ବରୁ ଆଂଶିକ ପ୍ରତିବନ୍ଧକ ଥିବା ଲାଓସ ଏବଂ ସିଏରା ଲିଓନ ଉପରେ ମଧ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ ହୋଇଛି ।

ଅଙ୍ଗୋଲା, ଏଣ୍ଟିଗୁଆ ଏବଂ ବାରବୁଡା, ବେନିନ, କୋଟ୍ ଡି'ଆଇବୋର୍, ଡୋମିନିକା, ଗେବାନ୍, ଦ ଗାମ୍ବିଆ, ମାଲାଓ୍ୱି, ମୌରିଟନିଆ, ନାଇଜେରିଆ, ସେନେଗଲ୍, ତାଞ୍ଜାନିଆ, ଟୋଙ୍ଗା, ଜାମ୍ବିଆ ଏବଂ ଜିମ୍ବାଓ୍ୱେର ନାଗରିକଙ୍କ ଉପରେ ଆଂଶିକ ପ୍ରବେଶ କଟକଣା ଲାଗୁ କରିଛି ଟ୍ରମ୍ପ ପ୍ରଶାସନ ବୁରୁଣ୍ଡି, କ୍ୟୁବା, ଟୋଗୋ ଏବଂ ଭେନେଜୁଏଲାର ନାଗରିକଙ୍କ ଉପରେ ପୂର୍ବରୁ ଥିବା ଆଂଶିକ କଟକଣା ବଳବତ୍ତର ରହିଛି । ତୁର୍କମେନିସ୍ତାନ ହେଉଛି ଏକମାତ୍ର ଦେଶ ଯାହାକୁ ନୂତନ ବ୍ୟବସ୍ଥା ଅନୁଯାୟୀ ଆଂଶିକ ଆଶ୍ୱସ୍ତି ଦିଆଯାଇଛି । ଏହାର ନାଗରିକଙ୍କ ପାଇଁ ଅଣ-ପ୍ରବାସୀ ଭିସା କଟକଣା ଉଠାଇ ଦିଆଯାଇଛି ।

# ଏନକାଉଣ୍ଟରରେ ଗ୍ୟାଙ୍ଗଷ୍ଟର ହରପିନ୍ଦର ସିଂହ ନିହତ

**ମୋହାଲି :** ମୋହାଲିର ଲାଲରୁରେ ଜଣେ ପୁଲିସ ଅଧିକାରୀ ଏବଂ ଜଣେ କବାଡି ଖେଳାଳିଙ୍କ ହତ୍ୟାରେ ଜଡିତ କୁଖ୍ୟାତ ଗ୍ୟାଙ୍ଗଷ୍ଟର ହରପିନ୍ଦର ସିଂହ ଓରଫ ମିଡ୍ଡୁ ଏନକାଉଣ୍ଟରରେ ମୃତ୍ୟୁବରଣ କରିଛି । ମୋହାଲିର ଏସଏସପି ତାଙ୍କ ମୃତ୍ୟୁକୁ ନିଶ୍ଚିତ କରିଛନ୍ତି । ପୁଲିସ ଅନୁଯାୟୀ, ଗ୍ୟାଙ୍ଗଷ୍ଟର କବାଡି ଖେଳାଳି କନୱର ଦିଗବିଜୟ ସିଂହ ଓରଫ ରାଣା ବାଲାଚୌରିଆଙ୍କ ହତ୍ୟା ଷଡଯନ୍ତ୍ରରେ ସାମିଲ ଥିଲାଛ ତେବେ ସେ ଗୁଳି ଚଳାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ନଥିଲା । ଆହତ ଗ୍ୟାଙ୍ଗଷ୍ଟର ହରପିନ୍ଦର ସିଂହ ଓରଫ ମିଡ୍ଡୁ ତରନ ତାରନର ବାସିନ୍ଦା ଥିଲେ । ତାଙ୍କୁ ପିଛା କରିବା ସମୟରେ ଦୁଇ ପୁଲିସ ଅଧିକାରୀ ମଧ ଆହତ ହୋଇଥିଲେ ।

ଡିସେମ୍ବର ୧୫ ତାରିଖରେ ଦିଗବିଜୟ ସିଂହ ରାଣାଙ୍କୁ ହତ୍ୟା କରାଯାଇଥିଲା । ଏକ କବାଡ଼ି ଟୁର୍ଣ୍ଣାମେଣ୍ଟ ଚାଲିଥିବାବେଳେ ଦୁଇଜଣ ବ୍ୟକ୍ତି ଆସି ଗୁଳିଚଳାଇଥିଲେ ।ସେଥିରେ ରାଣାଙ୍କ ମୃତ୍ୟୁ ହୋଇଥିଲା । ଏହି ମାମଲାରେ ଏପର୍ଯ୍ୟନ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ମୋହାଲି ଏସଏସପି ହରମନଦୀପ ସିଂହ ହଂସ କହିଛନ୍ତି ଯେ ସନ୍ଦିgPଙ୍କ ମଧ୍ୟରୁ ଜଣେ ଏଶଦୀପ ସିଂହ, ଯାହାକୁ ଗତକାଲି ଦିଲ୍ଲୀ ବିମାନବନ୍ଦରରୁ ଗିରଫ କରାଯାଇଥିଲା । ସେ ବିଦେଶ ଫେରାର ହେବାକୁ



ଉଦ୍ୟମ କରୁଥିଲା । ସେ ଗତ ୨୫ ନଭେମ୍ବରରେ ରୁଷରୁ ଭାରତ ଆସିଥିଲା । ତା ସୂଚନା ଆଧାରରେ, ଜୁଗରାଜ ସିଂହଙ୍କୁ ଅମୃତସରରେ ଗିରଫ କରାଯାଇଥିଲା ।

# ମେସିଙ୍କୁ ୧୦କୋଟି ଟଙ୍କାର ଘଣ୍ଟା ଉପହାର

**ଜାମନଗର:** ଭାରତ ଗସ୍ତ ବେଳେ ମେସିଙ୍କୁ ମିଳିଲା ଦାମୀ ଉପହାର । ୧୦.୯ କୋଟିର ଘଣ୍ଟା ଦେଲେ ଅନନ୍ତ ଅମ୍ବାନୀ । ଫୁଟବଲ କିଂବଦନ୍ତି ଲିଓନେଲ ମେସି ଭାରତ ଗସ୍ତରେ ଆସିଥିବା ବେଳେ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ବନ୍ୟଜନ୍ତୁ ଉଦ୍ଧାର, ଥଇଥାନ ଓ ସଂରକ୍ଷଣ କେନ୍ଦ୍ର "ବନତାରା'କୁ ସ୍ୱତନ୍ତ୍ର ପରିଦର୍ଶନ କରିଥିଲେ ।ସନାତନ ଧର୍ମ ଅନୁସାରେ ତାଙ୍କୁ ସେଠାରେ ଭବ୍ୟ ସ୍ୱାଗତ କରାଯାଇଥିଲ । ସେ ପାରମ୍ପରିକ ହିନ୍ଦୁ ରୀତିନୀତିରେ ଭାଗ ନେଇଥିଲେ । ବନ୍ୟଜନ୍ତୁମାନଙ୍କ ସହ ସମୟ କାଟିଥିଲେ ।ସଂରକ୍ଷଣ ଟିମ୍ ଓ ବନ୍ୟଜନ୍ତୁଙ୍କ ଯନିରେ ନିୟୋଜିତ ଲୋକମାନଙ୍କ ସହ ଭାବ ବିନିମୟ କରିଥିଲେ । ମେସିଙ୍କ ଏହି ପରିଦର୍ଶନ ମାନବିକତା ମୂଲ୍ୟବୋଧ ଓ ଅନନ୍ତଙ୍କ ସହିତ ତାଙ୍କ ଗଭୀର ବନ୍ଧୁତାକୁ ଦର୍ଶାଇଥିଲା । ଏହି ସମୟରେ ଅନନ୍ତ



ତାଙ୍କୁ ଏକ ଦାମୀ ଘଣ୍ଟା ଦେଇଥିବା ଜଣାଯାଇଛି ।

ଏବେ ଅନନ୍ତ ଦେଇଥିବା ଘଣ୍ଟାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଘଣ୍ଟାର ଦାମ୍ ସହିତ ଏହାର ଲୁକ୍ ଏବେ ଲୋକପ୍ରିୟ ହୋଇଛି । ଘଣ୍ଟାଟି ହେଉଛି Rରିଜାର୍ଡ ମିଲେ ଏସିଆ ଏଡିସନ । ମାର୍କେଟରେ ଏହାର ଦାମ୍ ୧୦.୯ କୋଟି ହେବ ବୋଲି ଜଣାପଡ଼ିଛି ।ବିନା ଘଣ୍ଟାରେ "ବନତାରା'କୁ ଯାଇଥିବା ମେସି ସେଠାରୁ ବାହାରିବା ପରେ ତାଙ୍କ ହାତରେ ।ଦେଖିବା ପରେ ଏହାର ଦାମକୁ P ୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା ଭାରତ ଗସ୍ତ ପରେ ସେ ଇନଷ୍ଟାଗ୍ରାମରେ କୃତଜ୍ଞତା ପ୍ରକାଶ କରିଛନ୍ତି ଏବଂ ଭାରତରେ ଫୁଟବଲର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଆଶା ପ୍ରକଟ କରିଛନ୍ତି । ଭାରତ ଗସ୍ତ ସମୟର ଭିଡିଓ ସେୟାର କରି ସେ କ୍ୟାପସନରେ ଲେଖିଛନ୍ତି, ନମସ୍ତେ ଇଣ୍ଡିଆ! ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଏବଂ କୋଲକାତା ଗସ୍ତ ଅବିଶ୍ୱସନୀୟ ଥିଲା । ମୋତେ ଏତେ ଭଲ ଭାବରେ ସ୍ୱାଗତ କରିବା ସହ ଏତେ ଭଲ ଆତିଥ୍ୟ ଏବଂ ଭଲପାଇବା ଦେବା ପାଇଁ ଧନ୍ୟବାଦ । ମୁଁ ଆଶା କରୁଛି ଭାରତରେ ଫୁଟବଲର ଭବିଷ୍ୟତ ଉଜ୍ଜ୍ୱଳ ହେବ ।ଭିଡିଓରେ ସେ କହିଛନ୍ତି ଯେ, ଏହି ଗସ୍ତ ବହୁତ ଭଲ ଏବଂ ଛୋଟ ଥିଲା । କିନ୍ତୁ ଏତେ ଭଲପାଇବା ପାଇ ବହୁତ ଖୁସି ଲାଗିଲା । ମୁଁ ପୂର୍ବରୁ ଜାଣିଥିଲି ମୋତେ ଭଲପାଇବା ମିଳିବ । କିନ୍ତୁ ଏତେ ଶୀଘ୍ର ଏତେ ଅଧିକ ଭଲପାଇବା ମିଳିବା ମୋ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା । ଆମେ ସମସ୍ତ ଭଲପାଇବା ନେଇ ଯାଉଛୁ ଏବଂ ଶୀଘ୍ର ଫେରିବୁ । ଆଶା କରୁଛି, ଗୋଟିଏ ଦିନ ଆମେ ଏଠାରେ ଖେଳ ଖେଳିପାରିବୁ । କିନ୍ତୁ ଆମେ ଭାରତ ଗସ୍ତ କରିବାକୁ ଫେରିବୁ ।

# ସିରିଜ୍ ଦୁର୍ଘଟଣା: ଜଳିଗଲେ ୩ ବ୍ୟକ୍ତି

**ଅଲୱର:** ରାଜସ୍ଥାନର ଅଲଓ୍ୱରରେ ଥିବା ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଘଟିଛି ଏହି ସିରିଜ୍ ଦୁର୍ଘଟଣା । ଏହି ଦୁର୍ଘଟଣାରେ ୩ଜଣ ଜିଅନ୍ତା ଜଳିଯାଇଥିବା ଜଣାଯାଇଛି ।

କୁହାଯାଉଛି ଯେ, ଏକ ପିକଅପ୍ ଗାଡ଼ିରେ ନିଆଁ ଲାଗିଯିବାରୁ ଅତି କମରେ ତିନି ଜଣଙ୍କର ମୃତ୍ୟୁ ହୋଇଛି । ଜଣେ ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି । ମଙ୍ଗଳବାର ବିଳମ୍ବିତ ରାତିରେ ରେନି ପୁଲିସ ଷ୍ଟେସନ ଅଞ୍ଚଳ ନିକଟରେ ଏହି ଘଟଣା ଘଟିଥିଲା । ପିକଅପ୍ ଗାଡ଼ିଟି ଦିଲ୍ଲୀରୁ ଜୟପୁର ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ପୁଲିସ ଅନୁଯାୟୀ, ଏକ୍ସପ୍ରେସୱେରେ ଥିବା ଅନ୍ୟ ଗାଡ଼ି ସହିତ ପିକଅପ୍ ଗାଡ଼ିଟି ଧMI ଦେଇଥିଲା, ଯାହା ଫଳରେ ଗାଡ଼ିରେ ନିଆଁ ଲାଗିଯାଇଥିଲା । ପିକଅପ୍ ଗାଡ଼ିରେ ଥିବା ତିନି ଜଣ ବ୍ୟକ୍ତି ବାହାରକୁ ନଆସିପାରି ଗାଡ଼ି ସହିତ ଜଳିଯାଇଥିଲେ । ଏହି ଦୁର୍ଘଟଣାରେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଥିଲା ଏବଂ ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜୟପୁରକୁ ପଠାଯାଇଛି । ପୁଲିସ ମୃତକଙ୍କୁ ଚିହ୍ନଟ କରିଛି । ମୃତକମାନେ ହେଲେ ହରିୟାଣାର ବାହାଦୁରଗଡ଼ର ବାସିନ୍ଦା ମୋହିତ, ମଧ୍ୟପ୍ରଦେଶର ସାଗରର ବାସିନ୍ଦା ଦୀପେନ୍ଦର ଏବଂ





ମଧ୍ୟପ୍ରଦେଶର ସାଗରର ବାସିନ୍ଦା ପଦମ । ଆହତ ଡ୍ରାଇଭରଜଣଙ୍କ ହରିୟାଣାର ଝାଜ୍ଜରର ବାସିନ୍ଦା ହନ୍ନି ବୋଲି ଚିହ୍ନଟ କରାଯାଇଛି।

ବାଂଲାଦେଶର ପ୍ରମୁଖ ଖବରକାଗଜ, ଡେଲି ଷ୍ଟାର ଅନୁଯାୟୀ, ବର୍ତ୍ତମାନର ପରିସ୍ଥିତି ଯୋଗୁଁ ଢାକାରେ ଥିବା ଭାରତୀୟ ଭିସା କେନ୍ଦ୍ରକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛ । ଏ ସମ୍ପର୍କରେ ଭିସା କେନ୍ଦ୍ର ଏହାର ସରକାରୀ ଓ୍ୱେବସାଇଟରେ ଏହି ସୂଚନା ସେୟାର କରିଛି । ଏଥିରେ କୁହାଯାଇଛି ଯେ ସୁରକ୍ଷା କାରଣରୁ ପରବର୍ତ୍ତୀ ସୂଚନା ନ ମିଳିବା ପର୍ଯ୍ୟନ୍ତ ସମସ୍ତ ସେବା ସ୍ଥଗିତ ରହିବ ।

# ଋଣ ଶୁଝିବାକୁ କିଡନୀ ବିକିଲେ ଚାଷୀ

ନୂଆଦିଲ୍ଲୀ: ଚାଷ ପାଇଁ ଯେତିକି ଋଣ ଆଣିଥିଲେ, ତାହାଠାରୁ ଅଧିକ ସୁଧ ଲଗାଇ ଟଙ୍କା ଦେବାକୁ ଧମକ ଦେଲେ ସାହୁକାର | ଆଉ ସାହୁକାରର ଧମକ ପରେ ଚାଷୀଙ୍କୁ ଟଙ୍କା କିଡନୀ ବିକ୍ରି କରିବାକୁ ବାଧ କରାଯାଇଥିଲା | ମହାରାଷ୍ଟ୍ରର ଚନ୍ଦ୍ରପୁରରୁ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ରୋଶନ ସଦାଶିବ କୁଡେ ନାମକ ଜଣେ ଚାଷୀ ମହାଜନଙ୍କଠାରୁ ଋଣ ପରିଶୋଧ କରିବା ପାଇଁ ତାଙ୍କ କିଡନୀ ବିକ୍ରି କରିବାକୁ ବାଧ ହୋଇଥିଲେ।

ମିଳିଥିବା ସୂଚନା ମୁତାବକ ରୋଶନଙ୍କ ଚାରି ଏକର କୃଷି ଜମି ଥିଲା। ଚାଷରେ କ୍ଷତି ସହିବା ପରେ, ସେ ମହାଜନଙ୍କଠାରୁ ୧ ଲକ୍ଷ ଟଙ୍କା ଋଣ ନେଇ ଏକ ଦୁଗ୍ଧ ବ୍ୟବସାୟ ଆରମ୍ଭ କରିଥିଲେ। କିନ୍ତୁ, ଭାଗ୍ୟ ସାଥ ଦେଇନଥିଲା, ଏବଂ ବ୍ୟବସାୟ ଆରମ୍ଭ ହେବା ପରେ ଗାଈଗୁଡ଼ିକ ମରିଯାଇଥିଲେ। ତାଙ୍କ ଫସଲ ମଧ ନଷ୍ଟ ହେବା ପରେ ପରିସ୍ଥିତି ଆହୁରି ଖରାପ ହୋଇଥିଲା। ଆଉ ରୋଶନ ତାଙ୍କ ଋଣ ଟଙ୍କା ପରିଶୋଧ କରିପାରିନଥିଲେ ।

ଆହୁରି ପଢନ୍ତୁ: Rahul Gandhi Said about MGNREGA: ମୋଦୀ ଏହି ଦୁଇଟି ଜିନିଷକୁ ଅତ୍ୟଧିକ ଘୃଣା କରନ୍ତି: ରାହୁଲ ଗାନ୍ଧୀ

ଏହାପରେ ସାହୁକାର ରୋଶନଙ୍କଠାରୁ ୧ ଲକ୍ଷ ଟଙ୍କା ଉପରେ ପ୍ରତିଦିନ ୧୦,୦୦୦ ଟଙ୍କା ହାରରେ ସୁଧ ଆଦାୟ କରିବା ଆରମ୍ଭ କରିଥିଲେ। ରୋଶନ ଦୁଇ ଏକର ଜମି, ତାଙ୍କର ଟ୍ରାକ୍ଟର ଏବଂ ଘରକରଣା ସାମଗ୍ରୀ ବିକ୍ରି କରିଥିଲେ, କିନ୍ତୁ ୧ ଲକ୍ଷ ଟଙ୍କାର ମୂଳ ପରିମାଣରେ ୭୪ ଲକ୍ଷ ଟଙ୍କା ସୁଧ ଦେବାକୁ ସେ ସକ୍ଷମ ହୋଇପାରିନଥିଲେ ।

ଯେତେବେଳେ ସବୁକିଛି ବିକ୍ରି ହୋଇଗଲା ଏବଂ ଋଣ ସୁଝିପାରିନଥିଲେ, ସାହୁକାର ଜଣକ ରୋଶନଙ୍କୁ ତାଙ୍କର କିଡନୀ ବିକ୍ରି କରିବାକୁ ପରାମର୍ଶ ଦେଲେ। ଜଣେ ଏଜେଣ୍ଟଙ୍କ ମାଧ୍ୟମରେ ରୋଶନଙ୍କୁ କୋଲକାତା ନିଆଯାଇଥିଲା, ଯେଉଁଠାରେ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା। ତା'ପରେ ତାଙ୍କୁ କାମ୍ବୋଡିଆ ନିଆଯାଇଥିଲା, ଯେଉଁଠାରେ ତାଙ୍କର କିଡନୀ ଅସ୍ତ୍ରୋପଚାର ଦ୍ୱାରା ବାହାର କରାଯାଇଥିଲା। କିଡନୀକୁ ୮ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା। ପୀଡିତ ଚାଷୀ ଅଭିଯୋଗ କରିଛନ୍ତି ଯେ ସେ ପୋଲିସ ନିକଟରେ ଅଭିଯୋଗ କରିଥିଲେ, କିନ୍ତୁ ପ୍ରଶାସନ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ନେଇ ନଥିଲା। ଚାଷୀ କହିଛନ୍ତି ଯେ ଯଦି ପୋଲିସ ସମୟୋଚିତ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତା, ତେବେ ତାଙ୍କୁ ଆଜି ଏହି ଶାରୀରିକ ଏବଂ ମାନସିକ ଯନ୍ତ୍ରଣା ସହିବାକୁ ପଡିନଥାନ୍ତା।

# ପାକିସ୍ତାନକୁ ପାଣି ବନ୍ଦ କରିବ ଆଫଗାନିସ୍ତାନ !

**କାବୁଲ:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ପାକିସ୍ତାନ (Pakistan)କୁ ସିନ୍ଧୁ ନଦୀ ଜଳ ଯୋଗାଣ ବନ୍ଦ କରିଦେଇଛି, ଯାହା ଫଳରେ ଅନେକ ଅଞ୍ଚଳରେ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସମସ୍ୟାର ସମାଧାନ ନ ହେଉଣୁ ପାକିସ୍ତାନ ପାଇଁ ଆଉ ଏକ ସମସ୍ୟା ଛିଡ଼ା ହୋଇଛି । ଆଫଗାନିସ୍ତାନର ତାଲିବାନ ସରକାର ଏପରି ଏକ ନିଷ୍ପତ୍ତି ନେଇଛନ୍ତି ଯାହା ପାକିସ୍ତାନରେ ଜଳ ସଙ୍କଟକୁ ଆହୁରି ଉତ୍କଟ କରିପାରେ।

ତାଲିବାନ କୁନାର ନଦୀରୁ ନାଙ୍ଗରହାର ଅଞ୍ଚଳକୁ ପାଣି ପଠାଇବା ଯୋଜନା ସହିତ ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଇଛି। ଏହି ପଦକ୍ଷେପ ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ନଦୀର ପ୍ରବାହକୁ ଯଥେଷ୍ଟ ହ୍ରାସ କରିପାରିବ। ସମ୍ପ୍ରତି ପାକିସ୍ତାନ-ଆଫଗାନିସ୍ତାନ ସୀମାରେ ଉତ୍ତେଜନା ଦେଖାଦେଇଛି, ଯାହା ଫଳରେ ଉଭୟ ଦେଶର ଅନେକ ସୈନିକଙ୍କ ମୃତ୍ୟୁ ଘଟିଛି।

ଆଫଗାନିସ୍ତାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅର୍ଥନୈତିକ ଆୟୋଗର ବୈଷୟିକ କମିଟି କୁନାର ନଦୀରୁ ଦାରୁନ୍ତା ଡ୍ୟାମକୁ ପାଣିର ପ୍ରବାହକୁ ଅନ୍ୟଆଡ଼େ ମୋଡ଼ିବା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ ଏବଂ ଅନୁମୋଦନ କରିଥିଲେ। କାର୍ଯ୍ୟକାରୀ ହେବା ପରେ, ଏହି ପ୍ରକଳ୍ପ ଆଫଗାନିସ୍ତାନର ନାଙ୍ଗରହାରରେ ଅନେକ କୃଷି ଜମିକୁ ପ୍ରଭାବିତ କରୁଥିବା ଜଳ ଅଭାବକୁ ଦୂର କରିବ ବୋଲି ଆଶା କରାଯାଉଛି, କିନ୍ତୁ ଏହା ପାକିସ୍ତାନର ଖାଇବର ପଖତୁନଖ୍ୱାକୁ ଜଳ ପ୍ରବାହକୁ ହ୍ରାସ କରିବ।

# ସଙ୍ଗୀତାଙ୍କୁ ଶ୍ରେଷ୍ଠ ସାଂସଦ ପୁରସ୍କାର

ନୂଆଦିଲ୍ଲୀ: ଲୋକମତ ତରଫରୁ ୨୦୨୪-୨୫ ବର୍ଷ ପାଇଁ ବୁଧବାର ନୂଆଦିଲ୍ଲୀରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କୁ ଶ୍ରେଷ୍ଠ ସାଂସଦ ପୁରସ୍କାର ପ୍ରଦାନ କରାଯାଇଛି । ଶ୍ରୀମତୀ ସିହଦେଓ ବଲାଙ୍ଗିର ଲୋକସଭା ଆସନରୁ ୫ ଥର ନିର୍ବାଚିତ ହୋଇ ନିଜ ଅଞ୍ଚଳରେ ଅନେକ ଯୁଗାନ୍ତକାରୀ କାର୍ଯ୍ୟକ୍ରମକୁ ସଫଳ କରାଇଛନ୍ତି । ସେହିପରି ସଂସଦରେ ମଧ୍ୟ ବିଭିନ୍ନ ଜନକଲ୍ୟାଣ ବିଷୟରେ ନିଜର ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ନିଜର ପ୍ରତିଭା ପ୍ରତିପାଦନ କରିଆସୁଛନ୍ତି । ତାଙ୍କ ସ୍ୱାମୀ ତଥା ପାଟଣା ମହାରାଜା କନକ ବର୍ଦ୍ଧନ ସିଂହଦେଓ ପାଟଣାଗଡ଼ ବିଧାନସଭା କ୍ଷେତ୍ରରୁ ୬ ଥର ବିଜୟୀ ହୋଇ ଏବେ



ଓଡ଼ିଶା ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ପଦବୀରେ ଆସୀନ ଥିବା ବେଳେ ଶକ୍ତି ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଭାବେ ଦାୟିତ୍ୱ ନିଭାଉଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ବଲାଙ୍ଗିର ସଂସଦୀୟ କ୍ଷେତ୍ରରେ ଖୁସିର ମାହୋଲ ସୃଷ୍ଟି ହୋଇଛି ।

## ଅପରେସନ ସିନ୍ଦୂର ବୟାନ ନେଇ ବିବାଦ

**ନୂଆଦିଲ୍ଲୀ:** ଭାରତୀୟ ସେନାର ଅପରେସନ ସିନ୍ଦୂରକୁ ନେଇ ବିବାଦୀୟ ବୟାନ ଦେଇଛନ୍ତି । ମହାରାଷ୍ଟ୍ରର କଂଗ୍ରେସ ନେତା ପୃଥ୍ୱୀରାଜ ଚୌହାନ। ସେ ଅପରେସନ ସିନ୍ଦୂର ସମ୍ପର୍କରେ ଦେଇଥିବା ବୟାନକୁ ନେଇ ତୀବ୍ର ବିବାଦ ଦେଖାଯାଇଛି। ତଥାପି ପୃଥ୍ୱୀରାଜ ନିଜ ବୟାନରେ କାଏମ ରହିଛନ୍ତି ଓ କ୍ଷମା ମାଗିବାକୁ ମନା କରି ଦେଇଛନ୍ତି। ମେ' ମାସରେ ପାକିସ୍ତାନ ସହ ହୋଇଥିବା ସାମରିକ ବିବାଦର ପ୍ରଥମ ଦିନରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା ବୋଲି ପୃଥ୍ୱୀରାଜ କହିଥିଲେ। ଏବେ ସେ ଏହି ବୟାନ ପାଇଁ କ୍ଷମା ମାଗିବାକୁ ମନା କରି ଦେଇଛନ୍ତି। ସେ କହିଛନ୍ତି, ମୁଁ ଆଦୌ କ୍ଷମା କିମ୍ବା ଦୁଃଖ ପ୍ରକାଶ କରିବି ନାହିଁ। ମୁଁ କିଛି ବି ଭୁଲ କରି ନାହିଁଛ ଏଥିପାଇଁ କ୍ଷମା ମାଗିବାର କୌଣସି ଆବଶ୍ୟକତା ନାହିଁଛ ଏବେ ଏ ସମ୍ପର୍କରେ ମୋର କିଛି କହିବାର ନାହିଁ। କିନ୍ତୁ ମୁଁ କ୍ଷମା ମାଗିବି ନାହିଁଛ ଏହାର ଆବଶ୍ୟତା ନାହିଁଛ ମୁଁ କୌଣସି ଭୁଲ କରିନାହିଁ।

# ଗିରଫ ହେବେ ଶ୍ରୀଲଙ୍କା କ୍ରିକେଟର ଅର୍ଜୁନ

ଗିରଫ ହେବେ ବିଶ୍ୱ ବିଜେତା ଶ୍ରୀଲଙ୍କା କ୍ରିକେଟ ଟିମର ଅଧିନାୟକ ଅର୍ଜୁନ ରଣତୁଙ୍ଗା । ଦୁର୍ନୀତି ମାମଲାରେ ତାଙ୍କୁ ଗିରଫ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଶ୍ରୀଲଙ୍କା ସରକାର ।ସେ ପେଟ୍ରୋଲିୟମ ମନ୍ତ୍ରୀ ଥିବା ବେଳେ ବ୍ୟାପକ ଦୁର୍ନୀତି କରିଥିବା କୋର୍ଟ କହିଛନ୍ତି । ରଣତୁଙ୍ଗା ଓ ତାଙ୍କ ଭାଇ ଦୀର୍ଘ କାଳୀନ ତୈଳ ସଂଗ୍ରହ କଣ୍ଟ୍ରାକ୍ଟ ପାଇଁ ପ୍ରଚଳିତ ନିୟମରେ ବେଆଇନ ଭାବେ ପରିବର୍ତ୍ତନ କରିଥିଲେଛ ଏହାର ଦାମକୁ ବାଇ ବ୍ୟାପକ ଦୁର୍ନୀତି କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି ।



ରଣତୁଙ୍ଗାଙ୍କ ବେଆଇନ କାର୍ଯ୍ୟକଳାପ ଯୋଗୁ ଶ୍ରୀଲଙ୍କା ରାଜସ୍ୱକୁ ୨୩.୫ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା । ୨୦୧୭ ଡିଲ ବେଳେ ଏପରି ଘଟଣା ଘଟିଥିଲା । ଏଥିପାଇଁ କୋର୍ଟ ତାଙ୍କୁ ଗିରଫ କରିବାକୁ ଅନୁମତି ଦେଇଛନ୍ତି ।

ତଦନ୍ତ କମିଶନ ପକ୍ଷରୁ କଲମ୍ବୋ ମାଜିଷ୍ଟ୍ରେଟ ଅସାଙ୍ଗା ବୋଡ୍ରାଗାମାଙ୍କୁ କୁହାଯାଇଛି ଯେ ଅର୍ଜୁନ ରଣତୁଙ୍ଗା ଏବେ ବିଦେଶରେ ରହିଛନ୍ତି । ସେ ଦେଶକୁ ଫେରିବା କ୍ଷଣି ତାଙ୍କୁ ଗିରଫ କରାଯିବ । ସୋମବାର ରଣତୁଙ୍ଗାଙ୍କ ବଡ଼ ଭାଇ ଧାମିକା ରଣତୁଙ୍ଗାଙ୍କୁ ଗିରଫ କରାଯାଇଥିଲା । ଠକେଇ ସମୟରେ ସେ ସରକାରଙ୍କ ଅଧୀନରେ ଥିବା ସେୟଲୋନ ପେଟ୍ରୋଲିୟମ କର୍ପୋରେସନର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ । ସୋମବାର ତାଙ୍କୁ ଗିରଫ କରାଯିବା ପରେ ସେ ଜାମିନରେ ମୁକୁଳିଛନ୍ତି ।

ତେବେ ଧାମିକାଙ୍କ ବିଦେଶ ଯାତ୍ରା ଉପରେ ରୋକ ଲଗାଇଛନ୍ତି ମାଜିଷ୍ଟ୍ରେଟ । ଧାମିକାଙ୍କ ପାଖରେ ଶ୍ରୀଲଙ୍କା ଓ ଆମେରିକା ନାଗରିକତା ରହିଥିଲେ ହେଁ ସେ ବିନା ଅନୁମତିରେ ବିଦେଶ ଯାତ୍ରା କରିପାରିବେ ନାହିଁ ।ଏବେ ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୩ରେ ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି ।

୬୨ ବର୍ଷୀୟ ଅର୍ଜୁନ ରଣତୁଙ୍ଗା ହେଉଛନ୍ତି ବାମହାତୀ ବ୍ୟାଟର । ୧୯୯୬ରେ ଶ୍ରୀଲଙ୍କା ଟିମ ଦିନିକିଆ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ପ୍ରଥମଥର ଚାମ୍ପିୟନ ହୋଇଥିଲା । ଏହି ଟିମର ଅଧିନାୟକ ରହିଥିଲେ ରଣତୁଙ୍ଗା । ପରବର୍ତ୍ତୀ ଅବସ୍ଥାରେ ଅର୍ଜୁନ ରଣତୁଙ୍ଗା ଶ୍ରୀଲଙ୍କା ରାଜନୀତିରେ ପ୍ରବେଶ କରି ପେଟ୍ରୋଲିୟମ ମନ୍ତ୍ରୀ ହୋଇଥିଲେ । ଏବେ ସେ ଦୁର୍ନୀତି ଘଟଣାରେ ଗିରଫ ହେବାକୁ ଯାଉଛନ୍ତି ।

## ଆକ୍ସିସ ବ୍ୟାଙ୍କର ଇକୋନମିକ ଆଉଟଲୁକ

# ଭାରତର ଜିଡିପି ଅଭିବୃଦ୍ଧି ୭.୫% ବେଗରେ ତ୍ୱରାନ୍ୱିତ ହେବ

**ନୂଆଦିଲ୍ଲୀ:** ଢାଞ୍ଚାଗତ ଓ ନିୟାମକ ସଂସ୍କାର, ନିମ୍ନ ଋଣ ଖର୍ଚ୍ଚ, ତ୍ୱରିତ ପୁଞ୍ଜି ଗଠନ ଓ ନୀତି କୋହଳ ହେବା ଦ୍ୱାରା ମିଳିଥିବା ଦୃଢ଼ତା ବଳରେ ଭାରତର ଅଭିବୃଦ୍ଧି ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରଚଳିତ ଧାରାଠାରୁ ଅଧିକରହିବ ବୋଲି ଆକ୍ସିସ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ତଥା ଗ୍ଲୋବାଲ ରିସର୍ଚ୍ଚର ମୁଖ୍ୟ ନୀଳକାନ୍ତ ମିଶ୍ର ବ୍ୟାଙ୍କର ଆଉଟଲୁକ ୨୦୨୬ ରିପୋର୍ଟରେ ଉଲ୍ଲେଖ କରଛନ୍ତି । ଶ୍ରୀ ମିଶ୍ର ଓ ବ୍ୟାଙ୍କର ଗବେଷଣା ଟିମ ଜଣାଇଛନ୍ତି ଯେ ଅର୍ଥନୀତିର ବର୍ତମାନ ସ୍ଥିତି ଅନୁସାରେ ମୁଦ୍ରାସ୍ଫୀତି ଚାପ ବିନା ଅଭିବୃଦ୍ଧି ପ୍ରଚଳିତ ଧାରାଠାରୁ ଉପରେ ରହିବ । ବିଶ୍ୱର ସର୍ବବୃହତ ଅର୍ଥନୀତି ଭାରତର ଅଭିବୃଦ୍ଧି ହାର ୨୦୨୬-୨୭ରେ ୭.୫ ପ୍ରତିଶତ ରହିବ ବୋଲି




ଆକ୍ସିସ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି । ଆର୍ଥିକ ସ୍ଥାଣୁତା ହ୍ରାସ ପାଉଥିବା ବେଳେ ସହାୟକମୁଦ୍ରାନୀତି ଅଭିବୃଦ୍ଧିକୁ ବଢ଼ାଇବ । ଢ଼ାଞ୍ଚାଗତ ସଂସ୍କାର ଓ ନିୟାମକ ବ୍ୟବସ୍ଥାରେ ସହଜତା ମଧ୍ୟବର୍ତ୍ତୀ କାଳରେଅଭିବୃଦ୍ଧିକୁ ଦୃଢ଼ କରିବ । ଉନ୍ନତ ଆର୍ଥିକ ସ୍ଥିତି, ପୁଞ୍ଜିର ସ୍ୱଳ୍ପ ମୂଲ୍ୟ, ଉଚ୍ଚ ଦକ୍ଷତା ଉପଯୋଗ ୨୦୨୬-୨୭ରେ ପୁଂଜି ବ୍ୟୟକୁ ବଢ଼ାଇବ । ଟିଏଫଟି ଲାଭ ବଜାୟ ରହିବା ଏବଂ ପୁଞ୍ଜି ସୃଷ୍ଟି ୭ ପ୍ରତିଶତ ଅଭିବୃଦ୍ଧିକୁ ସୁହାଇବ ।୨୦୨୬-୨୭ରେ ପ୍ରମୁଖ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତ ରହିବା ଆକଳନ କରାଯାଇଛି । ମାଧ୍ୟମିକ ମୁଦ୍ରାସ୍ଫୀତି ୧୮ ମାସ ଧରି ୩ ପ୍ରତିଶତ ରହିବ ଅର୍ଥନୀତିରେ ସ୍ଥିରତାକୁ ଦର୍ଶାଉଛି । ଖାଦ୍ୟ ମୂଲ୍ୟ ଓ ଉଚ୍ଚ ଅଭିବୃଦ୍ଧି ପ୍ରଭାବରେ ପ୍ରମୁଖ ମୁଦ୍ରାସ୍ଫୀତି ହାର ୨୦୨୬-୨୭ରେ ୪ ପ୍ରତିଶତ ରହିବ ବୋଲି ଆକ୍ସିସ ବ୍ୟାଙ୍କ ଆଶା କରୁଛି । ମୁଦ୍ରା ନୀତି ଆହୁରିକୋହଳ ହୋଇପାରେ ଓ ତାହାର ଲାଭ ପହଂଚାଇବା ଲାଗି ଟଙ୍କା ଯୋଗାଣ ଓ ଋଣ ଅଭିବୃଦ୍ଧି ବଢ଼ିବ । ୨୦୨୬-୨୭ରେ ୧୦ ବର୍ଷିଆ ବଣ୍ଡୟିଲଡ ୬ ପ୍ରତିଶତ ରହିବ ବୋଲି ଆକ୍ସିସ ବ୍ୟାଙ୍କ ଆଶା କରୁଛି ।ଆମେରିକୀୟ ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ଆରଇଆରକୁ ଏକ ପ୍ରତିଦ୍ୱନ୍ଦିତା ସ୍ତରକୁ ଆଣିଛି । ୨୦୨୫-୨୬ରେ ଚଳନ୍ତୀ ଖାତା ନିଅଣ୍ଟ ଜିଡିପିର ୧.୨ ପ୍ରତିଶତକୁ ଏବଂ ୨୦୨୬-୨୬ରେ ୧.୩ ପ୍ରତିଶତକୁ ବୃଦ୍ଧିପାଇବା ଆଶା କରାଯାଉଥିବା ବେଳେ ୨୦୨୫-୨୬ର ଦ୍ୱିତୀୟ/ତୃତୀୟ ତ୍ରୈମାସିକରେ ବିଦେଶୀ ପାତି ପ୍ରତ୍ୟାହାର କମିବା ଆଶା କରାଯାଉଛି ।

## ଆସେସ୍ ଟେଷ୍ଟ

# ଆଲେକ୍ସଙ୍କ ଶତକ, ଅଷ୍ଟ୍ରେଲିଆ ୩୨୬/୮



ଆଡିଲେଡ,୧୭।୧୨(ଏଜେନ୍ସି): ଚଳିତ ଆସେସ୍ ଶୃଙ୍ଖଳାର ତୃତୀୟ ଟେଷ୍ଟ ଆଡିଲେଡରେ ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଦଳ ଆଲେକ୍ସ କାରେଙ୍କ ଶତକ ସହାୟତାରେ ୮୩ ଓଭରରେ ୮ ୱିକେଟ୍ ହରାଇ ୩୨୬ ରନ୍ କରିଛି । ପ୍ରଥମ ଦିବସ ଷ୍ଟମ୍ପଅପସାରଣ ବେଳକୁ ମିଚେଲ ଷ୍ଟାର୍କ ୩୩ ରନ୍ ଓ ନାଥନ ଲିଅନ୍ ବିନା ସ୍କୋରରେ ଅପରାଜିତ ଥିଲେ। ଆଲେକ୍ସ କାରେ ୧୦୬, ଉସ୍ମାନ ଖ୍ୱାଜା ୮୨ ରନ୍ କରି ଅଷ୍ଟ୍ରେଲିଆକୁ ୩୦୦ ଅତିକ୍ରମ କରାଇଥିଲେ। ଆଇପିଏଲର ସବୁଠୁ ଦାମୀ ଖେଳାଳି କାମେରନ୍ ଗ୍ରୀନ୍ ବିନା ସ୍କୋରରେ ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆଚର ସର୍ବାଧିକ ୩ ୱିକେଟ୍ ନେଇଥିବା ବେଳେ ବ୍ରେଣ୍ଡନ କାର୍ସେ ଦୁଇଟି ୱିକେଟ୍ ଅକ୍ତିଆର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୱିଲଜ୍ୟାକ୍ସ ଦୁଇଟି ଓ ଜୋସ ଟଙ୍ଗ ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ। ଟସ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳା ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ରହିଛି। ଶୃଙ୍ଖଳାରେ ତିଷ୍ଠି ରହିବାକୁ ଇଂଲଣ୍ଡକୁ ନିଶ୍ଚିତ ବିଜୟୀ ହେବାକୁ ପଡିବ।

# କୁହୁଡି ଯୋଗୁଁ ଭାରତ-ଦ.ଆଫ୍ରିକା ମ୍ୟାଚ ବାତିଲ

ଲକ୍ଷ୍ନୌ,୧୭।୧୨(ଏଜେନ୍ସି): ଦିଲ୍ଲୀରେ ଭୀଷଣ ବାୟୁ ପ୍ରଦୂଷଣ, ପୁଣି ଲକ୍ଷ୍ନୌରେ ଘନ କୁହୁଡି। ଏହାର ସିଧାସଳଖ ପ୍ରଭାବ ଭାରତ-ଦ. ଆଫ୍ରିକା ମ୍ୟାଚ ଉପରେ ପଡ଼ିଛି। ବୁଧବାର ଲକ୍ଷ୍ନୌରେ ଟି-୨୦ ଶୃଙ୍ଖଳାର ଚତୁର୍ଥ ମ୍ୟାଚ ଖେଳାଯିବାର ଥିଲା। ଦର୍ଶକ ମ୍ୟାଚ ଆରମ୍ଭର ୪ ଘଣ୍ଟା ପୂର୍ବରୁ ଷ୍ଟାଡିୟମରେ ପ୍ରବେଶ କରିଥିଲେ। ଅପେକ୍ଷା ଥିଲା ସନ୍ଧ୍ୟା ୭ଟାକୁ କିନ୍ତୁ ଘନ କୁହୁଡି ମାଡି ଆସିଲା। ଚାରି ଆଡେ ଅନ୍ଧାର ହୋଇଗଲା। ଫିଲ୍ଡ ଅମ୍ପାୟାରଙ୍କ ସହ ରେଫରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ପର୍ଯ୍ୟାୟକ୍ରମେ ୫ଥର ପଡିଆର ଯାଞ୍ଚ କରାଯାଇଥିଲା। ଶେଷକୁ ରାତି ୯.୩୦ରେ ଅମ୍ପାୟାର ଶେଷ ପରିଦର୍ଶନ କରି କୁହୁଡି ଯୋଗୁଁ ଭିଜି ଭିଲିଟିର ମାତ୍ରା କମ୍ ଥିବାରୁ ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମ୍ୟାଚକୁ ବାତିଲ ଘୋଷଣା କରାଯାଇଥିଲା। ତେଣୁ ଏହି ଶୃଙ୍ଖଳାର ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ ଶୁକ୍ରବାର ଅହମ୍ମଦାବାଦରେ ଖେଳାଯିବ । ଏହି ଶୃଙ୍ଖଳାରେ ଭାରତ ୨-୧ରେ ଅଗ୍ରଣୀ ରହିଛି। ତେଣୁ ଦ.ଆଫ୍ରିକା ଅହମ୍ମଦାବାଦ ମ୍ୟାଚ ଜିତି ଶୃଙ୍ଖଳା ୨-୨ରେ ବରାବର କରିବା ଲକ୍ଷ୍ୟରେ ରହିବ। ଲକ୍ଷ୍ନୌ ମ୍ୟାଚ ଦେଖିବା ପାଇଁ ଟିକେଟ କାଟି ଥିବା ଦର୍ଶକ ନିଜ ନିଜର ପଇସା ଫେରସ୍ତ ପାଇବେ କାରଣ ଟସ୍ ପଡି ନଥିବା ତଥା ଗୋଟିଏ ବି ବଲ ଖେଳ ହୋଇନଥିବାରୁ ଦର୍ଶକଙ୍କୁ ଟିକେଟ୍ ଅର୍ଥ ମିଳିବ।



# ବୁମରାଙ୍କୁ ପଛରେ ପକାଇଲେ ବରୁଣ

ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି): ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଟି-୨୦ରେ ଇତିହାସ ରଚିଛନ୍ତି। ୩୪ ବର୍ଷୀୟ ବରୁଣ ୮୧୮ ରେଟିଂ ପଏଣ୍ଟ ସହ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବୋଚ୍ଚ ରେଟିଂ ହାସଲ କରିଥିବା ବୋଲର ହୋଇଛନ୍ତି। ସେ ଯଶପ୍ରୀତଙ୍କୁ ପଛରେ ପକାଇ ଶ୍ରେଷ୍ଠ ର୍ୟାଙ୍କିଙ୍ଗ କରିଛନ୍ତି। ସେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ୨୦୧୭ରେ ବୁମରା ଅନ୍ତର୍ଜାତୀୟ ଟି-୨୦ରେ ୭୮୩ ରେଟିଂ ପଏଣ୍ଟ ହାସଲ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଏହା ଶ୍ରେଷ୍ଠ ପଏଣ୍ଟ ଥିଲା। ଏବେ ୮୧୮ ପଏଣ୍ଟ ହାସଲ କରିଛନ୍ତି। ଚଳିତ ବର୍ଷ ବରୁଣ ଏସିଆ କପରେ ପ୍ରଥମ ଥର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଥିଲେ। ବରୁଣଙ୍କ ପଛରେ ଜ୍ୟାକବ ଡକି ରହିଛନ୍ତି। ସେ ତାଙ୍କ ରେଟିଂ ପଏଣ୍ଟ ଠାରୁ ୧୧୯ ପଏଣ୍ଟ ରହିଛି। ଦ.ଆଫ୍ରିକା ବିପକ୍ଷ ତୃତୀୟ ଦିନିକିଆରେ ଭଲ ବୋଲିଂ କରିଥିଲେ। ସେହିପରି ବ୍ୟାଟରଙ୍କ ମଧ୍ୟରେ ଭାରତର ଦୁଇ ଜଣ ପ୍ରଥମ ୫ ଜଣଙ୍କ ମଧ୍ୟରେ ରହିଛନ୍ତି। ତିଲକ ବର୍ମା ୭୨୪ ରେଟିଂ ପଏଣ୍ଟ ସହ ଦୁଇଟି ସ୍ଥାନ ଉନ୍ନୀତ ହୋଇ ଚତୁର୍ଥ ସ୍ଥାନରେ ରହିଛନ୍ତି। ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ଷ୍ଟାର୍କଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ।




# ରାଜନୀତିକୁ ଓହ୍ଲାଇଲେ ଦୌଡ଼ରାଣୀ ଦୂତି

ଭୁବନେଶ୍ୱର,୧୭।୧୨(ସବ୍ୟୁ): ରାଜ୍ୟର ଦୌଡ଼ରାଣୀ ଭାବେ ପରିଚିତ ଦୂତି ଚାନ୍ଦ କ୍ୟାରିୟରର ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ସେ ଖେଳ ଜଗତରୁ ଅବ୍ୟାହତି ନେଇ ରାଜନୀତି ରଣାଙ୍ଗନକୁ ଓହଲାଇବେ ବୋଲି ପରକ୍ଷରେ ମନକଥା କହିଛନ୍ତି। ତାଙ୍କର ଏଭଳି ସୂଚନା ପରେ ସେ ରାଜନୀତିରେ ପାଦଦେବେ ବୋଲି ସମ୍ଭାବନା ବଢ଼ି ଯାଇଛି। ଓଡ଼ିଶାର ଦୌଡ଼ରାଣୀ ତଥା ଅଲିମ୍ପିଆନ ପ୍ରତିଯୋଗିତା ମୂଳକ ଆଥଲେଟିକ୍ସରୁ ଅବସର ନେଇ ସାରିଛନ୍ତି। ସେ ଏକ ସାକ୍ଷାତ କରରେ କରିଛନ୍ତି କ୍ରୀଡାର ବିକାଶ ଓ ସମାଜସେବା କରିବା ସର୍ବଦା ତାଙ୍କର ସ୍ୱପ୍ନ ହୋଇ ରହି ଆସୁଛି। ଟ୍ରାକ୍ ଆଣ୍ଡ ଫିଲ୍ଡ ମୋର ପ୍ରଥମ ପସନ୍ଦ। ଏହାକୁ ଛାଡି ମୁଁ ରହିପାରିବି ନାହିଁ। କ୍ରୀଡାକ୍ଷେତ୍ରରେ ସବୁ ଦିନ କ୍ୟାରିୟର କରିହେବ ନାହିଁ। ରାଜନୀତି ମାଧ୍ୟମରେ ଏହାକୁ ସାକ୍ଷାର କରି ହେବ। ଦୂତି କହିଛନ୍ତି ମା ଦୁଇଥର ସରପଞ୍ଚ ଥିଲେ। ସେ ବିଧାୟକ ହେବା ପାଇଁ ଆଗ୍ରହୀ ଥିଲେ। ମାତ୍ର ଏହା ସମ୍ଭବ ହୋଇନଥିଲା। ମୁଁ ତଙ୍କ ସ୍ୱପ୍ନସାକାର କରିବି। ଯଦି ମୋତେ ସୁଯୋଗ ମିଳିବ ତେବେ ଯାଜପୁରର ବରୀରୁ ନିର୍ବାଚନ ଲଢ଼ିବି ବୋଲି ଦୂତି କହିଛନ୍ତି।



## ଜାନକୀ ପାଢ଼ୀ ସ୍ମାରକୀ

# ତିଗିରିଆ ଦଳ ୨-୧ରେ ବିଜୟୀ

ବୋଲଗଡ଼,୧୭।୧୨(ସବ୍ୟୁ): ବୋଲଗଡ଼ ସଦରମହକୁମା ବାମନ ଉଚ୍ଚ ବିଦ୍ୟାଳୟ ସ୍ମୃମିନି ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟଦାନକୀ ବଲ୍ଲଭ ପାଢ଼ୀ ମେମୋରିଆଲ ୨୪ତମ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା | ଏଥିରେ ଖୋର୍ଦ୍ଧା ଜିଲ୍ଲା ର ପାଇକ ତିଗିରିଆଦଳ ଓ ନୟାଗଡ଼ ଜିଲ୍ଲା ର ବାଇଗୁଣିଆ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହୋଇଥିଲା। ଏଥିରେ ତିଗିରିଆଦଳ ୨-୧ଗୋଲରେ ବାଇଗୁଣିଆ ଦଳକୁ ପରାସ୍ତ କରିଫାଇନାଲରେ ପ୍ରବେଶ କରିଛି । ଆଜିର ଖେଳକୁ ପରିଚାଳନା କରିଥିଲେ ରେଫେରୀ ମିର୍ଜା ଅଲ୍ଲି ବେଗ୍,ଲାଇନିରେ ସହଯୋଗ କରିଥିଲେ ଲକ୍ଷ୍ମୀଧରଚୌଧୁରୀ ଓ ଭଞ୍ଜ କିଶୋରପତି । ଭାଷ୍ୟକାର ବାବୁସିଂ, ଆଜିର ଖେଳକୁ ମୁଖ୍ୟଅତିଥି ଭାବେ ଶିଳ୍ପପତି ତଥା ସମାଜସେବୀ ମାନସ ବେହେରା ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବୋଲଗଡ଼ ଫ୍ରେଣ୍ଡସକ୍ଲବସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଆସୁଛି ।

## ଆନ୍ତଃ କଲେଜ କ୍ରିକେଟ

# ମା ତାରିଣୀ କଲେଜ, କେନ୍ଦ୍ରାପଡ଼ା କଲେଜ ବିଜୟୀ

ବ୍ୟାସନଗର,୧୭।୧୨(ସବ୍ୟୁ): ସୋମ୍ପଂଶାସିତ ମହାବିଦ୍ୟାଳୟ ଠାରେ ଚାଲୁଥିବା ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ଖେଳର ପ୍ରଥମ ମ୍ୟାଚ ମା ତାରିଣୀ କଲେଜ. ପାଣିକୋଇଲି ଓ ଏସ. ଏ ନ କଲେଜ ରାଜକନିକା ମଧ୍ୟ ରେ ହୋଇଥିଲା। ଟସରେ ବିଜୟୀ ହୋଇ ଏ ସ.ଏ ନ. କଲେଜ ବ୍ୟାଟିଙ୍ଗ କରିବାର ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ପନ୍ଦର ଓଭର ରେ ଆଠ ୱିକେଟ ହରାଇ ୭୨ ରନ କରିଥିଲେ। ପାଣିକୋଇଲି ର ଏ.ଡି ସୋ ଏ ବ ଖାଁ ୩ ଟି ୱିକେଟ ନେଇ ଥିଲେ। ଏହାର ଜବାବ ରେ ମା ତାରିଣୀ କଲେଜ୍ ମାତ୍ର ୭ ଓଭର ରେ ୧ ୱିକେଟ ହରାଇ ୭୩ ରନ କରି ୯ ୱିକେଟରେ ବିଜୟୀ ହୋଇଥିଲେ। ଏମ. ଡି. ଶୋହେବ ଖାଁ କୁ ତେଜ ହୋଣ୍ଡା ତରଫରୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ଦିଆଯାଇଥିଲା।

# ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ କଳାହାଣ୍ଡି'

ଭାପୁର,୧୭।୧୨(ସବ୍ୟୁ): ଭାପୁର ବ୍ଲକ ଅଧୀନ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଥିଲା ଗ୍ରୁପ ବି ର ପ୍ରଥମ କ୍ୱାର୍ଟର ଫାଇନାଲ ଖେଳ। ଆଜିର ମ୍ୟାଚରେ ପରସ୍ପରକୁ ଭେଟିଥିଲେ ରକେଟ ଇଣ୍ଟର ନ୍ୟାସନାଲ କରିମ ସ୍ପୋର୍ଟସ ଏକାଡେମି ନାଗପୁର ସହ କେସିସି କଳାହାଣ୍ଡି।ଫାଟକ ତାଲା ଯୋଗୁ ଭାପୁର ବିଡ଼ିଓ ଥାନାରେ ଅଭିଯୋଗ କରିଥିଲେ।୩୫ ଜଣକ ନାମରେ କେଶ। ଏଠାରେ ବୋଧେ ନିୟମ ଅଲଗା। ଟସ ଜିତି ନାଗପୁର ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭର ରେ ୯ ୱିକେଟ ହରାଇ ୧୪୯ ରନ ସଂଗ୍ରହ କରି ଥିଲା। ଜବାବରେ କଳାହାଣ୍ଡି ୧୮ ଓଭର ୫ ବଲ ରେ ୫ ୱିକେଟ ବିନିମୟରେ ୧୫୩ ରନ କରି ବିଜୟୀ ହୋଇଥିଲା। ଆଜିର ମ୍ୟାଚରେ ସୁପ୍ରିୟୋ ଚକ୍ରବର୍ତ୍ତୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେଫାଟକ ତାଲା ଯୋଗୁ ଭାପୁର ବିଡ଼ିଓ ଥାନାରେ ଅଭିଯୋଗ କରିଥିଲେ।୩୫ ଜଣକ ନାମରେ କେଶ। ଏଠାରେ ବୋଧେ ନିୟମ ଅଲଗା। ଆଜିର ଖେଳରେ ଅତିଥି ଭାବେ ଯୁବ ବାଣୀ କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ସରୋଜ କୁମାର ମହାପାତ୍ର ଏବଂ କ୍ରିକେଟ ଏକ୍ସପର୍ଟ ସୁଧାଂଶୁ ଶେଖର କର ଯୋଗଦେଇଥିଲେ।ଖେଳକୁ ପରିଚାଳନା କରିଥିଲେ ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି। ଏଥିସହ ସ୍କୋରର ଦାୟିତ୍ୱ ତୁଲାଇଥିଲେ କିରଣ ମନୋହର ମହାନ୍ତି, ବିଭୁତି ଭୂଷଣ ସାହୁ, ଇତିପ୍ରକାଶ ସେନାପତି ଏବଂ କିରଣ ମନୋହର ମହାନ୍ତି। ମ୍ୟାଚ ରେଫରି ଭାବେ ସୁଧୀରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ତୃତୀୟ ଅମ୍ପାୟାର ଭାବେ ସୁଧାଂଶୁ କର ଦାୟିତ୍ୱ ନିଭାଇଥିଲେ। ଭାସ୍ୟକାର ବୁବୁ ସିହ୍ନା, ସରୋଜ ମହାପାତ୍ର, ଜନ୍ମେଜୟ ଦଳେଇ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଦର୍ଶକ ଏବଂ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଚିୟର ଗାର୍ଲସ, ଡିଜିଟାଲ ସ୍କୋରବୋର୍ଡ ଏବଂ ଖେଳର ସିଧା ପ୍ରସାରଣ ବେଶ ଆକର୍ଷଣୀୟ ହୋଇଥିଲା। ଆସନ୍ତା କାଲି ଗ୍ରୁପ ବି ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଟିସିସି ଭୁବନେଶ୍ୱର ସହ ନବସିପ ଚାମ୍ପିଅନ ଭାଇଜାଗ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଫତେଗଡ଼ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନଙ୍କ ଠାରୁ ସୂଚନା ମିଳିଛି।




# ୧୯ ରୁ ମୁକ୍ତେଶ୍ୱର କପ

ଭୁବନେଶ୍ୱର,୧୭।୧୨(ସବ୍ୟୁ): ଚଳିତ ମାସ ୧୯ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଗ୍ରାଉଣ୍ଡରେ ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି। ଧଳା ବଲ ସାଙ୍ଗକୁ ଟ୍ରଫ ପିଚ୍ ତଥା ନକଆଉଟ୍ ଭିତ୍ତିରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଚାମ୍ପିଅନ ଦଳକୁ ପ୍ରଶାନ୍ତ ମହାପାତ୍ର କପ ସହ ୩୦,୦୦୦ ଟଙ୍କା ଏବଂ ରନର୍ସ ଅପ ଦଳକୁ ଶୁଭାଶିଷ ଭୂୟାଁ ଟ୍ରଫି ସହ ୨୦,୦୦୦ ଟଙ୍କା ପ୍ରଦାନ କରାଯିବ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବ୍ୟାଟର, ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ଫିଲ୍ଡର, ଶ୍ରେଷ୍ଠ ୱିକେଟ୍ କିପର ମ୍ୟାନ୍ ଅଫ୍ ଟୁର୍ଣ୍ଣାମେଣ୍ଟ, ମ୍ୟାନ୍ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ମଧ୍ୟରେ ମହିଳା ପ୍ରଦର୍ଶନ କ୍ରିକେଟ୍ ମ୍ୟାଚ ଖେଳାଯିବ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧାରୁ ମୋଟ୍ ୨୦ଟି ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୨୧ଟି ମ୍ୟାଚ ଖେଳାଯିବ। ବୁଧବାର ଅନୁଷ୍ଠିତ ସାମ୍ବାଦିକ ମୁକ୍ତଶ୍ୱର କ୍ଲବର କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୌହାନ, ଉପସଭାପତି ଅଜିତ କୁମାର ବିଶ୍ୱାଳ, ଶରଣ ଜିତ ସିଂ, ସମ୍ପାଦକ ଗୌର ପ୍ରସାଦ ନନ୍ଦ, ସହ ସମ୍ପାଦକ ଆଞ୍ଚେଲ ରୋମି ମିଶ୍ର, କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଶୁକ୍ରବାର ଉଦଘାଟନୀ ମ୍ୟାଚ ଟାଉନ୍ କ୍ଲବ ଓ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ମଧ୍ୟରେ ଖେଳାଯିବ।

# ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ : ସେମିଫାଇନାଲରେ ସୁରଜ ଏଫସି କ୍ଲବ୍ ଫୁଲବାଣୀ

ବାରଙ୍ଗ,୧୭।୧୨(ସବ୍ୟୁ): ଗଣ୍ଡରପୁର କୁଆଖାଇ ନଦୀପଠା ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସରେ ସହରାଞ୍ଚଳ ବିଭାଗରେ ସମ୍ବଲପୁର ସମଲେଶ୍ୱରୀ ସ୍ପୋର୍ଟିଂକୁ ୨/୦ଗୋଲ ରେ ହରାଇ ସୁରଜ ଏଫ ସି ଫୁଲବାଣୀ ଦଳ ସେମି ଫାଇନାଲ ରେ ପହଞ୍ଚିଛନ୍ତି । ସୁରଜ ଏଫ ସି ଫୁଲବାଣୀ ଦଳ ପକ୍ଷରୁ ଖେଳର ୩୪ ତମ ମିନିଟ୍ ରେ ୯ନମ୍ବର ଜର୍ସିର ନାଇଜେରିଆନ ଖେଳାଳି ଏକ ଗୋଲ ଦେଇ ଦଳ କୁ ଆଗୁଆ ରଖିଥିବା ବେଳେ ୫୩ ମିନିଟ୍ ରେ ପୁଣି ସେହି ଖେଳାଳି ଆଉ ଏକ ଗୋଲ ଦେଇ ଦଳ ୨/୦ ରେ ଆଗୁଆ ରଖିବାରୁ ଫୁଲବାଣୀ ଦଳ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଗ୍ରାମାଞ୍ଚଳ 'ଏ'ଡିଭିଜନର ପ୍ରଥମ ମ୍ୟାଚରେ ସୁପ୍ରିମ ଫୁଟବଲ କ୍ଲବ ବରାହୀପୁର ୪/୩ଟ୍ରାଇ ବ୍ରେକର ଗୋଲ ଜରିଆରେ ମହାବୀର କ୍ଲବ ନରଣପୁରକୁ ହରାଇ କ୍ୱାଟରେ ଫାଇନାଲ ରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ମଇନ୍ଦିପୁର ଫୁଟବଲ କ୍ଲବ ୭/୬ଟ୍ରାଇ ବ୍ରେକର ଗୋଲ ଜରିଆରେ ପଦ୍ମକେଶରୀ ପୁର ଚମ୍ପା ନହାକାଣି ଫୁଟବଲ କ୍ଲବକୁ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ସେହିପରି ଗ୍ରାମାଞ୍ଚଳର-ବି'ରେ ଜୟ ଦୁର୍ଗା କ୍ଲବ ଆମଣଓ୫/୪ ଟାଇ ବ୍ରେକର ଜରିଆରେ ଉରାଳୀ କୁ, ଦ୍ୱିତୀୟ ମ୍ୟାଚରେ ସିଆର ଆର ଆଇ୪/୩ ଟ୍ରାଇବେକରରେ ରୁରାଲ କ୍ଲବ ଗବସ୍ତକୁ ହରାଇ କ୍ୱାଟର ଫାଇନାଲରେ ପ୍ରବେଶ କରିଛିଛଆଜିର ଦିବସ ରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇଲେ। ଗୁରୁବାର ଦିନ ଗ୍ରାମାଞ୍ଚଳ ବି ଡିଭିଜନ ର ପ୍ରଥମ ମ୍ୟାଚ ବାରଙ୍ଗ ବାୟର ସହ ସାଇଁସ,ଦ୍ୱିତୀୟ ମ୍ୟାଚ ତଣ୍ଡି କଣାସ ଉତ୍ତମ ପୁର ,ତୃତୀୟ ମ୍ୟାଚ ରେ ଘାଟିକିଆ ସହ ଗୋଠପୁର , ଚର୍ତୁଥ ମ୍ୟାଚ ଉସୁମା ସହ ବଡଲକୁଦ,ପଞ୍ଚମ ମ୍ୟାଚୟୁନାଟେଡ୍ ସି -୧ ବିହାର ସହ ମା ମଙ୍ଗଳା କ୍ଲବ୍ ଢେଙ୍କାନାଳ ସହିତ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଯୋଗ ଜ୍ଞାନରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

## କଟକ ଜିଲ୍ଲା ସ୍କୁଲ କ୍ୟାରମ ପ୍ରତିଯୋଗିତା

# ବାଳକରେ ହାଫିଜ୍, ବାଳିକାରେ ତାନିଆ ଚାମ୍ପିଅନ୍

ଭୁବନେଶ୍ୱର,୧୭।୧୨(ସବ୍ୟୁ): ସ୍ଥାନୀୟ ରାଣୀହାଟ ହାଇସ୍କୁଲ ପରିସରରେ କଟକ ଜିଲ୍ଲା କ୍ୟାରମ ସଂଘ ଦ୍ୱାରା ଆୟୋଜିତ କଟକ ସ୍କୁଲ କ୍ୟାରମ ପ୍ରତିଯୋଗିତାର ବାଳକ ବର୍ଗରେ ମହମ୍ମଦ ହୁଜେଫ ହାଫିଜ୍ ଏବଂ ବାଳିକା ବର୍ଗରେ ତାନିଆ ମେହର ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ହାଫିଜ୍ ରାଣୀହାଟ ହାଇସ୍କୁଲର ଶୁଭମ ସାହୁଙ୍କୁ ଏବଂ ତାନିଆ ମେହର ନ୍ୟୁ ଷ୍ଟୁଆର୍ଟ ସ୍କୁଲର ଇସିକା ରୁଙ୍ଗଟା ପରାସ୍ତ କରିଥିଲେ। ବାଳକ ବର୍ଗର ସେମିଫାଇନାଲରେ ପ୍ରବେଶ କରିଥିବା ସ୍ୱସ୍ତିକ ଲେଙ୍କା ଏବଂ ଆଦିତ୍ୟ ନାରାୟଣ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ରାଣୀହାଟ ହାଇସ୍କୁଲର କେଦାର ବେହେରା ପ୍ରଦୀପ ଦାସ, ଇଶ୍ୱର ନାୟକ, ସମୀର ସେନାପତି ପୁରସ୍କୃତ ହୋଇଥିଲେ। ବାଳିକା ବର୍ଗରେ ରାଣୀହାଟ ହାଇସ୍କୁଲର ମାମିଦିଲ୍ଲୀ ଚାନ୍ଦିନୀ ତୃତୀୟ ଏବଂ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ପ୍ରତିମୟୀ ଦାସ ଚତୁର୍, ଶ୍ରାବଣୀ ବେହେରା, ଜାମି ଉଦ୍ୟାଶ୍ରୀ, ସ୍ୱାଗତିକା ସ୍ୱାଇଁ, ସ୍ମୃତିପ୍ରଜ୍ଞା ବେହେରା ପ୍ରମୁଖ ୫ରୁ ୮ ସ୍ଥାନ ଅଧିକାର କରିଥିଲେ। ରାଣୀହାଟ ହାଇସ୍କୁଲର ବଳରାମ ସେଠୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ କଟକର ବିଭିନ୍ନ ବିଦ୍ୟାଳୟରୁ ୮୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କଟକର ଶିକ୍ଷାଅଧିକାରୀ ନିତ୍ୟାନନ୍ଦ ବାରିକ ମୁଖ୍ୟ ଅତିଥି, ଡାକ୍ତର ସିଦ୍ଧାର୍ଥ କୁମାର ସାହୁ, ଜଗନ୍ନାଥ ମହାନ୍ତି, ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଲବୀ ମହାଜନ, ରାହୁଲ ରାଜ ସାହୁ, ପ୍ରଦୀପ କୁମାର ସାହୁ, ପରୀକ୍ଷିତ ମହାରଣା, କୃଷ୍ଣଚନ୍ଦ୍ର ପଣ୍ଡା, ଜାମିନୀ ପରିଜା ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍, ଆକର୍ଷଣୀୟ ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ। କଟକ ଜିଲ୍ଲା କ୍ୟାରମ ସଂଘର ସାଂଗଠନିକ ସମ୍ପାଦକ ମାୟାଧର ସାହୁଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗିତାକୁ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସୁଶାନ୍ତ କୁମାର ସାହୁ, ଶ୍ରବଣୀ ବେହେରା, ପ୍ରିୟମ୍ବଦା ଚୌଧୁରୀ, ରାହୁଲ ଚୌଧୁରୀ, ଅନନ୍ୟା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। କଟକ ଜିଲ୍ଲା କ୍ୟାରମ ସଂଘର ଯୁଗ୍ମ ସମ୍ପାଦକ ତାପସ ମହାନ୍ତି, ଧନ୍ୟବାଦ ଅର୍ପଣ କରିଥିଲେ।



# ଚେସ ଦୁନିଆର ଉଦୀୟମାନ ତାରକା ଦେବୀ ପ୍ରସାଦ

କେନ୍ଦୁଝର,୧୭।୧୨(ସବ୍ୟୁ): ଯୁବ ସମାଜ ମନରେ ରହିଛି ବହୁ ସ୍ୱପ୍ନ ଆଉ ତାକୁ ସାକାର କରିବା ପାଇଁ ସାହାସ। ସେମାନେ ଖାଲି ସ୍ୱପ୍ନ ଦେଖିକି ରହିଯାଉନାହାନ୍ତି ବରଂ କଠିନ ପରିଶ୍ରମ କରି ତାକୁ ହାସଲ ମଧ୍ୟ କରୁଛନ୍ତି। ଆମ କେନ୍ଦୁଝର ଜିଲ୍ଲାରେ ମଧ୍ୟ ଏହିପରି ବହୁ ପ୍ରତିଭାବାନ ଯୁବପିଢ଼ି ରହିଛନ୍ତି। ସେଇଭଳି ଜଣେ ପ୍ରତିଭା ହେଉଛନ୍ତି କେନ୍ଦୁଝର ଜିଲ୍ଲାର ଦେବୀପ୍ରସାଦ ନାୟକ। ଚେସ୍ ରେ ଖାଲି ଆମ ଜିଲ୍ଲା କି ରାଜ୍ୟ ନୁହେଁ ବରଂ ଦେଶର ପ୍ରତିନିଧିତ୍ୱ କରିସାରିଛନ୍ତି ସିଏ। ଦିଲ୍ଲୀରେ ଅନୁଷ୍ଠିତ କମନେଓ୍ୱଲ' ୧୮ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ ୨୦୧୯ରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ଦେବୀପ୍ରସାଦ। ୫ ଥର ଓଡ଼ିଶାକୁ ପ୍ରତିନିଧିତ୍ୱ କରିଛନ୍ତି, ସୋନିପତ ଏବଂ କେରଳରେ ୨ ଥର ୧୭ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟରେ, ଅହମ୍ମଦାବାଦରେ ଥରେ ଜାତୀୟ ଦଳରେ ଆଉ ଛତିଶଗଡ଼ ଏବଂ ଭୁବନେଶ୍ୱରରେ ୨ ଥର ଜାତୀୟ ବିଦ୍ୟାଳୟ ପ୍ରତିଯୋଗିତାରେ। ୨୦୧୮ ମସିହାରେ ରାଜ୍ୟ ୧୭ ବର୍ଷରୁ କମ ବର୍ଗରେ ସିଏ ଚାମ୍ପିଅନ ହୋଇଥିଲା ଆଉ ୨୦୧୭ ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। କ୍ରମାଗତ ଭାବରେ ୪ ବର୍ଷ ଧରି ଉତ୍କଳ ବିଶ୍ୱବିଦ୍ୟାଳୟର କ୍ୟାପେଟନ୍ ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ପୂର୍ବଜୋନ୍ ଇଣ୍ଟରୟୁନିଭର୍ସିଟି ପାଇଁ ମନୋନୀତ ହୋଇଛନ୍ତି। ଚଳିତ ବର୍ଷ ଆଇଓସିପିଏଲ ପାଇଁ ତାଙ୍କୁ ଡିଏନ ହୋମସ୍ ୧୬୦୦୦ ଟଙ୍କାରେ କିଣିଛି। ଡିସେମ୍ବର ୧୯-୨୦ ରେ ଭୁବନେଶ୍ୱର ରୋଟାରୀ କ୍ଲବରେ ଓଡ଼ିଶା ଚେସ୍ ଆସୋସିଏସନ ଆନୁକୂଲ୍ୟରେ ହେବାକୁ ଥିବା ପ୍ରତିଯୋଗିତାରେ ତାଙ୍କୁ ପୁରୀ ୧୪୦୦ ଟଙ୍କାରେ କିଣିଛି। ସିଏ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇ ଆମ ଜିଲ୍ଲା ଏବଂ ରାଜ୍ୟ ପାଇଁ ସୁନାମ ଅର୍ଜନ କରିଛନ୍ତି। ଦେବୀପ୍ରସାଦ ଭୁବନେଶ୍ୱର ବିଜେବି କଲେଜରୁ ବି.କମ୍ କରି ଏବେୟୁନିଭର୍ସିଟି ଲଅ କଲେଜରେ ଏଲ.ଏଲ. ବି କରୁଛନ୍ତି। ଆଗକୁ ନିଜ ଖେଳରେ ଆହୁରୁ ଉନ୍ନତି ଆଣି କେନ୍ଦୁଝରର ଖ୍ୟାତି ବୃଦ୍ଧି କରିବେ ବୋଲି କହିଛନ୍ତି।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି